# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୬/୨୦୨୩ (୧୪ ପୃଷ୍ଠା) | Bhubaneswar, Wednesday, April 26/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 151 | ମୂଲ୍ୟ₹୭/-




## ଟେଷ୍ଟ ଦଳକୁ ଫେରିଲେ ରାହାନେ

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବ୍ୟାଟର ଅଜିଙ୍କ୍ୟ ରାହାନେ।

୧୪

୦୪

## ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।





ମହିଳା ଆଥ୍‌ଲେଟ୍‌ଙ୍କୁ ଯୌନ ନିର୍ଯାତନାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ରବିବାରଠାରୁ ଧାରଣା ଦେଇଥିବା ରେସ୍‌ଲରମାନଙ୍କୁ ସମର୍ଥନ ଜଣାଉଛନ୍ତି ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ୍ ଓ ଚାଷୀ ନେତାମାନେ। **(ଫଟୋ: ଚମନ ଗୌତମ)।**

# ବ୍ରିଜ୍‌ଭୂଷଣଙ୍କ ନାଁରେ ଏଫ୍‌ଆଇଆର୍ ନିର୍ଦ୍ଦେଶ

- **ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ**
- **ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ**

**ନୂଆଦିଲ୍ଲୀ,୨୫।୪**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ଉତ୍ପୀଡ଼ନ ମାମଲାରେ ଦିଲ୍ଲୀ ପୋଲିସର ଭୂମିକା ସନ୍ଦେହ ଘେରରେ। ଏହି ପ୍ରସଙ୍ଗରେ କନଟପ୍ଲେସ୍ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନ ଥିବା ଦର୍ଶାଇ ୭ ମହିଳା ରେସ୍‌ଲର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଦିଲ୍ଲୀ ସରକାରଙ୍କୁ ନୋଟିସ କରିଛନ୍ତି। ଏଥିସହ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରିବାକୁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଭିନେଶ ଫୋଗଟ୍, ସାକ୍ଷୀ ମଲିକଙ୍କ ସମେତ ☞**ପୃଷ୍ଠା-୪**



ବ୍ରିଜ୍‌ଭୂଷଣ ଶରଣ ସିଂ

# ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା

## କମିଶନ ରିପୋର୍ଟ ସାର୍ବଜନୀନ କରାଯାଉ: ଆବେଦନକାରୀ

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ସୃଷ୍ଟ ବିବାଦ ଏବେ ଆଉ ଥରେ ମୁଣ୍ଡ ଟେକିଛି। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ କମିଶନ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ଏହାକୁ ସାର୍ବଜନୀନ କରାଯାଉ ନାହିଁ। ତେଣୁ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାକୁ ହାଇକୋର୍ଟରେ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଏବଂ ଆଇନ ସଚିବଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।**



**କଟକ ଅଫିସ/ପୁରୀ ଅଫିସ,୨୫।୪**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟକୁ ସତ୍ୟପାଠ ଆକାରରେ ଦାଖଲ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେଣୁ ଜୁଲାଇ ୧ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲାର ବିବରଣୀ ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଏକ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ୨୦୧୮ ଏପ୍ରିଲ୍ ୪ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ଅନୁମତି ପରେ ୧୭ ଜଣିଆ ପ୍ରାଧିକୃତ ସଦସ୍ୟ ରତ୍ନଭଣ୍ଡାର ଖୋଲିବା ପାଇଁ ମନ୍ଦିର ଭିତରକୁ ଯାଇଥିବାବେଳେ ଚାବି ହଜିବା ନାଟକ ରଚନା କରାଯାଇଥିଲା। ପରେ ଏହାକୁ ନେଇ ବିଭିନ୍ନ ବର୍ଗରୁ ଆନ୍ଦୋଳନ ତେଜିବା ପରେ ସରକାର ସେହିବର୍ଷ ଜୁନ୍ ୬ ତାରିଖରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନ ବସାଇଥିଲେ। ୬ମାସ ଏହାର ସମୟ ଅବଧି ରହିଥିଲା। ରଘୁବୀର ଦାସ କମିଶନ ୨୦୧୮ ନଭେମ୍ବର ୨୯ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ତଦନ୍ତ ବାବଦକୁ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। କମିଶନ୍ ଅଫ୍ ଇନକ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ ସରକାର ଉକ୍ତ ରିପୋର୍ଟକୁ ପରଖିବା ପରେ ବିଧାନସଭାରେ ଉପସ୍ଥାପନ କରିବା କଥା। ହେଲେ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ରିପୋର୍ଟ କିମ୍ବା ମେମୋରାଣ୍ଡମ୍ ଉପସ୍ଥାପନ ହୋଇପାରି ନାହିଁ। ତେଣୁ କମିଶନ ରିପୋର୍ଟରେ କ'ଣ ଅଛି ତାହା ଲୋକଲୋଚନକୁ ଆସି ପାରିଲା ନାହିଁ। ଏପରି କି ବିରୋଧୀ ଦଳ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ନିମନ୍ତେ କିଛି ଦିନ ତଳେ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ହେଲେ ଉକ୍ତ ରିପୋର୍ଟକୁ ସରକାର ଚପାଇ ରଖିଛନ୍ତି। ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ପୂର୍ବକ ସାର୍ବଜନୀନ କରିବାକୁ ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିସହ ସେ ଆହୁରି ମଧ୍ୟ ପ୍ରାର୍ଥନା କରିଛନ୍ତି ଯେ, ରତ୍ନଭଣ୍ଡାରରେ କ'ଣସବୁ ଅଳଙ୍କାର ରହିଛି, ତା'ର ତାଲିକା ୧୯୭୮ ମସିହା ପରଠାରୁ ଏଯାବତ୍ ପ୍ରସ୍ତୁତ ହୋଇନାହିଁ। ଏହି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନ କରାଯାଇଛି। ଏଥିସହ ରତ୍ନଭଣ୍ଡାର ଦୁର୍ବଳ ହୋଇପଡ଼ିବା କାରଣରୁ ତାହାର ମରାମତି ନିମନ୍ତେ ଏଏସ୍‌ଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନ କରାଯାଇଛି। ☞**ପୃଷ୍ଠା-୪**

## ପ୍ରକାଶ ସିଂ ବାଦଲଙ୍କ ପରଲୋକ



**ଚଣ୍ଡିଗଡ଼,୨୫।୪:** ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ମୁଖ୍ୟ ପ୍ରକାଶ ସିଂ ବାଦଲଙ୍କର ମଙ୍ଗଳବାର ରାତି ୮ଟାରେ ମୋହାଲିର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବାରୁ ବାଦଲଙ୍କୁ କିଛିଦିନ ପୂର୍ବରୁ ମୋହାଲିର ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସହ ପୁଅ ତଥା ଏସ୍‌ଏଡି ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ଏବଂ ☞**ପୃଷ୍ଠା-୪**


**ଆଜିର ସମ୍ପାଦକୀୟ**

**ଇ-ଯାନ ସମସ୍ୟା**


# ଛାତ୍ରୀଛାତ୍ରଙ୍କ ସଫଳତା ଓଡ଼ିଶାର ସଫଳତା: ନବୀନ

## ୪ ଜିଲାର ୩୫୭ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୪ ଜିଲାର ୩୫୭ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ଗଞ୍ଜାମ ଜିଲାର ୧୦୬ଟି ହାଇସ୍କୁଲ, ଅନୁଗୋଳର ୮୭, କେନ୍ଦୁଝରର ୫୭ ଓ ଜଗତ୍‌ସିଂହପୁରର ୧୦୭ ହାଇସ୍କୁଲ ଅନ୍ତର୍ଭୁକ୍ତ ଅଛି। ୩ୟ ପର୍ଯ୍ୟାୟରେ ସମୁଦାୟ ୨,୧୫୧ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ସୂଚନାଯୋଗ୍ୟ, ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩,୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬,୧୩୨ ସ୍କୁଲ ରୂପାନ୍ତରିତ ହେବ। ଏହି ଅବସରରେ ଭିଡିଓ କନ୍‌ଫରେନ୍ସରେ ଯୋଡ଼ିହୋଇଥିବା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ସ୍କୁଲଗୁଡ଼ିକରେ ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ପାଇବ। ଏହା ସହ ଓଡ଼ିଶାର ଗୌରବ ବଢ଼ିବ। ପିଲାମାନେ ଯଦି ନିଜ ଜୀବନରେ ୫-ଟିର ଉପଯୋଗ କରିବେ, ତେବେ ସେମାନେ ଜୀବନର ସବୁ କ୍ଷେତ୍ରରେ ସଫଳ ହେବେ। ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ। ଜୀବନରେ ସାଧୁତା ନିତାନ୍ତ ଆବଶ୍ୟକ। ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ☞**ପୃଷ୍ଠା-୪**



# ଶିଶୁଙ୍କ ବୋଧଶକ୍ତି କମାଇପାରେ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ,୨୫।୪**

ଭାରତରେ ଦୁଇ ବର୍ଷରୁ କମ୍ ବୟସର ଶିଶୁମାନଙ୍କଠାରେ ଦେଖାଦେଉଥିବା ବୋଧଶକ୍ତି ସମସ୍ୟା ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥାଇପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ୨ ବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କର ମସ୍ତିଷ୍କର ସର୍ବାଧିକ ଅଭିବୃଦ୍ଧି ହୋଇଥାଏ। ଏହି ସମୟରେ ଚିନ୍ତା କରିବା, ଅଭିଜ୍ଞତା ଏବଂ ଇନ୍ଦ୍ରୀୟାନୁଭୂତି ମାଧ୍ୟମରେ ଜ୍ଞାନ ଓ ବୁଦ୍ଧି ଆହରଣ କରିବା ପ୍ରକ୍ରିୟାକୁ ବୋଧଶକ୍ତି କୁହାଯାଏ। ନିଷ୍କ୍ରିୟତା ପିଲାମାନଙ୍କ ଦୀର୍ଘମିଆଦୀ ମସ୍ତିଷ୍କ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହାର ପରିଣାମ ଜୀବନରେ ଅନୁଭୂତ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ପିଲାଙ୍କଠାରେ ବୋଧଶକ୍ତି ଅଭାବ ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥିବା ପ୍ରାରମ୍ଭିକ ଅଧ୍ୟୟନରୁ ଜଣାପଡ଼ିଛି। ଏହା ଭାବପ୍ରବଣତା ଏବଂ ଆଚରଣଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ, ଯାହା ପରିବାର ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ବୋଲି ମୁଖ୍ୟ ଗବେଷକ ବ୍ରିଟେନ ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆର ପ୍ରଫେସର ଜନ୍ ସ୍ପେନ୍‌ସର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବାୟୁରେ ଥିବା ଅତି କ୍ଷୁଦ୍ର କଣିକା ଅତ୍ୟନ୍ତ ଚିନ୍ତାଜନକ। କାରଣ ସେଗୁଡ଼ିକ ଶ୍ୱାସନଳୀରେ ଯାଇ ମସ୍ତିଷ୍କରେ ଅଟକି ଯାଇଥାଏ। ତେବେ ନିମ୍ନମାନର ବାୟୁ ସହ ଶିଶୁଙ୍କ ବୋଧଶକ୍ତି ସମସ୍ୟା ମଧ୍ୟରେ ସମ୍ପର୍କ ଏବଂ ବିଷାକ୍ତ କଣିକା ସହ ମସ୍ତିଷ୍କ ନିର୍ଦ୍ଦିଷ୍ଟ ଭାବେ ସମ୍ବେଦନଶୀଳ କି ନୁହେଁ, ବର୍ତ୍ତମାନ ପର୍ଯ୍ୟନ୍ତ ଅଧ୍ୟୟନରୁ ସ୍ପଷ୍ଟ ଜଣାପଡ଼ିନାହିଁ। ଏହାକୁ ନେଇ ଭାରତର ଗ୍ରାମାଞ୍ଚଳରେ ରହୁଥିବା ପରିବାର ଉପରେ ଅଧିକ ଅଧ୍ୟୟନ ଜାରି ରହିଥିବା ସ୍ପେନ୍‌ସର କହିଛନ୍ତି। ଉକ୍ତ ଗବେଷକ ଟିମ୍ ସହ ଲକ୍ଷ୍ନୌର କମ୍ୟୁନିଟି ଏମ୍ପାଓ୍ୱାରମେଣ୍ଟ ଲାବ୍ କାର୍ଯ୍ୟ କରୁଛି। ଉତ୍ତରପ୍ରଦେଶର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶିବଗଡ଼ ଅଞ୍ଚଳର ପରିବାର ଉପରେ ଅଧ୍ୟୟନ ଚାଲିଛି, ଯେଉଁଠାରେ ବାୟୁ ମାନ ଅତ୍ୟନ୍ତ ନିମ୍ନ ମାନର।






## ଅଫିସ୍ ଭିତରେ ଭିଏଓଙ୍କୁ ହାଣିଲେ ବାଲି ମାଫିଆ

ତାମିଲନାଡୁର ମୁରାପ୍ପାନାଡୁରେ ବାଲି ମାଫିଆମାନେ ମଙ୍ଗଳବାର ୫୩ ବର୍ଷୀୟ ଗ୍ରାମ ପ୍ରଶାସନିକ ଅଧିକାରୀ (ଭିଏଓ) ଓ୍ୱାଇ. ଲୁର୍ଦ୍ଧୁ ଫାନ୍ସିସ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ହାଣି ହତ୍ୟା କରିଛନ୍ତି। ପୂର୍ବରୁ ଭିଏଓଙ୍କ ଅଭିଯୋଗ ଆଧାରରେ ପୋଲିସ ବାଲି ମାଫିଆ ଗ୍ୟାଙ୍ଗଷ୍ଟର ରାମାସୁବ୍ବୁଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ଭିଏଓଙ୍କୁ ହତ୍ୟା କରାଯାଇଛି। ପୋଲିସ ରାମସୁବ୍ବୁଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି।

### ସଂକ୍ଷେପରେ

## ୨୭ରେ ଭାରତ-ଚାଇନା ପ୍ରତିରକ୍ଷା ମନ୍ତ୍ରୀ ବୈଠକ


ଜେନେରାଲ ଲି ଶାଙ୍ଗ୍‌ଫୁ

**ନୂଆଦିଲ୍ଲୀ,୨୫।୪:** ନୂଆଦିଲ୍ଲୀ ଗସ୍ତରେ ଆସୁଥିବା ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗ୍‌ଫୁ ଗୁରୁବାର ତାଙ୍କ ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ଭେଟିବେ। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ ହେବାକୁ ଯାଉଛି। ପୂର୍ବ ଲଦାଖ ଅଞ୍ଚଳରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତିର ସମାଧାନ ପାଇଁ ପୂର୍ବରୁ ୧୯ ଥର ସାମରିକ କମାଣ୍ଡର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସୀମା ପ୍ରସଙ୍ଗ ସମେତ ଦୁଇ ପ୍ରତିରକ୍ଷା ମନ୍ତ୍ରୀ ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା, ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ମଧ୍ୟରେ ଆତଙ୍କବାଦ ନିରୋଧୀ ଉଦ୍ୟମ ଏବଂ ବହୁପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଏକ ବିବୃତିରେ କୁହାଯାଇଛି। ଏସ୍‌ସିଓ ବୈଠକରେ ଯୋଗଦେବା ଲାଗି ଜେନେରାଲ ଲି ଭାରତ ଗସ୍ତରେ ଆସୁଛନ୍ତି।

## ନାବାଳିକା ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗରେ ଥାନା ଜାଳିଦେଲେ

**ନୂଆଦିଲ୍ଲୀ,୨୫।୪:** ପଶ୍ଚିମବଙ୍ଗର କାଲିୟାଗଞ୍ଜରେ ଜଣେ ନାବାଳିକାଙ୍କ ମୃତ୍ୟୁକୁ କେନ୍ଦ୍ରକରି ମଙ୍ଗଳବାର ଉତ୍ତ୍ୟକ୍ତ ଲୋକେ ଥାନା ଜାଳିଦେଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ଭାଜପା ପକ୍ଷରୁ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତର ଦିନାଜପୁର ଜିଲାର ରାଇଗଞ୍ଜରେ ବିକ୍ଷୋଭକାରୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ପୁନର୍ବାର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିବାରୁ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଭାଜପା ଉତ୍ତେଜନା ବଢ଼ାଇ ହିଂସା ସୃଷ୍ଟି କରାଉଥିବା ଶାସକ ଟିଏମ୍‌ସି ଅଭିଯୋଗ କରିଛି। ବିଷାକ୍ତ ଖାଦ୍ୟ ଖାଇ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି ବୋଲି ପୋଲିସ କହୁଥିବାବେଳେ ଏହା ଏକ ବଳାତ୍କାର ହତ୍ୟା ବୋଲି ଭାଜପା ଦାବି କରିଛି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ କାଲିୟାଗଞ୍ଜରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

## ସିସୋଡିଆଙ୍କ ନାଁରେ ସିବିଆଇ ଚାର୍ଜଶିଟ୍


ମନୀଷ ସିସୋଡିଆ

**ନୂଆଦିଲ୍ଲୀ,୨୫।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମଙ୍ଗଳବାର ଦାଖଲ ହୋଇଥିବା ସପ୍ଲିମେଣ୍ଟାରି ଚାର୍ଜଶିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ପୂର୍ବତନ ଅଡିଟର ବୁଚି ବାବୁ, ଅର୍ଜୁନ ପାଣ୍ଡେ ଏବଂ ଅମନଦୀପ୍ ଧଲଙ୍କ ନାଁ ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କ ଭୂମିକା ସମ୍ପର୍କରେ ତଥ୍ୟ ପ୍ରମାଣ ଯୋଗାଡ଼ ଲାଗି ସିବିଆଇ ଅଧିକ ତଦନ୍ତ ଜାରି ରଖିଛି। ଗତ ସପ୍ତାହରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଏହା ପୂର୍ବରୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ଜେରାର ସମ୍ମୁଖୀନ ହୋଇଥିଲେ। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆ ଫେବୃୟାରୀ ୨୬ରୁ ଗିରଫ ହୋଇ ଜେଲରେ ଅଛନ୍ତି।

# ମୁସ୍‌ଲିମ ସଂରକ୍ଷଣ ଉଚ୍ଛେଦ ମେ' ୯ ପର୍ଯ୍ୟନ୍ତ ସ୍ଥଗିତ

### କର୍ନାଟକ ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା


ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଆଧାରିତ: ଖଣ୍ଡପୀଠ

ନୂଆଦିଲ୍ଲୀ,୨୫।୪

ମେ' ୧୦ରେ କର୍ନାଟକ ବିଧାନସଭା ନିର୍ବାଚନ ହେବ। ରାଜ୍ୟରେ କ୍ଷମତାସୀନ ଭାଜପା ସରକାର ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୧୩ରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଶ୍ରେଣୀରେ ଦିଆଯାଉଥିବା ପୂର୍ବର ୪% ସଂରକ୍ଷଣକୁ ଉଚ୍ଛେଦ କରିଥିଲେ। ଏଥିସହ ଏହି ୪% ସଂରକ୍ଷଣକୁ ଲିଙ୍ଗାୟତ ଓ ଭୋକାଲିଗ୍ଗା ସମ୍ପ୍ରଦାୟ ମଧ୍ୟରେ ସମାନ ଦୁଇଭାଗ କରି ବାଣ୍ଟିଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ନିଷ୍ପତ୍ତି ଅନୁସାରେ ଲିଙ୍ଗାୟତମାନେ ପୂର୍ବରୁ ୫% ସରଂକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୭% ପାଇବେ। ସେହିପରି ଭୋକାଲିଗ୍ଗା ସମୁଦାୟକୁ ମିଳୁଥିବା ୪% ସରଂକ୍ଷଣ ସୁବିଧାକୁ ୬% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଉକ୍ତ ନିଷ୍ପତ୍ତି ନିର୍ବାଚନ ବେଳେ ଜନମତକୁ ପ୍ରଭାବିତ କରିବା ଆଶଙ୍କା ଥିବା ଦର୍ଶାଇ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହା ଉପରେ ଜବାବ ଦାଖଲ ପାଇଁ କର୍ନାଟକ ସରକାର ଶୀର୍ଷ ଅଦାଲତଙ୍କୁ ଅଧିକ ସମୟ ମାଗିଛନ୍ତି। ତେଣୁ ମୁସଲମାନ ସଂରକ୍ଷଣ ଉଚ୍ଛେଦ ସମ୍ପର୍କିତ ନିଷ୍ପତ୍ତି ମେ' ୯ ପର୍ଯ୍ୟନ୍ତ ଲାଗୁ ହେବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କର୍ନାଟକ ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଉପରେ ଆଧାରିତ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ନୂଆ ନୀତି ଅନୁସାରେ କୌଣସି ନିଯୁକ୍ତି ଦିଆଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦାଭେ ମେହେଟ୍ଟାଙ୍କ ସ୍ଥଗିତ ନିବେଦନକୁ ବିରୋଧ କରିବାରୁ ତୁଷାର କହିଥିଲେ, ଅଦାଲତଙ୍କ ଅନ୍ତରୀଣ ନିର୍ଦ୍ଦେଶ ଆବେଦନକାରୀଙ୍କ ସପକ୍ଷରେ ହିଁ ରହିଛି। ତେଣୁ ଜବାବ ଦାଖଲ ଲାଗି ଅଧିକ ସମୟ ମିଳୁ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ପୂର୍ବ ସରକାର ଅମଳରେ ମୁସଲମାନ ସମ୍ପ୍ରଦାୟ ପାଇଁ ସ୍ଥିର କରାଯାଇଥିବା ୪% ସଂରକ୍ଷଣ ଉଚ୍ଛେଦ ନୀତି ମେ' ୯ରେ ପରବର୍ତ୍ତୀ ଶୁଣାଣି ହେବା ଯାଏ କାର୍ଯ୍ୟକାରୀ ହେବ ନାହିଁ। ପ୍ରକାଶ ଯେ, ଗତ ୧୮ ତାରିଖରେ ଏସମ୍ପର୍କିତ ଏକାଧିକ ଆବେଦନର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୫ରେ କରିବାକୁ ଧାର୍ଯ୍ୟ କରିଥିଲେ। ଭୋକାଲିଗ୍ଗା ଓ ଲିଙ୍ଗାୟତ ସମ୍ପ୍ରଦାୟକୁ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରୀ ନିଯୁକ୍ତି କ୍ଷେତ୍ରରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସଂରକ୍ଷର ଦିଆଯିବ ନାହିଁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧିନ ସରକାର ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଖଣ୍ଡପୀଠ ରେକର୍ଡ କରିଥିଲେ।

### କର୍ନାଟକରେ ଭୋଟ ଧ୍ରୁବୀକରଣ ପ୍ରୟୋଗ



- କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୯ରେ ନିର୍ବାଚନ ଅନୁଷ୍ଠିତ ହେବ।
- ଏପ୍ରିଲ ୧୩ରେ ରାଜ୍ୟର ଭାଜପା ସରକାର ମୁସଲମାନ ସମ୍ପ୍ରଦାୟକୁ ପୂର୍ବରୁ ଦିଆଯାଉଥିବା ୪% ସରଂକ୍ଷଣକୁ ଉଚ୍ଛେଦ କରିଛନ୍ତି।
- ରାଜ୍ୟର ମୋଟ ଜନସଂଖ୍ୟାର ୧୭% ଲିଙ୍ଗାୟତ ଏବଂ ୧୫% ହେଉଛନ୍ତି ଭୋକାଲିଗ୍ଗା।
- ଲିଙ୍ଗାୟତ ସମ୍ପ୍ରଦାୟକୁ ପୂର୍ବରୁ ୫% ସଂରକ୍ଷଣ ମିଳୁଥିବାବେଳେ ବୋମାଇ ସରକାର ଏହାକୁ ୭%କୁ ବୃଦ୍ଧି କରିଛନ୍ତି।
- ଭୋକାଲିଗ୍ଗା ସମ୍ପ୍ରଦାୟର ଲୋକେ ପୂର୍ବରୁ ୪% ସଂରକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୬%କୁ ବଢ଼ାଯାଇଛି।

### ଦକ୍ଷିଣ ଭାରତରେ ତୁଷ୍ଟୀକରଣ ରାଜନୀତି

## ଶାହା-ଓ୍ୱାଇସି ମୁହାଁମୁହିଁ

ନୂଆଦିଲ୍ଲୀ,୨୫।୪


ଅମିତ ଶାହା


ଅସାଦୁଦ୍ଦିନ ଓ୍ୱାଇସି

ଦକ୍ଷିଣ ଭାରତର ତାମିଲନାଡୁ, କର୍ନାଟକ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଓ କେରଳରେ ପୂର୍ବ କିମ୍ବା ବର୍ତ୍ତମାନର ରାଜ୍ୟ ସରକାରମାନେ ଭୋଟ ହାତେଇବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅଧିକ ସୁବିଧା ଦେଉଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କର୍ନାଟକର ବଗଲକୋଟରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ୪% ସଂରକ୍ଷଣ ଉଚ୍ଛେଦ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇଛନ୍ତି। ଶାହା କହିଛନ୍ତି ଧର୍ମ ଅଧାରିତ ସଂରକ୍ଷଣକୁ ଭାଜପା ବିଶ୍ୱାସ କରେନାହିଁ। ବିଧାନସଭା ନିର୍ବାଚନ ପରେ କ୍ଷମତାକୁ ଆସିଲେ କଂଗ୍ରେସ ଏହି ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ନେଇ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଶାହା ସମାଲୋଚନା କରିଛନ୍ତି। ଭାଜପା ଧର୍ମ ଆଧାରିତ ଭୋଟ ବ୍ୟାଙ୍କ ରାଜନୀତିରେ ବିଶ୍ୱାସ କରେନାହିଁ। ତେଣୁ ମୁସଲମାନ ସଂରକ୍ଷଣ ହଟାଇ ଲିଙ୍ଗାୟତ ଓ ଭୋକାଲିଗ୍ଗାଙ୍କ କୋଟା ହାରକୁ ବୃଦ୍ଧି କରିଛି ବୋଲି କର୍ନାଟକର। ଏହାର ଦିନକ ପୂର୍ବରୁ ଶାହା ତେଲଙ୍ଗାନାର ଚେଭେଲ୍ଲା ରାଲିରେ କହିଥିଲେ, ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଧର୍ମ ଆଧାରିତ ସଂରକ୍ଷଣ ଅସାମ୍ବିଧାନିକ। ଭାଜପା ତେଲଙ୍ଗାନାରେ କ୍ଷମତାକୁ ଆସିଲେ ମୁସଲମାନ ସମ୍ପ୍ରଦାୟକୁ ଦିଆଯାଉଥିବା ୪% ସଂରକ୍ଷଣକୁ ଉଚ୍ଛେଦ କରାଯିବ। କେସିଆର୍ ରାଜ୍ୟରେ ଏମ୍‌ଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି। ଏହା ଉପରେ ଓ୍ୱାଇସି କହିଛନ୍ତି, ମୋ ନାମ ଧରି ଆଉ କେତେଦିନ କାନ୍ଦିବ। ରେକର୍ଡ ଭାଙ୍ଗୁଥିବା ମୁଦ୍ରାସ୍ଫୀତି ଓ ବେକାରି ପ୍ରସଙ୍ଗ ଉପରେ କିଛି କୁହନ୍ତୁ ବୋଲି ଶାହାଙ୍କ ଉଦ୍ଦେଶ୍ୟରେ ସେ ଟୁଇଟ୍ କରିଛନ୍ତି।

### ଦକ୍ଷିଣ ଭାରତର ଜନସଂଖ୍ୟା ତତ୍ତ୍ୱ

| ରାଜ୍ୟ | ମୋଟ ଜନସଂଖ୍ୟା | ମୁସଲମାନ |
|---|---|---|
| ତାମିଲନାଡୁ | ୭ କୋଟି୨୦ ଲକ୍ଷ | ୪୨ ଲକ୍ଷ |
| କର୍ନାଟକ | ୬ କୋଟି | ୮୦ ଲକ୍ଷ |
| ଆନ୍ଧ୍ର ପ୍ରଦେଶ | ୪ କୋଟି ୯୦ ଲକ୍ଷ | ୩୬ ଲକ୍ଷ |
| ତେଲଙ୍ଗାନା | ୩ କୋଟି ୫୦ ଲକ୍ଷ | ୪୫ ଲକ୍ଷ |
| କେରଳ | ୩ କୋଟି ୩୦ ଲକ୍ଷ | ୯୦ ଲକ୍ଷ |

## ମହାମାରୀର ନୂଆ ରୂପ 'ଆର୍କଟୁରସ୍'

ନୂଆଦିଲ୍ଲୀ/ଲଣ୍ଡନ,୨୫।୪



ସମ୍ପ୍ରତି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ମହାମାରୀର ଏକ ନୂଆ ରୂପକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଆର୍କଟୁରସ୍ ନାମକ ଏହି ଭୂତାଣୁ ହେଉଛି ଓମିକ୍ରନ୍ ସବ୍-ଭାରିଆଣ୍ଟର ଏକ ଷ୍ଟ୍ରେନ୍। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ଏକ୍ସବିବି.୧.୧୬ ଆଖ୍ୟା ଦେଇ 'ଭାରିଆଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ' ଭାବେ ଅଭିହିତ କରିଛି। ବର୍ତ୍ତମାନ ସୁଦ୍ଧା ଆର୍କଟୁରସ୍ ସିଙ୍ଗାପୁର, ଅଷ୍ଟ୍ରେଲିଆ, ବ୍ରିଟେନ୍ ଓ ଆମେରିକା ସମେତ ୩୪ ରାଷ୍ଟ୍ରରେ ଚିହ୍ନଟ ହେଲାଣି। ଏଥିରେ ସଂକ୍ରମିତ ହୋଇଥିବା ବ୍ରିଟେନ୍‌ର ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି। ଏହା ଉପରେ ଡବ୍ଲ୍ୟୁଏଚ୍‌ଓ ମାର୍ଚ୍ଚ ୨୨ରୁ ସତର୍କ ଦୃଷ୍ଟି ରଖିଛି। ସ୍ପାଇକ୍ ପ୍ରୋଟିନ୍‌ରେ ଏହାର ଦ୍ୱିତୀୟ ମ୍ୟୁଟେଶନ୍ ରହିଥିବା ଲାବରେଟୋରି ପ୍ରୟୋଗ ବେଳେ ଜଣାପଡ଼ିଛି। ଏକ୍ସବିବି.୧.୧୬ ଷ୍ଟ୍ରେନ୍ ପୂର୍ବ ଭୂତାଣୁଗୁଡ଼ିକ ତୁଳନାରେ ଦ୍ରୁତ ସଂକ୍ରମଣକାରୀ ହୋଇଥିବା ସତ୍ତ୍ୱେ ଏହା ଅଧିକ ଲୋକଙ୍କୁ ଅସୁସ୍ଥ କରୁ ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଡବ୍ଲ୍ୟୁଏଚ୍‌ଓ ମତରେ ଏହି ଭାରିଆଣ୍ଟ ଅଧିକ ବିପଜ୍ଜନକ ନୁହେଁ। କୋଭିଡ୍-୧୯ ଭୂତାଣୁର ଅନ୍ୟ ଷ୍ଟ୍ରେନ୍‌ଗୁଡ଼ିକ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟଗତ ପରାମର୍ଶ ଆର୍କଟୁରସ୍ ଲାଗି ମଧ୍ୟ ପ୍ରଯୁଜ୍ୟ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ୱାତୀ ନକ୍ଷତ୍ରମଣ୍ଡଳର ସବୁଠୁ ତେଜିୟାନ୍ ତାରକା 'ଆର୍କଟୁରସ୍' ଅନୁସାରେ ଏହାର ନାମକରଣ କରାଯାଇଛି।

## ମାନହାନି ମାମଲା: ଗୁଜରାଟ ହାଇକୋର୍ଟ ଗଲେ ରାହୁଲ



ନୂଆଦିଲ୍ଲୀ,୨୫।୪

'ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି' ମନ୍ତବ୍ୟ ପାଇଁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ମଙ୍ଗଳବାର ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ସମୟରେ କର୍ନାଟକର କାରୋଲରେ ଏକ ସଭାକୁ ଉଦ୍‌ବୋଧନ ଦେବା ବେଳେ ରାହୁଲ ଉପରୋକ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସୁରଟର ମାଜିଷ୍ଟ୍ରେଟ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେବାରୁ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ଉକ୍ତ ରାୟ ବିରୋଧରେ ସେ ସୁରଟ ସେସନ୍ସ କୋର୍ଟରେ ଆବେଦନ କରିଥିଲେ ହେଁ ସେଠାରେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ସେସନ୍ସ କୋର୍ଟଙ୍କ ଏପ୍ରିଲ ୨୦ ନିର୍ଦ୍ଦେଶନାମାକୁ ରାହୁଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

## ସିଜେଆଇଙ୍କୁ ଚିଠି ଲେଖିଲେ ୪୦୦ ମାତାପିତା

ନୂଆଦିଲ୍ଲୀ,୨୫।୪

### ବିବାହରେ ସମାନତା ଦାବି

ସମଲିଙ୍ଗୀ ବିବାହକୁ ଆଇନଗତ ମଞ୍ଜୁରୀ ପ୍ରଦାନ ନିମନ୍ତେ ପିଟିଶନଗୁଡ଼ିକର ଶୁଣାଣି କରୁଥିବା ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠର ମୁଖ୍ୟ ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କୁ ୪୦୦ରୁ ଉର୍ଦ୍ଧ୍ୱ ମାତାପିତାଙ୍କ ଏକ ଗ୍ରୁପ୍ ପତ୍ର ଲେଖି ସେମାନଙ୍କର ଏଲ୍‌ଜିବିଟିକ୍ୟୁଆଇଏ++ ପିଲାମାନଙ୍କୁ ବିବାହ ସମାନତା ଅଧିକାର ପ୍ରଦାନ ଲାଗି ନିବେଦନ କରିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନର ଶୁଣାଣି ମଙ୍ଗଳବାର ଚତୁର୍ଥ ଦିନ ପାଇଁ ଜାରି ରହିଥିବାବେଳେ 'ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ' ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ପତ୍ର ଉଲ୍ଲେଖନୀୟ। ଦେଶର ସ୍ୱତନ୍ତ୍ର ବିବାହ ଆଇନରେ ଆମ ପିଲା ଓ ସେମାନଙ୍କ ପାର୍ଟନରମାନଙ୍କ ସମ୍ପର୍କକୁ ଆଇନଗତ ସ୍ୱୀକୃତି ମିଳିବା ଆମେ ଦେଖିବାକୁ ଚାହୁଁ ବୋଲି ମାତାପିତାମାନେ ସେମାନଙ୍କ ପତ୍ରରେ ଦର୍ଶାଇଛନ୍ତି। ଭାରତୀୟ ଏଲ୍‌ଜିବିଟିକ୍ୟୁଆଇଏ++ମାନଙ୍କ ମାତାପିତାଙ୍କୁ ନେଇ 'ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ୍' ସଂଗଠନ ଗଢ଼ାଯାଇଛି।

## ଭାରତୀୟ ବଂଶୋଦ୍ଭବଙ୍କୁ ଆଜି ଫାଶୀ ଦେବ ସିଙ୍ଗାପୁର

ସିଙ୍ଗାପୁର,୨୫।୪

### ନିଶା ଚୋରା କାରବାର ମାମଲାରେ ଦୋଷୀ


ଟାଙ୍ଗାରାଜୁ ସୁପିଆ

ନିଶା ଚୋରା କାରବାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ଭାରତୀୟ ବଂଶୋଦ୍ଭବ ଟାଙ୍ଗାରାଜୁ ସୁପିଆଙ୍କୁ ସିଙ୍ଗାପୁର ସରକାର ବୁଧବାର ଫାଶୀ ଦେବାକୁ ଯାଉଛି। ମୃତ୍ୟୁଦଣ୍ଡକୁ ବିରୋଧ କରୁଥିବା ପ୍ରମୁଖ ବ୍ୟକ୍ତିମାନେ ଫାଶୀ ରୋକିବା ଲାଗି କରିଥିବା ଅନୁରୋଧକୁ ସିଙ୍ଗାପୁର ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ୨୦୧୪ରେ ସିଙ୍ଗାପୁରକୁ ୧ କିଲୋଗ୍ରାମ ଗଞ୍ଜେଇ ଚାଲାଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଟାଙ୍ଗାରାଜୁଙ୍କୁ ଗିରଫ କରାଯାଇଥିଲା। ୨୦୧୮ ଅକ୍ଟୋବର ୯ରେ ତାଙ୍କୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ବ୍ରିଟେନ୍‌ର ବିଲିଅନେୟାର ରିଚାର୍ଡ ବ୍ରାନ୍‌ସନ, ୟୁରୋପୀୟ ସଂଘର ପ୍ରତିନିଧି ଏବଂ ଅଷ୍ଟ୍ରେଲିଆ ଏମ୍‌ପି ଗ୍ରାହାମ ପେରେଟ୍ଟ ଅଭିଯୁକ୍ତ ଟାଙ୍ଗାରାଜୁଙ୍କ ଫାଶୀଦଣ୍ଡକୁ ବିରୋଧ କରିଥିଲେ।

## ପୁଟିନ୍‌ଙ୍କ ଗିରଫ ପରୱାନାକୁ ନେଇ ଚିନ୍ତାରେ ରୁଷିଆ

ମସ୍କୋ,୨୫।୪



ଯୁଦ୍ଧ ଅପରାଧ ଅଭିଯୋଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ବିରୋଧରେ ଅନ୍ତର୍ଜାତୀୟ ଫୌଜଦାରି କୋର୍ଟ (ଆଇସିସି) ଗତ ମାସରେ ଗିରଫ ପରୱାନା ଜାରି କରିଥିବାରୁ ଦେଶର ବରିଷ୍ଠ ଅଧିକାରୀମାନେ ଭୟଭୀତ ଥିବା ଜଣାପଡ଼ିଛି। ଆଇସିସି ଆରେଷ୍ଟ ୱାରେଣ୍ଟ ଜବାବରେ ରୁଷିଆ କ'ଣ ପଦକ୍ଷେପ ନେବ, ତାହା ଉପରେ ଆଲୋଚନା ଲାଗି କ୍ରେମ୍‌ଲିନ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିଥିଲା ବୋଲି କେତେଜଣ ସରକାରୀ ଅଧିକାରୀ ତଥା ପୂର୍ବତନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ଗତବର୍ଷ ଫେବୃୟାରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ୧୪ ମାସ ହେଲା ସଂଘର୍ଷ ଲାଗିରହିଥିବାବେଳେ ପୁଟିନ୍ ବେଆଇନ ଭାବେ ୟୁକ୍ରେନ୍‌ରୁ ପିଲାମାନଙ୍କୁ ଅନ୍ୟ ଦେଶକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଆଇସିସିର ଗିରଫ ପରୱାନାକୁ ମସ୍କୋ ନିନ୍ଦା କରିଥିବାବେଳେ ଏହାର ସମ୍ଭାବ୍ୟ ରାଜନୈତିକ ପ୍ରଭାବକୁ ନେଇ ଚିନ୍ତାପ୍ରକଟ କରିଛି। ରୁଷିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଲାଗି ଏହା ଏକ ଆହ୍ୱାନ ବୋଲି ଶାସକ ୟୁନାଇଟେଡ୍ ରୁଷିଆ ପାର୍ଟିର ପାର୍ଲାମେଣ୍ଟାରି ଡେପୁଟି ଗଣମାଧ୍ୟମକୁ କହିଛନ୍ତି।

## ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଅସମାନତା ବଢ଼ାଇବ: ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୨୫।୪(ପି.ଟି.)

ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଦେଶରେ ଲିଙ୍ଗଗତ ଅସମାନତା ବଢ଼ାଇବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ଏଭଳି ସ୍ଥିତିକୁ ରୋକିବା ଲାଗି କଠୋର ଆଇନ ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଭ୍ରୂଣର ଲିଙ୍ଗ ନିରୂପଣ ଉପରେ ରହିଥିବା କଟକଣା ସିଧାସଳଖ ଭାବେ ନାରୀ ଦ୍ୱେଷ ସମସ୍ୟା ସହ ଜଡ଼ିତ, ଯାହା ବିଶ୍ୱରେ ସବୁ ସାମାଜିକ, ଅର୍ଥନୈତିକ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଛି। ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି ଅଧିନିୟମ, ୧୯୯୪ (ପିସିପିଏନ୍‌ଡିଟି ଆକ୍ଟ)କୁ କଡ଼ାକଡ଼ି ଅନୁପାଳନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଅବସରରେ ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ବେଆଇନ ଲିଙ୍ଗ ନିରୂପଣ ଘଟଣାରେ ଏକ ହସ୍ପିଟାଲରେ ଚଢ଼ାଉ କରାଯାଇ ଜଣେ ଡାକ୍ତରଙ୍କ ବିରୋଧରେ ପିସିପିଏନ୍‌ଡିଟି ଆଇନରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଦ୍ଦ କରିବା ଲାଗି ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

### ଅପରେଶନ କାବେରୀ

## ସୁଦାନ ଛାଡ଼ିଲେ ୨୭୮ ଭାରତୀୟ

ନୂଆଦିଲ୍ଲୀ,୨୫।୪



ସୁଦାନରେ ୧୦ ଦିନ ହେଲା ସୈନ୍ୟବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ସେଠାରେ ଫସିଥିବା ୩,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ମଧ୍ୟରୁ ପ୍ରଥମ ବ୍ୟାଚ୍‌ରେ ୨୭୮ ଜଣ ପୋର୍ଟ ସୁଦାନ ଛାଡ଼ିଛନ୍ତି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଅପରେଶନ କାବେରୀ ଆରମ୍ଭ ହୋଇଥିବାବେଳେ ନୌସେନା ଜାହାଜ ଆଇଏନ୍‌ଏସ୍ ସୁମେଧରେ ୨୭୮ ଜଣ ପୋର୍ଟ ସୁଦାନରୁ ଜେଦ୍ଦା ଅଭିମୁଖେ ଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟ୍ କରିଛନ୍ତି। ଅପରେଶନ କାବେରୀରେ ଭାରତ ଦୁଇଟି ପରିବହନ ବିମାନ ଜେଦ୍ଦାକୁ ପଠାଇଥିବାବେଳେ ଆଇଏନ୍‌ଏସ୍ ସୁମେଧକୁ ପୋର୍ଟ ସୁଦାନ ପଠାଇଥିଲା। ଭାରତୀୟମାନେ ଜେଦ୍ଦାରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ ଭାରତ ଫେରିବେ। ପୂର୍ବରୁ ସାଉଦି ଆରବ ଏବଂ ଫ୍ରାନ୍ସ କେତେଜଣ ଭାରତୀୟଙ୍କ ସମେତ ଅନ୍ୟ ଦେଶର ନାଗରିକଙ୍କୁ ସୁଦାନରୁ ଉଦ୍ଧାର କରିଥିଲେ। ସୁଦାନ ରାଜଧାନୀ ଖାର୍ଟୁମ୍ ଏବଂ ଅନ୍ୟ ଅଞ୍ଚଳରେ ଏପ୍ରିଲ ୧୫ରୁ ସଂଘର୍ଷ ଲାଗି ରହିଛି। ସେନାମୁଖ୍ୟ ଆବଡେଲ୍ ଫତାହ ଅଲ୍-ବୁର୍‌ହାନ ଏବଂ ତାଙ୍କ ଡେପୁଟି ତଥା ବିଦ୍ରୋହୀ ମହମ୍ମଦ ହମଦାନ୍ ଡାଗ୍‌ଲୋଙ୍କ ସମର୍ଥକଙ୍କ ମଧ୍ୟରେ ଜୋର୍‌ଦାର ସଂଘର୍ଷରେ ୪୦୦ରୁ ଉର୍ଦ୍ଧ୍ୱ ନିହତ ହେଲେଣି।



ଭାରତର ଜନସଂଖ୍ୟା ସର୍ବାଧିକ ହେବା ସହିତ ଚାଇନାକୁ ଟପିଯାଇଛି। ଏହାକୁ ଆଧାର କରି ଜର୍ମାନୀର ଏକ ଖବରକାଗଜରେ ପ୍ରକାଶିତ କାର୍ଟୁନ।

# ମେ’ ୧ରୁ ବଢ଼ିବ ଛେନା, ପନିର, ଖୁଆ ଦର

**କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି**

**କଟକ ଅଫିସ, ୨୫।୪**

ଆସନ୍ତା ମେ’ ୧ରୁ ଛେନା, ପନିର ଓ ଖୁଆ ଦର ବଢ଼ିବ। ଲିଙ୍କ୍‌ରୋଡ୍‌ସ୍ଥିତ ଛେନା ମଣ୍ଡିଠାରେ ମଙ୍ଗଳବାର ଅନୁଷ୍ଠିତ କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସଂଘର ଜିଲା ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା କହିଛନ୍ତି, ଗତ ୧ ତାରିଖରେ ଓମ୍‌ଫେଡ୍‌ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ଏଥିସହିତ ଗୋଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ମଧ୍ୟ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ମେ’ ୧ ତାରିଖରୁ ସଂଘ ପକ୍ଷରୁ ଛେନା ଦର କିଲୋ ପ୍ରତି ୨୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୧୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପନିର୍‌ କିଲୋ ପ୍ରତି ୩୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୨୫୫ ଟଙ୍କା ଓ କଞ୍ଚା ଖୁଆ କିଲୋ ପ୍ରତି ୬୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୩୨୦ ଟଙ୍କା ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ କଟକରୁ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ରାଜ୍ୟର ଅନ୍ୟ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିବା ଦୁଗ୍ଧଜାତ ଦ୍ରବ୍ୟ ମୂଲ୍ୟ ଏହି ଅନୁପାତରେ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଏହି ବୈଠକରେ ସଂଘର କର୍ମକର୍ତ୍ତା ଜ୍ୟୋତିରଞ୍ଜନ ଦାସ, ବିନୋଦ ବେହେରା, ପ୍ରେମାନନ୍ଦ ବେହେରା ଓ ବୁଲେଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



**ବୈଦ୍ୟନାଥ ଘରେ ଡାକ୍ତର**

ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍‌, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍‌-ଏଚ୍‌, ଆମିବିକା ଟାବଲେଟ୍‌ |
| ଆନେମିଆ | ହେମୋପ୍ଲସ୍‌, ନବାୟସ ଲୌହ |
| ଡାଇବେଟିସ୍‌ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍‌ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍‌, ଜେଷ୍ଟ ଓମେନ୍‌ |
| କେଶ ସମସ୍ୟା | ଲିଭଗୁଡ୍‌, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍‌ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍‌ ଅର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ଥଣ୍ଡା କଲ୍ୟାଣ ତେଲ, ନାଇଟଜ୍‌, ଷ୍ଟ୍ରେସ୍‌ ଗାର୍ଡ |
| ଲିଭର ରୋଗ | ଲିଭ୍‌ ଗୁଡ୍‌, ଲିଭରୋଲ୍‌ ଷ୍ଟ୍ରଙ୍ଗ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍‌, ମେଦୋହର ବିଡାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍‌ ଗାର୍ଡ କ୍ୟାପ୍‌ସୁଲ୍‌, ନିମ୍‌ ଅଏଲ୍‌ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟାବଲେଟ୍‌, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍‌ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905


# ବରଗଡ଼ରେ ୧୨ଦିନ ଲୁଚିଥିଲେ ଗୁଡ୍ଡୁ ମୁସଲିମ୍‌

**ପଦାକୁ ଆସିଲା ରାଜ୍ୟ ଗୋଇନ୍ଦା, ବରଗଡ଼ ପୋଲିସର ବିଫଳତା**


ଗୁଡ୍ଡୁ ମୁସଲିମ୍‌

- ଛତିଶଗଡ଼ର ଅପରାଧୀ ରାଜା ଖାନ୍‌ଙ୍କ ସହ ଥିଲେ
- ପୋଷାକ ବ୍ୟାଗ୍‌ ଛାଡ଼ି ପଳାଇଥିଲେ ଗୁଡ୍ଡୁ
- ବେଶ ବଦଳାଇ ବୁଲୁଛନ୍ତି, ଶେଷ ଲୋକେସନ୍‌ ଛତିଶଗଡ଼

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଗୁଳିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ୍‌ ଅହମ୍ମଦଙ୍କ ସହଯୋଗୀ ଗୁଡ୍ଡୁ ମୁସଲିମ୍‌ଙ୍କୁ ଧରିବାକୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍‌) ଉଦ୍ୟମ ଚଳାଇଛି। ହେଲେ ଗୁଡ୍ଡୁ ପୋଲିସକୁ ଭୁଆଁ ବୁଲାଇ ଦେଶସାରା ଲୁଚି ବୁଲୁଛନ୍ତି। ଓଡ଼ିଶାରେ ମଧ୍ୟ ସେ କିଛିଦିନ ଲୁଚିଥିଲେ। ଏପ୍ରିଲ ୧୮ରେ ୟୁପି ଏସ୍‌ଟିଏଫ୍‌ର ୫ ଜଣିଆ ଟିମ୍‌ ଗୁଡ୍ଡୁଙ୍କ ଡ୍ରାଇଭରଙ୍କ ସମ୍ପର୍କୀୟ ବରଗଡ଼ ଜିଲା ଭଟଲିରେ ରହୁଥିବା ରାଜା ଖାନ୍‌ଙ୍କୁ ପଚରାଉଚରା କରି ଫେରିଯାଇଥିଲା। ଏହାପରେ ଉତ୍ତରପ୍ରଦେଶ ଗ୍ୟାଙ୍ଗଷ୍ଟର୍‌ଙ୍କ ଓଡ଼ିଶା ଲିଙ୍କ୍‌ କଥା ଜଣାପଡିଥିଲା। ଏଭଳି ସ୍ଥିତିରେ ଗୁଡ୍ଡୁଙ୍କ ଓଡ଼ିଶା ରହଣି ନେଇ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଗୁଡ୍ଡୁ ବରଗଡ଼ରେ ୧୨ଦିନ ଆତ୍ମଗୋପନ କରିଥିଲେ ବୋଲି ୟୁପି ଏସ୍‌ଟିଏଫ୍‌ର ସୂଚନା ଆଧାରରେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବରରୁ ଜଣାପଡିଛି। ଉକ୍ତ ଖବର ଅନୁଯାୟୀ, ୟୁପି ଏସ୍‌ଟିଏଫ୍‌କୁ ଗୁଡ୍ଡୁ ଭୁଆଁ ବୁଲାଇବା ପାଇଁ ପ୍ରୟାଗରାଜରୁ ମିରଟ, ଆଜ୍‌ମେର୍‌, ଝାନ୍‌ସୀ, ନାସିକ୍‌ ଓ ପୁଣେ ପରେ ଓଡ଼ିଶା ଆସିଥିଲେ। ରାଜାଙ୍କ ଜରିଆରେ ଗୁଡ୍ଡୁ ବରଗଡ଼ରେ ଏପ୍ରିଲ ୨ରୁ ୧୩ ଯାଏ ଲୁଚି ରହିଥିଲେ। ପରେ ଗୁଡ୍ଡୁ ଛତିଶଗଡ଼ ପଳାଇଯାଇଥିବା ୟୁପି ଏସ୍‌ଟିଏଫ୍‌ ଟ୍ରାକ୍‌ରୁ ଜାଣିବାକୁ ପାଇଛି। ତେବେ ଗୁଡ୍ଡୁ ଏଠାରୁ ଯିବାବେଳେ ଏକ ପୋଷାକ ବ୍ୟାଗ୍‌ ଛାଡ଼ି ପଳାଇଥିଲେ। ରାଜାଙ୍କୁ ଜେରା ପରେ ଉକ୍ତ ବ୍ୟାଗ୍‌କୁ ୟୁପି ଏସ୍‌ଟିଏଫ୍‌ ନେଇଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୟୁପି ଏସ୍‌ଟିଏଫ୍‌ ସ୍କାନର୍‌କୁ ରାଜା ଆସିଥିବାବେଳେ ସେ ଏବେ କେଉଁଠି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ରାଜା ଛତିଶଗଡ଼ର ମୂଳ ବାସିନ୍ଦା ହୋଇଥିବାବେଳେ ସେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ତଥା ବଡ଼ଗଡ଼ ଜିଲାର ସୋହେଲା ଲୁହୁରାଚଟି ଓ ଭଟଲିରେ ରହି ଅପରାଧ ସାମ୍ରାଜ୍ୟ ଚଳାଉଥିଲେ। ରାଜାଙ୍କ ନାମରେ ଛତିଶଗଡ଼ରେ ନିଶା କାରବାର, ଆର୍ମ୍ସ ଆକ୍ଟରେ ମାମଲା ରହିଥିବା ମହାସମୁନ୍ଦ ଏସ୍‌ପି ଧର୍ମେନ୍ଦ୍ର ସିଂ ଚୱାଇ ଗଣମାଧ୍ୟମକୁ କହିଛନ୍ତି। ତେବେ ରାଜା ଛତିଶଗଡ଼ର ହୋଇଥିବାରୁ ସେ ଗୁଡ୍ଡୁଙ୍କୁ ନେଇ ସେଠାରେ ଲୁଚାଇ ରଖିଥିବା ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହା ଭିତରେ ଗୁଡ୍ଡୁ ନିଜ ବେଶ ବଦଳାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ସେ ନିଜ ପରିଚୟକୁ ଲୁଚାଇବା ପାଇଁ ଦାଢ଼ି ଓ ଚୁଟିକୁ ଅଧିକ ଲମ୍ବା କରି ଦେଇଛନ୍ତି। ଅନ୍ୟପକ୍ଷରେ ଗୁଡ୍ଡୁ ୧୨ଦିନ ବରଗଡ଼ରେ ରହିଥିବା ଘଟଣାକୁ ନେଇ ସାଧାରଣରେ ବେଶ୍‌ ଚର୍ଚ୍ଚା ହେଉଛି। ଗ୍ୟାଙ୍ଗଷ୍ଟର ଗୁଡ୍ଡୁ ଏଠାରେ ଏତେଦିନ ରହିବା ପରେ ମଧ୍ୟ ବରଗଡ଼ ପୋଲିସ ଓ ରାଜ୍ୟ ଗୋଇନ୍ଦା ବିଭାଗ କିପରି ତାଙ୍କ ବିଷୟରେ ସାମାନ୍ୟତମ ସୂଚନା ପାଇପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ରାଜା ଜଣେ ବଡ଼ ଅପରାଧୀ ହୋଇଥିବାବେଳେ ଛତିଶଗଡ଼ରେ ତାଙ୍କ ନାମରେ ବଡ଼ ବଡ଼ ଆପରାଧିକ ମାମଲା ରହିଥିଲେ ମଧ୍ୟ ଓଡ଼ିଶା ପୋଲିସ ତାଙ୍କ ଉପରେ କାହିଁକି ନଜର ରଖି ନ ଥିଲା ? ଏହାକୁ ରାଜ୍ୟ ଗୋଇନ୍ଦା ବିଭାଗର ବିଫଳତା ବୋଲି ମଧ୍ୟ କୁହାଯାଉଛି। ଅପରାଧୀମାନେ ଲୁଚିବା ପାଇଁ ଓଡ଼ିଶାକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଥିବା ଏଥିରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ୨୦୦୫ରେ ବିଏସ୍‌ପିର ତତ୍କାଳୀନ ବିଧାୟକ ରାଜୁ ପାଲ୍‌ଙ୍କୁ ଅତିକ ଓ ତାଙ୍କ ଭାଇ ଅଶ୍ରଫ୍‌ ହତ୍ୟା କରିଥିଲେ। ପରେ ମୁଖ୍ୟ ସାକ୍ଷୀ ଥିବା ଆଇନଜୀବୀ ଉମେଶ ପାଲ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ସମୟରେ ଗୁଡ୍ଡୁ ବୋମା ମାଡ଼ କରିଥିଲେ।


MARUTI SUZUKI ARENA

**ଶାନଦାର କାର ଉପରେ ଗ୍ରୀଷ୍ମଋତୁର ସବୁଠାରୁ ଭଲ ଅଫର୍ସ!**

ଆପଣଙ୍କ ମନପସନ୍ଦର ମାରୁତି ସୁଜୁକୀ ଏରିନା କାର ଉପରେ ସୁନ୍ଦର ଗ୍ରୀଷ୍ମଋତୁ ଓ ବିଶେଷ ଅଫର୍ସର ଆନନ୍ଦ ଉପଭୋଗ କରନ୍ତୁ ।




**BIG SAVINGS**
ALTO K10 ₹49000*
WAGONR ₹49000*
S-PRESSO ₹49000*
CELERIO ₹44000*
100%^ ON-ROAD FUNDING AVAILABLE

ALTO K10 S-PRESSO WAGONR CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.

SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.

APARNAA MOTORS
SAMBALPUR (PARDHIAPALI): 9237395001.

ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April, 2023.

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଏପ୍ରିଲ, ୨୦୨୩



**ଆଜିର ମନ୍ତବ୍ୟ**

"ପୂର୍ବ ସରକାରମାନେ ପ୍ରକଳ୍ପଗୁଡ଼ିକୁ ବିଳମ୍ୱ କରାଇ ଭୋଟ ବ୍ୟାଙ୍କ ରାଜନୀତି କରୁଥିଲେ। ଏବର ସରକାର କାର୍ଯ୍ୟ ସଂସ୍କୃତି ଉପରେ ବିଶ୍ୱାସ କରି ଆଗକୁ ବଢ଼ୁଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଦେଖେ, ବର ଦେଖେ**
**କାନ୍ଥ ଖୋଲି କୁଜ ଦେଖେ ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଖୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରୋଗ ସବୁ ଜାଣି ଧୀରସ୍ଥିର ଭାବରେ ସ୍ଥିର କରିବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମା କରି ବୁଝିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ**
**କାହୁଁ ଆଣିଥିଲି ଥାକୁଲିଟାକୁ**
**ଚୁଡ଼ା କୁଟି ଖାଇବାକୁ ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱାଚ୍ଛନ୍ଦ୍ୟରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି

**ୱାଶିଂଟନ,୨୫।୪:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବାଇଡେନ୍‌ଙ୍କ ସହ ତାଙ୍କ ରନିଂ ମେଟ୍ ତଥା ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ନୂଆ ଇନିଂସ୍ ଲାଗି ଅଭିଯାନ ଆରମ୍ଭ କରିଛନ୍ତି। ୮୦ ବର୍ଷୀୟ ଡେମୋକ୍ରାଟ୍ ବାଇଡେନ୍ ୩ ମିନିଟ୍ ବିଶିଷ୍ଟ ଏକ ପ୍ରମୋଶନାଲ ଭିଡିଓରେ 'ଫ୍ରିଡମ୍' (ସ୍ୱାଧୀନତା) ଶବ୍ଦ ଉଚ୍ଚାରଣ କରି ସମ୍ବୋଧନ ଆରମ୍ଭ କରିଛନ୍ତି। ଦେଶବାସୀଙ୍କୁ ନିଜ ସମ୍ବୋଧନରେ ସେ କହିଛନ୍ତି, ଗର୍ଭପାତ ଅଧିକାର, ଗଣତନ୍ତ୍ରର ପ୍ରତିରକ୍ଷା, ମତଦାନ ଅଧିକାର ଓ ସାମାଜିକ ସୁରକ୍ଷା ୨୦୨୪ ସାଧାରଣ ନିର୍ବାଚନରେ ସବୁଠ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି। ପ୍ରତ୍ୟେକ ପିଢ଼ିର ଏକ ମୁହୂର୍ତ୍ତ ଥାଏ, ଯେଉଁ ସମୟରେ ସେମାନଙ୍କୁ ଗଣତନ୍ତ୍ର ପାଇଁ ଛିଡ଼ା ହେବାକୁ ପଡ଼ିଥାଏ। ବର୍ତ୍ତମାନ ଆମେରିକା ପାଇଁ ସେହି ସମୟ ଉପନୀତ। ତେଣୁ ସେ ପୁନର୍ବାର ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ ସହ ସାମିଲ ହୁଅନ୍ତୁ। ଆସନ୍ତୁ, ଏହି କାର୍ଯ୍ୟକୁ ଶେଷ କରିବା ବୋଲି ଆମେରିକୀୟମାନଙ୍କୁ ବାଇଡେନ୍ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଆନୁଷ୍ଠାନିକ ନିର୍ବାଚନ ପ୍ରଚାର ଆରମ୍ଭ ବେଳେ ହାରିସ୍ କହିଛନ୍ତି, ବାଇଡେନ୍ ଓ ମୁଁ ପୁନଃ ନିର୍ବାଚିତ ହେବା ପାଇଁ ବାହାରିଛୁ। ଆପଣମାନଙ୍କ ସହଯୋଗ ଅପରିହାର୍ଯ୍ୟ।

# 'ବି' ସେଟ୍ ପରୀକ୍ଷାର୍ଥୀଙ୍କୁ ୧୭ ମାର୍କ ମିଳିବା ଖବର ମିଥ୍ୟା: ରାମାଶିଷ

**ମାଟ୍ରିକ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ**

**କଟକ ଅଫିସ,୨୫।୪:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ମୁଦ୍ରଣଜନିତ ତ୍ରୁଟି ପାଇଁ ସାମାଜିକ ବିଜ୍ଞାନ 'ବି' ସେଟ୍ ଛାତ୍ରୀଛାତ୍ରଙ୍କୁ ୧୭ ମାର୍କ ମିଳିବା ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ମୁଦ୍ରଣଜନିତ ତ୍ରୁଟି ପାଇଁ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ନମ୍ବର ପ୍ରଦାନ କରାଯାଇଛି। ପ୍ରାୟ ୫,୫୦୦ ପରୀକ୍ଷାର୍ଥୀ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ତ୍ରୁଟି ଟେକ୍ନିକାଲଜନିତ। ଏହା ଯେପରି ପୁନର୍ବାର ନ ହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ବୋର୍ଡ ସଭାପତି ରାମାଶିଷ ହାଜରା ଖଣ୍ଡନ କରି କହିଛନ୍ତି, ଏଭଳି କୌଣସି ନିଷ୍ପତ୍ତି ବୋର୍ଡ ପକ୍ଷରୁ ନିଆଯାଇନାହିଁ। ପିଲାଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନିଆଯିବ। ହେଲେ ୧୭ ମାର୍କ ଦିଆଯିବା ନେଇ ଆମ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏଭଳି ମିଥ୍ୟା ଖବର ପ୍ରଚାର କରାଯାଇ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ଅଭିଯୋଗକୁ ବୋର୍ଡ କର୍ତ୍ତୃପକ୍ଷ ପୂର୍ବରୁ ସ୍ୱୀକାର କରିଥିଲେ। ଏହି ତ୍ରୁଟି ପରୀକ୍ଷାର୍ଥୀମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ଆଉଥରେ ପରୀକ୍ଷା ହେବାର ସମ୍ଭାବନା ନ ଥିବା ସ୍ପଷ୍ଟ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। 'ଏ' ସେଟ୍‌ର ପ୍ରଶ୍ନପତ୍ରର କିଛି ଅଂଶ 'ବି' ସେଟ୍‌ରେ ରହି ଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ, ଯେପରି କୌଣସି ଛାତ୍ରୀଛାତ୍ର କମ୍ ମାର୍କ ପାଇବେ ନାହିଁ।




# 'ଶିକ୍ଷା, ଦକ୍ଷତା ବିକାଶକୁ ନେଇ ଭାରତ-ସିଙ୍ଗାପୁର କାମ କରିବେ'

**ଜି-୨୦ ବୈଠକ**

- ୩ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା
- ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ଗ୍ରହଣ କରାଯିବ

ଭୁବନେଶ୍ୱର ୨୫।୪ (ବ୍ୟୁରୋ)




କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ନୂଆ ଜାତୀୟ ଶିକ୍ଷାନୀତି ଆଧାରରେ ଦେଶର ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନର ରୂପାନ୍ତରଣ ପାଇଁ ଭାରତ ଓ ସିଙ୍ଗାପୁର ମଧ୍ୟରେ ଆଲୋଚନା ହୋଇଛି। ଏହି ଦୁଇ ରାଷ୍ଟ୍ର ଆଗାମୀ ଦିନରେ ଶିକ୍ଷା ସହ ଦକ୍ଷତା ବିକାଶ ପାଇଁ କାମ କରିବେ। ମଙ୍ଗଳବାର ଭୁବନେଶ୍ୱରଠାରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଭାରତ-ସିଙ୍ଗାପୁର ମଧ୍ୟରେ ଆୟୋଜିତ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। 'ଫ୍ୟୁଚର ଅଫ୍ ୱାର୍କ: ଭାରତ ଓ ସିଙ୍ଗାପୁରର ସ୍କିଲ୍ ଆର୍କିଟେକ୍ଚର ଓ ଗଭର୍ନାନ୍ସ ମଡେଲ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ କହିଲେ, ଭାରତ ଓ ସିଙ୍ଗାପୁରର ରଣନୈତିକ ଭାଗୀଦାରିରେ ଦକ୍ଷତା ବିକାଶ ଏବଂ ଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦୁଇଦେଶ ମିଳିତ ଭାବରେ କାମ କଲେ ଉଭୟ ରାଷ୍ଟ୍ର ପାଇଁ ଅନେକ ସୁଯୋଗ ରହିଛି। ବିଶେଷକରି ଭବିଷ୍ୟତର ଶ୍ରମବଳ ପ୍ରସ୍ତୁତ କରିବା ଦିଗରେ କାମ କଲେ ଉଭୟ ଦେଶର ଲକ୍ଷ୍ୟ ସଫଳ ହେବ। ଏହି କର୍ମଶାଳାରେ ଭବିଷ୍ୟତର କାର୍ଯ୍ୟଶୈଳୀ ଉପରେ ଭାରତ ଓ ସିଙ୍ଗାପୁର ମଧ୍ୟରେ ୩ଟି ପ୍ରସଙ୍ଗ ଯଥା ଦକ୍ଷତା ପାଇଁ ନୂଆ ପାଠ୍ୟକ୍ରମର ବିକାଶ, ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ଦକ୍ଷତା ପରିସଂସ୍ଥାନ ପାଇଁ ଫ୍ରେମ୍‌ୱାର୍କ ଏବଂ ଜୀବନବ୍ୟାପୀ ସ୍କିଲିଂ ପାଇଁ ଆପ୍ରେଣ୍ଟିସଶିପ୍ ଏବଂ ଫ୍ରେମ୍‌ୱାର୍କ ପାଇଁ ଆଲୋଚନା କରାଯାଇଥିଲା। ସିଙ୍ଗାପୁର ସରକାରଙ୍କ ଶିକ୍ଷା ତଥା ଦକ୍ଷତା ବିଭାଗର ଅଧିକାରୀ, ବୈଦେଶିକ ବିଭାଗର ଅଧିକାରୀଙ୍କ ସହ ଭାରତ ସରକାରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ, ସ୍କୁଲ ଏବଂ ଉଚ୍ଚଶିକ୍ଷା ବିଭାଗ ଜାତୀୟ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଭିଟି), ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ(ଡିଜିଟି), ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି), କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ମିଳିତ ଭାବେ ସିଙ୍ଗାପୁର ମଡେଲକୁ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କିପରି ଉପଯୋଗ କରାଯାଇପାରିବ ସେ ନେଇ ଉଭୟ ଦେଶ ଆଲୋଚନା କରିଥିଲେ। ଏ ନେଇ ସିଙ୍ଗାପୁରର ବୈଦେଶିକ ବିଭାଗ ମନ୍ତ୍ରୀଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ସେହିପରି ଭାରତର ଅନେକ ରାଜ୍ୟ ସିଙ୍ଗାପୁର ସହ ଅନୁବନ୍ଧିତ ହୋଇଛନ୍ତି। ତେଣୁ ଭାରତ ଓ ସିଙ୍ଗାପୁର ମିଶି ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ମଧ୍ୟ ଗ୍ରହଣ କରାଯିବ। ଏଆଇସିଟିଇ ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ଏବଂ ପଲିଟେକନିକ କଲେଜର ଛାତ୍ରୀଛାତ୍ର କିପରି ଦକ୍ଷତା ପରିସଂସ୍ଥାନରେ ଅଧିକ ଯୋଡ଼ିହେବେ ତାହାର ଯୋଜନା କରାଯିବ। ଏହାସହ ବର୍ତ୍ତମାନର ୱାର୍କଫୋର୍ସକୁ ନିରନ୍ତର ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରାଯିବା ନେଇ ଗୁରୁତ୍ୱ ଦିଆଯାଉଛି। ବିଗତ ଶତାବ୍ଦୀରେ ଅର୍ଥନୀତିର ଦ୍ରୁତ ପ୍ରଗତି କ୍ଷେତ୍ରରେ ସିଙ୍ଗାପୁର ବିଶ୍ୱର ଗୋଟିଏ ମଡେଲ ହୋଇଛି। ଆଣବିକ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁର ମିଳିତ ଭାବରେ କାମ କରିବା ଦିଗରେ ଉଦ୍ୟମ ଜାରି ରହିଛି। ଭାରତର ୟୁପିଆଇ ସିଷ୍ଟମକୁ ସିଙ୍ଗାପୁର ସରକାର ଲାଗୁ କରିଛନ୍ତି। ଫଳରେ ଭାରତ ଓ ସିଙ୍ଗାପୁରର ସମ୍ପର୍କ ମଜଭୁତ ହେଉଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। କର୍ମଶାଳାରେ ଭାରତରେ ଅବସ୍ଥାପିତ ସିଙ୍ଗାପୁର ହାଇକମିଶନର ସିମନ ୱଙ୍ଗ, ସିଙ୍ଗାପୁରର ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ମେଲିସା ଖ୍ରୁ, ଭାରତର ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ମନ୍ତ୍ରଣାଳୟ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ ଏବଂ ଶିକ୍ଷା ଓ ଦକ୍ଷତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଭାରତ ଓ ସିଙ୍ଗାପୁରର ଶିକ୍ଷା ଓ ଦକ୍ଷତା କ୍ଷେତ୍ରର ଷ୍ଟେକ୍‌ହୋଲଡର, ଶିକ୍ଷାବତ୍ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟ ସରକାରଙ୍କୁ...

ସୂଚନା ଅଧିକାରୀ କର୍ମୀ ଦିଲୀପ ବରାଳ ଗତ ୧୯ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.୧୨୪୩୨/୨୩) ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ୨୦୧୮ ଏପ୍ରିଲ୍ ୪ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଯାଞ୍ଚ ସମୟରେ ଏହାର ସ୍ଥିତି ଦୁର୍ବଳ ଥିବାନେଇ ଜଣାପଡ଼ିଥିଲା। ରତ୍ନଭଣ୍ଡାର ତୁରନ୍ତ ମରାମତି ଓ ସଂରକ୍ଷଣ କରାଯିବା ନେଇ ଯାଞ୍ଚ ରିପୋର୍ଟରେ ଉଲେଖ କରାଯାଇଥିଲା। ଚାବି ହଜିବା ନେଇ ତଦନ୍ତ କମିଶନ ବସିବା ପରଠାରୁ ରତ୍ନଭଣ୍ଡାର ପ୍ରସଙ୍ଗକୁ ସରକାର ଅଣ ଦେଖା କରୁଛନ୍ତି। ରତ୍ନ ଭଣ୍ଡାର ମରାମତି କରୁନାହାନ୍ତି। ରତ୍ନ ଅଳଙ୍କାର ଗଣତି ଓ ମଣତି କରୁନାହାନ୍ତି, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ଏପରିକି ଦିନକୁ ଦିନ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହେଉଛି। ତଦନ୍ତ ରିପୋର୍ଟ ସାର୍ବଜନୀନ, ରତ୍ନାଭଣ୍ଡାର ମରାମତି ଓ ଗଣତି କରିବା ପାଇଁ ବରାଳ ୨୦୨୧ ଅକ୍ଟୋବର ୨୨ ଏବଂ ଡିସେମ୍ବର ୪ ତାରିଖରେ ସରକାରଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର କୌଣସି ପଦକ୍ଷପ ନ ନେବାରୁ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୂର୍ବରୁ ସରକାର ବାରମ୍ବାର ହାଇକୋର୍ଟଙ୍କୁ ଭ୍ରମାତ୍ମକ ତଥ୍ୟ ଦେଇ ସମୟ ନେଉଥିବା ବେଳେ ଏଥର ଏଭଳି ନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷରେ ଥରେ ରତ୍ନଭଣ୍ଡାର ଯାଞ୍ଚ ହେବାର ନିୟମ ରହିଛି। ମାତ୍ର ଗତ ୩୭ ବର୍ଷ ହେବ ଭିତର ରତ୍ନଭଣ୍ଡାର ଖୋଲା ଯାଇନାହିଁ। ତେଣୁ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଭଣ୍ଡାର ଯାଞ୍ଚ, ମରାମତି କରିବା ନେଇ ସାଧାରଣରେ ଦାବି ହେଉଛି।

## ଛାତ୍ରୀଛାତ୍ରଙ୍କ ସଫଳତା...

କହିଛନ୍ତି, ଟେକ୍ନୋଲୋଜି ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ୍ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ଏସବୁ କାମରେ ପ୍ରତି ସ୍ତରରେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ରକ୍ଷା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ଆଲୋଚନା କରାଯାଇ କାମ ହେଉଛି। ସ୍ୱଚ୍ଛତା ୫-ଟିର ସବୁଠାରୁ ବଡ଼ ଶକ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ୫-ଟି ରୂପାନ୍ତର ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ସହ ମତ ବିନିମୟକରି ସେମାନେ ଭବିଷ୍ୟତରେ କ'ଣ ହେବାକୁ ଚାହାନ୍ତି ବୋଲି ପଚାରିବାରୁ, ସେମାନେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଇଞ୍ଜିନିୟର ହେବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ପାଟଣା ବିଧାୟକ ଜଗନ୍ନାଥ ନାୟକ ପ୍ରମୁଖ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସା କରିଥିଲେ। ପିଲାଙ୍କ ସହିତ ଆଲୋଚନାରେ ଭାଗ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲର ପିଲାଙ୍କ ପାଇଁ କେବଳ ଉନ୍ନତ ଶିକ୍ଷା ବ୍ୟବସ୍ଥା କରିନାହାନ୍ତି, ଏହାସହ ସେମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆସନ୍ତା ୬ ମାସରେ ରାଜ୍ୟର ସବୁ ସ୍କୁଲକୁ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ। ୩ଟି ପର୍ଯ୍ୟାୟରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ସଫଳତା ପାଇଁ ସେ ଜିଲାସ୍ତରରେ କାମ କରୁଥିବା ଟିମ୍‌ଗୁଡ଼ିକୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି। ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବ୍ରିଜ୍‌ଭୂଷଣଙ୍କ ନାଁରେ...

ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍‌ମାନେ ଗତ ଜାନୁୟାରୀରେ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ଆଣିଥିଲେ। ଏପରି କି ୨୦୨୧ରେ ଆୟୋଜିତ ଏକ ରେସ୍‌ଲିଂ ଟୁର୍ନାମେଣ୍ଟ ବେଳେ ସେ ଜଣେ କୁସ୍ତିଯୋଦ୍ଧାଙ୍କୁ ମଞ୍ଚ ଉପରେ ଚାପୁଡ଼ା ମାରିଥିବା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା। ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଦାବିରେ ପ୍ରାୟ ୨୦୦ କୁସ୍ତିଯୋଦ୍ଧା ଚଳିତ ବର୍ଷ ଆରମ୍ଭରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିବାଦ ଘନେଇବାରୁ ଏହି ପ୍ରସଙ୍ଗରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ହସ୍ତକ୍ଷେପ କରିଥିଲା। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଗତ ଜାନୁୟାରୀ ୧୯ରେ କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ୩ ମାସର ଅପେକ୍ଷା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରଠାରେ ରବିବାରଠାରୁ ପୁଣି ଧାରଣା ଦେଇଛନ୍ତି। ସେମାନଙ୍କ କହିବା ହେଲା, ଏପ୍ରିଲ ୨୧ରେ ମହିଳା କୁସ୍ତିଯୋଦ୍ଧାମାନେ କେନ୍ଦ୍ରୀୟ ଦିଲ୍ଲୀର କନ୍ନଟ ଥାନାକୁ ଏତଲା ଦେବା ପାଇଁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ଗ୍ରହଣ କରିଥିଲା, କିନ୍ତୁ ଏଫ୍‌ଆଇଆର୍ କପି ୩ ଘଣ୍ଟା ପର୍ଯ୍ୟନ୍ତ ଦେଇ ନ ଥିଲା। ଅଭିଯୋଗକାରିଣୀମାନଙ୍କ ପ୍ରତି ପୋଲିସର ବ୍ୟବହାର ଚକିତ କରିଦେବା ଭଳି ଥିଲା। ଏଭଳି ଆଭିମୁଖ୍ୟ ଘୋର ଅନ୍ୟାୟ ଓ ସେମାନଙ୍କ ମୌଳିକ ମାନବାଧିକାରଗୁଡ଼ିକର ଖୋଲା ଉଲ୍ଲଂଘନ। ଏନେଇ ୭ ମହିଳା କୁସ୍ତିଯୋଦ୍ଧା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦିଲ୍ଲୀ ପୋଲିସର ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଇନାନୁସାରେ ଏଫ୍‌ଆଇଆର୍ ହେବା କଥା। କିନ୍ତୁ ମାମଲା ରୁଜୁ କରିବା ପରିବର୍ତ୍ତେ ପୋଲିସ କର୍ମଚାରୀମାନେ ଅଭିଯୋଗପତ୍ରର ଫଟୋ ଉଠାଇ ଲୋକଙ୍କ ନିକଟକୁ ପଠାଉଥିଲେ। ୩ ଦିନ ହେଲା ପୋଲିସ କିଛି କରୁନାହିଁ। ଯଦି ତଦନ୍ତ କମିଟି ବ୍ରିଜ୍‌ଭୂଷଣଙ୍କୁ କ୍ଲିନ୍‌ଚିଟ୍ ଦେଇଛି, ତେବେ ତାକୁ ସାର୍ବଜନୀନ କରାଯିବା ଉଚିତ। କିନ୍ତୁ ଅନୁରୋଧ ସତ୍ତ୍ୱେ କ୍ରୀଡ଼ା ମନ୍ତ୍ରଣାଳୟ ଓଭରସାଇଟ୍ କମିଟିର ଉକ୍ତ ରିପୋର୍ଟକୁ ସାର୍ବଜନୀନ କରୁନାହିଁ। ତେଣୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଆବେଦନକାରିଣୀମାନେ ନିବେଦନ କରିଛନ୍ତି।

ମେଡାଲ ବିଜେତା ଓ ବିକ୍ଷୋଭରତ କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗକୁ ମଙ୍ଗଳବାର ସୁପ୍ରିମକୋର୍ଟ ଗମ୍ଭୀରତା ସହ ନେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଦ୍ୟାବଧି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦିଲ୍ଲୀ ପୋଲିସକୁ ପ୍ରଶ୍ନ କରିଛନ୍ତି। ୭ ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ପ୍ରଥମେ ଏହାର ଶୁଣାଣି ଆସନ୍ତା ଶୁକ୍ରବାର କରିବାକୁ ସ୍ଥିର କରିଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ତତ୍କାଳ ବିଚାର ପାଇଁ ନିଷ୍ପତ୍ତି ନେଲେ। ସିବଲ କହିଥିଲେ, ଜଣେ ନାବାଳିକାଙ୍କ ସମେତ ୭ ଅଭିଯୋଗକାରିଣୀ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିବା ସତ୍ତ୍ୱେ ପୋଲିସ ଏଫ୍‌ଆଇଆର୍ ରୁଜୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି କି କମିଟି ରିପୋର୍ଟ ମଧ୍ୟ ସାର୍ବଜନୀନ କରାଯାଇ ନାହିଁ। ଏଭଳି ଗମ୍ଭୀର ଅଭିଯୋଗକୁ ନେଇ ଏଫ୍‌ଆଇଆର୍ ପଞ୍ଜୀକରଣ ନ କରିବା ଅଭିଯୋଗରେ ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ଚାଲିପାରିବ। ଏହା ଉପରେ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ନୋଟିସ କରିବା ସହ ଶୁକ୍ରବାର ପରବର୍ତ୍ତୀ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଅଭିଯୋଗକୁ ଖଣ୍ଡନ କରିଆସିଥିବା ବ୍ରିଜ୍‌ଭୂଷଣ ଏବେ ମାମଲା ସୁପ୍ରିମକୋର୍ଟକୁ ଯାଇଥିବାରୁ ଏନେଇ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

## ପ୍ରକାଶ ସିଂ...

ଝିଅ ପରନୀତ କୌର ରହୁଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୨୦୨୨ ପର୍ଯ୍ୟନ୍ତ ନିର୍ବାଚନୀ ରାଜନୀତିରେ ସକ୍ରିୟ ରହିଥିବା ବାଦଲ ହେଉଛନ୍ତି ଦେଶର ସର୍ବବରିଷ୍ଠ ପ୍ରାର୍ଥୀ। ସେ ତ୍ରୟୋଦଶ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ି ଏଏପି ପ୍ରାର୍ଥୀ ଗୁରମିତ୍ ସିଂ ଖୁଡିଆନଙ୍କଠାରୁ ହାରିଯାଇଥିଲେ। ଏହା ପରେ ସେ କ୍ୱଚିତ୍ ରାଜନୀତିରେ ସକ୍ରିୟ ରହିଥିଲେ। ବାଦଲ ରାଜନୀତି କ୍ୟାରିୟରରେ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୫୨ରେ ସେ ସର୍ବକନିଷ୍ଠ ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେହିପରି ୧୯୭୦ରେ ସେ ପଞ୍ଜାବର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୨ରେ ସେ ଥିଲେ ସର୍ବବରିଷ୍ଠ ମୁଖ୍ୟମନ୍ତ୍ରୀ। ସେ ୫ ଥର ମୁଖ୍ୟମନ୍ତ୍ରୀ ରହିଥିଲେ। ଗୋଟିଏ ଥର ଲୋକ ସଭାକୁ ନିର୍ବାଚିତ ହୋଇ ସେ ସ୍ୱଳ୍ପ ସମୟ ପାଇଁ କେନ୍ଦ୍ରରେ କୃଷିମନ୍ତ୍ରୀ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ଦୁଃଖ ଦୂର କରିଦେବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଶନିଙ୍କ କ୍ରୁର ଦୃଷ୍ଟିରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ମଧ୍ୟରେ ଅତିବାହିତ କରାଇବ। ଆଜି ଦିନଟିରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। ସଭାସମିତି, କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ଆଜି ଆର୍ଥିକ, ସାମାଜିକ ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ହେବ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇପଡ଼ିବେ। ପାରିବାରିକ ସ୍ତରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଆଜି ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଦୃତି ଲାଭ କରିବ।

**ସିଂହ**
କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ପଛେଇ ରହିବେ। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଅସ୍ଥିର କରି ରଖିପାରେ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚିହ୍ନା ପଡ଼ିବାକୁ ପସନ୍ଦ କରିବେ ନାହିଁ। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ।

**କନ୍ୟା**
କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ି ପାରନ୍ତି। ମିତବ୍ୟୟିତା ଗୁଣ ଅବଲମ୍ବନ କରି ଅନାବଶ୍ୟକ ଜିନିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଗୁରୁତର ଆକାର ଧାରଣ କରିବ ନାହିଁ। ସମ୍ପର୍କୀୟମାନେ ପଛରେ ଶ୍ରୁତିକଟୁ କଥା କହିପାରନ୍ତି।

**ତୁଳା**
ଦୀର୍ଘ ଦିନରୁ ରହିଥିବା ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିପାରେ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ପରିବହନରେ ବିଭିନ୍ନ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**
ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ମନର ଦୁଃଖକୁ ମନ ଭିତରେ ଲୁଚାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ମାନସିକ ସନ୍ତୁଳନ ହରାଇବା କାରଣରୁ ଦିନଟି ବିଶେଷ ଉପଭୋଗ୍ୟ ନ ହୋଇପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି।

**ଧନୁ**
ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
ପ୍ରତ୍ୟେକ କାମ ମନ୍ଥର ଗତିରେ ହେଉଥିବାରୁ ସାମାନ୍ୟ ବିରକ୍ତ ହେବେ। ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ରହି ପ୍ରୀତିପ୍ରଦ ହେବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ।

**ମୀନ**
ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତିଙ୍କ ଗ୍ରହଣୀୟ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ସଭାସମିତିରେ ସହମତି ମାଧ୍ୟମରେ କାମ କରିପାରିବାରେ ଅସୁବିଧା ରହିବ ନାହିଁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୪ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୦.୦୯ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

# ନିୟମିତ ଉଲ୍ଲଂଘନକାରୀ ଗଣିବେ ଅଧିକ ବୀମା ରାଶି

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଉ ନାହିଁ। ଏହାକୁ ହ୍ରାସ କରିବା ଲାଗି ରାଜ୍ୟ ସରକାର ଯେତେ ପ୍ରକାର ଉଦ୍ୟମ କରୁଛନ୍ତି ସେସବୁ ବାରମ୍ବାର ଫେଲ୍ ମାରୁଛି। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଗତ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ କରାଯାଇଥିଲା। ଏଥିଲାଗି ସବୁ ଆର୍‌ଟିଓ ଏବଂ ପୋଲିସ ଅଧିକାରୀମାନେ ରାସ୍ତାରେ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କ ବିରୋଧରେ ଚେକିଂ କଡ଼ାକଡ଼ି କରିଥିଲେ। ଏହା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଯଦିଓ ହ୍ରାସ ପାଇଥିଲା ହେଲେ ପରିବହନ ବିଭାଗର ଏହି ମିଶନ କିନ୍ତୁ ସଫଳ ହୋଇପାରିଲା ନାହିଁ। ତେଣୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଆଉ ଏକ ନୂଆ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ନିୟମିତ ଭାବେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଅଧିକ ବୀମା ଅର୍ଥ ଆଦାୟ କରିବାକୁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ଏନେଇ ଏକ ପ୍ରସ୍ତାବ ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ସଚିବ ଅନୁ ଜେନ୍‌ଙ୍କୁ ମଙ୍ଗଳବାର ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି।

## ପରିବହନ ମନ୍ତ୍ରଣାଳୟ ସଚିବଙ୍କୁ ରାଜ୍ୟ ପରିବହନ ସଚିବଙ୍କ ଚିଠି

ସଚିବ ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସଡ଼କ ଦୁର୍ଘଟଣା ଯୋଗୁ ଦେଶରେ ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକଙ୍କ ଜୀବନହାନି ଘଟୁଛି। ବହୁ ଲୋକ ଦୁର୍ଘଟଣାରେ ଅକର୍ମଣ୍ୟ ହୋଇଯାଉଛନ୍ତି। ଏପରି କି ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କ ପରିବାର ଆର୍ଥିକ ସମସ୍ୟା ଏବଂ ମାନସିକ ଚାପ ମଧ୍ୟକୁ ଠେଲି ହୋଇଯାଉଛନ୍ତି। ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସବୁବେଳେ ଅଗ୍ରାଧିକାର ଦେଇଆସିଛନ୍ତି। ସୁପ୍ରିମକୋର୍ଟ କମିଟି ପକ୍ଷରୁ ଗଠନ କରାଯାଇଥିବା ଅଡିଟ୍ ଟିମ୍‌ର ରିପୋର୍ଟ ମୁତାବକ ଓଡ଼ିଶା ସଡ଼କ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ରାଜ୍ୟ। ଏହି ଅଡିଟ୍ ଅନୁଯାୟୀ ଓଡ଼ିଶାକୁ ସଡ଼କ ସୁରକ୍ଷା ନେଇ ୬୭% ମାର୍କ ମିଳିଛି। ଏହାଛଡ଼ା ଓଡ଼ିଶା ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ନେଇ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉଚ୍ଚକୋଟିର ଏବଂ ଏହାକୁ ଅନ୍ୟ ରାଜ୍ୟଗୁଡ଼ିକ ଅନୁକରଣ କରିବା ପାଇଁ ଉକ୍ତ ଅଡିଟ୍ ଟିମ୍ ପକ୍ଷରୁ କୁହାଯାଇଛି। ନିୟମିତ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ଅଧିକ ସଚେତନ କରିବା ଲାଗି ରାଜ୍ୟମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଡ଼କ ସୁରକ୍ଷା କାଉନ୍‌ସିଲ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ନିୟମିତ ଭାବେ ଟ୍ରାଫିକ ନିୟମର ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଅଧିକ ବୀମା ରାଶି ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି।

ଗତ ମାର୍ଚ୍ଚ ୩୦ ତାରିଖରେ ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀଗୁଡ଼ିକ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଇନ୍‌ସ୍ୟୁରାନ୍ସ କମ୍ପାନୀଗୁଡ଼ିକ ମଧ୍ୟ ସଡ଼କ ସୁରକ୍ଷା ଲାଗି ଯାହାସବୁ ସହଯୋଗ ଦରକାର ତାହା ଲାଗୁ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଦେଶର ଅନେକ ରାଜ୍ୟ ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିଛନ୍ତି। ବାହାନ ଏବଂ ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି (ଆଇଆର୍‌ଡିଏ)ର ତଥ୍ୟ ଅନୁଯାୟୀ ଯେଉଁମାନେ ଟ୍ରାଫିକ ନିୟମ ନିୟମିତ ଭାବେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ସେମାନଙ୍କଠାରୁ ବୀମା ରାଶିର ରିନ୍ୟୁଆଲ ସମୟରେ ଅଧିକ ରାଶି ଆଦାୟ କରାଯିବ। ସେହି ଅଧିକ ବୀମା ଅର୍ଥ ରାଜ୍ୟ ସରକାର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ କରାଯିବ। ଏ ସମ୍ବନ୍ଧୀୟ ଅଧିକ ନିଷ୍ପତ୍ତି ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ନେବେ ବୋଲି ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ନିଜ ବନ୍ଧୁକରୁ ଗୁଳିଫୁଟି ସିଆର୍‌ପିଏଫ୍ ସେକେଣ୍ଡ ଇନ୍ କମାଣ୍ଡାଣ୍ଟଙ୍କ ମୃତ୍ୟୁ

## କାରଣ ଅସ୍ପଷ୍ଟ



ସୁନୀଲ କୁମାର

**ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨୫।୪**

ରାୟଗଡ଼ା ଇନ୍ଦିରା ନଗରସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ହେଡ୍ କ୍ୱାର୍ଟର୍ସରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ସର୍ଭିସ ରିଭଲଭର (ଏକେ-୪୭)ରୁ ଗୁଳି ଫୁଟି ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ସୁନୀଲ କୁମାର(୫୪)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଛାତିରେ ଗୁଳି ବାଜିଛି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ସୁନୀଲ ଆତ୍ମହତ୍ୟା କରିଛନ୍ତି କି ଅସାବଧାନତାରୁ ଗୁଳି ଫୁଟି ମୃତ୍ୟୁ ହୋଇଛି ସେ ନେଇ ସିଆର୍‌ପିଏଫ୍ କିମ୍ବା ଜିଲା ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ବିହାର ରାଜ୍ୟ ସୀତାମଢ଼ି ଜିଲା ଅନ୍ତର୍ଗତ ବାଲ୍‌ହା ଗ୍ରାମର ସୁନୀଲ ୬ ମାସ ତଳେ ଝାଡ଼ଖଣ୍ଡରୁ ବଦଳି ହୋଇ ଆସି ରାୟଗଡ଼ା ସିଆର୍‌ପିଏଫ ହେଡ କ୍ୱାର୍ଟର୍ସରେ ସେକେଣ୍ଡ ଇନ କମାଣ୍ଡାଣ୍ଟ ଭାବେ ନିଯୁକ୍ତ ହୋଇଥିଲେ। ରାୟଗଡ଼ାରେ ରହିବା ମଧ୍ୟରେ ୩ ମାସ ବିଭିନ୍ନ ରାଜ୍ୟକୁ ନିର୍ବାଚନ ଡ୍ୟୁଟିରେ ଯାଇ କିଛିଦିନ ହେଲା ହେର୍ଡ କ୍ୱାର୍ଟର୍ସକୁ ଫେରିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ସୁନୀଲ ନିଜ କାର୍ଯ୍ୟାଳୟରେ ଥିବା ସମୟରେ ଗୁଳି ଫୁଟିବା ଶବ୍ଦ ହୋଇଥିଲା। ଏହାଶୁଣି କେତେଜଣ ଅଧିକାରୀ ସେଠାକୁ ଦୌଡ଼ି ଯାଇଥିଲେ। ଛାତିରେ ଗୁଳିବାଜି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁନୀଲ ଟଳି ପଡିଥିବା ଓ ପାଖରେ ଏକେ-୪୭ ଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସିଆର୍‌ପିଏଫ ଅଧିକାରୀମାନେ ତୁରନ୍ତ ଏ ସମ୍ପର୍କରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ଦେବଜ୍ୟୋତି ଦାସ, ସିଆର୍‌ପିଏଫ କମାଣ୍ଡାଣ୍ଟ ମନୋଜ କୁମାର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଚତୁର୍ଥ ବାଟାଲିୟନ କ୍ୟାମ୍ପରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶରୀରର ଆଉ କୌଣସି ସ୍ଥାନରେ ଗୁଳି ବାଜିଛି କି ନାହିଁ ଜାଣିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଏକ୍ସ-ରେ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ସୁନୀଲ ପରିବାର ସହିତ ରାୟଗଡ଼ା ଠାରେ ରହୁଥିଲେ। ସ୍ତ୍ରୀ ପାଖରେ ଥିବାବେଳେ ପୁଅ ବାହାରେ ରହି ପାଠ ପଢୁଛନ୍ତି। ମୃତଦେହକୁ ସୁନୀଲଙ୍କ ନିଜ ଗ୍ରାମକୁ ପଠାଇବା ପାଇଁ ସିଆରପିଏଫ ବ୍ୟବସ୍ଥା କରିଛି।

# ସ୍ତ୍ରୀ ପ୍ରେମିକଙ୍କ ତଣ୍ଟି କାଟି ସ୍ୱାମୀ ଗିରଫ

**ପାଟଣା,୨୫।୪(ସ୍ୱ.ପ୍ର.):** ପରକୀୟା ପ୍ରୀତି ସନ୍ଦେହ କରି କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ନୂଆସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କ ପ୍ରେମିକଙ୍କ ତଣ୍ଟି କାଟି ଦେବା ଅଭିଯୋଗରେ ସ୍ୱାମୀଙ୍କୁ ତୁରୁମୁଙ୍ଗା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାରିଆ ଥାନା ଅଧୀନ ଜଜପଶି ଅଞ୍ଚଳର ଚିନ୍ମୟ ମୁଣ୍ଡା(୩୨)। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୫୭/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନୂଆସାହିର ଭାଗୀରଥି ମୁଣ୍ଡା ନାମକ ଯୁବକ ସୋମବାର ଅପରାହ୍ନରେ ଘର ବାରଣ୍ଡାରେ ଖଟରେ ଶୋଇଥିଲେ। ଚିନ୍ମୟ ଏକ ବାଇକ୍‌ରେ ଆସି ଧାରୁଆ ବ୍ଲେଡ୍‌ରେ ଭାଗୀରଥିଙ୍କ ତଣ୍ଟି କାଟି ଦେଇ ଫେରାର ହୋଇଯାଇଥିଲେ। ପୋଲିସ ସୋମବାର ରାତିରେ ତୁରୁମୁଙ୍ଗା ବଜାରରୁ ତାଙ୍କୁ ଗିରଫ କରିଥିଲା। ଭାଗୀରଥି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଭାଗୀରଥି ୨ ମାସ ତଳେ ଚିନ୍ମୟଙ୍କ ସ୍ତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ନେଇ ପଳାଇ ଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ ଘଟାଇଥିବା ନେଇ ଚିନ୍ମୟ ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ଆଇ ଯମୁନା ମାରାଣ୍ଡି କହିଛନ୍ତି।

# ଶୁଣ୍ଢରେ ଟେକି ମହିଳାଙ୍କୁ କଚାଡ଼ିଦେଲା

- ଅନୁଗୋଳ ବନଖଣ୍ଡରେ ପୁଣି ହାତୀ ଆକ୍ରମଣ
- ଗୁରୁତର ମହିଳା କଟକରେ ଚିକିତ୍ସାଧୀନ

**ଅନୁଗୋଳ ଅଫିସ, ୨୫।୪:** ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜରେ ଆତଙ୍କ ଖେଳାଇଛି ହାତୀ। ସୋମବାର ବଡ଼କନ୍ତକୁଳ ଗ୍ରାମ ଆମ୍ବତୋଟାରେ ହାତୀ ୨ ମହିଳାଙ୍କ ଜୀବନ ନେଇଥିବା ବେଳେ ମଙ୍ଗଳବାର ତଳଗଡ଼ ପଞ୍ଚାୟତ ପୋଡାସାହିର ମହିଳା ନନ୍ଦିନୀ ଝାଙ୍କର(୩୮) ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନନ୍ଦିନୀଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସକାଳ ୬ଟା ୪୫ରେ ନନ୍ଦିନୀ ଗାଁ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ଅନ୍ୟ ଲୋକମାନେ ପାଟି କରିବାରୁ ହାତୀଟି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକମାନେ ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ବନ୍ତଳା ରେଞ୍ଜର ନିଳାଦ୍ରୀନାଥ ସାହୁ ଓ ଅନ୍ୟ କର୍ମଚାରୀ ମେଡିକାଲରେ ପହଞ୍ଚି ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କୁ କଟକ ପଠାଇବା ବ୍ୟବସ୍ଥା କରିଥିଲେ। ପରେ ବନ ବିଭାଗ ପକ୍ଷରୁ ଆକ୍ରମଣକାରୀ ହାତୀକୁ ବାରଗୌଣିଆର ଭୁବନପୁର ଠାରେ ଠାବ କରାଯାଇଥିଲା। ଏ ସମ୍ପର୍କରେ ରେଞ୍ଜର ସାହୁ କହିଛନ୍ତି, ସେଠାରେ ୪ଟି ହାତୀ ରହିଥିବାରୁ ଲୋକଙ୍କୁ କେନ୍ଦୁପତ୍ର ତୋଳିବା ପାଇଁ ଯିବାକୁ ମନା କରାଯାଇଥିଲା। କିନ୍ତୁ ଲୋକମାନେ ଅବୁଝା ହୋଇ ଜଙ୍ଗଲ ଭିତରକୁ ଯାଉଥିବାରୁ ଏପରି ଅଘଟଣ ଘଟୁଛି। ଗୁରୁତର ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ।

# ପିଲାଙ୍କ ବହି ବିକିବା ଘଟଣା: ସିଆର୍‌ସିସି ନିଲମ୍ବିତ

## ଭୀମପଡ଼ା ସିଆର୍‌ସିସିଙ୍କୁ ଅତିରିକ୍ତ ଦାୟିତ୍ୱ



ସିଆର୍‌ସିସି ମନମୋହନ ମିଶ୍ର

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୫।୪(ଡି.ଏନ୍.ଏ.)**

କବାଡ଼ିଆଙ୍କୁ ପିଲାଙ୍କ ବହି ବିକ୍ରି କରିବା ଘଟଣାରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଦେଉଳି କ୍ଲଷ୍ଟରର ସିଆର୍‌ସିସି ମନମୋହନ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ତାଙ୍କୁ ପୂର୍ବ କାର୍ଯ୍ୟସ୍ଥଳୀ ତାଳଡୁମ୍ବସ୍ଥିତ ପଶ୍ଚିମଦେବ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପଠାଇ ଦିଆଯାଇଛି। ଭୀମପଡ଼ା ସିଆରସିସି ରବୀନ୍ଦ୍ର ନାଥ ବେହେରାଙ୍କୁ ଦେଉଳି କ୍ଲଷ୍ଟର ପରିଚାଳନା ନିମନ୍ତେ ଅତିରକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ଘଟଣାର ବିଭାଗୀୟ ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ.ନିରଞ୍ଜନ ମହାନ୍ତି କହିଛନ୍ତି।

ପ୍ରକାଶ ଯେ, ଦେଉଳି ସତ୍‌ମାର୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥ କ୍ଲଷ୍ଟର କାର୍ଯ୍ୟାଳୟକୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ବହିକୁ ସୋମବାର ସିଆର୍‌ସିସି ମନମୋହନ କବାଡ଼ିଆଙ୍କୁ ବିକ୍ରି କରୁଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ବହି ବିକ୍ରିକୁ ବିରୋଧ କରିବା ସହ ସିଆର୍‌ସିସି ଓ କବାଡିଆଙ୍କୁ ଅଟକ ରଖିଥିଲେ। ଖବରପାଇ ପଞ୍ଚାୟତ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପହଞ୍ଚି ଘଟଣା ସମ୍ପର୍କରେ ବିଇଓଙ୍କୁ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ। ବିଇଓ ଅନ୍ୟ କାମରେ ବାହାରେ ଥିବାରୁ ଏବିଇଓ ସିଦ୍ଧେଶ୍ୱର ସାହୁ ଏବଂ କୈଳାସ ନାଥ ସ୍ୱାଇଁଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବହି ବିକ୍ରି ପାଇଁ ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଦୁଇ ଏବିଇଓ ବହିଗୁଡ଼ିକ ଜବତ କରିବା ସହ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କଠାରୁ ସିଆର୍‌ସିସି ମନମୋହନ ଓ କବାଡିଆଙ୍କୁ ମୁକୁଳାଇଥିଲେ। ମଙ୍ଗଳବାର ବିଇଓ ମହାନ୍ତି ଦୁଇ ଏବିଇଓଙ୍କ ପ୍ରାଥମିକ ରିପୋର୍ଟ ଓ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ସିଆର୍‌ସିସି ମନମୋହନଙ୍କୁ ନିଲମ୍ବିତ କରିଥିଲେ। ତେବେ ଏ ସମ୍ପର୍କରେ ବିଇଓ ମହାନ୍ତି କୁହନ୍ତି, ଜବତ ହୋଇଥିବା ବହି ଚଳିତ ଶିକ୍ଷାବର୍ଷର କିମ୍ବା ପୁରୁଣା ବହି ତଦନ୍ତ କରାଯିବ। ସେ ପୁରୁଣା ବହି ବିକ୍ରି ଲାଗି ମସୁଧା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ରିପୋର୍ଟ ଯାହା ଆସିବ, ତଦନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।

# ଯୁବକଙ୍କୁ ରାତିସାରା ପିଟି ମାରିଦେଲେ ବାପପୁଅ

**ମୋରଡ଼ା/ବେତନଟୀ,୨୫।୪(ଡି.ଏନ୍.ଏ.)**

## ପରକୀୟା ପ୍ରୀତି ସନ୍ଦେହ

ପରକୀୟା ପ୍ରୀତି ସନ୍ଦେହରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ରାତିସାରା ପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବେତନଟୀ ଥାନା ଅଧୀନ ଭାଲିଆଡିହା ପଞ୍ଚାୟତ କେନ୍ଦୁଛାଟିଆ ଗ୍ରାମରେ। ମୃତକ ହେଲେ ସୁନାରାମ ଟୁଡୁ(୨୫)। ତାଙ୍କ ଘର ସୁରେଇଡିହି ପଞ୍ଚାୟତ ଗଣ୍ଡିଗୋଧା ଗ୍ରାମରେ। ଅଭିଯୁକ୍ତ ହେଲେ ଗ୍ରାମର ଜାସାୟ ଟୁଡୁ ଏବଂ ତାଙ୍କ ୧୭ବର୍ଷୀୟ ପୁଅ। ସକାଳୁ ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିବା ପରେ ବାପ ଓ ପୁଅଙ୍କୁ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବାପ ଓ ପୁଅଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସହ ମାମଲା(ନଂ. ୧୫୭/୨୩) ରୁଜୁ କରିଛି।

ସୁନାରାମଙ୍କ ସହ ତାଙ୍କ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ଥିବା ଜାସାୟ ସନ୍ଦେହ କରି ଆସୁଥିଲେ। ସୋମବାର ଗ୍ରାମରେ ଜାହିରା ପୂଜା ବେଳେ ପାରମ୍ପରିକ ନୃତ୍ୟ ଚାଲିଥିଲା। ଏହି ସମୟରେ ସୁନାରାମଙ୍କ ସହ ଜାସାୟଙ୍କ ସ୍ତ୍ରୀ ନୃତ୍ୟ କରିଥିଲେ। ଏହାପରେ ସେମାନେ କୁଆଡ଼େ ଚାଲିଯିବାରୁ ଜାସାୟଙ୍କ ସନ୍ଦେହ ହୋଇଥିଲା। ଜାସାୟ ତାଙ୍କ ପୁଅକୁ ଡାକି ଖୋଜାଖୋଜି କରିଥିଲେ। ନିଛାଟିଆ ସ୍ଥାନରେ ଥିବା ଏକ ଘରେ ଉଭୟଙ୍କୁ ଦେଖି ଜାସାୟ ଏବଂ ତାଙ୍କ ପୁଅ ସୁନାରାମଙ୍କୁ ଧରି ଆଣି ଏକ ଗଛରେ ବାନ୍ଧି ରଖି ରାତିତମାମ କାଠଫାଳିଆରେ ନିଘୁଛ ପିଟି ପିଟି ମାରିଦେଇଥିଲେ। ସକାଳେ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଜାତି ପରମ୍ପରାରେ ହୋଇନାହିଁ ଶେଷକୃତ୍ୟ



ଆହତ କାଳିଆଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରୁଛନ୍ତି ଏସ୍‌ଟି କମିଶନ ସଦସ୍ୟ।

## ଆହତଙ୍କୁ ଭେଟିଲେ ଜାତୀୟ ଏସ୍‌ଟି କମିଶନ ସଦସ୍ୟ

- ମୃତକଙ୍କ ପରିବାରକୁ ଭେଟିପାରିଲେ ନାହିଁ

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ଦଙ୍ଗା ଘଟଣାରେ ଧୁଧୁରା ଥାନା ଭବାନୀପାଲି ଗ୍ରାମର ଆହତ ବିଶ୍ୱନାଥ ଶିଖା ଓରଫ କାଳିଆଙ୍କୁ ମଙ୍ଗଳବାର ଜାତୀୟ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାଏକ ଓ ବିଭାଗର ୨ ବରିଷ୍ଠ ଅଧିକାରୀ ଭେଟିଛନ୍ତି। ହେଲେ ସାନସିଂହାରି ଗ୍ରାମର ମୃତକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାର ଅନୁପସ୍ଥିତ ଥିବାରୁ ସେମାନେ ଭେଟିପାରି ନ ଥିଲେ। ପରେ ସେମାନେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ସହ ସ୍ଥାନୀୟ ସର୍କିଟ ହାଉସରେ ଆଲୋଚନା କରିଥିଲେ।

ସର୍କିଟ୍ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କମିଶନ ସଦସ୍ୟ ନାଏକ କହିଥିଲେ, ସମ୍ବଲପୁରରେ ହିଂସା ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରୁ ଖବର ମିଳିବା ସହ ଅଭିଯୋଗ ମଧ୍ୟ ହୋଇଥିଲା। ଏହାକୁ ନେଇ କମିଶନ ତଦନ୍ତ ଆବଶ୍ୟକ ଥିବା ହୃଦ୍‌ବୋଧ କରିଥିଲା। ତେଣୁ କମିଶନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମୃତ ଚନ୍ଦ୍ରଶେଖରଙ୍କ ଘରକୁ ଯାଇଥିଲୁ। ସେଠାରେ ପରିବାରବର୍ଗ ଅନୁପସ୍ଥିତ ରହିଥିଲେ। ସେମାନେ ଶ୍ରାଦ୍ଧ କାର୍ଯ୍ୟ ପାଇଁ ବାହାରକୁ ଯାଇଥିବା ଜାଣିବାକୁ ପାଇଥିଲୁ। ପାଖ ପଡ଼ୋଶୀଙ୍କ ସହ ଆଲୋଚନା କରି ଫେରିଲୁ। ପରେ ଭବାନୀପାଲି ଯାଇ ଆହତ ବିଶ୍ୱନାଥଙ୍କୁ ଭେଟି ଆକ୍ରମଣ ଘଟଣା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରିଛୁ। ସମସ୍ତ ରିପୋର୍ଟ କମିଶନ ଅଧ୍ୟକ୍ଷଙ୍କୁ ଦିଆଯିବ। ତଦନ୍ତ ଚାଲିଥିବାରୁ ଗଣମାଧ୍ୟମ ଆଗରେ ସ୍ପଷ୍ଟକରି କିଛି କହିହେବ ନାହିଁ। ହେଲେ ଆହତ କାଳିଆ ପ୍ରଶାସନର ସହଯୋଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ଆଗରେ କାଳେ ଭୟରେ କିଛି କହିବେ ନାହିଁ, ସେଥିପାଇଁ କାଳିଆଙ୍କୁ ଏକୁଟିଆ ପଚରାଉଚୁରା କରିଥିଲୁ। ଗସ୍ତ ପୂର୍ବରୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଚିଠିକରି ସୂଚନା ଦିଆଯାଇଥିଲା। ମୃତକଙ୍କ ପରିବାର ଅନୁପସ୍ଥିତ ରହିବା ଚିନ୍ତାଜନକ। ଯେଭଳି ଆଶା ରହିଥିଲା ପ୍ରଶାସନ ତଦନ୍ତରେ ସହଯୋଗ କଲା ନାହିଁ। ମୃତ ଚନ୍ଦ୍ରଶେଖରଙ୍କ ଶେଷକୃତ୍ୟ ରାତିଅଧିଆ କରାଯାଇଥିବା ଜାଣିବାକୁ ପାଇଲୁ, ଯାହା ଜାତିର ପରମ୍ପରା ବାହାରେ। ଶେଷକୃତ୍ୟ ହେବା ସମୟରେ ପରିବାର ସହ ଜାତିର ଲୋକମାନେ ଉପସ୍ଥିତ ରହିଥାନ୍ତି। ତେଣୁ ଏହା ଠିକ୍ ହୋଇ ନାହିଁ। ଏଭଳି ଘଟଣା ଜାତିକୁ ଆଘାତ ଦେଇଛି। ଆଦିବାସୀ ଲୋକମାନେ ଝଗଡ଼ା କରନ୍ତି ନାହିଁ। ସେମାନଙ୍କ ସହ ପ୍ରଶାସନ ଓ ସାମାଜିକ ସ୍ତରରେ ସହଯୋଗର ବାତାବରଣ ରହିବା ଆବଶ୍ୟକ। ଜାତିଆଣ ଆକ୍ଷେପ ମାମଲାରେ କ୍ଷତିପୂରଣ ବାବଦରେ ଟଙ୍କା ଦିଆଯାଇଛି ବୋଲି କମିଶନ ସଦସ୍ୟ କହିଥିଲେ। ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏପ୍ରିଲ ୧୨ ଓ ୧୪ରେ ସହରରେ ହିଂସା ଘଟଣା ଘଟିଥିଲା। ଚନ୍ଦ୍ରଶେଖର ଓ କାଳିଆ ଶୋଭାଯାତ୍ରାରେ ଯୋଗଦେଇ ଘରକୁ ଫେରିବା ସମୟରେ ରିଂରୋଡ୍‌ରେ ମାରଣାସ୍ତ୍ରରେ ଗୋଷ୍ଠୀଗତ ଆକ୍ରମଣ ହୋଇଥିଲା। ଘଟଣାସ୍ଥଳରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଥିବା ବେଳେ କାଳିଆ ଆହତ ହୋଇଥିଲେ।

# ବଜ୍ରପାତରେ ବୃଦ୍ଧ ମୃତ, ୨ ଗୁରୁତର

**ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଶିମିଳିପାଳ ପଞ୍ଚାୟତର ଘଡ଼ ଗ୍ରାମରେ ମଙ୍ଗଳବାର ବଜ୍ରପାତ ଘଟି ମଳିଆ ପେଣ୍ଡୋଇଙ୍କ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ମଳିଆ ଗାଧୋଇ ଘରକୁ ଫେରୁଥିବାବେଳେ ବଜ୍ରପାତ ହେବାରୁ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସେହିପରି ସାପୋଇନାଳୀ ଗ୍ରାମରେ ବଜ୍ରପାତ ଘଟି ବୃଦ୍ଧା ଦ୍ରୌପଦୀ ପୋଡ଼ ଓ ତାଙ୍କ ନାତୁଣୀ ପ୍ରୀତି ପୋଡ଼ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତୁରନ୍ତ ମୃତ ଓ ଗୁରୁତରଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।





CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A LADY for office work. +2 above. Phulnakhara, Cuttack.
Ghara free + Fooding + 10000 + Bonus with other facilities.
7809525452

ବ୍ଲକ/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
9668180637

APPOINTMENT
GIMPEX PVT. LTD. - A reputed star export house - is looking for a Young & Energetic Person in the age group of 30-45 years to be posted at their Barbil Office as its head of operation.
Candidates having adequate experience in logistics & excellent liaisoning experience with Railways both at local & divisional level may apply to "The HRD Head, Gimpex House, 282 Linghi Chetty Street, Chennai-600001"

URGENT REQUIRED
1. AutoCAD- 02 Nos.
2. Diploma / B.Tech. Civil- 10 Nos.
3. Matric to Graduate- 10 Nos.
Contact: 8093687918
7873563668

URGENTLY REQUIRED
JR. ACCOUNTANT (Exp. in Talley). DATA ENTRY OPERATOR (Talley & MS Office), COOK (For Home).
Attend interview at
Nishamani Palace, Bomikhal, Bhubaneswar-10 on any day.
Ph.No.: 9338554697

URGENT REQUIRED
A growing Milk Plant Pratichi Dairy Products Pvt. Ltd. required following post
1. Marketing Executive (8 Nos.) Salary- 15,000/- to 25,000/-
2. Sales Manager (3 Nos.) Salary 25,000/- to 40,000/-
Send your resume pratichidairyproducts@gmail.com
Mob:9938205600
(Puri, Cuttack, Bhubaneswar, Jajpur, Dhenkanal, Jagatsinghpur & Nayagarh)

Govt. of Jharkhand, Office of the Executive Engineer
Soil Investigation Division, Advance Planning, Road Construction Department, Ranchi.
Nirupan Bhawan, 3rd Floor, Room No. 413, Doranda, Ranchi-834002.
Email- eercdapsid-jhr@nic.in

e-Procurement Very Short Term Notice (PR No.-294549 Road (23-24).D)
e-Tender Ref No: RCD/SID/AP/RAN/01/2023-24 (2nd Call) Dated-24.04.2023

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Feasibility Report of Chhatarpur to Nodiha Bazar Main Road Bypass Dumariya (Bihar) via Nodiha Bazar Block Headquarter (Dist.-Daltonganj), in the state of Jharkhand. Tentative Length – 04.00 km. from the consultants empanelled with RCD under category- I vide letter No. 3063 (S) dated- 22.08.2022. |
| 2 | Tentative Length of Work | 4.00 km |
| 3 | Period of Completion of Work | 30 Days |
| 4 | Date/Time of Publication of Tender on Official Website | 26.04.2023, 05:00 PM |
| 5 | Last Date/Time of Bid Submission | 02.05.2023, 11:30 AM |
| 6 | Last Date/Time of Submission of Tender Fee & EMD | 02.05.2023, 11:30 AM |
| 7 | Date and Time of Bid opening | 03.05.2023, 12:30 PM |
| 8 | Tender Inviting Authority | E.E, S.I.D, A.P., RCD, Ranchi, Ph.- 0651-2490406 |
| 9 | Bid Submission Address | Chief Engineer (Communication),Road Construction Department, Ist Floor, Engineer Hostel No.-2, Dhurwa, Ranchi-834004 |
| 10 | Mode of Bid Submission | e-tendering(http://jharkhandtenders.gov.in) |

For further information please go through the website e-tendering (http://jharkhandtenders.gov.in)
Sd/- Executive Engineer
Soil Investigation Division, Advance Planning,R.C.D, Ranchi
PR 295887 Road (23-24)_D

कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची
ई-प्रोक्योरमेंट सूचना
नेशनल कम्पेटेटीभ बिडिंग (अल्पकालीन निविदा)
टेन्डर रेफरेंन्स नं0–प0नि0वि0/राँची–03/2023–24 दिनांक :– 24.04.2023

| | | |
|---|---|---|
| 1. | कार्य का नाम | अरगोड़ा चौक – कटहल मोड़ पथ (एम.डी.आर–018) (कुल लम्बाई–5.300 कि0मी0) के चौड़ीकरण एवं मजबूतीकरण / पुनर्निर्माण कार्य कार्य वर्ष 2023–24. |
| 2. | अनुमानित प्राक्कलित राशि (रू0 लाख में) | रू0 2128.32429 लाख (एक्कीस करोड़ अठाईस लाख बत्तीस हजार चार सौ उन्नतीस रूपये) मात्र। |
| 3. | अग्रधन की राशि (रू0 लाख में) | रू0 21.29 लाख (रूपये एक्कीस लाख उन्नतीस हजार) मात्र। |
| 4. | कार्य पूर्ण करने की अवधि | 07 (सात) महीने |
| 5. | वेबसाईट पर निविदा प्रकाशन की तिथि | 27.04.2023 10.30 बजे पूर्वाह्न |
| 6. | प्री–बीड मिटिंग की तिथि/समय | 03.05.2023 3.00 बजे अपराह्न |
| 7. | निविदा प्राप्ति की अंतिम तिथि/ समय | 10.05.2023 12.00 बजे दोपहर तक |
| 8. | निविदा खोलने की तिथि/ समय | 11.05.2023 12.30 बजे अपराह्न। |
| 9. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग,पथ प्रमंडल, मोहराबादी, राँची–834008. |
| 10. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 11. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए युकेन *(UCAN)* निबंधन आवश्यक है।
- नियम एवं शर्तो के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची
PR 295882 Road Construction Dept Road Division Ranchi (23-24)_D

❝ ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା

# ଇ-ଯାନ ସମସ୍ୟା

ଓଡ଼ିଶା ସରକାର ଇଲେକ୍ଟ୍ରିକ ଭେହିକିଲ ବା ବୈଦ୍ୟୁତିକ ଯାନ (ଇଭି) ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ଲାଗି ରିହାତି ହାର ବୃଦ୍ଧି କରିବାକୁ ନିକଟରେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଛନ୍ତି। ଇ-ଭେହିକିଲ ପଲିସି ବା ବୈଦ୍ୟୁତିକ ଯାନ ନୀତି ୨୦୨୧କୁ ଫଳପ୍ରଦ କରିବା ଲାଗି ସରକାରଙ୍କର ଏହି ପଦକ୍ଷେପ ଅନେକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ,୨୦୨୫ ସୁଦ୍ଧା ରାଜ୍ୟରେ ୨୦ ପ୍ରତିଶତ ବୈଦ୍ୟୁତିକ ଯାନ ପଞ୍ଜୀକରଣ ଲକ୍ଷ୍ୟ ନେଇ ଏହି ନୀତିକୁ ସରକାର ସେପ୍ଟେମ୍ବର ୨୦୨୧ରେ ଲାଗୁ କରିଥିଲେ। ଉକ୍ତ ନୀତିରେ ବିଭିନ୍ନ ବର୍ଗର ଉପଭୋକ୍ତା ଓ ଗାଡ଼ି ନିର୍ମାତାଙ୍କ ପାଇଁ ରିହାତି ବ୍ୟବସ୍ଥା କରାଯାଇଛି। ସେହିପରି ଜାତୀୟ ସ୍ତରରେ ନୀତି ଆୟୋଗ କହିଛନ୍ତି , ଇ-ଯାନ କ୍ଷେତ୍ରରେ ୨୦୩୦ ସୁଦ୍ଧା ଭାରତରେ ୮୦% ଦୁଇଚକିଆ ଯାନ, ୪୦% ବସ୍ ଏବଂ ୩୦-୭୦% କାର୍ ଗଡ଼ିବ। ନୀତି ଆୟୋଗ ହୁଅନ୍ତୁ କିମ୍ବା ରାଜ୍ୟ ସରକାର, ଭାବୁଛନ୍ତି ଯେ, ଇ-ଯାନକୁ ପ୍ରୋତ୍ସାହନ ଦେଲେ ଜୀବାଶ୍ମ ଇନ୍ଧନ ଦ୍ୱାରା ନିର୍ଗମନ ହେଉଥିବା କାର୍ବନ ମନୋକ୍ସାଇଡ୍ ହ୍ରାସ ହେବା ସହ ପ୍ରଦୂଷଣ ରୋକିବାରେ ପ୍ରମୁଖ ଭୂମିକା ନେବ। ହେଲେ ଇ-ଯାନ କିଣିବା ସାଧାରଣ ଭାରତୀୟ ପାଇଁ କଷ୍ଟକର। ମଧ୍ୟବିତ୍ତ ପରିବାର ପାଖରେ ସାଧାରଣତଃ ଗୋଟିଏ ଗାଡ଼ି ଥାଏ। ଆଜି ପର୍ଯ୍ୟନ୍ତ ସେହି ଗାଡ଼ି ଜୀବାଶ୍ମ ଇନ୍ଧନ( ଫସିଲ ଫୁଏଲ) ଦ୍ୱାରା ପରିଚାଳିତ ହୋଇଆସୁଛି। ଦଶବର୍ଷିଆ ନିୟମକୁ ମାନିବା ପାଇଁ ଇଚ୍ଛୁକ ନାଗରିକ ତାଙ୍କର ଗାଡ଼ି ବିକ୍ରି କରିବାକୁ ଚାହିଁଲେ କିଣିବା ପାଇଁ କେହି ନାହାନ୍ତି। ଯଦି ଗ୍ରାହକ ମିଳୁଛି ତେବେ ନିହାତି କମ୍ ଦରରେ ନେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ବିକ୍ରି ଅର୍ଥକୁ ବ୍ୟାଙ୍କରେ ଋଣ ପାଇଁ ଦେଇ ନୂଆ ଗାଡ଼ି କିଣୁଥିବା ବ୍ୟକ୍ତି ସେହି ସୁବିଧା ହାସଲ କରିବାରୁ ବଞ୍ଚିତ ହୋଇପାରନ୍ତି। ଅର୍ଥାତ୍ ମୂଳ ଜମା ପରିମାଣ ପହଞ୍ଚିବା ପାଇଁ ଗାଡ଼ି ବିକ୍ରି କଲାପରେ ନିଜ ହାତରୁ ଅର୍ଥ ଯୋଡ଼ି ବ୍ୟାଙ୍କରେ ଦେବାକୁ ପଡ଼ିବ। ଏହା ବ୍ୟତୀତ ଆଜି ପର୍ଯ୍ୟନ୍ତ ଭାରତକୁ ଆସୁଥିବା ପ୍ରାୟ ସବୁ ଇ-ଯାନ ଚାଇନା ନିର୍ମିତ ହୋଇଥିବାରୁ ସେଗୁଡ଼ିକରେ ନିଆଁ ଲାଗିଯିବା ଭଳି ଅନ୍ୟସବୁ ବିପଦ କ୍ରମଶଃ ଜଣାପଡ଼ିବ। ତତ୍‌ସହିତ ଏହିସବୁ ଗାଡ଼ିର ଚାର୍ଜିଂ କରାଇବା ପାଇଁ ଭିନ୍ନ ପ୍ରକାର ଯନ୍ତ୍ରପାତି ବ୍ୟବହୃତ ହେଉଥିବାରୁ ଜଣେ ଇ-ଗାଡ଼ି ମାଲିକ ଦୂର ବାଟ ଯିବା ପାଇଁ ଭୟ କରିବେ। କାରଣ ରାସ୍ତାରେ ଚାର୍ଜିଂ ଷ୍ଟେସନ ଆରମ୍ଭ ହୋଇନାହିଁ। ଆର୍ଥିକ ସମସ୍ୟା ବ୍ୟତୀତ ଆମକୁ ମନେରଖିବାକୁ ହେବ ଯେ, ଇ-ଯାନ ବ୍ୟବହାର କରିବାକୁ ହେଲେ ଗାଡ଼ି ବ୍ୟାଟେରିକୁ ଚାର୍ଜିଂ କରିବାକୁ ପଡ଼ିଥାଏ। ସେହି ଚାର୍ଜିଂ ପାଇଁ ବିଦ୍ୟୁତ୍ ଶକ୍ତିର ପ୍ରୟୋଜନ ପଡୁଛି। ଯେତେବେଳେ ଗାଡ଼ିର ସଂଖ୍ୟା ବଢ଼ିବ ସେତେବେଳେ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ହେବ। ମନେରଖିବାକୁ ହେବ ଯେ,ଭାରତରେ ଅଧାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବେ କୋଇଲା ଉପରେ ନିର୍ଭରଶୀଳ। ଏଣୁ ଅଧିକ ଚାହିଦା ହେଲେ ଅଧିକ କୋଇଲା ପୋଡ଼ି ବିଦ୍ୟୁତ୍ ଉତ୍ପାଦନ କରାଯିବ। ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲକୁ ବାଦ୍ ପକାଇଲେ କୋଇଲା ଧୂଆଁ ଏବଂ ପାଉଁଶରେ ଆମ ଦେଶର ଅନେକ ଅଂଶ ଅନୁଗୋଳ ଜିଲା ଭଳି 'ଆଶ୍-ପଣ୍ଡ'ରେ ବୁଡ଼ିଯିବେ। ଏଥିରୁ ବୁଝିବାକୁ ହେବ ଯେ,ଇ-ଯାନ ପଛରେ ଧାଇଁଲେ ସମସ୍ୟାର ଦୀର୍ଘମିଆଦୀ ସମାଧାନ ହେବ ନାହିଁ।

ଭାରତରେ ଅଧାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବେ କୋଇଲା ଉପରେ ନିର୍ଭରଶୀଳ। ଏଣୁ ଅଧିକ ଚାହିଦା ହେଲେ ଅଧିକ କୋଇଲା ପୋଡ଼ି ବିଦ୍ୟୁତ୍ ଉତ୍ପାଦନ କରାଯିବ। ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲକୁ ବାଦ୍ ପକାଇଲେ କୋଇଲା ଧୂଆଁ ଏବଂ ପାଉଁଶରେ ଆମ ଦେଶର ଅନେକ ଅଂଶ ଅନୁଗୋଳ ଜିଲା ଭଳି 'ଆଶ୍-ପଣ୍ଡ'ରେ ବୁଡ଼ିଯିବେ। ଏଥିରୁ ବୁଝିବାକୁ ହେବ ଯେ,ଇ-ଯାନ ପଛରେ ଧାଇଁଲେ ସମସ୍ୟାର ଦୀର୍ଘମିଆଦୀ ସମାଧାନ ହେବ ନାହିଁ।

ତଥାପି ଇ-ଯାନ ପାଇଁ ସମସ୍ତଙ୍କ ମନରେ ପ୍ରବଳ ଇଚ୍ଛା ଏବଂ ନୀତିନିର୍ଦ୍ଧାରକମାନଙ୍କର ନିଶା ଭାରତକୁ ଏକ ନୂଆ ବିପଦ ଆଡ଼େ ଟାଣି ନେଇପାରେ। ଏଭଳି ପରିସ୍ଥିତିକୁ ବୁଝିପାରିଥିବାରୁ ବ୍ରାଜିଲ ଭଳି ଦେଶ ତାହାର ସବୁଗାଡ଼ିକୁ ଇଥାନଲରେ ଚଳାଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକର ଆଣବିକ ବିଦ୍ୟୁତ୍ କେନ୍ଦ୍ର ଥିବାରୁ କୋଇଲାଜନିତ ପ୍ରଦୂଷଣ ହେଉନାହିଁ। ସରକାର ଇ-ଯାନ ଗାଡ଼ି ନିର୍ମାତାଙ୍କ ଚାପରେ କିଛି ରିହାତି ଯାଚି ଦେଉଛନ୍ତି। କିନ୍ତୁ ଏହି ପରିବର୍ତ୍ତନ ଦ୍ୱାରା ଭବିଷ୍ୟତରେ ନୂତନ ପ୍ରକାର ସମସ୍ୟା ସୃଷ୍ଟିହେବାର ସବୁ ସମ୍ଭାବନା ରହିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | 9 | | 4 | | 2 | | | |
| 3 | | | | | | | 1 | |
| 2 | | | | 7 | | 8 | | |
| | 8 | 1 | 9 | 6 | | | 3 | |
| 6 | | | | | 4 | 9 | | |
| | | | | | | | | |
| 4 | | | | | | 5 | | |
| | | 8 | 6 | 2 | 1 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 8 | 3 | 5 | 4 | 6 |
| 5 | 3 | 8 | 7 | 6 | 4 | 2 | 9 | 1 |
| 4 | 6 | 1 | 5 | 9 | 2 | 7 | 8 | 3 |
| 3 | 7 | 4 | 8 | 5 | 1 | 6 | 2 | 9 |
| 6 | 8 | 9 | 4 | 2 | 7 | 3 | 1 | 5 |
| 1 | 5 | 2 | 6 | 3 | 9 | 4 | 7 | 8 |
| 8 | 9 | 3 | 2 | 7 | 6 | 1 | 5 | 4 |
| 2 | 4 | 6 | 9 | 1 | 5 | 8 | 3 | 7 |
| 7 | 1 | 5 | 3 | 4 | 8 | 9 | 6 | 2 |

ଗତକାଲିର ଉତ୍ତର

# ନିଯୁକ୍ତି ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ



ଡ. ସନ୍ତୋଷ କୁମାର ମହାପାତ୍ର

କରୋନା ମହାମାରୀ ସମୟରେ 'ଆତ୍ମନିର୍ଭର ଭାରତ' ସ୍ଲୋଗାନ ଦିଆଯାଇଥିଲା। ସେହିପରି ସ୍ୱାବଲମ୍ବୀ ଓଡ଼ିଶା ବା ଆତ୍ମନିର୍ଭର ଓଡ଼ିଶା କଥା କୁହାଯାଉଛି। କିନ୍ତୁ ଚିନ୍ତାର ବିଷୟ ହେଉଛି 'ଆତ୍ମ ନିର୍ଭର ଭାରତ' କେବଳ ସ୍ଲୋଗାନରେ ରହିଯାଇଛି। କିନ୍ତୁ ବର୍ତ୍ତମାନ, 'ଆତ୍ମନିର୍ଭର ବା ସ୍ୱାବଲମ୍ବନ କଥା କହି ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବା ଚାକିରି ସୃଷ୍ଟି କରିବାରେ ସରକାରଙ୍କ ବିଫଳତାକୁ ଘୋଡ଼ାଇବାକୁ ପ୍ରୟାସ କରାଯାଉଛି। ଏପରି କି ଶାସକ ଶ୍ରେଣୀ ପରୋକ୍ଷରେ ସନ୍ଦେଶ ଦେବାକୁ ଚାହାନ୍ତି ଯେ ଶିକ୍ଷିତ ବେକାରିଙ୍କ ପାଇଁ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ଶାସକ ଶ୍ରେଣୀ ତଥା କିଛି କିଣା ବୁଦ୍ଧିଜୀବୀଙ୍କ ତରଫରୁ କୁହାଯାଉଛି ଯେ ଜଣେ ଚାକିରି ପଛରେ ନ ଦୌଡ଼ି ନିଜେ ଔଦ୍ୟୋଗତାକୁ ଆଦରି ନେଇ ଚାକିରି ସୃଷ୍ଟି କରିବା ଉଚିତ।

ଏହାକୁ ଉପରକୁ ଶୁଣିବାକୁ ଭଲ ଲାଗୁଛି। କିନ୍ତୁ ବାସ୍ତବରେ ଜଣେ ସାଧାରଣ ଲୋକ ପାଇଁ ଉଦ୍ୟୋଗୀ ହେବା ଏତେ ସହଜ ନୁହେଁ। ଯଦି ସହଜ, ତେବେ ଛୋଟ, ବଡ଼ ଅନେକ ଘରୋଇ ଓ ସରକାରୀ ସଂସ୍ଥା, ବ୍ୟବସାୟିକ ସଂସ୍ଥା, କ୍ଷୁଦ୍ର ଉଦ୍ୟୋଗ, ଶିଳ୍ପ ରୁଗ୍ଣ କାହିଁକି ହେଉଛି ବା ବନ୍ଦ ହେଉଛି। କାହିଁକି ପୁଣି ଚାଲୁ କରାଯାଇପାରୁ ନାହିଁ। ତାହାର ମୂଳ କାରଣ ସେହି ସବୁ ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଓ ସେବାର ଚାହିଦା ବା କ୍ରେତାର ଅଭାବ। ଚାହିଦା ବା କ୍ରେତାର ଅଭାବର କାରଣ ହେଲା ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇବା। କ୍ରୟଶକ୍ତି ହ୍ରାସ ପାଇବାର ଏକ କାରଣ ହେଲା ନିଯୁକ୍ତି ସଂକୋଚନ ହେବା, ଛଟେଇ ବୃଦ୍ଧି ପାଇବା, ଲୋକଙ୍କ ହାତକୁ କାମ ନ ମିଳିବା। ଅନ୍ୟ ଏକ କାରଣ ହେଲା ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବା ବିକିବାକୁ ଆବଶ୍ୟକଠାରୁ ବେଶି ବିକ୍ରେତା ଅଛନ୍ତି। ମନେକର ଜଣେ ପକୁଡ଼ି, ବରା ଗୋଟିଏ ଜାଗାରେ ବିକୁଛି। ତାହାର ୫୦ ଜଣ ଗ୍ରାହକ ଅଛନ୍ତି। ସେ ମାସକୁ ୨୦ ହଜାର ଟଙ୍କା ଲାଭ କରୁଛି। ଆତ୍ମନିର୍ଭର ହେବା ନାଁରେ ସେଠି ଆଉ ୫ ଜଣ ଶିକ୍ଷିତ ଯୁବତୀଯୁବକ ବା ଅନ୍ୟ ଲୋକ ପକୁଡ଼ି ବରା ବିକିଲେ। ଯଦି ଗ୍ରାହକ ସଂଖ୍ୟା ନ ବଢ଼ିଲା, ତେବେ ସମସ୍ତଙ୍କର ବିକ୍ରି କମ୍ ହେବ ଏବଂ କ୍ଷତି ସହିବେ। ଆମ ଘର ପାଖରେ ଆମେ ନିଜେ ଦେଖିଛୁ ଯେ କ୍ରେତା ଅଭାବରୁ କିପରି ଅନେକ ଦୋକାନୀ ତାଙ୍କ ବ୍ୟବସାୟ କାରବାର ବନ୍ଦ କରିଛନ୍ତି।



ପୁନଶ୍ଚ ଅନେକ ସମୟରେ ଗୋଟିଏ ସଂସ୍ଥା ଅନ୍ୟକୁ ଦୁର୍ବଳ କରି ଉଠିଥାଏ। ସାମଗ୍ରିକ ଭାବେ ଉତ୍ପାଦନ ଓ ନିଯୁକ୍ତି ବୃଦ୍ଧି ପାଏନା। ଗୋଟିଏ ସଂସ୍ଥାରେ ଯେତିକି ଉତ୍ପାଦନ ଓ ନିଯୁକ୍ତି ବୃଦ୍ଧିପାଏ, ଅନ୍ୟ କେଉଁଠି ସେତିକି ହ୍ରାସ ପାଇଥାଏ। ଅନେକେ କହନ୍ତି ଯେ ଅମକ ଘରୋଇ ସଂସ୍ଥା ଏତେ ଉତ୍ପାଦନ କରିଛି ଏବଂ ଏତେମାତ୍ରରେ ନିଯୁକ୍ତି ସୃଷ୍ଟି କରିଛି। କିନ୍ତୁ ସତ୍ୟ ହେଉଛି, ଯେତିକି ଉତ୍ପାଦନ ଓ ନିଯୁକ୍ତି ସେହି ସଂସ୍ଥା ନୂତନ ଭାବେ ସୃଷ୍ଟି କରିଛି, ଅନୁରୂପ ଭାବେ ଅନ୍ୟ କେଉଁଠି ସମ ପରିମାଣରେ ବା କମ୍ ବା ବେଶି ଉତ୍ପାଦନ ଓ ନିଯୁକ୍ତି ସଙ୍କୋଚନ ହୋଇଥିବ। ଆଉ କୌଣସି ଶିଳ୍ପ ଦୁର୍ବଳ ବା ରୁଗ୍ଣ ହୋଇଥିବ, ଏପରି କି ବନ୍ଦ ହୋଇଥିବ।

ଅନେକ ସମୟରେ କୌଣସି ସଂସ୍ଥା ବନ୍ଦ ହୋଇଯିବାର ଏକ କାରଣ ହେଲା ଯେ ସମୟ ଅନୁସାରେ ସେହି ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଅନାବଶ୍ୟକ ହୋଇପଡ଼ିବା ବା ତାହାଠାରୁ ଆଉ ଏକ ଉନ୍ନତ ମାନର ଦ୍ରବ୍ୟ ବା ସେବା ଉପଲବ୍ଧ ହେବା। ଏକଦା କୋଡାକ ରିଲ୍‌ର ଚାହିଦା ବିଶ୍ୱବ୍ୟାପୀ ଥିଲା। ଡିଜିଟାଲ କ୍ୟାମେରା, ମୋବାଇଲ ଆସିବା ପରେ ବର୍ତ୍ତମାନ ଏହାର କୌଣସି ସ୍ଥିତି ନାହିଁ। କାଇନେଟିକ୍ ହୋଣ୍ଡାର ଚାହିଦା ଏପରିଥିଲା ଯେ ଏହା ସହଜରେ ମିଳୁ ନ ଥିଲା, କିନ୍ତୁ ବର୍ତ୍ତମାନ ବିଲୁପ୍ତ। ବଜାଜ୍ ସ୍କୁଟର ଆଗରୁ ବୁକ୍ କରିବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଆଉ ଦେଖିବାକୁ ମିଳୁନି।

ସମସ୍ତେ ଭଲ ବ୍ୟବସାୟ, ବାଣିଜ୍ୟ କରିପାରିବେ ନାହିଁ କି ଭଲ ଉଦ୍ୟୋଗୀ ହୋଇପାରିବେ ନାହିଁ। ସଫଳ ଉଦ୍ୟୋଗୀ ହେବାପାଇଁ ଶାସକ ଶ୍ରେଣୀର ରାଜନୈତିକ ନେତା, ପ୍ରଶାସକଙ୍କ ସମର୍ଥନ ମଧ୍ୟ ଆବଶ୍ୟକ। ଏଥିରେ ମଧ୍ୟ ଅନିଶ୍ଚିତତା ଏବଂ ଟେନ୍‌ସନ ରହିଛି। ''ଜୋର ଯା'ର ମୂଳକ ତା'ର''ନୀତି ବେଶି କାର୍ଯ୍ୟ କରିଥାଏ। ଏପରି କି ଏଥିରେ ମାନିପୁଲେସନ ଆବଶ୍ୟକ। ସମସ୍ତେ ମାନିପୁଲେସନ କରିପାରିବେ ନାହିଁ। ବହୁତ କମ ଲୋକ ଅଛନ୍ତି ଯେଉଁମାନେ ସତ୍ ଉପାୟରେ ସଫଳ ଶିଳ୍ପପତି ବା ବ୍ୟବସାୟୀ ହୋଇଛନ୍ତି। ଅନେକ ଅତିକମରେ ଟିକସ ଫାଙ୍କିଥାନ୍ତି। ଏହାର ଅର୍ଥ ନୁହେଁ, ଜଣେ ଭଲ ଉଦ୍ୟୋଗୀ ବା ଶିଳ୍ପପତି ବା ବ୍ୟବସାୟୀ ହେବାପାଇଁ ଚେଷ୍ଟା ନ କରୁ, କିନ୍ତୁ ଏସବୁ ସଂଗଠିତ କ୍ଷେତ୍ରରେ ସରକାର ନିଯୁକ୍ତି ସୃଷ୍ଟି କରିବାର ବିକଳ୍ପ ନୁହେଁ। ପୁନଶ୍ଚ ଜଣେ ପାଠ ପଢ଼ିଲା ବେଳେ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଥାଏ। ସେଥିରୁ ଭଲ ଚାକିରି କରିବା ଅନ୍ୟତମ। ଚାକିରି ସୃଷ୍ଟି ନ ହେଲେ ଯୁବ ସମାଜ ପଥଭ୍ରଷ୍ଟ ହେବ ଓ ସାମାଜିକ ଅସ୍ଥିରତା ବୃଦ୍ଧିପାଇବ।

ପୁନଶ୍ଚ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି କରିବାକୁ ହେଲେ ପ୍ରଥମେ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ଆବଶ୍ୟକ। ଜଣେ ଚାକିରି କଲେ ଗୋଟିଏ ଟିଭି, ଗାଡ଼ି, ଘର ତଥା ବିଭିନ୍ନ ଦ୍ରବ୍ୟ ଓ ସେବା କିଣିପାରେ। ଡ୍ରାଇଭର, ଘର କାର୍ଯ୍ୟ ପାଇଁ ମହିଳା ନିଯୁକ୍ତି ଦେଇପାରେ। ବିଭିନ୍ନ ଜିନିଷ ବେଶିମାତ୍ରାରେ କିଣିପାରେ। ଏଣୁ କ୍ରେତା ବୃଦ୍ଧି ପାଇଁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ଆବଶ୍ୟକ। ଏଣୁ ଆତ୍ମ ନିର୍ଭର କଥା କହି ସରକାର, କମ୍ପାନୀମାନେ ଅଧିକ ନିଯୁକ୍ତି ବା ଚାକିରି ସୃଷ୍ଟି କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ମୁକ୍ତ ବୋଲି ଭାବିବା ଅନୁଚିତ। ଏକଥା ସତ୍ୟ ସମସ୍ତଙ୍କୁ ଚାକିରି ଯୋଗାଇ ଦେଇହେବ ନାହିଁ, କିନ୍ତୁ ନିଯୁକ୍ତି ବୃଦ୍ଧି ପରିବର୍ତ୍ତେ କିପରି ହ୍ରାସ କରାଯାଉଛି।

ପୁନଶ୍ଚ ବ୍ୟବସାୟ, ଉଦ୍ୟୋଗତାକୁ ଆଦରି ନେଇ ସଫଳ ହେବା ପାଇଁ ଭିନ୍ନ ଦକ୍ଷତା ଆବଶ୍ୟକ। ଯଦି ଆତ୍ମନିର୍ଭର ହେବାପାଇଁ ସୁଯୋଗ ଥା'ନ୍ତା, ତେବେ ଅଳ୍ପ କିଛି ଅର୍ଥ ପାଇଁ ଆଜି ଯୁବତୀଯୁବକ ରାଜନେତାଙ୍କ ହାତବାରିସ ହୁଅନ୍ତେ ନାହିଁ କି ସାମାଜିକ ଗଣମାଧ୍ୟମରେ ସମାଲୋଚକ, ବୁଦ୍ଧିଜୀବୀଙ୍କ ବିରୁଦ୍ଧରେ ଘୃଣା ସୃଷ୍ଟି କରନ୍ତେ ନାହିଁ। ଅବଶ୍ୟ ଘୃଣା ସୃଷ୍ଟିକରିବା, ମିଥ୍ୟା ଓ ଅର୍ଦ୍ଧସତ୍ୟ ଖବର ପ୍ରସାର କରିବା ଏକ ନିଯୁକ୍ତି ବୋଲି ବିବେଚନା କରାଯାଉଛି। କାରଣ ଏହି କାର୍ଯ୍ୟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ଯୁବତୀଯୁବକଙ୍କୁ କିଛି ଅର୍ଥ ବିନିମୟରେ ନିଯୁକ୍ତି ଦେଉଛନ୍ତି , ଯାହା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳେ। କିନ୍ତୁ ଏହା ଠିକ୍ ନୁହେଁ। ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଇଁ ପ୍ରଚେଷ୍ଟା ହେବା ଉଚିତ।

Email:skmohapatra67@gmail.com
ମୋ:୯୪୩୭୨୦୮୭୬୨

# ନ କହିଲେ କୁଳ ଭାସି ଯାଏ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆମ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରାକୁ ସବୁବେଳେ ବିଶେଷ ମର୍ଯ୍ୟାଦା ଦିଆଯାଇଛି। ଏପରି କି ଗୁରୁଙ୍କୁ 'ସାକ୍ଷାତ ଈଶ୍ୱର' ରୂପ ବୋଲି କୁହାଯାଇଛି। ଶିଷ୍ୟ ଜୀବନକୁ ଅନୁଶାସନ, ସଂଯମ ଏବଂ ଶିକ୍ଷାର ପୁଟ ଦେଇ, ଉତ୍ତମ ମଣିଷଟିଏରେ ପରିଣତ କରିବାର ଗୁରୁଦାୟିତ୍ୱ ଶିକ୍ଷକଙ୍କ କାନ୍ଧରେ ରହିଥାଏ। ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁନାଗରିକ ହେବାର କାମନା ପ୍ରତି ମାତା ପିତାଙ୍କ ଅନ୍ତରର ଇଚ୍ଛା। ହେଲେ ଏସବୁ କିଛି ଦଶନ୍ଧି ପୂର୍ବେ ସମ୍ଭବ ହେଉଥିଲା। ବର୍ତ୍ତମାନ ପରିସ୍ଥିତି ଅନ୍ୟ ପ୍ରକାରର। ଶିକ୍ଷକମାନେ ପିଲାଙ୍କ ଭୁଲ୍ ପାଇଁ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରର କଥା, ପଦେ ଅଧେ ଗାଳି କରିବା ପାଇଁ ବି ନିରାପଦ ମଣୁ ନାହାନ୍ତି। ଲାଗୁଛି ବିଦ୍ୟାଳୟ ରୂପକ 'ଦଣ୍ଡମୁକ୍ତ ଅଞ୍ଚଳ'ରେ ପିଲାଙ୍କୁ ଆକଟ କରିବାର ଅଧିକାର ଟିକକ ବି ଶିକ୍ଷକମାନଙ୍କଠାରୁ ଛଡ଼େଇ ନିଆଯାଇଛି। ଶିକ୍ଷକମାନେ ମଧ୍ୟ ଭୟ ପାଇବା ସ୍ୱାଭାବିକ; କାରଣ ପିଲାଙ୍କୁ ସୁଧାରିବାକୁ ଯାଇ ସେମାନଙ୍କୁ ଅନୁଶାସନରେ ରଖିବାର ପରିଣାମ ସ୍ୱରୂପ ଅଭିଭାବକଙ୍କ ଅଭିଯୋଗ ଓ ଅସନ୍ତୋଷ ଜନକ ଶବ୍ଦଦ୍ୱାରା ଶିକ୍ଷକମାନେ ଅପଦସ୍ଥ ହେଉଛନ୍ତି।

ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ କଥା ଧରାଯାଉ। ଜଣେ ଶିକ୍ଷକ ପିଲାଙ୍କୁ ପାଠ ପଢ଼େଇବା ସହିତ ଆହୁରି ଅନେକ କାମରେ ଜଡ଼ିତ ଥାଆନ୍ତି। ପିଲାଙ୍କ ଆଡ୍‌ମିଶନ, ମଧ୍ୟାହ୍ନଭୋଜନ ବ୍ୟବସ୍ଥାର ତତ୍ତ୍ୱାବଧାନ, ବହି ବିତରଣ, ପରୀକ୍ଷା ଖାତା ମୂଲ୍ୟାୟନ ଭଳି କାମରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗ ଶିକ୍ଷାଦାନ ଓ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ; ମାତ୍ର ଜନଗଣନା ପାଇଁ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା, ଟିକାକରଣରେ ଯୋଗଦାନ, କୋଭିଡ୍ ସମୟରେ ଘର ଘର ଯାଇ ସଂକ୍ରମିତଙ୍କ ଯାଞ୍ଚ ଓ ଗଣନା, ରାଜ୍ୟ ବାହାରୁ ଆସିଥିବା କୋଭିଡ୍ ସଂକ୍ରମିତଙ୍କ ନିୟମିତ ଫୋନ ଯୋଗେ ସୁସ୍ଥତା ପରୀକ୍ଷା, ବିଦ୍ୟାଳୟ ବନ୍ଦ ଥିବା ଯୋଗୁ ପିଲାଙ୍କ ଘରକୁ ଯାଇ ପଢ଼ାବହି ବଣ୍ଟନ ଭଳି ଆହୁରି ଅନେକ କାର୍ଯ୍ୟଭାର ସେମାନଙ୍କ ଉପରେ ନ୍ୟସ୍ତ କରାଯାଏ। ମନରେ ପ୍ରଶ୍ନ ଉଠେ ଏସବୁ କାମ ଶିକ୍ଷକମାନଙ୍କୁ କେଉଁ ଆଧାରରେ କରିବାକୁ କୁହାଯାଉଛି ! ନିଶ୍ଚିତ ଭାବରେ ଏମାନେ ଜନସାଧାରଣଙ୍କ ସହ ଦୃଢ଼ ଭାବରେ ସମ୍ପୃକ୍ତ ବୋଲି। ପିଲାଙ୍କ ଜରିଆରେ ଶିକ୍ଷକ/ ଶିକ୍ଷୟିତ୍ରୀ ପୂରା ସମାଜକୁ ଅନୁପ୍ରାଣିତ, ଉତ୍ସାହିତ ଏବଂ ପ୍ରେରିତ କରିବେ ବୋଲି ସରକାରଙ୍କ ଧାରଣା।

ଏତେ ସବୁ କାମର ଚାପ ଭିତରେ ଶିକ୍ଷକ ପିଲାମାନଙ୍କୁ ଠିକ୍‌ରୂପେ ପାଠ ପଢ଼େଇବା କେତେଦୂର ସମ୍ଭବ ହେଉଥିବ ! ଶିକ୍ଷାଗ୍ରହଣ ଏକ ସାଧନା ହେଲେ ଶିକ୍ଷାଦାନ ମଧ୍ୟ କମ୍ ଗୁରୁ ଦାୟିତ୍ୱର କାର୍ଯ୍ୟ ନୁହେଁ! ଯଦି ବିଦ୍ୟାଦାନ ସମୟରେ ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟର ଅନ୍ୟ କାର୍ଯ୍ୟଭାରରେ କ୍ଲାନ୍ତ, ଅବସନ୍ନ ହେବେ ; ଅନିଚ୍ଛା ସତ୍ତ୍ୱେ ବାଧ୍ୟତାମୂଳକ ଭାବରେ ପାଠ ପଢ଼େଇବେ ତେବେ ସେ ଅଧ୍ୟାପନାର ମୂଲ୍ୟ କେତେ ଏବଂ ସେଥିରୁ ପିଲାମାନେ କ'ଣ ଆହରଣ କରିବେ ତାହା ଏକ ବଡ଼ ପ୍ରଶ୍ନବାଚୀ!

ଦୁଇ ବର୍ଷ ତଳେ ଆମେ ଦେଖିଛେ, କୋଭିଡ୍ କଟକଣା ସତ୍ତ୍ୱେ ଶିକ୍ଷକମାନେ ପ୍ରତିଦିନ ଘରେ ରହି କିମ୍ବା ବିଦ୍ୟାଳୟକୁ ଯାଇ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ପିଲାମାନେ ବିଦ୍ୟାଳୟକୁ ନ ଆସି ମଧ୍ୟ ପାଠପଢ଼ାରେ ଅସୁବିଧା ନ ହେବ ବୋଲି ୟୁ- ଟ୍ୟୁବ୍‌ରେ ପାଠ ପ୍ରସ୍ତୁତ କରୁଥିଲେ ; ଯାହା ପାଇଁ ସେମାନଙ୍କୁ ଅଧିକ ଶ୍ରମଦାନ ଓ ପ୍ରଚେଷ୍ଟା କରିବାକୁ ହୋଇଥିଲା। ଭିଡିଓ ପ୍ରସ୍ତୁତି ପାଇଁ ଲାଗୁଥିବା ଅଧିକ ସମୟ ତାଙ୍କୁ ବିଦ୍ୟାଳୟ ଓ ଘରର ନିତିଦିନିଆ କାମ ସହିତ କରିବାକୁ ପଡୁଥିଲା। ସତ କହିବାକୁ ଗଲେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ କର୍ମବ୍ୟସ୍ତତା ଓ କାର୍ଯ୍ୟଭାର କ୍ରମେ ବଢ଼ିଯାଇଛି। ଏବେ ସବୁ ସ୍ୱାଭାବିକତା ଫେରିଆସିବା ପରେ ସେମାନେ ବିଦ୍ୟାଦାନ ଛଡ଼ା ବିଦ୍ୟାଳୟର ଅନ୍ୟ କାମରେ ମଧ୍ୟ ଜଡ଼ିତ ରହୁଛନ୍ତି। ମାତ୍ର ଦୁଃଖର ବିଷୟ, ଏତେ ସବୁ କରିବା ସତ୍ତ୍ୱେ ସେମାନଙ୍କର ଦରମା ବୃଦ୍ଧି କିମ୍ବା ଛୁଟି ମିଳିବାର ସମ୍ଭାବନା ନାହିଁ।



ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ତା' ଜୀବନ କାଳରେ ପଦୋନ୍ନତି ପାଇବାର ବେଶି ସମ୍ଭାବନା ନ ଥାଏ। ବେଶିରୁ ବେଶି ହେଲେ ଜଣେ କନିଷ୍ଠରୁ ବରିଷ୍ଠ ଶିକ୍ଷକ ଏବଂ ଅତି ବେଶିରେ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ହୋଇ ଅବସର ଗ୍ରହଣ କରନ୍ତି। ଅନ୍ୟାନ୍ୟ ସଂସ୍ଥା ଭଳି ଯଦି କିଛି ପରୀକ୍ଷା ଦେବାର ସୁଯୋଗ ସୃଷ୍ଟି କରାଯାଇ ସେମାନଙ୍କ ପଦୋନ୍ନତି ସମ୍ଭବ ହେଉଥାନ୍ତା, ତା' ହେଲେ ଶିକ୍ଷକମାନେ ଆହୁରି ଉତ୍ସାହିତ ହେଉଥାନ୍ତେ। ଅଧ୍ୟାପନା କ୍ଷେତ୍ରରେ ଏପରି ଏକ ପରିବର୍ତ୍ତନ ସଭିଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିପାରନ୍ତା।

ଥରେ ଭାବି ଦେଖନ୍ତୁ ତ ଶିକ୍ଷକଙ୍କ ବିନା ଶିକ୍ଷାଦାନରେ ସମାଜରେ କୌଣସି ବୃତ୍ତି ସମ୍ଭବପର କି ? ବିଚାରଯୋଗ୍ୟ ଯେ ସମାଜରେ ବହୁ ପ୍ରତିଷ୍ଠିତ ଡାକ୍ତର, ଇଞ୍ଜିନିୟର, ଅଫିସର, ବୈଜ୍ଞାନିକ, ବ୍ୟବସାୟୀ, ମହାକାଶଚାରୀ ଆହୁରି ଅନେକ ପଦବୀଧାରୀଙ୍କୁ ସୃଷ୍ଟି କରୁଥିବା ଶିକ୍ଷକଗୋଷ୍ଠୀ ଆଜି ନିଜେ କେତେ ସୁବିଧା ଓ ସୁଯୋଗ ପାଉଛନ୍ତି ? ସେମାନଙ୍କ ଶିକ୍ଷା, ସଂସ୍କାର, ଆଦର୍ଶରେ ଅନୁପ୍ରାଣିତ ହୋଇ ପିଲାମାନେ ଜୀବନରେ ସଫଳତା ଲାଭ କରୁଛନ୍ତି ସତ; କିନ୍ତୁ ବାସ୍ତବରେ ଏହା ବଦଳରେ ମଣିଷ ସମାଜ ଓ ସରକାରଠାରୁ ସେମାନେ ପାଉଛନ୍ତି କ'ଣ ? ଅବଶ୍ୟ ଗୁରୁ ଶବ୍ଦର ମହନୀୟତା ତ ବିନା କୌଣସି ସ୍ୱାର୍ଥ ଓ ଲାଭ ଆଶାରେ ଶିକ୍ଷାଦାନ କରିବା।

ସରକାରୀ କିମ୍ବା ବେସରକାରୀ ପ୍ରତି ସ୍ତରରେ ଶିକ୍ଷକ / ଶିକ୍ଷୟିତ୍ରୀମାନେ ନିଜର ପରିଶ୍ରମ, ଶିକ୍ଷାଦାନ ପ୍ରତି ସମର୍ପଣ ମନୋଭାବ ଏବଂ ପିଲାଙ୍କ ପ୍ରତି ଭଲ ପାଇବାରେ ସମ୍ପୂର୍ଣ୍ଣ ଯୋଗଦାନ କରିଆସୁଛନ୍ତି। ଗୁରୁ ବିନା ଶିଷ୍ୟ ଜୀବନରେ ସଫଳତା ହାସଲ କରିବା ଅସମ୍ଭବ। ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଜୀବନର ପ୍ରତି କ୍ଷେତ୍ରରେ କେହି ନା କେହି ଗୁରୁ ସାଜି ମାର୍ଗଦର୍ଶନ ଦେଲେ ହିଁ ବ୍ୟକ୍ତି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ। ଏଣୁ, ଏବେ ସମୟ ଆସିଛି ଏହାର ପ୍ରତି ବଦଳରେ ସେମାନଙ୍କୁ କିଛି ଦେବା। ଆଉ କିଛି ନ ହେଲା ନାହିଁ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଯଥୋଚିତ ସମ୍ମାନ, ଆଦର ସହିତ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉତ୍ତମ ବ୍ୟବହାର ଦେଖାଇଲେ, ଏହା ହିଁ ହେବ ସେମାନଙ୍କ ପ୍ରତି ଉତ୍କୃଷ୍ଟ ଗୁରୁଦକ୍ଷିଣା। ଉପରୋକ୍ତ ସବୁ ତଥ୍ୟ ବିଷୟରେ ସମସ୍ତେ ଅଳ୍ପବହୁତ ଅବଗତ, ମାତ୍ର ଏହାକୁ ମାନି କାର୍ଯ୍ୟରେ ପରିଣତ କରିବାରେ ହେଳା ବା ସଂକୋଚ ସେଇଟା ପାଠକେ କହିବେ। ଏ ଅକିଞ୍ଚନ ଲେଖିକା ସ୍ୱତନ୍ତ୍ର ଭାବରେ ଏହି ବିଷୟ ଉପରେ ଲେଖିବାର ଆବଶ୍ୟକତା ଅନୁଭବ କରିଛି କାରଣ କଥାଟି ଏଭଳି ହେବାକୁ ଯାଉଛି..... 'କହିଲେ ତ କୁଳ କୁଟୁମ୍ବକୁ ଲାଜ....., ନ କହିଲେ କୁଳ ଭାସି ଯାଏ.....'।

ଭୁବନେଶ୍ୱର
ମୋ:୬୩୭୦୫୧୬୪୭୮

## ଏଇ ଭାରତରେ

ସେବାର ମୂଲ୍ୟ ବୁଝିଥିବା ଜଣେ ଡାକ୍ତର ଓ ତାଙ୍କ ସ୍ତ୍ରୀ ଉତ୍ତରପୂର୍ବାଞ୍ଚଳର ଗ୍ରାମୀଣ ଅଞ୍ଚଳରେ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଏହି ଦମ୍ପତି ହେଉଛନ୍ତି ସେନାର ପୂର୍ବତନ ଡାକ୍ତର ସୁନୀଲ କୌଲ ଏବଂ ଜେନିଫର୍ ଲିଆଙ୍ଗ। ସେମାନେ ମୁଖ୍ୟତଃ ମାନସିକ ରୋଗୀମାନଙ୍କୁ ଶସ୍ତାରେ ଚିକିତ୍ସା ଯୋଗାଇ ଦେଉଛନ୍ତି। ପ୍ରଥମେ ଉକ୍ତ ଦମ୍ପତି ୨୦୦୦ରେ ଗାନ୍ଧିବାଦୀ ସ୍ୱର୍ଗତ ରବୀନ୍ଦ୍ରନାଥ ଉପାଧ୍ୟାୟଙ୍କ ସହଯୋଗରେ ଉତ୍ତରପୂର୍ବାଞ୍ଚଳର ଦୁର୍ଗମ ଗାଁରେ ସେବା ଆରମ୍ଭ କରିଥିଲେ। ଏବେ ଆସାମର ୧୩ ଜିଲାର ୨୦ଟି ସ୍ଥାନରେ ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ମେଘାଳୟ ଓ ପଶ୍ଚିମବଙ୍ଗର ରୋଗୀମାନେ ବି ଚିକିତ୍ସା ସୁବିଧା ପାଉଛନ୍ତି। ଏଥିପାଇଁ ସେ ମେଣ୍ଟାଲ ଇଲ୍‌ନେସ ଟ୍ରିଟ୍‌ମେଣ୍ଟ ଆଲିଆନ୍ସ(ଏମ୍‌ଆଇଟିଏ) ଏନ୍‌ଜିଓ ଗଠନ କରିଛନ୍ତି। ଏହି ଅଭିଯାନରେ ଅନେକ ଡାକ୍ତର ବି ଯୋଡ଼ି ହୋଇଛନ୍ତି। ଏବେ ୪,୦୦୦ ଲୋକ ସେମାନଙ୍କ ଚିକିତ୍ସାରୁ ଉପକୃତ ହେଉଛନ୍ତି, ଯେଉଁମାନେ ଚିକିତ୍ସା, ଔଷଧ ବାବଦରେ ମାତ୍ର ମାସକୁ ୩୦୦ଟଙ୍କା ଦେଉଛନ୍ତି। ଏମାନଙ୍କୁ ଛାଡ଼ିଦେଲେ ବହୁ ଲୋକଙ୍କୁ ମାଗଣାରେ ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୮

- ଗୁଜରାଟର ତ୍ରୟୋଦଶ ରାଜ୍ୟପାଳ ଭାବେ ଜଷ୍ଟିସ୍ ଅଂଶୁମାନ ସିଂଙ୍କ ଶପଥ।
- ଜମ୍ମୁସ୍ଥିତ ଦ୍ରବଶାଳା ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତାକଡ଼ର ଗାତ ଭିତରକୁ ଖସିପଡ଼ିବା ଫଳରେ ୨୬ ମୃତ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ କଲେଜ ଅଧ୍ୟାପକମାନଙ୍କ ସଂଶୋଧିତ ବେତନ ହାର ଘୋଷିତ।

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଶୌଚାଳୟର ଦୁର୍ଗନ୍ଧମୟ ପରିବେଶ

ମହାଶୟ,

ପ୍ରତିଦିନ ଭାରତୀୟ ରେଳଗାଡ଼ିରେ କୋଟି କୋଟି ଲୋକ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି ; କିନ୍ତୁ ସବୁ ପ୍ରକାର ଟ୍ରେନ୍‌ର ବଗିରେ ଥିବା ଶୌଚାଳୟର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ। ଏସବୁ ଶୌଚାଳୟରେ ମଳମୂତ୍ର ପଡ଼ିରହି ଅତ୍ୟନ୍ତ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟିକରୁଛି। ଏସବୁକୁ ପ୍ରତ୍ୟେକ ଷ୍ଟେଶନରେ ଥିବା ସଫେଇ କର୍ମଚାରୀ ଆଦୌ ସଫା କରୁନାହାନ୍ତି ; ଫଳତଃ ସବୁ ଯାତ୍ରୀ ହଇରାଣ ହେଉଛନ୍ତି। ଏହା ହେଉଛି ପ୍ରତ୍ୟକ୍ଷ ଅନୁଭବର ବିଷୟ। ଅନେକ ଯାତ୍ରୀ ଶୌଚାଳୟରୁ ଫେରି ବାନ୍ତି କରୁଛନ୍ତି। ଏ ବିଷୟ ନେଇ ମୁଁ ଟୁଇଟର ଓ ଖବରକାଗଜ ମାଧ୍ୟମରେ ଅନେକ ଥର ରେଳମନ୍ତ୍ରୀଙ୍କୁ ଅବଗତ କଲିଣି ; କିନ୍ତୁ ସେ ଏହାର ସମାଧାନ କରୁନାହାନ୍ତି। ମନ୍ତ୍ରୀ ଯଦି ଭୁବନେଶ୍ୱର ଷ୍ଟେଶନରେ ରହିଥିବା କୌଣସି ଏକ ଯାତ୍ରୀବାହୀ ଟ୍ରେନ୍‌ର ଶୌଚାଳୟଗୁଡ଼ିକୁ ଆମ ଉପସ୍ଥିତିରେ ଯାଞ୍ଚ କରନ୍ତେ, ତେବେ ସେ ନିଶ୍ଚିତ ଭାବେ ଅଭିଯୋଗର ସମସ୍ୟାକୁ ଉପଲବ୍ଧି କରନ୍ତେ। ରେଳମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନକୁ ରେଳଗାଡ଼ି ଶୌଚାଳୟରେ ପ୍ରୟୋଗ କରୁନାହାନ୍ତି କାହିଁକି ? ମଳମୂତ୍ର ପଡ଼ିଥିବା ଦୁର୍ଗନ୍ଧମୟ ରେଳ ଶୌଚାଳୟରେ ଯାତ୍ରୀଗଣ ଶୌଚ କରିବେ କେମିତି ? ଏହି ଶୌଚ ସମସ୍ୟାର ସମାଧାନ କରାଯାଉ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୩ ଅଭିଯୁକ୍ତ କୋର୍ଟ ଚାଲାଣ

#### ୨ ନାବାଳିକା ଗଣ ବଳାତ୍କାର ଘଟଣା

**ଭବାନୀପାଟଣା,୨୫।୪(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ପାଜିବାହାଲ ରାସ୍ତାରେ ୨ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ରବିବାର ରାତିରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଜିବାହାଲ ଗ୍ରାମର ଅମର ହରିଜନ(୨୨), ଧନେଷ୍ଟି ନାୟକ(୨୨)ଓ ଜଣେ ନାବାଳକ। ଗିରଫ ଯୁବକଙ୍କୁ ଭବାନୀପାଟଣା ଏସଡିପିଓ ଅଫିସ୍ ଅଣାଯାଇ ଘଟଣା ସମ୍ପର୍କରେ ଜେରା କରାଯାଇଥିଲା। ପରେ ସ୍ଥାନୀୟ ସଦର ମୁଖ୍ୟ ଡାକ୍ତରଖାନାରେ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଆଇଆଇସି ଲିଙ୍ଗରାଜ ସେଠି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ତେବେ ଅତି ତରବରିଆଭାବେ ସେମାନଙ୍କୁ ରାତିରେ କୋର୍ଟ ଚାଲାଣ କରାଯାଇଥିଲେ ମଧ୍ୟ ଏନେଇ ପୋଲିସ ମୁହଁ ଖୋଲି ନାହିଁ। ଏହି ଘଟଣାରେ ଅନ୍ୟଜଣେ ଫେରାର ଥିବାବେଳେ ପୋଲିସ ୭ ଦିନ ପରେ ମଧ୍ୟ ଟେର ନ ପାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିବାବେଳେ ଆଦିବାସୀ ସଂଘ ପକ୍ଷରୁ ତୁରନ୍ତ ଗିରଫ ପାଇଁ ଦାବି ଜୋର ଧରିବାରେ ଲାଗିଛି।

### ଅଷ୍ଟପ୍ରହର ନାମ ଯଜ୍ଞ ଉଦ୍‌ଯାପିତ

**ବେହେରା,୨୫।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ବାଙ୍କିମୁଣ୍ଡା ଗ୍ରାମରେ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ ତାରିଖରେ କଳସଯାତ୍ରା ଓ ଅଧିବାସ ପୂଜନ, ୨୪ରେ ନାମରମ୍ଭ, ୨୫ରେ ନାମସମ୍ପନ୍ନ ହେବାସହ ଦଧିହାଣ୍ଡି ନଗର ପରିକ୍ରମା ପୂର୍ବକ ଭଗ୍ନ କରାଯାଇଥିଲା। ରୁକ୍ମଣ ପୂଝାରୀ ଓ ମଞ୍ଜୁଳା ପୂଝାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ନାରାୟଣ ତିୱାରୀ, ଜ୍ୟୋତିର୍ବିଦ ଭୁପେଶ ତିୱାରୀ, ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ଧ୍ରୁବ ତିୱାରୀ ଓ ମିଥଲେସ ତିୱାରୀ ପୂଜକଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଦଲସର୍ଗି ଓ ବାଙ୍କୀମୁଣ୍ଡା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗ୍ରାମର ଗୌନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ସଭାପତି ଧନପତି ପୂଝାରୀ, ସମ୍ପାଦକ ଉଜ୍ଜ୍ୱଳ ସିଂ ପୁଝାରୀ, କୋଷାଧ୍ୟକ୍ଷ ମଙ୍ଗଲୁ ପୂଝାରୀ, ହରଦୁ ସିଂ ଗୋପାଳ, କେତୁ ପୂଝାରୀ, କ୍ଷୀରସିନ୍ଧୁ ଗୋପାଳ, ଉପସଭାପତି ଅଭିରାମ ମାଝୀ, ଚେକିତାନ ପୂଝାରୀ, ଗ୍ରାମର ମହିଳା ସଙ୍ଘ ସଭାନେତ୍ରୀ ମୋହିନୀ ତିୱାରୀଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ବାଙ୍କିମୁଣ୍ଡା, ଦାବରୀଗୁଡ଼ା, ଡାଲଗୁମା, ଦାସୀଗାଁ, କରଞ୍ଜିଗୁଡ଼ା, ରଜାମୁଣ୍ଡା, ରବନଗୁଡ଼ା ଓ ଆମଜୋରର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।

# ମେ ୨୬ରୁ ରବି ଧାନକିଣା

**ବଲାଙ୍ଗୀର ଅଫିସ, ୨୫।୪**

ବଲାଙ୍ଗୀର ଜିଲାରେ ରବି ଧାନକ୍ରୟ ନିମନ୍ତେ ଜିଲାସ୍ତରୀୟ କ୍ରୟ କମିଟି ବୈଠକ ମଙ୍ଗଳବାର ଜିଲା ପାଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ, ଜିଲା ପରଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ମାଧବ କୁମାର ସାଏ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ରଥ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଜିଲା କୃଷକ ମହାସଂଘ ସଭାପତି ଜତି ପ୍ରଧାନ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ପରିଚ୍ଛା, ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ, ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, କୃଷି ବିଭାଗ, ଜଳସେଚନ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବଲାଙ୍ଗୀର ଜିଲାରେ ରବି ଧାନ କ୍ରୟ ପ୍ରକ୍ରିୟା ଓ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।




ବଲାଙ୍ଗୀର ଜିଲାସ୍ତରୀୟ ଧାନକିଣା କମିଟି ବୈଠକରେ ଉପସ୍ଥିତ ସଦସ୍ୟ, ପ୍ରତିନିଧି ଆଲୋଚନା କରୁଛନ୍ତି।

**ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ**

ବୈଠକ ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଜିଲାରେ ମେ ମାସ ୨୬ ତାରିଖଠାରୁ ରବି ଧାନକ୍ରୟ ଆରମ୍ଭ ହେବ। ଏଥି ନିମନ୍ତେ ୧୦୩ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ସମୁଦାୟ ୧୧୩ଟି ଧାନ କ୍ରୟକେନ୍ଦ୍ର ଜରିଆରେ ପଞ୍ଜୀକୃତ ଚାଷୀ ମାନଙ୍କଠାରୁ ରବି ଧାନକ୍ରୟ କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ ଘଣ୍ଟାରୁ ୧୧ ଘଟିକା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବ। ଚଳିତ ବର୍ଷ ରବିଧାନ ବିକ୍ରୟ କରିବା ପାଇଁ ଜିଲାର ୭୮୨୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ରବିଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ରେଡ ଏ ଧାନ ନିମନ୍ତେ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଗ୍ରୀଷ୍ମ ପ୍ରବାହ ତଥା ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଧାନକ୍ରୟ କେନ୍ଦ୍ରଗୁଡିକରେ ଆନୁସାଙ୍ଗିକ ବ୍ୟବସ୍ଥା କରିବା ସହ ପାନୀୟ ଜଳ, ବିଜୁଳି, ଟାରପୋଲିନ ଓ ଚାଷୀମାନଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀମାନେ ଯେପରି ରବିଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାରେ କରିପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ରାଣା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିଧାନ କ୍ରୟ ପ୍ରକ୍ରିୟାର ସମସ୍ତ ସୂଚନା ଯେପରି ଚାଷୀମାନେ ପାଇପାରିବେ ସେ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେବାସହ ଧାନକ୍ରୟ କେନ୍ଦ୍ରଗୁଡିକରେ ସିସିଟିଭିର ସଂଯୋଗ ସହ ଏହାର ଉପଯୁକ୍ତ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା, କୋଭିଡ ଉଚିତ ବ୍ୟବହାରର ଅନୁପାଳନ କରିବା, ଧାନକ୍ରୟ କେନ୍ଦ୍ରଗୁଡିକରେ ଧାନ ପହଞ୍ଚିବା ରେଜିଷ୍ଟର ଉପଲବ୍ଧ କରିବା, ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ଼ ଗଠନ କରି ନିୟମିତ ତଦାରଖ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଶେଷରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ

**କର୍ଲାମୁଣ୍ଡା,୨୫।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆମ୍ବା କାର୍ଯ୍ୟାଳୟ ସଭା ଗୃହରେ ମଙ୍ଗଳବାର ପ୍ରକଳ୍ପ ସ୍ତରୀୟ ପୋଷଣ ପାଖୟାଡା(ପକ୍ଷ)ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କୁନି ସାହୁ, ସମ୍ମାନିତ ଅତିଥିଭାବେ ବିଡିଓ ସୁଚରିତା ମୁଗ୍ରୀ, ସିଡିପିଓ ଜି. ଗୁଡଲା, ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ମିଶନ ଶକ୍ତି ବ୍ଲକ ଫେଡେରେଶନ ସମ୍ପାଦିକା ରୀନା ସାହୁ, ମିଲେଟ ମିଶନ ପ୍ରକଳ୍ପ ଏବିପିସି ପ୍ରଦୀପ କୁମାର ସାହୁ, ମିଶନ ଶକ୍ତି ବିପିସି ବିପିନ ବାରିକ, ସୁପରଭାଇଜର କୁସୁମ ମଞ୍ଜରୀ ପଣ୍ଡା, ଗୀତା ହରିଜନ, ଉର୍ମିଳା ସାହୁ, ପୋଷଣ କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ସୁରଜିତ ଧ. ମାଝୀ ପ୍ରମୁଖ ଉପସ୍ଥିତ ରହି ପୋଷଣ ପକ୍ଷ, ପୋଷଣ ତତ୍ତ୍ୱ, କ୍ଷୁଦ୍ର ଜାତୀୟ ଶସ୍ୟକୁ କିଭଳି ଖାଦ୍ୟ ରୂପେ ଗ୍ରହଣ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଶାଖାଲ ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କ୍ଷୁଦ୍ର ଜାତୀୟ ଶସ୍ୟକୁ ନେଇ ପ୍ରସ୍ତୁତ ହୋଇଥିବା ସିଙ୍ଗଡ଼ା, ବରା, ସରବତ ପାଣି, ଲଡୁ ଆଦି ଦିଆଯାଇଥିଲା। ଏହି ଅବସରରେ ଆଇସିଡିଏସ୍ କର୍ମୀଙ୍କୁ ନେଇ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଶାନ୍ତି ମେର୍ଲି( ପ୍ରଥମ), ଚନ୍ଦ୍ରକାନ୍ତି ସୁନା (ଦ୍ୱିତୀୟ),ବିଷ୍ଣୁପ୍ରିୟା ସୁନା (ତୃତୀୟ), ସ୍ଥାନ ଅଧିକାର କରିଥିଲେ। ସେହିପରି ଉତ୍କୃଷ୍ଟ ସେବା ପାଇଁ ଆଇସିଡ଼ିଏସ୍ କର୍ମୀ ମମତା ସାହୁ, ସଂଯୁକ୍ତା ବାଗ, କୁଳାବତୀ ସୁନା ଓ ବାଲ୍ୟ ବିବାହ ନିୟନ୍ତ୍ରଣ ପାଇଁ ସଫଳ କାର୍ଯ୍ୟକରୁଥିବା ସୁପରଭାଇଜର କୁସୁମ ମଞ୍ଜରି ପଣ୍ଡାଙ୍କୁ ସମ୍ମାନିତ କରାଯିବା ସହ ସୁସ୍ଥ ଶିଶୁ ଓ କିଶୋରୀ ବାଳିକାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିପିନ ବାରିକ ଧନ୍ୟବାଦ ଦେଇଥିଲେ।



ବ୍ଲକ ଅଧ୍ୟକ୍ଷା କୁନି ସାହୁ ଓ ଅନ୍ୟ ଅତିଥିମାନେ ଜଣେ ସୁସ୍ଥ ଶିଶୁକୁ ଟ୍ରଫି ଦେଉଛନ୍ତି।

# ଜନସଚେତନତା ଉପରେ ଗୁରୁତ୍ୱାରୋପ




ମ୍ୟାଲେରିଆ ଦିବସ ପାଳନ ଅବସରରେ ବଲାଙ୍ଗୀରରେ ଅନୁଷ୍ଠିତ ସଭା।

**ବଲାଙ୍ଗୀର ଅଫିସ, ୨୫।୪**

**ବଲାଙ୍ଗୀରରେ ବିଶ୍ୱ ମ୍ୟାଲେରିଆ ଦିବସ**

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା କୁବେର ଚନ୍ଦ୍ର ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମ୍ୟାଲେରିଆ ଭଳି ରୋଗକୁ କେମିତି ଅତି ଶୀଘ୍ର ଚିହ୍ନଟ କରିବା ଏବଂ ଏହାର ପ୍ରତିକାର ନିମନ୍ତେ ଅଭିନବ ପନ୍ଥା ଗ୍ରହଣ କରି ଏହାର ନିରାକରଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି କରି ଏହାର ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରାଯାଇଥିଲା। ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ ବଣ୍ଟନ ଓ ଏହାର ଉପଯୁକ୍ତ ବ୍ୟବହାର ଦ୍ୱାରା ମ୍ୟାଲେରିଆ ରୋଗକୁ ହ୍ରାସ କରାଯାଇପାରିଛି ବୋଲି ମତପ୍ରକାଶ କରାଯାଇଥିଲା। ସଭାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦିବ୍ୟକିଶୋର ପତି ମ୍ୟାଲେରିଆ ନିରାକରଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡ଼ା ସିଦ୍ଧେଶ୍ୱର ମାଝି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡ଼ା. ସୁଧା ବାର୍ଲା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ା ନମିତା ମିଶ୍ର, ଡ଼. ତୁଷାରକାନ୍ତ ଠାକୁର ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସଭା ପରିଚାଳନା କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜଳି ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ତିରୁପତିରେ ହେଲା ସତ୍କାର**

**ବେଲପଡା,୨୫।୪(ଡି.ଏନ.ଏ.)**

ଆନ୍ଧ୍ରପ୍ରଦେଶର ତିରୁପତିରେ ଦାଦନ ଖଟୁଥିବା ବଲାଙ୍ଗୀର ଜିଲା ବେଲପଡା ଥାନା ଅଞ୍ଚଳରେ ଦୁଇଜଣ ଶମିକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ସେମାନେ ହେଲେ ମଣ୍ଡଲ ପଞ୍ଚାୟତ ଅଧିନ ସର୍ଗିଗୁଡା ଗାଁର ଉପେନ୍ଦ୍ର ଠେଲାଙ୍କ ସ୍ତ୍ରୀ ଉର୍ମିଳା ଠେଲା ଓ ସୁଲେକେଲା ପଞ୍ଚାୟତ ବଙ୍ଗୋମୁଣ୍ଡାବାହାଲ ଗ୍ରାମର ବ୍ରଜ ମୋହନ ଗୁରୁ। ଉପେନ୍ଦ୍ର ଠେଲାଙ୍କ ପରିବାର ଓ ବ୍ରଜ ମୋହନଙ୍କ ପରିବାର ସ୍ଥାନୀୟ ଜଣେ ଦଲାଲଙ୍କଠାରୁ ଅଗ୍ରୀମ ନେଇ ତିରୁପତିର ଏକ ଇଟାଭାଟିକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୨୩ ତାରିଖ ରାତିରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଉର୍ମିଳା ଓ ବ୍ରଜମୋହନ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷିତ କରିଥିଲେ। ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପୋଡ଼ି ଦିଆଯାଇଛି। ପରିବାର ଲୋକେ ଗାଁକୁ ଶବ ଆଣିବାକୁ କହିଥିଲେ। ହେଲେ ସର୍ଦ୍ଦାର ଓ ଭାଟି ମାଲିକ ମୃତଦେହ ଛାଡି ନ ଥିଲେ। ଏନେଇ ଜିଲା ଶ୍ରମଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ

**ନୂଆପଡା ଅଫିସ, ୨୫।୪**

ନୂଆପଡା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ ଏବଂ ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହୋଇଛି। ରାଜଭବନଠାରେ ରାଜ୍ୟପାଳ ଗଣେଶୀ ଲାଲ ସଂଗଠନକୁ ସମ୍ବର୍ଦ୍ଧିତ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ବଳିଷ୍ଠ ଉଦ୍ୟମ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଦିଗଦର୍ଶନରେ ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଫଳ ହୋଇଛି। ଏହି ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କାଉଟ୍ସ ଏବଂ ଗାଇଡ୍ସ ଜିଲା ସମ୍ପାଦକ ମହେଶ କୁମାର ଦଣ୍ଡସେନା, ସହସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନୀ, ଜିଲା ସାଙ୍ଗଠନିକ କମିଶନର ବିଜୟ କୁମାର ନାଗ, ନିରୂପମା ପାଣିଗ୍ରାହୀ, ଜିଲା ତାଲିମ କମିଶନର ଅଶୋକ କୁମାର ବେହେରା, ସ୍କାଉଟ୍ସ ଶିକ୍ଷକ କ୍ଷମାସାଗର ସାହୁ, କର୍ଣ୍ଣ ଶବର, ଶ୍ରୀକାନ୍ତ ପୁରୋହିତ, ହେମନ୍ତ ଭୋଇ, ଭବାନୀ ଶଙ୍କର ଯୋଶୀ, ଜିତେନ୍ଦ୍ର ନାଏକ, ମାନଭଞ୍ଜନ ହୋତା, ନନ୍ଦ କୁମାର ପାଣ୍ଡେ, ତ୍ରିନାଥ ନାଗ ଉପସ୍ଥିତ ଥିଲେ ।




ଜିଲା ଶିକ୍ଷା କାର୍ଯ୍ୟାଳୟରେ ସ୍କାଉଟ୍ସ ଏବଂ ଗାଇଡ୍ସ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସ୍ମରଣିକା ଉନ୍ମୋଚନ, ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ନୂଆପଡା ଅଫିସ, ୨୫।୪**

**ମାଗୁରପାଣି ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ**

ନୁଆପଡା ସଦର ବ୍ଲକ ବୋଇରଭାଡି ପଞ୍ଚାୟତ ମାଗୁରପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବୋଇରଭାଡି ସରପଞ୍ଚ ଲକ୍ଷ୍ମୀ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମୃତିସ୍ତମ୍ଭ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ରୀ ନାଗେଶ୍ୱରୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟ ଅତିଥି, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅବସରପ୍ରାପ୍ତ ଅଧ୍ୟାପକ ଡ.ଶିବ ପ୍ରସାଦ ବେହେରା, ବିଧାୟକ ପ୍ରତିନିଧି ଜୟ ଢୋଲକିଆ ସମ୍ମାନୀତ ଅତିଥି, ପଦ୍ମଶ୍ରୀ କବି ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଶିକ୍ଷା କଳିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରତ୍ୟେକ ବର୍ଷର ମାଟ୍ରିକ ଟପର, ବିଭିନ୍ନ ଶୈକ୍ଷିକ ତଥା ସହ ଶୈକ୍ଷିକ, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପ୍ରତି ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥିମାନେ ସ୍କୁଲର ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

# ପ୍ରଶାସନିକ ଅଣଦେଖାର ପ୍ରତିବାଦ

**ମୁରିବାହାଲ, ୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗାଁ ସାଥୀସଂଘର ଏକ ବୈଠକ ମଙ୍ଗଳବାର ଯମୁନା ମାହେଶରୀ ମନ୍ଦିର ପରିସରରେ ବ୍ଲକ ସଂଘ ସଭାପତି ଗିରିଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୨୦-୨୧ ଓ ୨୧-୨୨ ଆର୍ଥିକ ବର୍ଷରେ ଅନେକ ଗାଁସାଥୀଙ୍କ ମଜୁରୀ ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇନାହିଁ। ଏହି ବିଷୟରେ ଜିଲାପାଳଙ୍କୁ ଗତ ତା୨୭।୬।୨୨ରିଖରେ ଏବଂ ମୁରିବାହାଲ ବିଡ଼ିଓଙ୍କୁ ତା୧୭।୧୧।୨୨ରିଖରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ବର୍ତ୍ତମାନ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟର ଏଷ୍ଟିମେଟରେ ଗାଁ ସାଥୀଙ୍କ ପ୍ରାପ୍ୟ (ସେମିସ୍କିଲଡ୍) କମ ରଖାଯାଉଛି କିମ୍ବା ଆଦୌ ରଖାଯାଉନାହିଁ। ସେମାନଙ୍କ ମଜୁରି ଠିକ୍ ସମୟରେ ପ୍ରଦାନ କରାଯାଉନାହିଁ। କେତେକ ସ୍ଥଳରେ ଆଦୌ ଦିଆଯାଉନାହିଁ। କୌଣସି ଏକ ପ୍ରକଳ୍ପର କାର୍ଯ୍ୟଫଳକ ଗାଁସାଥୀ ତିଆରି କଲେ ମଧ୍ୟ ଉକ୍ତ ପ୍ରାପ୍ୟ ମିଳୁନାହିଁ। ସମସ୍ତ ଅର୍ଥ ଭେଣ୍ଡର ନାଁରେ



ବୈଠକରେ ଉପସ୍ଥିତ ଗାଁ ସାଥୀମାନେ।

**ଗାଁ ସାଥୀ ସଂଘର ବୈଠକ**

ଜମାକରି ଅର୍ଥ ହଡ଼ପ କରାଯାଉଥିବା ନେଇ ଆଲୋଚନା କରାଯାଇଥିଲା । ବାରମ୍ବାର ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ଗାଁସାଥୀଙ୍କୁ ଅଣଦେଖା କରି ଆସୁଥିବାରୁ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଂଘ ପକ୍ଷରୁ ଅତିଶୀଘ୍ର ବ୍ଲକ ସମ୍ମୁଖରେ ଅନିର୍ଦ୍ଧିଷ୍ଟକାଳ ଧାରଣା ଦେବାକୁ ସର୍ବସମ୍ମତିରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସଂଘ ସମ୍ପାଦକ ବିଷ୍ଣୁ ପ୍ରସାଦ ସାହୁ, ଉପସଭାପତି ନୀଳାଦ୍ରିଭୂଷଣ ମିଶ୍ର, ସଚ୍ଚିଦାନନ୍ଦ ମହାକୁର, ସୁଦର୍ଶନ ମହାକୁର, ସଂଯୁକ୍ତାରାଣୀ ହେର୍ଣ୍ଣା, ବିଳାସିନୀ ଭରାସଗରିଆ, ଗିରିଧାରୀ ଛତ୍ରିଆ, ରାଧାକାନ୍ତ ଗହୀର, ଜଗତ ବେହେରା, ଛନ୍ଦା ଚନ୍ଦନ, ଅନିତା ସାହୁ, ଧୀରମନ ସାହୁ, ଅକ୍ଷୟ ମହାନନ୍ଦ,ଲାଲମନ ମନହୀରା, ପୁରନ୍ଦର ମହାଲିଙ୍ଗ, ଜଗବନ୍ଧୁ ହଂସ, ବେଣୁଧର ବାଗ, ମହେନ୍ଦ୍ର ରଣା, ପଞ୍ଚୁ ବେହେରା, ଅଶୋକ କମ୍ପ ପ୍ରମୁଖଙ୍କ ସହ ଗାଁସାଥୀମାନେଉପସ୍ଥିତ ଥିଲେ।

## ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ମଙ୍ଗଳବାର ପିଙ୍ଗଲା ବେ ଗ୍ରାମରୁ ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ୨୦୦୮ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଅଭିଯୁକ୍ତ ତରଣୀ ଛତ୍ରିଆ ଫେରାର ଥିଲେ। ତେବେ ତରଣୀ ଗ୍ରାମରେ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ପୋଲିସ ଟିମ୍ ଅପରାହ୍ନ ସମୟରେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଖସି ଯିବାକୁ ଉଦ୍ୟମ କରିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ସଂକ୍ଷେପରେ

## ୩୮ କୁଇଣ୍ଟାଲ ଗଞ୍ଜେଇ ଜବତ



କନ୍ଧମାଳ,୨୫।୪(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ନିକଟ ନଲିକୁଂପା ଗାଁରୁ ୩୮ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚୋରା କାରବାର ଚାଲିଥିବା ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ କୌଣସି ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ମନମୁଣ୍ଡା ଆଇଆଇସି ଅଶ୍ୱିନୀ ଭିତିରିଆ ଏକ ପୋଲିସ ଟିମ୍ ସହ ସୋମବାର ଉକ୍ତ ଗାଁରେ ଚଢ଼ାଉ କରିଥିଲେ। ପୋଲିସ ଆସିବା ଜାଣି ପାରି ଚୋରା ଗଞ୍ଜେଇ ବେପାରୀମାନେ ଫେରାର ମାରିଥିଲେ। ତେବେ ବେପାରୀମାନେ ଚୋରା ଚାଲାଣ ପାଇଁ ସେଠାରେ ଗଦା କରି ରଖିଥିବା ଗଞ୍ଜେଇକୁ ପୋଲିସ ଜବତ କରିଥିଲା। ଜବତ ଗଞ୍ଜେଇ ଓଜନ କରିବାରେ ୩୮ କୁଇଣ୍ଟାଲ ୧୧ କେଜି ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଏନେଇ ମଙ୍ଗଳବାର ରାତି ୯ଟାରେ ମନମୁଣ୍ଡା ଥାନାରେ ଏକ ପ୍ରେସମିଟ କରି ଏହି ସୂଚନା ଦେଇଛନ୍ତି। ପ୍ରେସମିଟ ରେ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଉପସ୍ଥିତ ରହିଥିଲେ।

# ଜଣେ କର୍ମଚାରୀରେ ଚାଲୁଛି ଆର୍‌ଆଇ ଅଫିସ

**ଦୀର୍ଘ ଦିନ ହେଲା ୪ ପଦବୀ ଖାଲି**

**୪ ପଞ୍ଚାୟତର ୨୯ଗ୍ରାମର ଲୋକେ ନିର୍ଭରଶୀଳ**

**କାର୍ଯ୍ୟରେ ସମସ୍ୟା ହଇରାଣ ହେଉଛନ୍ତି ଲୋକେ**

ଅମରପାଲି,୨୫।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନରେ ଥିବା ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ(ଆରଆଇ ଅଫିସ)ରେ କର୍ମଚାରୀ ଅଭାବ ଯୋଗୁ ବିଭିନ୍ନ କାମରେ ସମସ୍ୟା ହେଉଛି। ଫଳରେ ବିଭିନ୍ନ କାମରେ ଏହି କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକେ ଉପଯୁକ୍ତ ସେବା ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଜିଲାର ବୀରମହାରାଜପୁର ତହସିଲ ଅଧୀନରେ ରହିଛି ଉଫୁଲା, ମୁର୍ଷୁଣ୍ଡି, ସୁବଳୟା, ଖଣ୍ଡହତା ଓ କେନଝିରିଆପାଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ତନ୍ମଧ୍ୟରୁ ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି ପ୍ରାୟ ୨୯ ଖଣ୍ଡ ରାଜସ୍ୱ ଗ୍ରାମ। ପିତାମହୁଲ ଓ ସୁବଳୟା ପଞ୍ଚାୟତର ସମସ୍ତ ଗ୍ରାମ, ଜଟେସିଙ୍ଘା ପଞ୍ଚାୟତର କେବଳ ଗୋଟିଏ ରାଜସ୍ୱ ଗ୍ରାମକୁ ଛାଡି ବାକି ସମସ୍ତ ଗ୍ରାମ ଓ କମିର ଗ୍ରାମର ଅଧାରୁ ଅଧିକ ଗ୍ରାମର ଲୋକେ ଓ ଛାତ୍ରୀଛାତ୍ରମାନେ ସୁବଳୟା ଆରଆଇ ଅଫିସ ଉପରେ ନିର୍ଭର କରନ୍ତି। ଉକ୍ତ ଅଞ୍ଚଳର ଲୋକେ ଜମିବାଡି କାମ ସହିତ, ଆୟ ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। ଏହାସହିତ ଏବେ ଜମି ହାଇଟେକ କାମ ପାଇଁ ମଧ୍ୟ ଏହି କାର୍ଯ୍ୟାଳୟରେ ନିର୍ଭର କରନ୍ତି।



ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ସୁବଳୟା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ(ଆରଆଇ ଅଫିସ)ରେ ଜଣେ ଲେଖାଏ ଆର ଆଇ, ସହକାରୀ ରାଜସ୍ୱ ନିରୀକ୍ଷକ(ଏ ଆର ଆଇ), ଅମିନ, ପିଅନ ଓ ଚେନମ୍ୟାନ ରହିବା କଥା। ଏହାସହିତ ଏବେ ହାଇଟେକ କାମ ପାଇଁ ଏକ ସ୍ୱତନ୍ତ ଦଳ ରହିବା ଆବଶ୍ୟକ। ମାତ୍ର ଉକ୍ତ ଅଫିସରେ କେବଳ ଜଣେ ରାଜସ୍ୱ ନିରୀକ୍ଷକ ଅଛନ୍ତି। ବାକି ସମସ୍ତ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଥିଲେ ମଧ୍ୟ ଉକ୍ତ ପଦବୀ ପୂରଣ କରାଯାଉ ନାହିଁ। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଆବଶ୍ୟକଠାରୁ କମ୍ କର୍ମଚାରୀ ଥିବାରୁ ସବୁ କାମ ଠିକ୍ ସମୟରେ ହୋଇପାରୁ ନାହିଁ। ରାଜସ୍ୱ ନିରୀକ୍ଷକ ଜଣକ ଏହି ସମସ୍ତ ରାଜସ୍ୱ କାମ ସହିତ ଧାନଚାଷ ଓ କପାଚାଷ ହୋଇଥିବା ଜମି ଚିହ୍ନଟ, ମରୁଡ଼ି, ବନ୍ୟା, ବାତ୍ୟା ସମୟରେ କ୍ଷେତ୍ର ପରିଦର୍ଶନ କାମ ଯୋଗୁ ସବୁବେଳେ ଅଫିସରେ ରହିବା ସମ୍ଭବ ହୋଇପାରୁ ନାହିଁ। ତେଣୁ ଅନେକ ସମୟରେ ସାଧାରଣ ଲୋକେ କାର୍ଯ୍ୟାଳୟକୁ ଆସି ସେବା ପାଉ ନ ଥିବା ଅଭିଯୋଗ ହୋଇଛି। ଯଥାଶୀଘ୍ର ଉକ୍ତ କାର୍ଯ୍ୟାଳୟରେ ଖାଲି ଥିବା ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସୁବଳୟା ରାଜସ୍ୱ ନିରୀକ୍ଷକ ଜୟଶ୍ରୀ ମେଣ୍ଡିଲି କହିଛନ୍ତି, ସୁବଳୟା ଆରଆଇ ଅଫିସରେ କର୍ମଚାରୀ ସମସ୍ୟା ତ ରହିଛି। ତେବେ କ୍ଷେତ୍ର ପରିଭ୍ରମଣ ବେଳେ କାର୍ଯ୍ୟାଳୟରେ ରହିବା ସମ୍ଭବ ହେଉନାହିଁ। ତଥାପି ଲୋକଙ୍କ କାମ ଠିକ୍ ସମୟରେ କରିବାକୁ ଚେଷ୍ଟା କରାଯାଉଛି।

**ରିପୋର୍ଟ: ପୀତାମ୍ବର ସାହୁ**

### ସେମାନେ କହନ୍ତି...



"ସୁବଳୟା ଆରଆଇ ଅଫିସରେ ଦୀର୍ଘଦିନ ହେଲା ଅନେକ ପଦବୀ ଖାଲି ପଡିଛି। ଆରଆଇ ରାଜସ୍ୱ ଆଦାୟଠାରୁ ଆରମ୍ଭ କରି ଜମିବାଡି କାମ, ବିଭିନ୍ନ ପ୍ରମାଣପତ୍ର ପ୍ରଦାନ, ବିଭିନ୍ନ ଚାଷ କ୍ଷେତ୍ର ପରିଦର୍ଶନ, ପ୍ରାକୃତିକ ଦୁର୍ବିପାକ ସମୟରେ କ୍ଷେତ୍ର ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ଦିଅନ୍ତି। ଏଠାରେ କମ୍ କର୍ମଚାରୀ ଥିବାରୁ ସବୁ କାମରେ ସମସ୍ୟା ହେଉଛି। ତୁରନ୍ତ ଖାଲି ପଦବୀ ପୂରଣ କରାଯାଉ।

**ସରୋଜ ବାରିକ,ପୂର୍ବତନ ସରପଞ୍ଚ,ପିତାମହୁଲ ଗ୍ରାପ**



"ପ୍ରାୟ ୨୯ ଖଣ୍ଡ ଗ୍ରାମର ଲୋକେ ସୁବଳୟା ଆରଆଇ ଅଫିସ ଉପରେ ନିର୍ଭର କରନ୍ତି। ମାତ୍ର ଜଣେ କର୍ମଚାରୀ ଥିବାରୁ ବିଭିନ୍ନ କାରଣରୁ ସେ ସବୁବେଳେ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସମ୍ଭବ ହୋଇ ପାରୁନାହିଁ। ତେଣୁ ସାମାନ୍ୟ କାମ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅଧିକାଂଶ ସମୟରେ ହଇରାଣ ହେଉଛନ୍ତି।

**ସପନ ପଧାନ,ସ୍ୱେଚ୍ଛାସେବୀ,କମିରା**



"ଛାତ୍ରୀଛାତ୍ରମାନେ ଜାତି ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର ପାଇଁ ଆରଆଇ ଅଫିସ ଉପରେ ନିର୍ଭର କରନ୍ତି। ଏଠାରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଠିକ ସମୟରେ ସେବା ମିଳି ପାରୁନାହିଁ। ତୁରନ୍ତ ଖାଲି ପଡିଥିବା ପଦବୀଗୁଡିକ ପୂରଣ କରାଯାଉ।

**ପ୍ରତୀକ ଗାଇଗରିଆ,ଛାତ୍ର,ଟେଭାପଦର**



"ଅନେକ ସମୟରେ କାର୍ଯ୍ୟାଳୟ ବନ୍ଦ ରହୁଛି। ଫଳରେ ଜମିଜମା କାମ ସହିତ ବିଭିନ୍ନ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାମରେ କାର୍ଯ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ହଇରାଣ ହେଉଛନ୍ତି।

**ଉପେନ୍ଦ୍ର ଦାଶ,ସ୍ୱେଚ୍ଛାସେବୀ,ସୁବଳୟା**

## ଲବ ସାହୁ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ମନୋନୀତ



ଲବ କୁମାର ସାହୁ।

ଅମରପାଲି,୨୫।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ଗ୍ରାମର ଲବ କୁମାର ସାହୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ଜାତୀୟ କଂଗ୍ରେସ କମିଟିର ସାଧାରଣ ସଂପାଦକ କେ. ସି. ବେଣୁଗୋପାଳଙ୍କ ଦ୍ୱାରା ଏହା ଘୋଷଣା କରାଯାଇଛି । ସମ୍ପ୍ରତି ବୀରମହାରାଜପୁର ଜୋନ-୧୮ ଜିଲା ପରିଷଦ ସଦସ୍ୟ ଭାବେ ପ୍ରତିନିଧିତ୍ୱ କରୁଥିବା ସାହୁ ମୁର୍ଷୁଣ୍ଡି ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ମଧ୍ୟ ରହିଛନ୍ତି । ଏଥିପୂର୍ବରୁ ସେ ମୁର୍ଷୁଣ୍ଡି ପଞ୍ଚାୟତର ସରପଞ୍ଚ ଭାବେ ୨ ଥର ଓ ଲୁଡୁରପଙ୍କ ପଞ୍ଚାୟତର ସମିତି ସଭ୍ୟ ଭାବେ ଥରେ ନିର୍ବାଚିତ ହୋଇଥିଲେ। ସେ ମୁର୍ଷୁଣ୍ଡି କୃଷି ସେବା ସମବାୟ ସମିତିର ସଭାପତି ଭାବେ ୩ ଥର ନିର୍ବାଚିତ ହୋଇଥିବା ମଧ୍ୟ ଜଣାଯାଇଛି। ତାଙ୍କର ଏହି ସଫଳତାରେ ବହୁ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜଳଦାନ ମହାପୁଣ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ

ବାଉଁଶୁଣୀ,୨୫।୪(ଡି.ଏନ.ଏ.): ଜଳ ହିଁ ଜୀବନ । ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ସମର୍ପଣ ସୋସିଆଲ ଫାଉଣ୍ଡେଶନ ତରଫରୁ ବୌଦ୍ଧ ଜିଲା ବାଉଁଶୁଣୀ ଛକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜଳଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଇନ୍ସପେକ୍ଟର ବିକ୍ରମ କେଶରୀ ଦେହୁରୀ ଯୋଗଦେଇ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଜଳ ବିନା ମଣିଷ ବଞ୍ଚି ରହିବା ଅସମ୍ଭବ । ଏଣୁ ଜଳଦାନ ମହାପୂଣ୍ୟ ହୋଇଥିବାରୁ ଏଭଳି ମହତ୍ କାର୍ଯ୍ୟକ୍ରମ ପାଇଁ ଫାଉଣ୍ଡେଶନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଦିବ୍ୟଶଙ୍କର ରାଉତ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ଓ ଫାଉଣ୍ଡେଶନର ସଭାପତି ସୁଜିତ କୁମାର ମେହେର ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ସମ୍ବଳ, ଶ୍ରମ ଦ୍ୱାରା ମ୍ୟାଲେରିଆ ମୁକ୍ତ ହୋଇପାରିବ

**ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ**

ସୋନପୁର,୨୫।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ତାଲିମ କେନ୍ଦ୍ରଠାରେ ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି ଏଥିରେ ଅଧକ୍ଷତା କରି ସମ୍ବଳ, ଶ୍ରମ ଓ ଅଭିନବ ପନ୍ଥା ଦ୍ୱାରା ଦେଶକୁ ମ୍ୟାଲେରିଆ ମୁକ୍ତ କରା ଯାଇପାରିବ ବୋଲି କହିଥିଲେ। ଜିଲା ଭିବିଡି କନସଲଟାଣ୍ଟ ଚନ୍ଦ୍ରଶେଖର ମିଶ୍ର ସାମ୍ପ୍ରତିକ ସମୟରେ ଜିଲାରେ ମ୍ୟାଲେରିଆ ଜନିତ ସ୍ଥିତି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା.ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ପଦ୍ମହଂସା ଦୋରା ମ୍ୟାଲେରିଆର କାରଣ ଏବଂ ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ୨୦୨୭ ସୁଦ୍ଧା ଓଡିଶାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା. ନିତେଶ ଦାଶ ମ୍ୟାଲେରିଆ ସହ ମ୍ୟାଲେରିଆ ନିରାକରଣ ଦିଗରେ ମଧ ଆମକୁ ତତ୍ପରତା ଦେଖାଇବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଇଁ ପ୍ରସ୍ତୁତ ପୋଷ୍ଟରକୁ ଅତିଥିମାନେ ଅନାବରଣ କରିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିପିଏମ ଏନ୍‌ଏଚଏମ ବିଶ୍ୱମ୍ଭର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀଙ୍କ ସମେତ ଏନଏଚଏମ କାର୍ଯ୍ୟକ୍ରମ ପରିଚାଳକ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଅତିଥି ବୃନ୍ଦ ସଚେତନତା ପୋଷ୍ଟରକୁ ଅନାବରଣ କରୁଛନ୍ତି।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବୀରମହାରାଜପୁର ଗସ୍ତ

**ଉପଜିଲାପାଳ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ**

ଅମରପାଲି,୨୫।୪(ଡି.ଏନ.ଏ)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଦଳେଇ ମଙ୍ଗଳବାର ପୂର୍ବାହ୍ନରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳ ଗସ୍ତ କରିଛନ୍ତି । ଏହି ଅବସରରେ ସେ ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିବା ସହିତ ସମ୍ପୃକ୍ତ ବିଭାଗଗୁଡିକରେ କିପରି କାମ ଶୀଘ୍ର ସମ୍ପୂର୍ଣ୍ଣ ହେବ ସେନେଇ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର କାମ ଅଯଥା ପକାଇ ନ ରଖି ଶୀଘ୍ର ସମାଧାନ କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ, ଉପଜିଲାପାଳ ଅଶୋକ କୁମାର ଭୋଇ, ତହସିଲଦାର ବିବୁଧ ଗଡନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କ ସମେତ ସିଡିପିଓ ସୁଦର୍ଶନି ରଥ, ବୀରମହାରାଜପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର, ସୁବଳୟା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୫।୪(ସ୍ୱ.ପ୍ର.)

ଉପାନ୍ତ ଅଞ୍ଚଳକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚନ୍ଦ୍ରମା ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ବୌଦ୍ଧ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ଅପହଞ୍ଚ ଇଲାକା ଶଗଡା ପଞ୍ଚାୟତ ଅନ୍ତର୍ଗତ ଚାଂଚେର ଗ୍ରାମରେ ମଙ୍ଗଳବାର ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଲୋକଙ୍କୁ ସଚେତନ କରାଯାଇଛି। ଗ୍ରାମରେ ଦାସକାଠିଆ ଓ ପାଲା ମାଧ୍ୟମରେ ଲୋକେ କେମିତି ମଶାରି ବ୍ୟବହାର କରିବେ ସେନେଇ ସଚେତନ କରାଯାଇଛି । ଏହି ଅବସରରେ ଚନ୍ଦ୍ରମା ଅନୁଷ୍ଠାନର ସମ୍ପାଦକ ରମେଶ କୁମାର ଜେନାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜୀବ ରଞ୍ଜନ ନାୟକ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଳ ଓ ବିପିଏମ ସୁଧାଂଶୁ ଶେଖର ପ୍ରଧାନ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମ୍ୟାଲେରିଆ ସୁପରଭାଇଜର ମନୋଜ କୁମାର ସାହୁ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ମ୍ୟାଲେରିଆ ରୋଗର କାରଣ, ଲକ୍ଷଣ ଓ ନିରାକରଣ ବାବଦରେ ଅବଗତ କରାଇଥିଲେ । ଶେଷରେ ଚନ୍ଦ୍ରମା ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ ।



ମଶାରି ଟାଣି ଲୋକଙ୍କୁ ସଚେତନ କରାଯାଉଛି।

**ଅନିଶ୍ଚିତତାରେ ମନ୍ଦିର, ରୋପ ୱେ**

# ଅବହେଳିତ ପାତାଳି ଶ୍ରୀକ୍ଷେତ୍ର

ସୋନପୁର,୨୫।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କୋଟ ସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ହେଉଛି ପଶ୍ଚିମ ଓଡିଶାର ଅନ୍ୟତମ ଧାର୍ମିକ ପର୍ଯ୍ୟଟନସ୍ଥଳୀ। ପାତାଳି ଶ୍ରୀକ୍ଷେତ୍ରର ରହିଛି ଅନେକ ଖ୍ୟାତି। କିମ୍ବଦନ୍ତୀ କହେ, ଏଠି ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ୨୦୦୩ ମସିହାରେ ରାଜ୍ୟ ସରକାର ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିଲେ। ଏହି ମାନ୍ୟତା ପରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତି ପ୍ରଦାନ କରାଯାଇଛି। ଏହି ମୂର୍ତ୍ତି ଛଲିଆ ପାହାଡରେ ଏକ ଅସ୍ଥାୟୀ ଘରେ ପୂଜା ପାଉଛନ୍ତି। ପର୍ଯ୍ୟଟନ କ୍ଷେତ୍ରର ସ୍ୱୀକୃତି ମିଳିବା ପରେ ଏହି କ୍ଷେତ୍ରକୁ ପ୍ରତ୍ୟହ ପର୍ଯ୍ୟଟକ ଓ ସଂସ୍କୃତି ଗବେଷକଙ୍କ ସୁଅ ଛୁଟୁଛି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ଏହି କ୍ଷେତ୍ରର ମହିମା ଅନନ୍ୟ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଏକ ମନ୍ଦିର ନିର୍ମାଣ ପାଇଁ ଦୀର୍ଘ ବର୍ଷର ଦାବି ଥିଲା। ୨୦୧୨ ଜୁଲାଇ ୫ ତାରିଖରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଏଠାରେ ଭୂମିପୂଜା ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଫଳରେ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୨୦୧୧ରେ ପୁରୀ ମନ୍ଦିର ପ୍ରଶାସନ ଦ୍ୱାରା ପ୍ରଦତ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠା ଉତ୍ସବରେ ଶ୍ରୀ ଗଜପତି ମହାରାଜ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ରକ୍ତବାହୁ ଆକ୍ରମଣରୁ ରକ୍ଷା କରିବା ପାଇଁ ପାତାଳି କ୍ଷେତ୍ରରେ ପାତାଳି କରାଯାଇଥିବା ପ୍ରକାଶ କରିଥିଲେ। ଯାହାକି ପ୍ରମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକଙ୍କ ସ୍ୱୀକୃତି ରହିଛି। ଏହି ଉତ୍ସବରେ ପୁରୀ ଝାଞ୍ଜିରୀ ମଠ ମହନ୍ତ ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ସଚ୍ଚିଦାନନ୍ଦ ଦାଶ ଅଧକ୍ଷତା କରି ପାତାଳି କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ପ୍ରଶାସନ ଓ ଲୋକ ପ୍ରତିନିଧି ମନ୍ଦିର ନିର୍ମାଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମନ୍ଦିର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେତେବେଳେ କହିଥିଲେ । ୯ ବର୍ଷ ପୂର୍ବରୁ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୪ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ଯାହାକୁ ଅନୁମୋଦନ କରିଥିଲା ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି। ସେଥିପାଇଁ ସ୍ଥାନ ବି ନିରୂପଣ ହୋଇ ସାରିଥିଲା। ଏହା ସତ୍ତ୍ୱେ ମନ୍ଦିର ନିର୍ମାଣ ହୋଇପାରୁନି। ଅନ୍ୟପକ୍ଷେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ରୋପ ୱେ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଶେଷରେ ୨୦୧୯ ଫେବୃୟାରୀ ୧୧ ତାରିଖରେ ଶିଳାନ୍ୟାସ ହେଲା। କିନ୍ତୁ ୪ ବର୍ଷ ପରେ ବି ରୋପ ୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି। ଏ ଦିଗରେ ଧ୍ୟାନ ଦିଆ ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକଳ୍ପ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୧୦ କୋଟି ଟଙ୍କା ମଞ୍ଜୁର କରା ଯାଇଥିଲା। ତତ୍କାଳୀନ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତିଙ୍କ ସମେତ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ତତ୍କାଳୀନ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ, ତତ୍କାଳୀନ ଆଠମଲ୍ଲିକ ବିଧାୟକ ସଞ୍ଜିବ କୁମାର ସାହୁ, ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲାପାଳ ମଧୁସୂଦନ ମିଶ୍ର, ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରେମାନିଧି ସେଠ୍ ଅତିଥି ଭାବରେ ଯୋଗଦେଇ ପ୍ରକଳ୍ପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଠିକା ସଂସ୍ଥା ୩ ବର୍ଷ ଧରି ନିର୍ମାଣ ଆରମ୍ଭ ନ କରିବାରୁ ଡବ୍ଲୁଓଡିସି ସମ୍ପୃକ୍ତ ଠିକା ସଂସ୍ଥା ସହିତ କରିଥିବା ଚୁକ୍ତିନାମାକୁ ଗତ ୧୫ ଡିସେମ୍ବର ୨୦୨୨ରେ ବାତିଲ କରିଛି। ଫଳରେ ପାତାଳି ଶ୍ରୀକ୍ଷେତ୍ର ମନ୍ଦିର ଓ ରୋପ ୱେ ନିର୍ମାଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।




ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଲଗା ଯାଇଥିବା ଫଳକ।



ପାତାଳି ଶ୍ରୀକ୍ଷେତ୍ର ।

## ସଂକ୍ଷେପରେ

### ନିଆଁରେ ପୋଡ଼ି ଚିକିତ୍ସାଧୀନ ବୃଦ୍ଧ ମୃତ

**ରାଉରକେଲା ଅଫିସ,୨୫।୪:** ନିଆଁରେ ପୋଡି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ମଙ୍ଗଳବାର ଝିରପାଣି ଥାନା ଜଗଦା ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ହେଲେ ଆନନ୍ଦ ପ୍ରକାଶ ପ୍ରସାଦ(୬୩)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୧୨୩) ରୁଜୁ କରିଛି। ଗତ ୨୩ ତାରିଖରେ ଆନନ୍ଦ ପରିବାର ଲୋକଙ୍କୁ ଟଙ୍କା ମାଗିଥିଲେ। ପରିବାର ଲୋକେ ବାରଣ କରିବାରୁ ସେ ରାଗିଯାଇ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଚିକିତ୍ସା ଲାଗି ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋମବାର ରାତି ସାଢେ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୨୫।୪:** ଟ୍ରାଫିକ୍ ଗେଟ ମୋ ବସ ଷ୍ଟାଣ୍ଡରୁ ପ୍ଲାଣ୍ଟସାଇଟ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ମଙ୍ଗଳବାର ଜବତ କରିଛି। ତାଙ୍କ ପରିଚୟ ମିଳିନାହିଁ। ମୃତ ବୃଦ୍ଧଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ। ରିପୋର୍ଟ ଲେଖାଯିବା ଯାଏ (ରାତି ୮ଟା) ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମୋବାଇଲ ଲୁଟ୍ ଅଭିଯୋଗ, ୨ ଗିରଫ

**ରାଉରକେଲା ଅଫିସ,୨୫।୪:** ରାଉରକେଲା ରେଳ ଷ୍ଟେଶନରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଜିଆରପି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୋପବନ୍ଧୁପାଲିର ଏସ୍. କେ. ସଲମାନ ଓ ଆଲୋକ ଗରଡିଆ(୧୯)। ଏ ନେଇ ପୋଲିସ ଏକ ମାମଲା (ନଂ.୫୮।୨୪) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ମୋବାଇଲ ଜବତ କରାଯାଇଛି।

### ଦେଶୀ ମଦ ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୫।୪:** ଦେଶୀ ମଦ ଚାଲାଣ ବେଳେ ରାଉରକେଲା ଅବକାରୀ ପୋଲିସ ଲାଠିକଟା କରଲାଖମାନରୁ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କରମ ସିଂ(୨୩) ଓ ମାରକୁସ ମୁଣ୍ଡା(୧୯)। ସେମାନଙ୍କଠାରୁ ୨୧୦ ଲିଟର ଦେଶୀ ମଦ ଓ ଏକ କାର୍ (ନଂ.ଓଆର୧୬ବି/୨୬୩୬) ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବଢୁଛି ଅନ୍‌ଲାଇନ ଜୁଆଖେଳ

- ଘାରିଛି ୩ ଗୁଣା ଟଙ୍କା ହେବାର ନିଶା
- ଧରାପଡୁନାହାନ୍ତି ମାଷ୍ଟର ମାଇଣ୍ଡ
- ପ୍ରଶାସନ ପକ୍ଷରୁ ସଚେତନତା ଆବଶ୍ୟକ

**ବିପ୍ଳବ ରଞ୍ଜନ ଦାଶ**
**ରାଉରକେଲା ଅଫିସ,୨୫।୪**

ସ୍ମାର୍ଟସିଟି ରାଉରକେଲାରେ ଅନ୍‌ଲାଇନ ଜୁଆଖେଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତରୁଣରୁ ବୃଦ୍ଧ ଯାଏ ସମସ୍ତେ ତିନିଗୁଣା ଟଙ୍କା ଜିତିବା ଲୋଭରେ ମୋବାଇଲ ମାଧ୍ୟମରେ ଏହି ଜୁଆଖେଳ ଖେଳୁଛନ୍ତି। ଏଥିରେ ସାଇବର କ୍ରାଇମ ଜଗତର ବଡ଼ ବଡ଼ ମାଷ୍ଟର ମାଇଣ୍ଡ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ବିଭିନ୍ନ ଅନ୍‌ଲାଇନ ଆପ୍ଲିକେଶନ ମାଧ୍ୟମରେ ୧ଟଙ୍କାରେ ୩ ଗୁଣା ଟଙ୍କା ଜିତିବା ପାଇଁ ପ୍ରଥମେ ପ୍ରଲୋଭିତ କରାଯାଉଛି। ଘରେ ବସି ଟଙ୍କା କମାଇବା ଲୋଭରେ ଲୋକେ ଦୈନିକ କୋଟି କୋଟି ଟଙ୍କା ଅନ୍‌ଲାଇନ ମାଧ୍ୟମରେ ଜୁଆ ଖେଳୁଛନ୍ତି। ଯେଉଁ ଲୋକ ଏହି ଅନ୍‌ଲାଇନ ଆପ୍ଲିକେଶନରେ ଟଙ୍କା ଲଗାଇବାକୁ ଇଚ୍ଛୁକ ହେଉଛନ୍ତି ପ୍ରଥମେ ସେ ଏହି ଆପ୍ଲିକେଶନ ଇନ୍‌ଷ୍ଟଲ କରୁଛନ୍ତି। ପରେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଆପ୍ଲିକେଶନ ପ୍ରୋଫାଇଲକୁ ଯାଇ ଟଙ୍କା ଜମା କରୁଛନ୍ତି। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ହ୍ୱାଟ୍ସଆପ୍‌କୁ ଆସିଥିବା ମେସେଜରେ ବିଗ୍ ଏବଂ ସ୍ମଲ୍ ପ୍ଲାଟଫର୍ମରେ ପ୍ରଥମେ ୧ଟଙ୍କାରୁ ଖେଳ ଆରମ୍ଭ କରିବାକୁ କୁହାଯାଉଛି। ୧ଟଙ୍କା ହାରିଗଲା ପରେ ୩ଟଙ୍କା, ୩ଟଙ୍କା ହାରିବା ପରେ ୯ଟଙ୍କା, ୯ଟଙ୍କା ପରେ ୨୭ ଟଙ୍କା ଏଭଳି ଭାବେ ଷ୍ଟେପ୍ ବାଏ ଷ୍ଟେପ୍ ତିନିଗୁଣା ଟଙ୍କା ଲଗାଇବାକୁ କୁହାଯାଉଛି। କିଛି ଲୋକ ୩ଗୁଣା ଟଙ୍କା ମଧ୍ୟ ଜିତୁଛନ୍ତି। ଆଉ କିଛି ଲୋକ ଅଧିକ ଟଙ୍କା ଜିତିବା ଆଶାରେ ହଜାର ହଜାର ଟଙ୍କା ହାରୁଛନ୍ତି। ସବୁ କାରବାର ଅନ୍‌ଲାଇନରେ ଚାଲିଛି। ଏଭଳି ଅନ୍‌ଲାଇନ ଜୁଆଖେଳ କାହାରିକୁ ମଧ୍ୟ ଖବର ହେଉନି। ଏପରିକି ପୋଲିସ ମଧ୍ୟ ଏହା ଜାଣିପାରୁନି।

ଅର୍ଥକୁ ନେଇ କୌଣସି ପ୍ରକାର ଖେଳରେ କୌଣସି ଲୋକଙ୍କ ଆର୍ଥିକହାନି ହେଲେ ନିୟମ ଅନୁସାରେ ଜୁଆ ପାଇଁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିଙ୍କ ନାଁରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରାବଧାନ ରହିଛି। ମାତ୍ର ରାଉରକେଲାରେ ଦିନକୁ ଦିନ ଅନ୍‌ଲାଇନ ଆପ୍ଲିକେଶନ ମାଧ୍ୟମରେ ଜୁଆ ଖେଳିବା ପାଇଁ ପ୍ରଲୋଭିତ କରାଇ ଲୋକଙ୍କ ଆର୍ଥିକହାନି ଘଟାଉଥିଲେ ମଧ୍ୟ ଏଭଳି ଖେଳର ମାଷ୍ଟର ମାଇଣ୍ଡମାନଙ୍କ ବିରୋଧରେ ଏଯାଏ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଏହି ଜୁଆଖେଳକୁ ରୋକିବା ପାଇଁ ହେଲେ ସହରରେ ଜନସଚେତନତା ଆବଶ୍ୟକ। ଏଭଳି ଖେଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଓଡ଼ିଶାରେ ଜୁଆଖେଳ ଉପରେ ରହିଥିବା ଆଇନ ବିଷୟରେ ଅବଗତ କରାଇବା ନିହାତି ଆବଶ୍ୟକ ବୋଲି ସହରର ଶିକ୍ଷିତ ବର୍ଗ ମତପ୍ରକାଶ କରିଛନ୍ତି।

ଏ ନେଇ ରାଉରକେଲାର ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର କହିଛନ୍ତି, ଲୋକଙ୍କୁ ଅନ୍‌ଲାଇନ ଜୁଆଖେଳ ପ୍ରତି ପ୍ରୋତ୍ସାହିତ କରିବା ଆଇନତଃ ଅପରାଧ। ରାଉରକେଲା ହେଉଛି ୬ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହର। ସହରରେ ସାଇବର କ୍ରାଇମ ରୋକିବା ପାଇଁ ମାତ୍ର ୪/୫ଜଣ ଅଧିକାରୀ ରହିବା ଏହାର ଏକ ମୂଳକାରଣ। ଏଭଳି ଖେଳକୁ ରୋକିବା ପାଇଁ ତୃଣମୂଳ ସ୍ତରରେ ସରକାର ଓ ପ୍ରଶାସନ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହାକୁ ରୋକା ନ ଗଲେ ସହରରେ ଆପରାଧିକ ଗତିବିଧି ବଢିବା ସହ ଚୋରି, ଲୁଟ୍ ଭଳି ଅପରାଧକୁ ରୋକିବା ପ୍ରଶାସନ ପାଇଁ କଷ୍ଟକର ହୋଇପଡିବ ବୋଲି ସେ କହିଥିଲେ। ସେହିପରି ବରିଷ୍ଠ ବୁଦ୍ଧିଜୀବୀ ପ୍ରସନ୍ନ କୁମାର ତ୍ରିପାଠୀ କୁହନ୍ତି, ସହରରେ ଅନ୍‌ଲାଇନ ଜୁଆଖେଳ ପ୍ରଶାସନର ବିଫଳତାକୁ ଦର୍ଶାଉଛି। ଏଭଳି ଆପରାଧିକ ଗତିବିଧିକୁ ରୋକା ନ ଗଲେ ଆଗକୁ ଅନେକ ଲୋକ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇ ଅପରାଧ ଘଟାଇ ପାରନ୍ତି। ଏହାର ମୂଳୋତ୍ପାଟନ ପାଇଁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ତ୍ରିପାଠୀ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଆର୍‌ଏସ୍‌ପିର ୩ ୟୁନିଟ୍‌କୁ ୫-ଏସ୍ କାର୍ଯ୍ୟାନ୍ୱୟନ ପ୍ରମାଣପତ୍ର



ଇଡି ସୂର୍ଯ୍ୟବଂଶୀ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

**ରାଉରକେଲା ଅଫିସ,୨୫।୪**

ଆର୍‌ଏସ୍‌ପି ପ୍ଲେଟ୍ ମିଲ୍‌ର ରୋଲ ଶପ୍-୪, ମେକାନିକାଲ ଶପ୍ ଏବଂ ଅକ୍ସିଜେନ ପ୍ଲାଣ୍ଟର ଏୟାର ଷ୍ଟେଶନ ଏବଂ ପ୍ରୋପେନ ପ୍ଲାଣ୍ଟ-୨ ପ୍ରମୁଖ ୩ଟି ୟୁନିଟ୍‌କୁ ପ୍ରଥମଥର ପାଇଁ ୫-ଏସ୍ ନିୟୋଜନ ପ୍ରମାଣପତ୍ର ମିଳିଛି। ଗତ ୨୪ତାରିଖରେ ଅନୁଷ୍ଠିତ ଚୂଡାନ୍ତ ସାର୍ଟିଫିକେଟ ଅଡିଟ୍ (୫-ଏସ୍ କାର୍ଯ୍ୟାନ୍ୱୟନ)ର ସଫଳ ସମାପ୍ତି ପରେ ଏହି ପ୍ରମାଣପତ୍ର ୩ ୟୁନିଟ୍‌କୁ ମିଳିଥିଲା। ଉଦ୍‌ଯାପନୀ ବୈଠକରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରି ଆର୍‌ଏସ୍‌ପି ତରଫରୁ ୫-ଏସ୍ କାର୍ଯ୍ୟାନ୍ୱୟନ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏଥିରେ ସର୍ଭିସେସ ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ୍ ଆଇ. ରାଜନ, ଗୁଣବତ୍ତା ବିଭାଗର ସିଜିଏମ୍ ଅତିଶ ଚନ୍ଦ୍ର ସରକାର, ଇଲେକ୍ଟ୍ରିକାଲ ବିଭାଗର ସିଜିଏମ୍ ଏମ୍. କେ. ମହାନ୍ତି, ଡିଜାଇନ ଏବଂ ଶପ୍‌ସ ବିଭାଗର ସିଜିଏମ୍ ରବି ରଞ୍ଜନ, ଏଚ୍‌ଏସ୍‌ଏମ୍-୧ ବିଭାଗର ସୁବ୍ରତ କୁମାର ଜେନା, ବିଭାଗୀୟ ମୁଖ୍ୟ ତଥା ପ୍ଲାଣ୍ଟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଡିଟ କ୍ୟୁସିଏଫ୍‌ଆଇ ସିକନ୍ଦରାବାଦର ସିଓଓ ଟିକ୍ୟୁଏମ ସୁନିଲ ଶ୍ରୀବାସ୍ତବ ଏବଂ କ୍ୟୁସିଏଫ୍‌ଆଇ ରାଉରକେଲା ଶାଖାର ଯୁଗ୍ମ ସମ୍ପାଦକ ଭି. ରାମକିଶନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

ସୂଚନାଯୋଗ୍ୟ, ୫-ଏସ କାର୍ଯ୍ୟାନ୍ୱୟନ ବିଶେଷ ଭାବେ କାରଖାନାର ବର୍ଜ୍ୟବସ୍ତୁ, ଡାଉନଟାଇମ୍, ତ୍ରୁଟି, ପରିବର୍ତ୍ତନ ସମୟ ହ୍ରାସ, ସୁରକ୍ଷାର ଅଗ୍ରଗତି, ଗ୍ରାହକ ସନ୍ତୁଷ୍ଟୀକରଣ, ବ୍ୟକ୍ତିଗତ ସନ୍ତୁଷ୍ଟି, ଭିଜୁଆଲ କଣ୍ଟ୍ରୋଲ, ଷ୍ଟାଣ୍ଡାର୍ଡାଇଜେଶନ ଓ ପ୍ରକ୍ରିୟା ନିୟନ୍ତ୍ରଣ ଦିଗରେ ଉନ୍ନତି ଆଣିବ। ଏକ ସ୍ୱଚ୍ଛ ଓ ପରିଷ୍କାର କାର୍ଯ୍ୟକ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ସହ ପ୍ରେରଣ ବୃଦ୍ଧିରେ ଏହା ସହାୟକ ହେବା ସହ ଉତ୍ପାଦନ ଗୁଣବତ୍ତା, କର୍ମଚାରୀ ସନ୍ତୁଷ୍ଟୀକରଣ ଓ ମନୋବଳରେ ବେଶ ଉନ୍ନତି ପରିଲକ୍ଷିତ ହେବ। ବିଜନେସ ଏକ୍ସଲେନ୍ସ ଏବଂ ଆଇଡି ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଚୈତାଳୀ ଦାସ ଏବଂ ବିଜନେସ ଏକ୍ସଲେନ୍ସ ଦଳ ସମେତ ଅକ୍ସିଜେନ ପ୍ଲାଣ୍ଟ, ମେକାନିକାଲ ଶପ୍ ଓ ରୋଲ ଶପ୍ ସାମୁଦାୟିକ ମିଳିତ ଭାବେ ସହଯୋଗ କରିଥିଲେ।

# ସ୍ୱାର୍ଥୀ ମଣିଷ ସମାଜକୁ ବାଟ ଦେଖାଇଲା 'ଓଡ଼ଶ'

**ରାଉରକେଲା ଅଫିସ,୨୫।୪**



ନାଟକ 'ଓଡଶ'ରେ ଅଭିନୀତ ଏକ ଦୃଶ୍ୟ ।

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ସିଭିକ୍ ସେଣ୍ଟରଠାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଓଡ଼ଶ'। ଭୁବନେଶ୍ୱରର ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ ପ୍ରାୟୋଜିତ ତଥା ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ରଚିତ ଓ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ନାଟକଟି ମଣିଷ ମନରେ ଥିବା ଅପୂରଣ ଭୋକ, ଅସୀମିତ ଆଶା, ଆକାଂକ୍ଷା ଓ ଅହଙ୍କାରକୁ ଖର୍ବ କରିବା ପାଇଁ ସମାଜକୁ ଉଚିତ୍ ବାର୍ତ୍ତା ଦେଇଥିଲା। ଛୋଟ ହେଉକି ବଡ଼ ପୃଥିବୀରେ ସବୁ ଜୀବଙ୍କର କିଛି ନା କିଛି ଭୂମିକା ରହିଛି। ସେଭଳି ଓଡ଼ଶ ଛୋଟ ହେଲେ ବି ତାର ଜୀବନ ଅଛି। ବଞ୍ଚିବାର ଅଧିକାର ବି ଅଛି। ମଣିଷ ପରି ତାର ବି ସଂସାର ଅଛି । ଓଡ଼ଶ ପ୍ରେମ କରେ, ମୈଥୁନ କରେ, ମଣିଷର ରକ୍ତ ମଧ୍ୟ ଶୋଷେ। ମଣିଷ ରକ୍ତ ହେଲା ତାର ଖାଦ୍ୟ। କିନ୍ତୁ ଓଡ଼ଶର ପେଟ ଥରେ ପୂରିଗଲେ ପୁଣି ଭୋକ ନ ହେବା ପର୍ଯ୍ୟନ୍ତ ସେ ଖାଦ୍ୟ ନିଏନି। ଅଥଚ ମଣିଷକୁ ଅହରହ ଖାଦ୍ୟ ଭୋକ, ସମ୍ମାନ ଭୋକ ଓ ଅହଂ ଭୋକ ଘାରିଥାଏ। ଏଣୁ ଭୋକର ମହାସମୁଦ୍ର ମଣିଷକୁ ଉଚିତ ବାର୍ତ୍ତା ପ୍ରଦାନ ପାଇଁ ଏହି ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟକରେ ପ୍ରତାପ ରାଉତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅଭିନୟରେ ମମତା ତ୍ରିପାଠୀ, ଦୀପାଳି ମହାନ୍ତି, ରାଜେଶ ମହାନ୍ତି, ସୁନୀଲ ପଟ୍ଟନାୟକ, ପ୍ରତାପ ମିଶ୍ର, ସୁନୀଲ ନାୟକ ଏବଂ ପବିତ୍ର ମହାନ୍ତିଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ମନ ଜିଣିଥିଲା। ପ୍ରାରମ୍ଭରେ ସ୍ୱସ୍ତି ସାହିତ୍ୟ ସଂସଦ ଉପସଭାପତି ରାଜକୁମାର ମହାନ୍ତିଙ୍କ ସଭାପତିତ୍ୱରେ ବିଶିଷ୍ଟ ନାଟ୍ୟକାର ସଞ୍ଜୟ କୁମାର ହାତୀ ନାଟ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ଡଃ ସଞ୍ଜୟ କୁମାର ହାତୀଙ୍କୁ ଡାକ୍ତର ଧୋବଶ ମିଶ୍ରଙ୍କ ସ୍ମୃତିରେ ସ୍ୱସ୍ତି ନାଟ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ନାଟକ 'ଓଡ଼ଶ'ର ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିୟାନ ଫକୀର ଚରଣ ମହାନ୍ତି ଉପସ୍ଥିତ ଥିଲେ। ରାଜୀବ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଗଳ୍ପଲିଖନ ଓ ଗଳ୍ପକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶିବ କୁମାର ଭୋଇ, ବିଜୟିନୀ ଜେନା ଓ ମୂଳା ରଥ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତାକୁ ରାଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଇଂ. ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ସକାଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଢ଼ଗଢ଼ମାଳି ଓ ଏକକ ଅଭିନୟ ପ୍ରତିଯୋଗିତା ହେବ। ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁର ଶ୍ରୀକଲଚରାଲ ଆସୋସିଏଶନର ଆଶିଷ ସୋନାରଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ତ୍ରିଶଙ୍କୁ' ମଞ୍ଚସ୍ଥ ହେବ ବୋଲି ଆୟୋଜକ ଅନୁଠୋନ ପକ୍ଷରୁ ସୂଚନା ଦିଆଯାଇଛି।

# ପରିତ୍ୟକ୍ତ ଅବସ୍ଥାରେ ଅସମ୍ପୂର୍ଣ୍ଣ ଶୌଚାଳୟ

**ରାଉରକେଲା ଅଫିସ,୨୫।୪**



ରାଉରକେଲା ପାନପୋଷ ସ୍ଥିତ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ ତଥା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଶୌଚାଳୟ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଶୋଚନୀୟ ହୋଇପଡିଛି। ଏଠାରେ ବେସିନ, ବିଦ୍ୟୁତ୍ ସଂଯୋଗ ଆଦି ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ, ବୈଧମାପ ବିଜ୍ଞାନ ରାଉରକେଲା-୧, ଖାଦ୍ୟ ଯୋଗାଣ ବିଭାଗ ଅଫିସକୁ ବିଭିନ୍ନ ଜରୁରୀ କାମରେ ଦୈନିକ ହଜାର ହଜାର ଲୋକ ଆସୁଛନ୍ତି। ଏହିସବୁ ଅଫିସ ପାଖରେ ଶୌଚାଳୟ ନ ଥିବାରୁ ଆର୍‌ଏମ୍‌ସି ପକ୍ଷରୁ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖରେ ମହିଳା ପୁରୁଷଙ୍କ ପାଇଁ ଶୌଚାଳୟ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ମାତ୍ର ଦୀର୍ଘମାସ ପରେ ମଧ୍ୟ ଶୌଚାଳୟରେ ବେସିନ, ପାଇପ୍ ଲାଗିପାରି ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଶୌଚାଳୟଟି ଲୋକମାନଙ୍କ ସେବାରେ ନ ଆସି ପରିତ୍ୟକ୍ତ ହୋଇ ପଡିରହିଛି। ଲୋକେ ସେଠାରେ ଅଳିଆ ଆବର୍ଜନା ପକାଉଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଶୌଚାଳୟ ନ ଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଦୀର୍ଘଦିନ ହେଲା ବଡ ବଡ ଗଛର ଗଣ୍ଡି ପଡିଥିବା ବେଳେ ସେଗୁଡିକୁ ସ୍ଥାନାନ୍ତର ମଧ୍ୟ କରାଯାଉନାହିଁ। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ଏ ନେଇ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଦନ୍ତ କରି ଜରୁରୀ ପଦକ୍ଷେପ ନିଆଯିବ ଏବଂ ଅସ୍ୱଚ୍ଛ ବାତାବରଣକୁ ସ୍ୱାଭାବିକ କରାଯିବ ବୋଲି ସେ କହିଥିଲେ।

# ସଂସ୍କୃତି ମନ୍ତ୍ରୀଙ୍କ କଳାୟତନ ପରିଦର୍ଶନ

**ସୁନ୍ଦରଗଡ଼,୨୫।୪(ଡି.ଏନ.ଏ.)**

ସୁନ୍ଦରଗଡ଼ରେ ପ୍ରତିଷ୍ଠିତ ଚିତ୍ର କଳା ଓ ହସ୍ତକଳା ଅନୁଷ୍ଠାନ କଳାୟତନ କଲେଜ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟସକୁ ଓଡିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ,ସଂସ୍କୃତି ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମଙ୍ଗଳବାର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ଚିତ୍ର କଳା ଓ ହସ୍ତକଳା ଅନୁଷ୍ଠାନ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କର କଳାକୃତୀଗୁଡିକ ଦେଖି ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ମନ୍ତ୍ରୀଙ୍କ ସହିତ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ,ପୌରାଧକ୍ଷା ତନୟା ମିଶ୍ର ମଧ୍ୟ ପରିଦର୍ଶନ କରିଥିଲେ। ମନ୍ତ୍ରୀ ସ୍ଥାନୀୟ ବିଧାୟିକା ଓ ଅନ୍ୟ ଅତିଥିମାନଙ୍କ ସହିତ ଅନୁଷ୍ଠାନର ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶିଳ୍ପୀ ଶୀତଳ କୁମାର ମହାପାତ୍ର,ଅନୁଷ୍ଠାନର ପରିଚାଳନା ବୋର୍ଡର ସଦସ୍ୟ ଡକ୍ଟର ଚିରବ୍ରତ ଦତ୍ତ, ଭାରପ୍ରାପ୍ତ ଅଧକ୍ଷ କେଦାର ନାଏକ ଓ ଅନୁଷ୍ଠାନର ଛାତ୍ରୀଛାତ୍ର ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠାନ ତରଫରୁ ମନ୍ତ୍ରୀଙ୍କୁ ଏକ କଳାକୃତୀ ସହ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



କଳାୟତନ ପରିଦର୍ଶନ କରୁଛନ୍ତି ସଂସ୍କୃତି ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

# ୪୯ ଆଦିବାସୀଙ୍କ ବଳିଦାନ ମନେରହିବ

## ଆମ୍‌କୋ-ସିମ୍‌କୋ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୫।୪**



ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ସ୍ମାରକୀ ପୀଠରେ ମୁଖ୍ୟ ଅତିଥି ଓ ଅନ୍ୟମାନେ ।

ବ୍ରିଟିଶ ଗୁଳିରେ ଆମ୍‌କୋ-ସିମ୍‌କୋରେ ଶହୀଦ ହୋଇଥିବା ୪୯ଜଣ ଆଦିବାସୀଙ୍କୁ ମଙ୍ଗଳବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୮୪ତମ ଶହୀଦ ଦିବସ ପାଳନ ଅବସରରେ ପାନପୋଷ ଉପଜିଲାପାଳ ତଥା ଆମ୍‌କୋ-ସିମ୍‌କୋ ଶହୀଦ ସ୍ମାରକୀ କମିଟି ଅଧକ୍ଷ ଅଭିମନ୍ୟୁ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଖୁଣ୍ଟକାଟି ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ବ୍ରିଟିଶ ଗୁଳିରେ ଶହୀଦ ହୋଇଥିବା ଆଦିବାସୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ରାଜ୍ୟ ସରକାର ଆମ୍‌କୋ-ସିମ୍‌କୋକୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଆମ୍‌କୋ-ସିମ୍‌କୋର ସମସ୍ତ ପ୍ରଗତିମୂଳକ କାର୍ଯ୍ୟ ଚାଲିଛି ଏବଂ ଆସନ୍ତା ବର୍ଷ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେଲେ ଏହା ଉଦ୍‌ଘାଟନ କରାଯିବ ବୋଲି ମାଝୀ କହିଥିଲେ।

ଆମ୍‌କୋ-ସିମ୍‌କୋ ଶହୀଦ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ସ୍ମାରକୀ କମିଟିର ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡା ଓ ୪୯ ଜଣ ନିରିହ ଆଦାବାସୀଙ୍କ ପ୍ରାଣବଳି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ମାରକୀ କମିଟି ଉପାଧକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ କହିଥିଲେ, ଆଜିକୁ ୮୪ ବର୍ଷ ତଳେ ଅର୍ଥାତ ୧୯୩୯ ମସିହା ଆଜିର ଦିନରେ ବ୍ରିଟିଶ ଗୁଳିରେ ଶହୀଦ ହୋଇଥିବା ୪୯ ଆଦିବାସୀଙ୍କ ରକ୍ତରଞ୍ଜିତ ଏହି କ୍ଷେତ୍ର ସେମାନଙ୍କ ବିରତ୍ୱ ଓ ସଂଗ୍ରାମ କଥା ମନେ ପକାଉଛି। ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ଦୃଢ ନେତୃତ୍ୱ ବ୍ରିଟିଶମାନଙ୍କ ନିଦ ହଜେଇ ଦେବା ଓ ଖୁଣ୍ଟକାଟି ଅଧିକାରକୁ ସାବ୍ୟସ୍ତ କରିବା ପଛରେ ବଳିଦାନ ଆଦିବାସୀ ସମ୍ପ୍ରଦାୟଙ୍କୁ ସେମାନଙ୍କ ଅମର ଇତିହାସକୁ ସ୍ମରଣ କରାଉଥିବା କହିଥିଲେ। ଏଯାଏ ସେମାନଙ୍କୁ ଶହୀଦ ମାନ୍ୟତା ପ୍ରଦାନ କରି ନ ଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସେହିପରି ବେଦବ୍ୟାସ ଛକରେ ନିର୍ମଳ ମୁଣ୍ଡାଙ୍କ ୧୦ ଫୁଟ ଉଚ୍ଚ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଶୀଘ୍ର ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉଥିବାରୁ ଆଗାମୀ ଦିନରେ ସୁନ୍ଦରଗଡ ଜିଲା ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ଟପ୍ପୋ କହିଥିଲେ। ବିରମିତ୍ରପୁର ପୌରପାଳିକା ଅଧକ୍ଷ ସଞ୍ଜୀବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ବର୍ଷ ଏହି ଦିବସରେ ଶହୀଦ ସମାଧିସ୍ଥଳର ସୌନ୍ଦର୍ଯ୍ୟକରଣ ସହ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବା ଦର୍ଶାଇଥିଲେ। ଇସ୍ପାତ ସ୍ୱୟଂ ଶାସିତ କଲେଜର ପ୍ରାକ୍ତନ ଅଧକ୍ଷ ଭବାନୀ ଶଙ୍କର ଚାଣ୍ଡେଲ ଯୋଗଦେଇ ଇତିହାସ ପୃଷ୍ଠାରେ ୪୯ ଶହୀଦଙ୍କ ବଳିଦାନ ସ୍ଥାନ ପାଇବା ଉଚିତ ବୋଲି ମତ ଦେଇଥିଲେ।

କୁଆଁରମୁଣ୍ଡା ବ୍ଲକ ଅଧକ୍ଷା ଜ୍ୟୋତି କେରେକେଟା, ପୂର୍ବତନ ବ୍ଲକ ଅଧକ୍ଷା ମାଗଦାଳି କାଙ୍ଗାଡୀ, ବିଡିଓ ତୃପ୍ତି ବାରା, ଜିଲା ପରିଷଦର ପୂର୍ବତନ ଅଧକ୍ଷା ଏମ୍ମା ଏକ୍କା, ନାରୀନେତ୍ରୀ ସଂଧ୍ୟାରାଣୀ ଲାକ୍ରା, ସରପଞ୍ଚ ରାଜେଶ ହାଂସଦା, କମିଟି ସଦସ୍ୟ ବାବାଜୀ ପ୍ରସାଦ ସାହୁ, ସମାଜସେବୀ ଧୀରଜ ଚୌଧୁରୀ, ବିଜୟ କିସପଟା, ଦୀପକ କୁମାର ରାଉତରାୟ, ଡ. ଉମାଶଙ୍କର ପଣ୍ଡା, ଉମାଶଙ୍କର ତିୱାରୀ, କବି ସୁବାଷ ଚନ୍ଦ୍ର ଲେଙ୍କାଙ୍କ ସମେତ ବିଭିନ୍ନ ଅଞ୍ଚଳର ଶତାଧିକ ଆଦିବାସୀ ଯୋଗଦେଇ ଶହୀଦ ସ୍ମୃତି ପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବୀରମିତ୍ରପୁର ତହସିଲଦାର ସୁଶାନ୍ତ କୁମାର ବେହେରା, ବିରମିତ୍ରପୁର ଏସ୍‌ଡିପିଓ ମାନସ ପ୍ରଧାନ, ନାରୀନେତ୍ରୀ ଛବି ମହାନ୍ତି, କମ୍ରେଡ ସତ୍ୟପ୍ରିୟ ମହାନ୍ତି, ଓଡ଼ିଶା ମାଇନିଂ କର୍ପୋରେଶନର ପ୍ରାକ୍ତନ ଡିଜିଏମ୍ ଅର୍ଜୁନ ଚରଣ ସାହୁ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଫ୍ଲାବିଆନୁସ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ



**ଲୋଇସିଂହା,୨୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଯୋଗେଶ୍ୱର ଧାମ ପୀଠଛକରେ ଲାଗିଥିବା ହାଇମାଷ୍ଟ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଅଛି। ଏଥିପ୍ରତି ବିଭାଗ କିମ୍ବା କେହି ଦୃଷ୍ଟି ଦେଉନାହିଁ। ଅଘଟଣ ଘଟି ଧନଜୀବନ ହାନୀ ହେବା ନେଇ ଆଶଙ୍କାବ୍ୟକ୍ତ କରିଛନ୍ତି ଗ୍ରାମବାସୀ। ଦୀର୍ଘବର୍ଷ ହେଲା ମନ୍ଦିର ଛକରେ ଏକ ଉଚ୍ଚକ୍ଷମା ସମ୍ପନ୍ନ ବିଦ୍ୟୁତ ଆଲୋକବତୀ ଲାଗିଛି। ଲୁହାର ଏହି ଖୁଣ୍ଟର ତଳଭାଗରେ କଳଙ୍କି ଲାଗି ବିପଦସଙ୍କୁଳ ଅବସ୍ଥାକୁ ଆସି ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଖୁଣ୍ଟ ଏକ ଦୋକାନ ଘର ଉପରେ ଢଳି ରହିଛି। ଏବେ କଳାବୈଶାଖୀ ପ୍ରଭାବରେ ପବନ, ବର୍ଷା ଲାଗି ରହିଛି। ଯେ କୌଣସି ମୂହୁର୍ତ୍ତାରେ ଖସି ପଡିଯିବା ସମ୍ଭାବନା ଦେଖାଦେଇଛି। ଏହି ପ୍ରମୁଖ ଛକ ଦେଇ ଲୋଇସିଂହା, ଆଗଲପୁର ଏବଂ ସୁବର୍ଣ୍ଣପୁର ଜିଲା ଲଛିପୁର ଅଧିବାସୀ ଯାତାୟାତ କରିଥାନ୍ତି। ଏହାବ୍ୟତୀତ ଶ୍ରଦ୍ଧାଳୁମାନେ ମନ୍ଦିର ଦର୍ଶନ ପାଇଁ ଆସୁଛନ୍ତି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକ ଦାବି ହେଉଛି।

### ଛିଡ଼ା ଥିବା କଣ୍ଟେନରକୁ ପିଟିଲା ଟ୍ରକ୍

**ଲୋଇସିଂହା,୨୫।୪(ଡ.ଏନ.ଏ):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ



ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର କେନାଲ ଛକରେ ମଙ୍ଗଳବାର ଛିଡା ହୋଇଥିବା ଏକ କଣ୍ଟେନରକୁ ସାମ୍ନାପଟରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଏଥିରେ ଉଭୟ ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। ଲୋଇସିଂହା ପୋଲିସ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଦୁଘଟଣା ପରେ କିଛି ସମୟ ପାଇଁ ସମ୍ପୃକ୍ତ ସ୍ଥାନରେ ଟ୍ରାଫିକ ସମସ୍ୟା ଦେକାଦେଇଥିଲା।

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଖଡ଼ିଆଳ,୨୫।୪(ଡି.ଏନ.ଏ):** ନୂଆପଡା ଜିଲା ଖଡ଼ିଆଳ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ (ମୂକ)ଯୁବତୀ ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ବଡ ମା'ଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ସ୍ୱର୍ଗତ ଦିଅରଙ୍କ ଅବିବାହିତ ଝିଅ(୨୦) ଏବେ ଗର୍ଭବତୀ ହୋଇଛନ୍ତି। ମୂକ ହୋଇଥିବାରୁ ଏ ନେଇ ସେ କିଛି କହିପାରୁ ନାହାନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(୧୩୮/୨୩)ରୁଜୁ କରି ପୀଡିତାଙ୍କୁ ପରୀକ୍ଷା ପାଇଁ ମେଡିକାଲ ପଠାଯାଇଛି।

# ବିଦ୍ୟାଳୟ ଭିତ୍ତିଭୂମି ବଢ଼ାଅ

## ଜିଲାପାଳ କାର୍ଯ୍ୟାଳୟ ଘେରିଲେ ପଞ୍ଚାୟତବାସୀ

**ନୂଆପଡା ଅଫିସ, ୨୫।୪**

ନୂଆପଡା ସଦର ବ୍ଲକ ବୁଡିପାଲି ପଞ୍ଚାୟତ ଅଧିନ ଗାଁ ମାନଙ୍କରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟମାନଙ୍କରେ ଶ୍ରେଣୀ କୋଠରୀ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେଉଁଠି ଶ୍ରେଣୀ ଗୃହ ଅଭାବ ତ, ଅନ୍ୟ କେଉଁଠି ପାଚେରି ନାହିଁ। ଛାତ୍ରୀଛାତ୍ର ତୁଳନାରେ ଶିକ୍ଷକ ନାହାନ୍ତି। ଏହା ପିଲାଙ୍କ ପାଠପଢା ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ଅନ୍ତରାୟ ସାଜୁଛି। ବାରମ୍ବାର ଦାବିସତ୍ତ୍ୱେ ଭିତ୍ତିଭୂମିର ବିକାଶ ଓ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯାଉନାହିଁ। ଏହିସବୁ ଦାବି ପୂରଣ ପାଇଁ ମଙ୍ଗଳବାର ଶତାଧିକ ମହିଳା ପୁରୁଷ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଏହାର ତଦନ୍ତ କରି ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

ଏଥିରେ ଉଲ୍ଲେଖ କରାଯାଇଛି ଯେ, ସଦର ବ୍ଲକ ବୁଡିପାଲି ପଞ୍ଚାୟତରେ ଜେଞ୍ଜରା, ବୁଡିପାଲି, ଜାଙ୍ଗୁଲା, ବେହେରାଡିହି, ପଲସାଭଦର, ଅମିଲିଦାଦର ଗାଁ ରହିଛି। ଜେଞ୍ଜରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୭୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ଟି କୋଠରି ରହିଛି। ୫ଟି କୋଠରୀ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ୮ଟି ଶ୍ରେଣୀର ପିଲାଏ ୩ଟି ଶ୍ରେଣୀଗୃହରେ କିପରି ଅଧ୍ୟୟନ କରୁଥିବେ ସହଜେ ଅନୁମେୟ। ପଲସାଭଦର ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ଥଇବା ବେଳେ ୬୦ ଛାତ୍ରୀଛାତ୍ର ଅଛନ୍ତି। ହେଲେ ସ୍କୁଲରେ ରହିଛି ମାତ୍ର ୨ଟି କୋଠରି। ବିଦ୍ୟାଳୟ ଚାରିପାଖରେ ପାଚେରୀ ନାହିଁ। ଅମିଲିଦାଦର ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ୮୯ଜଣ ଛାତ୍ରୀଛାତ୍ର ୮ଟି ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ରହିଛି ମାତ୍ର ୩ଟି କୋଠରି। ସେହିପରି ଜଙ୍ଗୁଲା ପ୍ରାଥମିକ ବିଦ୍ୟାଳୟରେ ୬୦ଛାତ୍ରୀଛାତ୍ର ପଢୁଥିବା ବେଳେ ୨ଟି ଶ୍ରେଣୀଗୃହ ରହିଛି। ୫ଟି ଶ୍ରେଣୀର ପିଲା ଦୁଇଟି କୋଠରୀରେ କିପରି ଶିକ୍ଷାଦାନ କରୁଥିବେ ସହଜରେ ଅନୁମେୟ। ସ୍କୁଲର ପାଚେରି ବି ନାହିଁ। ବେହେରାଡିହି ପ୍ରାଥମିକ ବିଦ୍ୟାଳୟରେ ୬୨ ଛାତ୍ରୀଛାତ୍ର ରହିଛନ୍ତି। ଶ୍ରେଣୀଗୃହ ଅଭାବ ଯୋଗୁଁ ସବୁ ପିଲାଙ୍କୁ ଶିକ୍ଷକମାନେ ଏକାସାଙ୍ଗରେ ପଢାଉଛନ୍ତି। ବୁଡିପାଲି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ଶିକ୍ଷାର ପ୍ରଥମ ସୋପାନ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଯଦି ଏହିପରି ରହିବ ତେବେ ପିଲାମାନେ କିପରି ଆଗକୁ ବଢିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆବଶ୍ୟକ ଶ୍ରେଣୀଗୃହ, ପାଚେରି, ଶିକ୍ଷକ, ପାନୀୟ ଜଳ ଓ ବିଦ୍ୟାଳୟରେ ଥିବା ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଉପସ୍ଥିତ ମହଳା ସ୍ୱୟଂ ସହାୟକ ଦଳ, ଜୟ ଜାନକି ମାତା ଯୁବସଂଘ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଡିପାଲି ପଞ୍ଚାୟତର ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମ୍ୟାଲେରିଆମୁକ୍ତ ଜିଲା ପାଇଁ ଶପଥ ନେଲେ

**ନୂଆପଡା ଅଫିସ, ୨୫।୪**

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ଅନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟ ଅତିଥି, ଡିପିଏମ ଦିଲୀପ କୁମାର ଦୁବେ, ଏଡିପିଏଚଓ ବିନୋଦ ବିହାରୀ ରଥ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାଲେରିଆକୁ ଦମନ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ। ମ୍ୟାଲେରିଆ ପ୍ରବଣ ଅଞ୍ଚଳକୁ ଯାଇ ଲୋକଙ୍କୁ ସଚେତନ କରିବା, ଘର ଚାରି ପାଖ ପରିଷ୍କାର ପରିଛନ୍ନ ରଖିବା, ନାଳ ନର୍ଦ୍ଦମାରେ ପାଣି ଜମା କରି ନ ରଖିବା, ରାତିରେ ଶୋଇଲା ବେଳେ ମଶାରୀ ଲଗାଇ ଶୋଇବା, ମ୍ୟାଲେରିଆ ଜ୍ୱର ହୋଇଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କଲେ ମ୍ୟାଲେରିଆମୁକ୍ତ ହୋଇ ପାରିବା ବୋଲି ଅତିଥିମାନେ କହିଥିଲେ। ପରେ ନୂଆପଡାକୁ ମ୍ୟାଲେରିଆମୁକ୍ତ ଜିଲା କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆପଡା ଜଗନ୍ନାଥ ନର୍ସିଂହୋମ ଛାତ୍ରୀଛାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ମ୍ୟାଲେରିଆ ପରାମର୍ଶଦାତା ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ମ୍ୟାଲେରିଆ ନିରାକରଣ ସଚେତନତା ସଭାରେ ମଞ୍ଚାସୀନ ଅତିଥି।

## ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସମ୍ବର୍ଦ୍ଧିତ

**ଖଡ଼ିଆଳ,୨୫।୪(ଡି.ଏନ.ଏ.)**

ସାହିତ୍ୟ ପତ୍ରିକା ଶ୍ୱେତ ସଂକେତ ତରଫରୁ ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କୁ ଚଳିତ ବର୍ଷ ପାଇଁ ଶ୍ୱେତ ସଂକେତ ଗଳ୍ପ ସମ୍ମାନପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଶ୍ୱେତ ସଂକେତର ୩୫ତମ ସାରସ୍ୱତ ସମାରୋହରେ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପ୍ରତି ଗାଳ୍ପିକ ସାହୁ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ସେ ଓଡ଼ିଶାର ସର୍ବପୁରାତନ ସାହିତ୍ୟାନୁଷ୍ଠାନ ଖଡ଼ିଆଳ ସାହିତ୍ୟ ସମିତିର ସମ୍ପାଦକ ତଥା ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସାରସ୍ୱତ ସାଧନାରେ ବ୍ରତୀ ଅଛନ୍ତି। ସାହୁଙ୍କର ଗଳ୍ପ ସଂକଳନ କଥାରେ କଥାରେ ଓ କବିତା ସଂକଳନ ସମୟର ସରହଦ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତିରୁପତି ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଦେବେନ୍ଦ୍ର ନାଥ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

## ମଦକୋଠି ବନ୍ଦ ଦାବିକଲେ ଏସ୍ଏଚ୍ଜି ମହିଳା




ମଦ ବିକ୍ରି ବନ୍ଦ ଦାବିରେ ଖଡିଆଳ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

**ଖଡ଼ିଆଳ,୨୫।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ଡୁମେରବାହାଲ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମଦକୋଠି ବନ୍ଦ କରିବାକୁ ଦାବି କରିଛନ୍ତି। ଏ ନେଇ ସେମାନେ ଖଡ଼ିଆଳ ଥାନା ଓ ଅବକାରୀ ଉପ ନିରୀକ୍ଷକଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ମଦକୋଠି ଖୋଲି ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ଏହାକୁ ନେଇ ଗାଁରେ ନାନାଦି ସମସ୍ୟା ଲାଗି ରହୁଛି। ଅଶାନ୍ତକର ପରିସ୍ଥିତି ସୃଷ୍ଟି ହେବା ସହିତ ଲୋକଙ୍କ ଆର୍ଥିକ ପରିସ୍ଥିତି ଖରାପ ହେଉଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଦକୋଠି ବନ୍ଦ କହିଲେ ମଦ ବିକ୍ରି କରୁଥିବା ବ୍ୟକ୍ତି ଜଣକ ଗାଲୁଗୁଲଜ କରିବା ସହ ଧମକଚମକ ଦେଉଥିବା ମହିଳାମାନେ କହିଛନ୍ତି। ତେଣୁ ଗ୍ରାମରେ ଥିବା ମଦକୋଠି ତୁରନ୍ତ ବନ୍ଦ କରିବାକୁ ସ୍ୱୟଂ ସହାୟକ ଦଳ ସଭାନେତ୍ରୀ କ୍ଷିତିସୁତା ବଉକୁ, ସମ୍ପାଦିକା ମାଧୁରୀ ବାରିକ, ବରଗାଁ ସମିତି ସଭ୍ୟା ରଶ୍ମିତା ବାରିକଙ୍କ ସହ ଅନୁପମା ବାରିକ, ସାବିତ୍ରୀ ବାରିକ, ଭାରତୀ ବାରିକ, ଲୋବନି ଘିଭେଲା, ସୁଷମା ବକ୍ସି, ଦେବକୀ ଦଣ୍ଡସେନା, ୱାର୍ଡସଭ୍ୟ ଲଳିତ ମୋହନ ମାଝି ପ୍ରମୁଖ ସ୍ଥାନୀୟ ଥାନା ଓ ଅବକାରୀ ଉପନିରୀକ୍ଷକଙ୍କୁ ଏହିମର୍ମରେ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ଖଡ଼ିଆଳ ଥାନା ଏଏସଆଇ ଦେବାର୍ଚ୍ଚନ ମାଝିଙ୍କୁ ପଚାରିବାରୁ ଡୁମେରବାହାଲ ଗ୍ରାମରେ ମଦବିକ୍ରି ବନ୍ଦ କରିବାକୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ମଦକୋଠୀ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଲାଇଟ ଗଲେ ଏଟିଏମ୍ ବନ୍ଦ: ଲୋକେ ନିରାଶ

**ନୂଆପଡ଼ା ଅଫିସ୍/କୋମନା, ୨୫।୪(ଡି.ଏନ୍.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଦୁଇଟି ଏଟିଏମ୍ ଅବସ୍ଥାପିତ କରାଯାଇଛି। ଲାଇଟ ଥିଲେ ଏଟିଏମ୍‌ରେ ଟଙ୍କା ବାହାରେ ଓ ଲାଇଟ୍ ଚାଲିଗଲେ ବନ୍ଦ ହୋଇଯାଏ। ଏଟିଏମ୍‌କୁ ଟଙ୍କା ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖିନ ହୋଇ ନିରାଶରେ ଫେରି ଯାଉଛନ୍ତି। ଜିଲା ପ୍ରମୁଖ ବାଣିଜ୍ୟ କେନ୍ଦ୍ର ହେଉଛି ଉଦ୍ୟାନବନ୍ଧ। ଅଞ୍ଚଳର ଲୋକେ ଉଦ୍ୟାନବନ୍ଧ ଉପରେ ନିର୍ଭର କରି ସାପ୍ତାହିକ ହାଟ ସହ ଦୋକାନ ବଜାରରୁ ଜିନିଷ କିଣିବା ପାଇଁ ଆସିଥାନ୍ତି। ଦୋଫସଲି ଅଞ୍ଚଳ ହୋଇଥିବାରୁ ଲୋକେ ରାସାୟନିକ ସାର, ଔଷଧ ଆଦି ପାଇଁ ମଧ୍ୟ ଆସିଥାନ୍ତି। ଅଧିକାଂଶ ଲୋକ ଏଟିଏମ୍‌ରୁ ଟଙ୍କା କାଢି ବଜାର କରିବୁ ବୋଲି ଭରସା କରି ଆସିଥାନ୍ତି। ହେଲେ ଏଟିଏମରେ ଲାଇଟ ନ ଥିଲେ ବନ୍ଦ ହୋଇ ଯାଉଥିବାରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବଲାଙ୍ଗିର ଯିବା ରାସ୍ତା କଡ଼ ସଞ୍ଜିବନୀ କ୍ଲିନିକ ପାଖରେ ଥିବା ଏଟିଏମ୍ ଦେଢ ବର୍ଷ ହୋଇଯିବ ଏଟିଏମ ବାହାରେ ନାମ ଫଳକ ନ ଥିବାରୁ ଲୋକେ ଜାଣି ପାରୁନାହାନ୍ତି। ଏହି ଏଟିଏମ୍‌ରେ ଲାଇଟ ଥିଲେ ଟଙ୍କା ବାହାରେ ଲାଇଟ ଚାଲିଗଲେ ଏଟିଏମ ବନ୍ଦ ହୋଇଯାଏ। ସେଥିରେ ଲାଗିଥିବା ବ୍ୟାଟେରୀ ଖରାପ ହୋଇ ଯାଇଥିବାରୁ ଏହି ପ୍ରକାର ହେଉଛି ବୋଲି ଜଣେ କର୍ମଚାରୀ କହିଥିଲେ। ଏଟିଏମ୍ କାର୍ଡ ଲାଗିଥିବା ସମୟରେ ଲାଇଟ୍ ଚାଲିଗଲେ ଲାଇଟ ଆସିବା ପର୍ଯ୍ୟନ୍ତ ଜଗି ରହିବାକୁ ପଡେ। ୩୫୩ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏଟିଏମ ବ୍ୟାଙ୍କ ସଂଯୋଗ ଥିବାରୁ ବ୍ୟାଙ୍କ ଖୋଲାଥିଲେ ଟଙ୍କା ବାହାରେ। ବ୍ୟାଙ୍କ ବନ୍ଦ ହୋଇଗଲେ ଏଟିଏମ ବନ୍ଦ ହୋଇଯାଏ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଚୋରି ଗାଡ଼ି ଜବତ, ୨ଗିରଫ

**ଖପ୍ରାଖୋଲ, ୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଦୁଇଟି ଚୋରି ଗାଡ଼ି ଧରିବା ସହ ଦୁଇଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ପୁଇଁତଲା ଥାନା କୁଲୁଥିପାଲି ଗାଁର ବୈଷ୍ଣବ ଦଳାଇ (୨୮) ଓ ସତ୍ୟନାରାୟଣ ଦଳାଇ(୩୦)। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୫୯/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଖପ୍ରାଖୋଲ ଥାନା ପାଟ୍ରୋଲିଂ ପୋଲିସ ଗୋଟିଏ ଟାଟା ଏସିଇ ଗାଡିକୁ ଅଟକାଥିଲା। ଡ୍ରାଇଭରଙ୍କୁ ପଚରାଉଚରାବେଳେ ଏହା ଏକ ଚୋରିଗାଡି ବୋଲିଜଣାପଡିଥିଲା। ଅଧିକ ପଚରାଉଚରା ପରେ ଏକ ଚୋରି ବୋଲେରୋକୁ ବରଗଡ଼ ଜିଲାରୁ ଉଦ୍ଧାର କରାଯାଇଛି। ଟାଟା ଏସିଇ ବୌଦ୍ଧ ଜିଲାର ଓ ବୋଲେରୋ ଦେବଗଡ଼ ଜିଲାର ବୋଲି ଜଣାଯାଇଛି।

## ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ସମୀକ୍ଷା ବୈଠକ

**ସିନାପାଲି, ୨୫।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ ପଞ୍ଚାୟତ କରାଡଙ୍ଗରିଠାରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଶାସନ ବନବାସୀମାନଙ୍କ ଜଙ୍ଗଲ ଜମି ସମସ୍ୟାର ସମାଧାନ ନ କଲେ ଜନ ଆନ୍ଦୋଳନ କରାଯିବା ନେଇ ନିଷ୍ପତ୍ତି ହେଇଥିଲା। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଦ୍ୱାରା ବୋଡ଼େନ ବ୍ଲକ ରେଞ୍ଜ ଅଫିସ ଘେରାଉ କରାଯିବା ସହ ବୋଡ଼େନ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ସମାଧାନ ନ ହେଲେ କେଉଁ ଭଳି ରଣନୀତି ପ୍ରସ୍ତୁତ କରାଯିବ ତାହା ଉପରେ ଆଲୋଚନା କରଯାଇଥିଲା। ପୁରୁଷାନୁକ୍ରମେ ଜଙ୍ଗଲ ଜମିକୁ ଦଖଲ କରି ପାରମ୍ପରିକ ବନବାସୀମାନେ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ କେତେକ ଆଦିବାସୀଙ୍କୁ ପଟ୍ଟା ଦେଇ ଅଣଆଦିବାସୀଙ୍କୁ ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। ଯେଉଁ ଜଙ୍ଗଲ ଅଞ୍ଚଳରେ ଆଦିବାସୀମାନେ ରହୁଛନ୍ତି ସେଠାରେ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମଧ ରହୁଛନ୍ତି। ଓଡ଼ିଶାର ଅନେକ ଜିଲାରେ ଅଣ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ନୂଆପଡ଼ା ଜିଲାରେ ଏହା କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ, ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା, ପହରିଆ ଜନଜାତିକୁ ଆଦିବାସୀ ମାନ୍ୟତା, ପଡ଼ା ଗ୍ରାମରେ ମିନି ଅଙ୍ଗନୱାଡି ସ୍ଥାପନ ସମେତ ଅନେକ ଦାବି ନେଇ ପ୍ରଶାସନକୁ ଘେରିବାକୁ ନିଷ୍ପତ୍ତି ନିଆଯାଇଛି। କମିଟି ସଭାପତି ହନୁରାମ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ଆବାହକ ମେଘନାଦ ଖର୍ସେଲ, ଜଗଦୀଶ ମାଝି, ଟୋପଚନ ମାଝି, କେଶରୀ ମାଝି, ବଇଲୋଚନ ମାଝି, କ୍ଷୀରସିଂ ମାଝି, ରୂପଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ମାମଲା ରୁଜୁ ପରେ ସ୍କୁଲ ଆସୁନାହାନ୍ତି ଶିକ୍ଷକ

**ବଲାଙ୍ଗୀର ଅଫିସ, ୨୫।୪**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ଜଣେ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ଜଣେ ଯୁବତୀ। ଏ ନେଇ ପୀଡିତା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନା ପୋଲିସ ମାମଲା (୧୭୬/୨୩) ରୁଜୁ କରିଛି। ଅଭିଯୋଗ ପରେ ଗତ ୨୦ତାରିଖଠାରୁ ସମ୍ପୃକ୍ତ ଶିକ୍ଷକ ଆଉ ସ୍କୁଲ ଆସୁନାହାନ୍ତି। ଏନେଇ ଗଣମାଧ୍ୟମ ପ୍ରତିନିଧି ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ମତାମତ ନେବାରୁ ଶିକ୍ଷକ ଜଣକ ଗତ ୨୦ ତାରିଖଠାରୁ ସ୍କୁଲ ଆସୁ ନ ଥିବା କହିଛନ୍ତି। ସେ କୁଆଡେ ଯାଇଛନ୍ତି ତାର ସୂଚନା ଦେଇନାହାନ୍ତି। ଏଣୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବ ବୋଲି କହିଛନ୍ତି। ତାଙ୍କ ବିରୋଧରେ କିଏ କ'ଣ ଅଭିଯୋଗ କରିଛି ତାହା ସେ ଜାଣି ନାହାନ୍ତି ବୋଲି କହିଛନ୍ତି। ମିଳିଥିବା ସୂଚନା ମୁତାବକ ସମ୍ପୃକ୍ତ ଶିକ୍ଷକ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କରେ ରହିଆସିଥିଲେ। ମାତ୍ର ଏବେ ବିବାହ କରିବାକୁ ମନା କରିଦେଇଥିବାରୁ ସେ ବାଧହୋଇ ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡିତାଙ୍କ ଅଭିଯୋଗରୁ ଜଣାପଡିଛି। ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ଶିକ୍ଷକଙ୍କ ବହୁ ମଡେଲିଂ ଫଟୋ ଘୁରି ବୁଲୁଛି। ଏନେଇ ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଯେ, ଯୁବତୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ବାଲ୍ୟ ବିବାହମୁକ୍ତ ବ୍ଲକ ଗଠନ ଲକ୍ଷ୍ୟ

**ଖଡ଼ିଆଳ,୨୫।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସଭାଗୃହରେ ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ ସିଡିପିଓ ମିନାକୁମାରି ଅଗ୍ରୱାଲଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ବୀରସେନ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ସହ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ସ୍ୱେଚ୍ଛାସେବୀ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡ ସଂଘମିତ୍ରା ବାବୁ,ଏଏସଆଇ ରେବତୀ ଦୁର୍ଗା ଯୋଗଦେଇ ବାଲ୍ୟ ବିବାହ ଉପରେ ନିଜ ମତ ରଖିଥିଲେ। ବିଡ଼ିଓ ବେହେରା କହିଥିଲେ ବର୍ତ୍ତମାନ ବ୍ଲକର ୩୦ଟି ଗ୍ରାମ ବାଲ୍ୟ ବିବାହମୁକ୍ତ ଘୋଷିତ ହୋଇଛି। ଆଗକୁ ବ୍ଲକର ସମସ୍ତ ଗ୍ରାମକୁ ବାଲ୍ୟ ବିବାହମୁକ୍ତ କରାଯିବା ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ସଦସ୍ୟ, କର୍ମକର୍ତ୍ତା ଯୋଗଦେଇଥିଲେ।




ବ୍ଲକସ୍ତରୀୟ ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କପିଳପଡା ରାସ୍ତା ନିର୍ମାଣରେ ଅନିୟମିତତା

# ତଦନ୍ତ କଲେ ଅମ୍ବୁଡସ୍‌ମ୍ୟାନ

**ଲୋଇସିଂହା,୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ଗ୍ରାମ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା ହୋଇଛି। ପଞ୍ଚାୟତ ଅଧୀନ କପିଳପଡା ରାସ୍ତା କାମ ନ କରି ବିଲ୍ ଉଠାଯାଇଥିବା ନେଇ ଗତ ଏପ୍ରିଲ ୧୦ତାରିଖରେ ଜିଲାପାଳଙ୍କ ନିକଟରେ ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ଡିଆରଡିଏର ଏମ୍‌ଜିଏନ୍‌ଆରଇଜିଏସ୍ ଅମ୍ବୁଡସ୍‌ମ୍ୟାନ ସଚ୍ଚିଦାନନ୍ଦ ହନୁମାନ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତ ବେଳେ ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚ ସଞ୍ଜୟ ଗଡତ୍ୟା, ପିଇଓ ଅକ୍ଷୟ ଦଳାଇ, ଜିଆରଏସ୍ ଶିବ ସା ଉପସ୍ଥିତଥିଲେ। ପଞ୍ଚାୟତ କର୍ତ୍ତୃପକ୍ଷ ରାସ୍ତା କାମ ହୋଇଥିବା କହିଥିବାବେଳେ ଗ୍ରାମବାସୀ ଉପଯୁକ୍ତ କାମ ନକରି ବିଲ ଉଠିଥିବା କହିଥିଲେ। କାମ ହୋଇଥିଲେ ମାଟି ଉଠାଯାଇଥିବା ସ୍ଥାନ ଦେଖାଇବାକୁ ଗ୍ରାମବାସୀ କହିଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ତାହା ଦେଖାଇ ପାରି ନ ଥିଲେ। ଓଲଟି ରାସ୍ତାର ପ୍ରାରମ୍ଭ ସ୍ଥାନରେ ୨ବର୍ଷ ପୂର୍ବରୁ ପଡିଥିବା ଅଳିଆ ଇଟାଗଦାକୁ ଦେଖାଇ ପ୍ରକଳ୍ପର ଏହା ସୂଚନା ଫଳକ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ ତଦନ୍ତକାରୀ ଅଧିକାରୀଙ୍କୁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ,୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ବ୍ରାହ୍ମଣୀଡୁଙ୍ଗରୀ ନିକଟସ୍ଥ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ କପିଳପଡା ରାସ୍ତାକାମ ହାତକୁ ନିଆଯାଇଛି। ଉକ୍ତ ରାସ୍ତାରେ ୧୫୬୦ ଜଣ ଶ୍ରମିକଙ୍କ ପାଉଣା ବାବଦକୁ ୩ ଲକ୍ଷ ୪୬ ହଜାର ୩୨୦ ଟଙ୍କା ପୈଠ ହୋଇଛି। ସାମଗ୍ରୀ ବାବଦକୁ ୨ ଲକ୍ଷ ୧୮ ହଜାର ୪୬୮ ଟଙ୍କା ବ୍ୟୟ କରାଯାଇଛି। ରାସ୍ତା କାମରେ ମୋଟ ୫ ଲକ୍ଷ ୬୪ ହଜାର ୭୮୮ ଟଙ୍କା ବିଲ ଉଠିଛି। ଏମଜିଏନଆରଇଜିଏସ୍ କାମରେ ଶ୍ରମିକଙ୍କୁ ଉପେକ୍ଷା କରି ମେଶିନରେ କାମ କରାଯାଇଛି। ଏବେ ପୁଣି ଉକ୍ତ ରାସ୍ତାରେ କାମ ନାଁରେ ମଷ୍ଟରରୋଲ ପ୍ରସ୍ତୁତ କରାଯାଇଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ଉପରୋକ୍ତ ରାସ୍ତା ବଲାଙ୍ଗୀର ସଦର ବ୍ଲକ ଅଧୀନରେ ରହିଛି। ତେବେ କେଉଁ ସ୍ୱାର୍ଥରେ ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା କାମ ନାମରେ ବାରମ୍ବାର ଫାଇଲ ଖୋଲା ଚାଲିଛି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଅମ୍ବୁଡସ୍‌ମ୍ୟାନ।

## ସଂକ୍ଷେପରେ

### ଭତ୍ତା ନେବେନି କଂଗ୍ରେସ କାଉନସିଲର

**ସରଣ୍ଡା,୨୫।୪(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ଏନ୍ଏସି ନିର୍ବାଚନ ପରେ ମଙ୍ଗଳବାର ନବ ନିର୍ବାଚିତ ସଦସ୍ୟଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ନମ୍ବର ୱାର୍ଡର କଂଗ୍ରେସ କାଉନସିଲର ଦୀପକ ରାୟ ଯୋଗଦେଇ ନିଜକୁ ମିଳିବାକୁ ଥିବା ଜନପ୍ରତିନିଧିଙ୍କ ମାସିକ ଭତ୍ତା ନେବେ ନାହିଁ ବୋଲି ଘୋଷଣା କରିଛନ୍ତି । ଆସନ୍ତା ୫ ବର୍ଷ ଯାଏ ତାଙ୍କୁ ମିଳିବାକୁ ଥିବା ଏହି ଭତ୍ତାକୁ ଏନ୍ଏସିର ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରିବାକୁ ଲିଖିତ ଭାବେ କାର୍ଯ୍ୟ ନର୍ବାହୀ ଅଧିକାରୀଙ୍କୁ ଜଣାଇଥିବା ରାୟ କହିଛନ୍ତି। ତାଙ୍କର ଏପରି ମହତ ଉଦ୍ଦେଶ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ହିତାଧିକାରୀଙ୍କ ଘରେ ଭତ୍ତା ଅର୍ଥ ପହଞ୍ଚାଯାଉ

**ସରଣ୍ଡା,୨୫।୪(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ଏନ୍ଏସି ନବନିର୍ବାଚିତ ପ୍ରତିନିଧିଙ୍କ ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଭତ୍ତା ବାବଦ ନଗଦ ଅର୍ଥ ହିତାଧିକାରୀଙ୍କ ଘରେ ପହଞ୍ଚାଇବାକୁ ଦାବି କରାଯାଇଛି। ଏନ୍ଏସି ଅଞ୍ଚଳର ଅନେକ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗମାନେ ମାସିକ ଭତ୍ତା ଉପରେ ନିର୍ଭର କରୁଛନ୍ତି। ସେମାନଙ୍କୁ ନିଜ ଭତ୍ତା ଟଙ୍କା ପାଇବା ପାଇଁ ଖରାବର୍ଷା ସହି ଦୂର ବାଟ ଯାଇ ଲମ୍ବାଧାଡିରେ ଛିଡା ହେବାକୁ ପଡୁଛି। ଅନେକ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କାଢ଼ିବାକୁ ଯାଇ ହଇରାଣ ହେଉଛନ୍ତି। ଏଣୁ ସମ୍ପୃକ୍ତ ଭତ୍ତାଧାରୀମାନଙ୍କ ଘରକୁ ଯାଇ ନଗଦ ଟଙ୍କା ଦେବା ସୁବିଧା କରିବାକୁ କାଉନସିଲର ଦୀପକ ରାୟ ଏନ୍ଏସି ଇଓଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ବିଗତ ଦିନରେ ୧ ଓ ୭ ନମ୍ବର ୱାର୍ଡରେ ହୋଇଥିବା ରାସ୍ତା ଓ ଡ୍ରେନ କାମର କ୍ୱାଲିଟି ଟେଷ୍ଟ ପାଇଁ ରାୟ ଜଣାଇଛନ୍ତି ।

### ୪ ୱାରେଣ୍ଟି ଗିରଫ କଲା ସୁବଳୟା ପୋଲିସ

**ଅମରପାଲି,୨୫।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ୪ ୱାରେଣ୍ଟିଙ୍କୁ ପୋଲିସ ଗିରଫ କରିଛି ।ସୁବଳୟା ଥାନା ଅନ୍ତର୍ଗତ ଦୁର୍ଗାଦେବିପାଲି ଗ୍ରାମର ଅଶୋକ ପଧାନ, ଚୌକା ଗ୍ରାମର ବୈଶାଖୁ ଭୋଇ ଓ କୃଷ୍ଣଚନ୍ଦ୍ର ଜଗଦଲା ଏବଂ ଭାଲୁଡୁଙ୍ଗୁରୀ ଗ୍ରାମର ସୁବାଷ ରାଜହଂସଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ବାରମ୍ବାର ସମନ ଆସୁଥିଲେ ମଧ କୋର୍ଟ ଆଦେଶ ଅବମାନନା କରି କୋର୍ଟରେ ହାଜର ହେଉ ନ ଥିଲେ। କୋର୍ଟରେ ଅଶୋକଙ୍କ ନାମରେ ୨୦୧୯-୨୦ର ଏସସି ନଂ ୧୦/୧୬ , ବୈଶାଖ ଓ କୃଷ୍ଣଚନ୍ଦ୍ରଙ୍କ ନାମରେ ଜିଆର ନଂ ୬୦/୨୨ ଏବଂ ସୁବାଷଙ୍କ ନାମରେ ଜିଆର ନଂ ୧୫୩/୧୮ରେ କେସ ହୋଇଥିଲେ ମଧ କୋର୍ଟର ଆଦେଶ ସତ୍ତ୍ୱେ କୋର୍ଟରେ ହାଜର ହେଉ ନ ଥିଲେ।

# କନ୍ୟାଘର ଆଗରୁ ବରକୁ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ, ୨୫।୪**

ବିବାହ ଉତ୍ସବ ପାଇଁ କନ୍ୟାପକ୍ଷ ସଜବାଜ ହୋଇଥିଲେ। ବର ଅପେକ୍ଷାରେ ଥିଲେ କନ୍ୟା। ଗ୍ରାମକୁ ବର ସମେତ ବରଯାତ୍ରୀ ମଧ ପହଞ୍ଚି ଯାଇଥିଲେ। ବର ବସିଥିବା କାର୍ ଆଗରେ ଶୋଭାଯାତ୍ରା ଚାଲିଥିଲା। ବାଜା ବାଜିବା ସହ ବାଣ ବି ଫୁଟିଥିଲା। ଶୋଭାଯାତ୍ରା ଦେଖି ବର ମଧ ବେଶ୍ ଖୁସି ଥିଲେ। ଅଳ୍ପ କିଛି ସମୟରେ ବିବାହ ବେଦୀକୁ ବର ଯାଇଥାନ୍ତେ। ବରକନ୍ୟାଙ୍କ ହାତଗଣ୍ଠି ପଡିଥାନ୍ତା ଏବଂ ପରସ୍ପରକୁ ଜୀବନ ସାଥୀ ବାଛିଥାନ୍ତେ। ହେଲେ ଏହି ସମୟରେ କମିଶନରେଟ ପୋଲିସ ବରକୁ ଉଠାଇ ନେଇଥିଲା। ବରଯାତ୍ରୀ ଏବଂ କନ୍ୟାପକ୍ଷ ଲୋକଙ୍କୁ ଘଟଣାଟି ହତବାକ କରି ଦେଇଥିଲା। ଏଭଳି ଏକ ଘଟଣା ସୋମବାର ରାତିରେ ବରଗଡ଼ ଜିଲା ଭଟଲି ଥାନା ବେହେରାପାଲି ଗ୍ରାମରେ ଦେଖିବାକୁ ମିଳିଛି ।

ଘଟଣାର ପୃଷ୍ଠଭୂମି ଥିଲା ଏହିଭଳି। ଢେଙ୍କାନାଳ ଜିଲା ପର୍ଜଙ୍ଗ ଥାନା ପାଣି ଗେଙ୍ଗୁଟିଆ ଗ୍ରାମରୁ ବର ଅଜିତ କୁମାର ଭୋଇ ବରଯାତ୍ରୀଙ୍କ ସହ ସୋମବାର ବେହେରାପାଲି ଗ୍ରାମରେ ପହଞ୍ଚିଥିଲେ। ଖୁବ୍ ଜାକଜମକରେ ବରଯାତ୍ରୀ ଶୋଭାଯାତ୍ରା ଚାଲିଥିଲା। କନ୍ୟାଘର ପାଖରେ ଶୋଭାଯାତ୍ରା ପହଞ୍ଚିବା ପରେ ବାଟବରଣ ଚାଲିଥିଲା। ବାଟବରଣ ସରିବା ପୂର୍ବରୁ କମିଶନରେଟ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ବର ସାଜିଥିବା ଅଜିତଙ୍କୁ ଉଠାଇ ନେଇଥିଲେ। ଘଟଣାଟି ସମସ୍ତଙ୍କୁ ଚକିତ କରିଥିଲା। ପରେ ଜଣାପଡିଲା ଯେ, ବର ସାଜିଥିବା ଅଜିତ ଭୁବନେଶର ଓଏସ୍ଆରଟିସିରେ ଜେଇ ଭାବେ କାର୍ଯ୍ୟରତ ଅଛନ୍ତି। ଦୁଇ ବର୍ଷ ହେବ ଭୁବନେଶରର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଯୁବତୀଙ୍କୁ ସେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରତାରିତା ଯୁବତୀ ଜଣଙ୍କ ଭୁବନେଶର ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଜିତଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ମାମଲା ତଦନ୍ତାଧୀନ ଥିବାବେଳେ ଅଜିତ ବରଗଡ଼ ଜିଲା ବେହେରାପାଲି ଗ୍ରାମର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଉଦ୍ୟମ କରିଥିଲେ। ଏହି ସୂଚନା ପାଇ ଭୁବନେଶ୍ୱର କମିଶନରେଟ ପୋଲିସ ବରଯାତ୍ରୀ ଶୋଭାଯାତ୍ରାରୁ ତାଙ୍କୁ ଉଠାଇ ନେଇଥିଲା। ବାଟବରଣ ସମୟରେ କନ୍ୟାପକ୍ଷ ତାଙ୍କୁ ପିନ୍ଧାଇଥିବା ସୁନା ଚେନ, ମୁଦି, ହାତ ଘଣ୍ଟାକୁ ପୋଲିସ ଜବତ କରିଛି। ଘଟଣାଟି ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି ।

# ବରଗଡ଼ରେ କୁଆପଥର ବୃଷ୍ଟି


ବରଗଡ଼ ବ୍ଲକ କଟାପାଲିରେ ହୋଇଥିବା କୁଆପଥର ବୃଷ୍ଟି।

**ବରଗଡ଼ ଅଫିସ,୨୫।୪**

ବରଗଡ଼ ଜିଲାରେ ମଙ୍ଗଳବାର ସନ୍ଧ୍ୟାରେ ପୁଣି କୁଆପଥର ବୃଷ୍ଟି ହୋଇଛି। ଗତ ୨୨ତାରିଖ ସନ୍ଧ୍ୟାରେ ହୋଇଥିବା କୁଆପଥର ମାଡ଼ର କ୍ଷୟକ୍ଷତି ଆକଳନ ସରି ନ ଥିବାବେଳେ ଜିଲାରେ ପୁଣି କୁଆପଥର ବୃଷ୍ଟି ଚାଷୀଙ୍କ ମୁଣ୍ଡରେ ଚଡ଼କ ସଦୃଶ ହୋଇଛି। ଗତ ୨୨ତାରିଖରେ ହୋଇଥିବା କୁଆପଥର ବୃଷ୍ଟିରେ ଜିଲାର ବରଗଡ଼ ଅତାବିରା, ବରପାଲି, ବିଜେପୁର ବ୍ଲକର ବିଭିନ୍ନ ଗ୍ରାମରେ ବ୍ୟାପକ ଧାନଫସଲ ଉଜୁଡି ଯାଇଥିଲା। ସେହିପରି ମଙ୍ଗଳବାର ହୋଇଥିବା କୁଆପଥର ବୃଷ୍ଟି ଯୋଗୁ ବରଗଡ଼ ବ୍ଲକର କଟାପାଲି, ଭଟଲି ବ୍ଲକର କମଗାଁ, ବାଉଲସିଂହା ଆଦି ଗ୍ରାମରେ ଫସଲ ପ୍ରଭାବିତ ହୋଇଛି। ଅମଳକ୍ଷମ ଅବସ୍ଥାରେ ଥିବାବେଳେ ଧାନ ଫସଲ ଏଭଳି ନଷ୍ଟ ହେବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। କୃଷି ବିଭାଗ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ତ୍ୱରାନ୍ୱିତ ଦାବି କଲା ସଂଘ


ଜିଲା ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼ ଅଫିସ, ୨୫।୪**

ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କୁ ଭେଟିଥିଲେ। ଅନୁମୋଦିତ ଜିଲା କମିଟିର ଏକ ତାଲିକା ପ୍ରଦାନ କରିବା ଓ ଜିଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦାବି ସଂଘ ଦାବି କରିଥିଲା। ଏହାସହିତ ପ୍ରାଥମିକ ଶିକ୍ଷକ ସଂଘ ଭବନ ନିର୍ମାଣ ପାଇଁ ଏକ ସରକାରୀ ଜାଗା ଯୋଗାଇବା ପାଇଁ ମଧ ଅନୁରୋଧ କରାଯାଇଥିଲା। ଜିଲାରେ ପ୍ରାଥମିକ ଶିକ୍ଷକମାନଙ୍କ ଅନ୍ୟାନ୍ୟ ଅସୁବିଧା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରାଯିବା ସହପ୍ରତି ମାସରେ ଗୋଟିଏ ଦିନ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଶିକ୍ଷକ ସଂଘ ଜିଲା ସଭାପତି ନବୀନ ସାବତ, ସମ୍ପାଦକ କୃପାସିନ୍ଧୁ ଗଡ଼ତିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରଜିତ ପଣ୍ଡା, ପ୍ରମୋଦ ହୋତାଙ୍କ ସମେତ ଜିଲା ସଂଘ ସଦସ୍ୟ ଆନନ୍ଦ ପଣ୍ଡା, ଗୀତାଞ୍ଜଳି ପଣ୍ଡା, ବଳିଷ୍ଠ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ଶେଷ ମେହେର, ତ୍ରିନାଥ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ, ପୋଲିସ କମିଶନରଙ୍କୁ ନୋଟିସ୍

**ଓଏଚ୍ଆର୍ସିରେ ସହରାଞ୍ଚଳ ବାୟୁ ପ୍ରଦୂଷଣ ମାମଲା**

**କଟକ ଅଫିସ,୨୫।୪**

କଟକ, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ଅଧିକାଂଶ ବାୟୁ ପ୍ରଦୂଷଣ ଗାଡ଼ି ଚଳାଚଳ ଯୋଗୁ ହେଉଥିବା ନେଇ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆରସି)ରେ ଏକ ମାମଲା ରୁଜୁ କରିଥିଲେ। ଓଏଚ୍ଆର୍ସିରେ ମାମଲାର ଶୁଣାଣି ହୋଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପୋଲିସ କମିଶନର୍ଙ୍କୁ ନୋଟିସ ଜାରି କରାଯାଇଛି। ଏଥିସହ ପ୍ରଦୂଷଣ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜୁନ୍ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ରିପୋର୍ଟ ପ୍ରଦାନ କରିବାକୁ କମିଶନ୍ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କଟକ, ଭୁବନେଶ୍ୱର, ଅନୁଗୋଳ, ରାଉରକେଲା ସମେତ ୭ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ବିଭାଗୀୟ ମନ୍ତ୍ରୀ ଗତ ବିଧାନସଭାରେ ଏନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଜାତୀୟ ସ୍ୱଚ୍ଛ ବାୟୁ ମିଶନ ଜରିଆରେ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ପ୍ରଦୂଷଣ ମାତ୍ରା କମିବା ବଦଳରେ ବଢିବାରେ ଲାଗିଛି।

# ରାତିଅଧିଆ ପଥର ଚୋରାଚାଲାଣ

**ଭେଡ଼େନ, ୨୫।୪(ଡି.ଏନ.ଏ.)**

**ପ୍ରଶାସନିକ କଟକଣାକୁ ବେଖାତିର**

ବରଗଡ଼ ଜିଲା ଭେଡ଼େନ ତହସିଲ ଅଞ୍ଚଳରେ ଦିନକୁ ଦିନ ପଥର ମାଫିଆଙ୍କ ରାଜ୍ ବଢିବାରେ ଲାଗିଛି। ପ୍ରଶାସନର ବାରଣ ସତ୍ତ୍ୱେ ସେମାନେ ରାତିଅଧିଆ ପଥର ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଗତ ରବିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଚାଲିଛି ବେଆଇନ ପଥର ଚାଲାଣ’ ଶୀର୍ଷକ ସଚିତ୍ର ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନିକ ଅଧିକାରୀଙ୍କ ଚେତା ପଶିଥିଲା ଏବଂ ତହସିଲ ଅଧୀନ ବିଭିନ୍ନ ଗ୍ରାମରେ ଥିବା ଖାଦାନଗୁଡ଼ିକ ଉପରେ ଚଢାଉ କରି ବନ୍ଦ କରିଦିଆଯାଇଥିଲା। ମାତ୍ର ପରଦିନଠାରୁ ମାଫିଆମାନେ ରାତିଅଧିଆ ପଥର ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ କେତେକ ପ୍ରଶାସନିକ କର୍ମଚାରୀ ମାଫିଆଙ୍କ ହାତବାରିସି ସାଜିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭେଡ଼େନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ପଚରାଯିବାରୁ ସରକାରଙ୍କ ଖଣି ଓ ପ୍ରଦୂଷଣ ବିଭାଗରୁ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଆମେ ଏହି ସୈରାତ ଉତ୍ସଗୁଡ଼ିକର ନିଲାମ ସ୍ଥଗିତ ରଖିବା ସହ ବେଆଇନ ପଥର ଚାଲାଣ ହେଉଥିବା ଖାଦାନଗୁଡ଼ିକୁ ବନ୍ଦ କରିଛୁ। ତଥାପି ବେଆଇନ ପଥର ଚାଲାଣ ହେଉଥିବା ଅଭିଯୋଗ ପାଇଛୁ। ଏଥିପାଇଁ ପୋଲିସ ପ୍ରଶାସନକୁ ଜଣାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମୁଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ବିନା ନିଲାମରେ ଖାଦାନଗୁଡ଼ିକରେ ବେଧଡ଼କ ଉଚ୍ଚ ଶକ୍ତିସମ୍ପନ୍ନ ଡିନାମାଇଟ ବିସ୍ଫୋରଣ କରି ବଡ଼ ବଡ଼ ବ୍ରେକର ଜରିଆରେ ପଥର ଉତ୍ତୋଳନ କରାଯାଉଛି। ଏହି ପଥର ପ୍ରତିଦିନ ଟ୍ରାକ୍ଟର, ହାଇୱା ଯୋଗେ କ୍ରଶରଗୁଡ଼ିକୁ ଯାଉଛି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ସୁଫଳ ମିଳିପାରିନାହିଁ।

# ୪ ଅଭିଯୁକ୍ତଙ୍କୁ ଉତ୍ତର ପ୍ରଦେଶରୁ ଆଣୁଛି ପୋଲିସ

**ବରଗଡ଼ ଅଫିସ,୨୫।୪**

**ବରଗଡ଼ରେ ନକଲି ଔଷଧ କାରବାର ଘଟଣା**

ବରଗଡ଼ ଜିଲାରେ ଧରାପଡ଼ିଥିବା ନକଲି ଔଷଧ କାରବାରର ଚେର ଉତ୍ତର ପ୍ରଦେଶକୁ ଲମ୍ବିଛି। ଏହା ଜଣାପଡ଼ିବା ପରେ ଏକ ପୋଲିସ ଟିମ୍ ଉତ୍ତର ପ୍ରଦେଶକୁ ଯାଇ ସେଠାରୁ ୪ ଅଭିଯୁକ୍ତଙ୍କୁ ବରଗଡ଼ ଆଣୁଥିବା ସୂଚନା ମିଳିଛି । ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନ ଥିବାବେଳେ ସେମାନେ ବାରଣାସୀ ଅଞ୍ଚଳର ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଗତ ଜାନୁୟାରୀ ୧୮ତାରିଖରେ ନକଲି ଔଷଧ କାରବାର ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ଅଶୋକ ମେଡ଼ିକାଲ ହଲ୍ର ଦୋକାନୀ ସୁନିଲ ଅଗ୍ରୱାଲଙ୍କୁ ଗିରଫ କରିଥିଲା। ତାଙ୍କୁ ଜେରା ପରେ ନକଲି ଔଷଧର ଚେର ଉତ୍ତର ପ୍ରଦେଶକୁ ଲମ୍ବିଥିବା ଜାଣିବାକୁ ପାଇ ପୋଲିସ ସେଠାକୁ ଯାଇ ଛାନଭିନ୍ ଚଳାଇଥିଲା।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବରଗଡ଼ ସହରକୁ ଆସି ଏଠାରେ ଥିବା ବିଭିନ୍ନ ଔଷଧ ଦୋକାନରେ ଅତର୍କିତ ଛାନଭିନ୍ କରିଥିଲା। ସେତେବେଳେ ସନ୍ଦିଗ୍ଧ ଔଷଧର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ତାକୁ ବିଭାଗୀୟ ଲାବୋରେଟୋରିକୁ ପଠାଯାଇଥିଲା। ପରୀକ୍ଷା ପରେ ଅଭିଯୁକ୍ତ ସୁନିଲଙ୍କ ଦୋକାନରୁ ସଂଗୃହୀତ ଔଷଧ ନମୂନା ନକଲି ଥିବା ଜଣାପଡ଼ିଥିଲା। ଏହାପରେ ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଣ୍ଟ୍ରୋଲ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ସ୍ଥାନୀୟ ଟାଉନ ଥାନାରେ ଔଷଧ ଦୋକାନୀ ସୁନିଲଙ୍କ ବିରୋଧରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୨୭୪, ୨୭୫, ୨୭୬, ୪୨୦, ୪୬୭, ୪୬୮, ୪୭୧, ୧୨୦(ବି), ୩୩୬, ୪୮୩, ୪୮୬, ୩୪ ଆଇପିସି ଏବଂ ୨୭ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟରେ ଏକ ମାମଲା (ନଂ.୪୪/୨୩) ରୁଜୁ କରିବା ସହ ସୁନିଲଙ୍କୁ ଗିରଫ କରିଥିଲା।

### ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଅପହଞ୍ଚ

**ପଦ୍ମପୁର,୨୫।୪(ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବରିକେଲ ପଞ୍ଚାୟତ ଚାରପାଲି ଗ୍ରାମର ଉରକୁଲି ଦୁଆରୀ(୬୮) ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ଜଣେ ଗରିବ ଅସହାୟ ବୃଦ୍ଧା ଅଟନ୍ତି। ଭତ୍ତା ପ୍ରଶାସନ ନିକଟରେ ଅନେକ ଥର ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସୁଫଳ ମିଳି ନ ଥିବା ସେ କହିଛନ୍ତି । ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ରେଲୱେ ଓଭରବ୍ରିଜ୍ ପାଇଁ ଉଚ୍ଛେଦ ଆରମ୍ଭ

**ବରପାଲି,୨୫।୪(ଡି.ଏନ.ଏ.)**

ବରପାଲି ହାଇସ୍କୁଲ ନିକଟରେ ନିର୍ମାଣାଧୀନ ରେଲୱେ ଓଭରବ୍ରିଜ୍ ପାଇଁ ମଙ୍ଗଳବାର ଜଗନ୍ନାଥ ନଗରରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଉଚ୍ଛେଦ ପାଇଁ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ରଖାଯାଇଥିଲା। ଅବଶ୍ୟ ପୂର୍ବରୁ ଚିହ୍ନଟ ହୋଇଥିବା ଜାଗାରେ ଥିବା ଘରକୁ ଲୋକେ ନିଜେ ନିଜେ ଭାଙ୍ଗି ଦେଇଥିଲେ ମଧ୍ୟ ଆଉ କେତେକ ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲେ ମଧ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବରଗଡ଼ ଉପଜିଲାପାଳ ଲଲାଟ ଲୁହା, ବରପାଲି ତହସିଲଦାର ରକ୍ମଣ ମେହେର, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଅତିରିକ୍ତ ତହସିଲଦାର ଅର୍ଜୁନ କୁମାର ମାଝୀ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ପୋଲିସ ଏସ୍ଡିପିଓ ଅମରେନ୍ଦ୍ର ପଣ୍ଡା, ଆଇଆଇସି ସବିତାଲତା ସେଠୀ, ଏଏସ୍ଆଇ ନରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରେଲୱେ ଓଭରବ୍ରିଜ୍ ପାଇଁ ଜଗନ୍ନାଥ ନଗରରେ ଜମି ଚିହ୍ନଟ ହେବା ପରେ ଜନସାଧାରଣଙ୍କ ରୟତି ଜମି ପାଇଁ ମିଳୁଥିବା କ୍ଷତିପୂରଣ ପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଉଚ୍ଛେଦ ପ୍ରକ୍ରିୟା ବିଳମ୍ୱିତ ହେଉଥିଲା। ପରେ ଏହା ସମାଧାନ ହୋଇଯିବାରୁ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ଆରମ୍ଭ ହୋଇଥିଲା।

# ସୋନପୁରରୁ ଆଉ ଜଣେ ଡିଲର ଗିରଫ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

**କୃଷି ଯନ୍ତ୍ରାଂଶ ସବ୍ସିଡି ନାଁରେ ୧୨ କୋଟି ହଡ଼ପ ଘଟଣା**

- ପୂର୍ବରୁ ଗିରଫ ହୋଇଥିଲେ ଅନ୍ନପୂର୍ଣ୍ଣା ଆଗ୍ରୋ ଏମ୍ଡିଙ୍କ ସମେତ ୩
- ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ

ଚାଷୀଙ୍କୁ କୃଷି ଯନ୍ତ୍ରାଂଶ ଯୋଗାଇଦେବାକୁ କହି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ସ୍କିମ୍ ଜରିଆରେ ୧୨କୋଟି ଟଙ୍କାର ସରକାରୀ ସବ୍ସିଡି ଟଙ୍କା ହଡ଼ପ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଡିଲରଙ୍କୁ ଗିରଫ କରିଛି। ସେ ହେଲେ ସୋନପୁର ଡଙ୍ଗୁରିପାଲି ଅଞ୍ଚଳର ଚୌତୁରା ଦୀପ୍। କୃଷି ଉତ୍ପାଦନକାରୀ ସଂସ୍ଥା ଏମ୍/ଏସ୍ ଅନ୍ନପୂର୍ଣ୍ଣା ଆଗ୍ରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିଃର ପଞ୍ଜୀକୃତ ଡିଲର ଏମ୍/ଏସ୍ କେବିକେ ଦୀପ ଆଗ୍ରୋ ସେଲ୍ସର ମାଲିକ ହେଉଛନ୍ତି ଚୌତୁରା। ତାଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବାପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଗତବର୍ଷ ଡିସେମ୍ବରରେ ଅନ୍ନପୂର୍ଣ୍ଣା ଆଗ୍ରୋ ପରିଚାଳନା ନିର୍ଦ୍ଦେଶକ(ଏମ୍ଡି) ପ୍ରଦୀପ କୁମାର ଆଚାର୍ଯ୍ୟଙ୍କ ସମେତ ଡିଲର ପ୍ରଭାତ ରଞ୍ଜନ ଦାସ ଓ ସେକ୍ ଫୟାଜଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଏହି ଠକେଇ ଘଟଣାରେ ସମ୍ପୃକ୍ତ ଅନ୍ୟ ଡିଲରଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ପ୍ରଦୀପଙ୍କ ସଂସ୍ଥା ଚାଷୀଙ୍କୁ କୃଷିଜାତ ଯନ୍ତ୍ରାଂଶ ଯୋଗାଇଦେବା ପାଇଁ ସରକାରଙ୍କ (ଡିବିଟି)ସ୍କିମ୍ରେ ପଞ୍ଜୀକୃତ ହୋଇଥିଲା। ଏଥିପାଇଁ ସଂସ୍ଥା ପକ୍ଷରୁ ରାଜ୍ୟରେ ୧୧୫ଜଣ ଡିଲରଙ୍କୁ ନିଯୁକ୍ତ କରାଯାଇଥିଲା। ଡିଲରଙ୍କ ଜରିଆରେ ଏହି ସଂସ୍ଥା ଚାଷୀଙ୍କ ବିଭିନ୍ନ ପ୍ରକାର ସରଞ୍ଜାମ ବିକ୍ରି କରୁଥିଲା। ତେବେ ପରେ ଏମ୍ଡି ପ୍ରଦୀପ ତାଙ୍କ ଡିଲରଙ୍କ ଜରିଆରେ ଷଡ଼ଯନ୍ତ୍ର କରି ଚାଷୀଙ୍କଠାରୁ ନକଲି ଡକ୍ୟୁମେଣ୍ଟ ଓ ଇମେଲ୍ ଆଇଡି ଆଦି ସଂଗ୍ରହ କରିଥିଲେ। ୨୦୧୬-୧୭, ୨୦୧୯-୨୦ରେ ବହୁ ହିତାଧିକାରୀଙ୍କ ବିଭିନ୍ନ ଦସ୍ତାବିଜ୍ ଉକ୍ତ ସ୍କିମ୍ରେ ଅପ୍ଲୋଡ କରିଥିଲେ। ପରେ ହିତାଧିକାରୀଙ୍କ ସବ୍ସିଡି ଟଙ୍କାକୁ ହଡ଼ପ କରିବାରେ ଅଭିଯୁକ୍ତମାନେ ସଫଳ ହୋଇଥିଲେ। ଏହାପରେ କୃଷକଙ୍କୁ ଅଳ୍ପ ପରିମାଣର ଅର୍ଥ ଦେଇ ସେମାନଙ୍କଠାରୁ ପ୍ରମୁଖ ସବ୍ସିଡି ରାଶି ହଡ଼ପ କରି ନେଇଥିଲେ। ତେବେ ଅଭିଯୁକ୍ତ ଚୌତୁରା ନିଜେ ୪୮୭ଟି ସରଞ୍ଜାମ ବିକ୍ରି କରିଥିବା ଦେଖାଇ ୩.୫୪ କୋଟି ଟଙ୍କା ହଡପ କରିଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଇଓଡବ୍ଲ୍ୟୁର ଡେପୁଟି ଏସ୍ପି ଏ.କେ. ମିଶ୍ର ଏକ ମାମଲାରେ ତଦନ୍ତ କରୁଥିବା ବେଳେ ଏହି ଠକେଇ ସମ୍ବନ୍ଧରେ ଜାଣିବାକୁ ପାଇ ଏତଲା ଦେଇଥିଲେ। ଏହାପରେ ଇଓଡବ୍ଲ୍ୟୁ ୨୦୨୨ ନଭେମ୍ବର ୭ରେ ଚୌତୁରାଙ୍କ ବିରୋଧରେ ଏକ ମାମଲା (ନଂ.୨୦/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଏମ୍ପିଏଲ୍ କ୍ରିକେଟ: ମେଟାକାନି ଇଲେଭେନ ଷ୍ଟାର ଚାମ୍ପିୟନ

**ଭେଡ଼େନ,୨୫।୪(ଡି.ଏନ.ଏ.)**


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିଗଣ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ମେହେନା ଖେଳ ପଡ଼ିଆରେ ୧୦ଦିନ ଧରି ଚାଲିଥିବା ଏମ୍ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟରେ ମେଟାକାନି ଇଲେଭେନ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଶ୍ରୀୟାଂସୀ ଇଲେଭେନ ଏବଂ ମେଟାକାନି ଇଲେଭେନ ମଧ୍ୟରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ମେଟାକାନି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୬୭ ରନ୍ର ଟାର୍ଗେଟ ଦେଇଥିଲା। ବିଜୟ ଲକ୍ଷ୍ୟ ନେଇ ଶ୍ରୀୟାଂସୀ ଇଲେଭେନ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଅହମଦ ଜାବେଦ, ବାବୁଲୁ କର, ଖବରଦାତା ସୁଦନ ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଟୁର୍ନାମେଣ୍ଟର ମ୍ୟାନ୍ ଅଫ୍ ଦି ସିରିଜ ସୁଜିତ ପଟେଲ, ଖେଳାଳି ନରେଶ, ବ୍ୟାଟ୍ସମ୍ୟାନ ଶ୍ରୀକାନ୍ତ, କ୍ଷେତ୍ରରକ୍ଷକ ଟୁନା, ଉଦ୍ୱାଶିଷ, ବେଷ୍ଟ ବୋଲର ଚୂଡ଼ାମଣି ମହାରଣା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସମୀର, ବେଷ୍ଟ ସିକ୍ସର ଭାବେ ବିଜୟଙ୍କୁ ପୁରସ୍କୃତ କରାଯାଇଥିଲା। ଗୋପାଳ କ୍ରିଷ୍ଣା ମହାରଣା, କାହ୍ନୁ ଉର୍ମା ଖେଳ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

**ସମ୍ବଲପୁର,୨୫।୪(ବ୍ୟୁରୋ):** ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ସକାଶେ ସର୍ବଦା ଗୁରୁତ୍ୱ ଦେଇଆସୁଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏପ୍ରିଲ ୨୭ ଓ ୨୮ ତାରିଖ ଏବଂ ମେ ମାସ ୩ ତାରିଖ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସମ୍ବଲପୁର-ତାଳଚେର ରେଳ ଲାଇନ ପ୍ରଶସ୍ତୀକରଣ ଓ ଆଧୁନିକୀକରଣ ଏବଂ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ପାଇଁ ଚେରୁଆପଡା ୩୩ କେଭି ଫିଡର ଓ ୧୧ କେଭି କଲେଜ ଫିଡରର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ଏଥିପାଇଁ ମୁଦିପଡା, ଫାର୍ମରୋଡ, ପୋଲିସ ଲାଇନ, କାଇଁଶିର, ରେଳଷ୍ଟେଶନ, ବଡବଜାର, ବାଲିବନ୍ଧା, ସମଲେଶ୍ୱରୀ ମନ୍ଦିର, ଦେହେରିପାଲି, ଗୁଜୁରାଟି କଲୋନୀ, ନନ୍ଦପଡା, ଝାଡୁଆପଡା, ଚର୍ଚ୍ଚ ଛକ, ଏନ୍‌ଗୁହା ଲେନ, ବରେଇପାଲି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି ଗ୍ରାହକଙ୍କ ସହଯୋଗ କାମନା କରିଛନ୍ତି।

# ମେ ୧୫ରୁ ରବିଧାନ କିଣା ଆରମ୍ଭ

## ସକାଳ ୬ରୁ ୧୦ଟା ମଧ୍ୟରେ ଧାନ ସଂଗ୍ରହ



ରବିଋତୁ ଧାନ ସଂଗ୍ରହ ବୈଠକରେ ଅଧିକାରୀ ଓ ଜନପ୍ରତିନିଧିମାନେ।

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଆସନ୍ତା ମେ ୧୫ ତାରିଖରୁ ରବି ଧାନ କିଣା ଆରମ୍ଭ ହେବ। ୨୦୨୧-୨୨ ରବି ଋତୁ ସକାଶେ ୧୪,୭୫୯ ଜଣ ଓ ୨୦୨୨-୨୩ ରବି ପାଇଁ ୧୫,୪୪୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୨୦୨୨-୨୩ ରବି ଧାନ କିଣା ପାଇଁ ୩୦ଟି ପ୍ୟାକ୍ସ, ୧୦ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ୬୨ ପିପିସି ଓ ୪୬ ମିଲର ସାମିଲ ହେବେ। ୨୦୨୧-୨୨ରେ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଥିବାବେଳେ ଗ୍ରେଡ୍- ଏ ଧାନ ପାଇଁ ୧୯୬୦ ଟଙ୍କା ରହିଥିଲା। କିନ୍ତୁ ୨୦୨୨-୨୩ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ୨୦୬୦ ଟଙ୍କା ରହିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ଧାନ ସଂଗ୍ରହ ହେବ। ମଣ୍ଡିଗୁଡିକରେ ସେଡ୍ ଓ ପାନୀୟ ଜଳର ବ୍ୟବସ୍ଥା ରହିବ। ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାରେ କୌଣସି ଅସୁବିଧା ରହିବ ନାହିଁ। ଯଦି କୌଣସି ଅସୁବିଧା ହୁଏ ଜିଲା ପ୍ରଶାସନ ତରଫରୁ ତା'ର ସମାଧାନ ନିମନ୍ତେ ପ୍ରୟାସ କରାଯିବାକୁ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ରବି ଋତୁ ଧାନ ସଂଗ୍ରହ ବୈଠକରେ ସ୍ଥିର କରାଯାଇଛି । ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ନାୟକ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସମେତ ଚାଷୀ, ମିଲର୍ସ ପ୍ରତିନିଧି, ରେଢ଼ାଖୋଲ/ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି, ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଇଟା ପୋଡ଼ିବା ପାଇଁ ଟଙ୍କା ନେଇ ରସିଦ ଦେଉନାହାନ୍ତି

**ଜମନକିରା,୨୫।୪(ଡି.ଏନ.ଏ.)**

ମାଟିଇଟା ପୋଡିବା ପାଇଁ ବ୍ୟବହୃତ କାଠ ବାବଦରେ ବନ ବିଭାଗ ଜରିମାନା ଆଦାୟ କରି ରସିଦ ଦେବାର ନିୟମ ରହିଛି। ହେଲେ ସମ୍ବଲପୁର ଜିଲା ବଡରମା ରେଞ୍ଜ ଅଞ୍ଚଳରେ ବିଭାଗର କେତେଜଣ କର୍ମଚାରୀ ଏହାର ଖିଲାପ କରୁଥିବା ନଜରକୁ ଆସିଛି। ସୂଚନା ଅନୁସାରେ, ବଡରମା ରେଞ୍ଜ ଅଧୀନ ବଡବାଦିବାହାଲ ଗ୍ରାମର କେତେଜଣ ଲୋକଙ୍କ ନାମରେ କଲୋନୀ ଘର ଆସିଥିବାରୁ ସେମାନେ ମାଟିଇଟା ତିଆରି କରିଥିଲେ। ଏଥିପାଇଁ ସେମାନେ ବନ ବିଭାଗର ଅନୁମତି ଲୋଡିଥିଲେ। ହେଲେ ଦାୟିତ୍ୱରେ ଥିବା ଜଣେ ଫରେଷ୍ଟଗାର୍ଡ ପ୍ରତ୍ୟେକଙ୍କଠାରୁ ପାଞ୍ଚରୁ ୬ହଜାର ଟଙ୍କା ନେଇ ଅନୁମତି ଦେଇଥିଲେ। କିନ୍ତୁ ଏଥିପାଇଁ ରସିଦ ପ୍ରଦାନ କରି ନ ଥିଲେ। ପରବର୍ତ୍ତୀ ସମୟରେ ଗ୍ରାମର ଦିବ୍ୟଶଙ୍କର ପ୍ରଧାନ ଇଟା ପୋଡିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସମ୍ପୃକ୍ତ ଫରେଷ୍ଟ ଗାର୍ଡ ତିନିଜଣ ୱାଚରଙ୍କ ସହ ଆସି ତିନି ହଜାର ଟଙ୍କା ମାଗିଥିଲେ। କିନ୍ତୁ ଦିବ୍ୟଶଙ୍କରଙ୍କ ସ୍ତ୍ରୀ ଆଗରୁ ଦେଇଥିବା ପାଞ୍ଚ ହଜାର ଟଙ୍କାର ରସିଦ ନ ଦେଲେ ଆଉ ଟଙ୍କା ଦେବେନି ବୋଲି କହିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ କର୍ମଚାରୀମାନେ ଭାଟିରେ ଥିବା ଇଟା ଫିଙ୍ଗିବା ଆରମ୍ଭ କରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ହୋଇ ଜମନକିରା ଥାନା ପର୍ଯ୍ୟନ୍ତ କଥା ଯାଇଥିଲା।

ଏ ସମ୍ପର୍କରେ ମତାମତ ପାଇଁ ଉକ୍ତ ଫରେଷ୍ଟ ଗାର୍ଡଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ। ଅନ୍ୟପକ୍ଷେ ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ମାଟି ଇଟା ପୋଡ଼ା ଯାଉଥିବା ବେଳେ ହଜାର ହଜାର ଗଛ କାଟି ପୋଡ଼ାଯାଉଛି। କେତେଜଣ କର୍ମଚାରୀ ଏଥିପାଇଁ ଟଙ୍କା ଅସୁଲି କରୁଥିଲେ ମଧ୍ୟ ରସିଦ ଦେଉ ନ ଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏ ସଂକ୍ରାନ୍ତରେ ବାମରା ଡିଏଫ୍‌ଓ ସୁରେନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ସୁସ୍ଥ ହୋଇ ଘରକୁ ଫେରିଲେ ଦେବଗଡ଼ର ଯୁବକ

#### ପ୍ରଥମ ଥର ଏକ୍‌ମୋ ମେଶିନ୍‌ରେ ସଫଳ ଅସ୍ତ୍ରୋପଚାର

**କଟକ ଅଫିସ,୨୫।୪:** କଟକ ଏସ୍‌ସିବି ମେଡିକାଲରେ ପ୍ରଥମ ଥର ପାଇଁ ଏକ୍‌ମୋ



ମେଶିନ ସହାୟତାରେ ଦେବଗଡ଼ ଯୁବକଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ସେ ସୁସ୍ଥ ହେବା ପରେ ମଙ୍ଗଳବାର ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଦେବଗଡ଼ ଅଞ୍ଚଳର ରିଙ୍କୁ ଲୋହରା(୨୧)ଙ୍କ ଶ୍ୱାସନଳୀରେ ଏକ ଟ୍ୟୁମର ହୋଇଥିଲା। ଫଳରେ ସେ ଶ୍ୱାସକ୍ରିୟା ନେବାରେ କଷ୍ଟ ଅନୁଭବ କରୁଥିଲେ। ଏସ୍‌ସିବିର କାର୍ଡିଓଭାସକୁଲାର ସର୍ଜରି ବିଭାଗରେ ଏକ୍‌ମୋ ମେଶିନ ସହାୟତାରେ ତାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇ ଟ୍ୟୁମର ବାହାର କରାଯାଇଥିଲା। ଶ୍ୱାସନଳୀରେ ଟ୍ୟୁମର ଥିବାରୁ ତାଙ୍କୁ ନିଶ୍ଚେତକ ଦେବା ସମ୍ଭବ ନ ଥିଲା। ଏଣୁ ଏକ୍‌ମୋ ମେଶିନର ଆବଶ୍ୟକତା ପଡ଼ିଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଗୋଟିଏ ଦିନ ଏକ୍‌ମୋ ମେଶିନ୍‌ରେ ଓ ପରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଏସସିବି ମେଡିକାଲର କାର୍ଡିଓଭାସକୁଲାର ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିବାରେ ସଫଳ ହୋଇଛନ୍ତି। ଏହା ଓଡ଼ିଶାରେ ପ୍ରଥମ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ୯ଟି ଏକ୍‌ମୋ ମେଶିନ ଥିବାବେଳେ କୋଭିଡ୍ ପରେ ଏଗୁଡ଼ିକ ବ୍ୟବହାର ହେଉ ନ ଥିଲା।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ।

**ସମ୍ବଲପୁର,୨୫।୪(ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟାଳୟସ୍ଥିତ ଆର୍‌ଟିଆର୍‌ସି ହଲଠାରେ ମଙ୍ଗଳବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାଲେରିଆ ରୋଗର ଭୟାବହତା ଓ ନିରାକରଣ ଉପରେ ସଚେତନ କରାଇଥିଲେ। ମଶାରୀ ବ୍ୟବହାର କରିବା, ଜ୍ୱର ହେଲେ ତୁରନ୍ତ ଆଶା କର୍ମୀ ନିକଟରେ ରକ୍ତ ପରୀକ୍ଷା କରିବା, ଔଷଧ ସେବନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚ୍‌ଓ ଡା. ଅଶୋକ ଦାସ, ଏଡିଏମ୍‌ଓ (ଏଫଏମ) ଡା. ଭରତ ଦାସ, ଏଡିଏମ୍‌ଓ (ଟିବି) ଡା. ସଞ୍ଜୀବ କୁମାର ତରିଆ, ଏଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଏନ୍‌ଏଚ୍‌ଏମ୍ ଡ. ମୌସୁମୀ ମିଶ୍ର, ଏଡିପିଏଚ୍‌ସିଓ ପରମେଶ୍ୱର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସମ୍ମିଳ ଶ୍ରମ ଓ ଅଭିନବ ପନ୍ଥା ଦ୍ୱାରା ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଡିପିଏଚଓ (ଭିଡି) ଡ. ସୁଶୀଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୁଚିଣ୍ଡା ଲ୍ୟାମ୍ପ୍ସ ସମିତି ବାର୍ଷିକ ସାଧାରଣ ସଭା

**କୁଚିଣ୍ଡା,୨୫।୪(ଡି.ଏନ.ଏ.)**

ବକ୍ସମା ଖେଳପଡିଆଠାରେ ମଙ୍ଗଳବାର କୁଚିଣ୍ଡା ଲ୍ୟାମ୍ପ୍ସ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସଭାପତି ନବୀନ ମାଝିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ସହକାରୀ ନିବନ୍ଧକ ଭବାନୀକାନ୍ତ ନାଏକ ଯୋଗଦେଇ ଚାଷୀଙ୍କ ଉନ୍ନତି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ, ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ସହ ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର, ଧାନ ବିହନ ଯୋଗାଇ ଦିଆଯାଉଥିବା କହିଥିଲେ। ଏହାସହ ଅତିଶୀଘ୍ର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଓ କୁଟୁରାଚୁଆଁଠାରେ ଆଉ ଦୁଇଟି ଲ୍ୟାମ୍ପ୍ସ ସମିତି ଖୋଲାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ସଭାରେ କୁଚିଣ୍ଡା ଏସ୍‌ଡିସିସି ବ୍ୟାଙ୍କର ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ପଣ୍ଡା, ଖବରଦାତା ସଞ୍ଜୟ ମିଶ୍ର, ସମିତି ସଭ୍ୟା ରଶ୍ମି କୁସୁମ, ଲ୍ୟାମ୍ପ୍ସ ଉପସଭାପତି ହୁମାସିନୀ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ଲ୍ୟାମ୍ପ୍ସ ଏମ୍‌ଡି ସରୋଜ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ବିଗତବର୍ଷର ଆୟବ୍ୟୟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ସଭାରେ ୨୦୨୩-୨୪ ବର୍ଷର ବଜେଟକୁ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଲ୍ୟାମ୍ପ୍ସ କର୍ମଚାରୀ ରୂପାନନ୍ଦ ନାୟକ, ଚୈତନ୍ୟ ପରୁଆ, ତୁଙ୍ଗନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଭାପତି ମାଝି ଧନ୍ୟବାଦ ଦେଇଥିଲେ।

# ଉପନିର୍ବାଚନ ପରିପ୍ରେକ୍ଷୀରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ପୋଲିସ ଅଧିକାରୀ ଓ କର୍ମଚାରୀ।

**କୋଲାବିରା,୨୫।୪(ଡି.ଏନ.ଏ.)**

ଝାରସୁଗୁଡା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏଭଳି କରାଯାଇଛି। କୋଲାବିରା ଥାନା ଅଧିକାରର ଆନ୍ନା ମିଞ୍ଜଙ୍କ ନେତୃତ୍ୱରେ ଉପନିରୀକ୍ଷକ ସନ୍ତୋଷ ପଧାନ, ପ୍ରକାଶ ଚନ୍ଦ୍ର ଦଲାଇଙ୍କ ସମତେ ଅନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। କୋଲାବିରା ବସ୍ତି ସମେତ ସମାସିଂହା ଓ ରଘୁନାଥପାଲି ଅଞ୍ଚଳରେ ମଧ୍ୟ ଫ୍ଲାଗମାର୍ଚ୍ଚ କରାଯାଇଥିଲା।

# ଅନ୍ତର୍ଜାତୀୟ ଇଂରାଜୀ ଭାଷା ଦିବସ ପାଳିତ

**ବେଲପାହାଡ,୨୫।୪(ଡି.ଏନ.ଏ.)**

ବେଲପାହାଡସ୍ଥିତ ବି. ଆର୍. ହାଇସ୍କୁଲରେ ଆନ୍ତର୍ଜାତୀୟ ଇଂରାଜୀ ଭାଷା ଦିବସ ପାଳିତ ହୋଇଯାଇଛି। ଇଂରାଜୀ ଭାଷା ସାହିତ୍ୟର ସୁନାମଧନ୍ୟ କବି ତଥା ନାଟ୍ୟକାର ଉଇଲିୟମ ସେକ୍ସପିଅରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଏପ୍ରିଲ ୨୩ ତାରିଖ ଦିନକୁ ଜାତିସଂଘ ଆନ୍ତର୍ଜାତୀୟ ଇଂରାଜୀ ଭାଷା ଦିବସ ରୂପେ ପାଳନ କରୁଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ ଇଂରାଜୀ ଭାଷାର ଉତ୍ପତ୍ତି, ବିକାଶ ତଥା ନାଟ୍ୟକାର ଉଇଲିୟମ ସେକ୍ସପିଅର୍‌ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ତେଜରାମ ସା ଇଂରାଜୀ ଭାଷାର ସାର୍ବଜନୀନତା ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସ୍ୱାତୀ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ବିଦ୍ୟାଳୟର ଇଂରାଜୀ ପ୍ରାଚୀର ପତ୍ରିକା 'ଦ ଭିର୍ଗୋ'ର ଚତୁର୍ଦ୍ଦଶ ବର୍ଷ ପ୍ରଥମ ସଂଖ୍ୟା ପ୍ରଧାନ ଶିକ୍ଷକ ପଟ୍ଟନାୟକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ପତ୍ରିକାରେ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୧୫ ଗୋଟି ଲେଖା ସ୍ଥାନିତ ହୋଇଛି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

### ଚୋରି ଗାଡ଼ି ଜବତ, ୨ଗିରଫ

**ଖପ୍ରାଖୋଲ, ୨୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଦୁଇଟି ଚୋରି ଗାଡ଼ି ଧରିବା ସହ ଦୁଇଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ପୁଇଁତଳା ଥାନା କୁଲୁଥିପାଲି ଗାଁର ବୈଷ୍ଣବ ଦଳାଇ ( ୨୮) ଓ ସତ୍ୟନାରାୟଣ ଦଳାଇ(୩୦)। ଏନେଇ ଖପ୍ରାଖୋଲ ଥାନାରେ ଏକମାମଲା(୫୯/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଏନ୍‌ଜି ଟାଉନ ହାଇସ୍କୁଲ ଆଲୁମ୍‌ନି ବୈଠକ

**ସମ୍ବଲପୁର,୨୫।୪(ବ୍ୟୁରୋ)**

ନୃସିଂହ ଗୁରୁ ଟାଉନ ହାଇସ୍କୁଲ ଆଲୁମ୍‌ନି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଯୋଜନାରେ ଥିବା ପ୍ରେକ୍ଷାଳୟ ପୁନର୍ବିନ୍ୟାସ, ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଷାଠିଏ ଲକ୍ଷ ଟଙ୍କା କିପରି ଠିକ୍ ଭାବରେ ବିନିଯୋଗ ହୋଇପାରିବ ସେ ବିଷୟରେ ସମସ୍ତଙ୍କ ମତ ଗ୍ରହଣ କରାଯାଇଥିଲା। କୃଷ୍ଣଚନ୍ଦ୍ର ପତି, ଅଭେଦାନନ୍ଦ ପାଣିଗ୍ରାହୀ, ହର୍ଷଦ ରାୟ କକଡ, ବିବେକାନନ୍ଦ ଗୁରୁ, ଅଶୋକ କୁମାର ପଣ୍ଡା ଓ ବିଷ୍ଣୁ ପ୍ରସାଦ ଗୁରୁ ନିଜର ମତ ରଖିଥିଲେ। ଏକ କମିଟି ଗଠନ କରାଯାଇ ସମସ୍ତ ନିର୍ମାଣ କାମ ତଦାରଖ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସ୍କୁଲରେ ବାର୍ଷିକ ଉତ୍ସବ ପାଳନ କରାଯାଉ ନ ଥିବାରୁ ଆଲୁମ୍‌ନି ମୋ ସ୍କୁଲ ଯୋଜନାରେ ଉକ୍ତ ଉତ୍ସବ କରିବାକୁ ଆଲୋଚନା କରାଯାଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସ୍ଥିର କରାଯାଇଥିଲା। କୋଷାଧ୍ୟକ୍ଷ ବେଦବ୍ୟାସ ସୂପକାର ଆୟବ୍ୟୟ ଉପସ୍ଥାପନ ଓ ଯୁଗ୍ମ ସମ୍ପାଦକ କୈଳାଶ ଚନ୍ଦ୍ର ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ଓ ଶିଶୁ ସମସ୍ୟା ସଚେତନତା ସଭା

**କୁଚିଣ୍ଡା,୨୫।୪(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତ ସିଙ୍ଗଲପୋଷି ଗ୍ରାମରେ ମଙ୍ଗଳବାର ଚାଇଲ୍ଡଲାଇନ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ଓ ଶିଶୁ ସମସ୍ୟା ଜନିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ହାଡ଼ିପାଲି ସରପଞ୍ଚ ମନ୍ଦାକିନୀ ନାଏକ ମୁଖ୍ୟବକ୍ତା, ସିଆର୍‌ପି ସୁବାସିନି କୁସୁମ, ଆଶା କର୍ମୀ ପିରୋବତୀ ନାଏକ, ସିଙ୍ଗଲପୋଷି ଅଙ୍ଗନୱାଡି କର୍ମୀ ମନ୍ଦାକିନୀ ନାଏକ, ୱାର୍ଡ ସଭ୍ୟା ବୀଣାପାଣୀ ନାଏକ, କୃଷିମିତ୍ର ଯମୁନା ନାଏକ, ସନ୍ଧ୍ୟାରାଣି ସେଠ, ପ୍ରାଣୀ ମିତ୍ର ସ୍ୱପ୍ନା ଜୟପୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଇଲ୍ଡଲାଇନ ଟିମ୍ ଲିଡ଼ର ତୃପ୍ତିମୟୀ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଭାର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ସଚେତନ ହେବା ସହ କୁସଂସ୍କାରରୁ ନିଜକୁ ଦୂରେଇ ରଖିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ଶିଶୁମାନଙ୍କ ବିଭିନ୍ନ ସମସ୍ୟା, ଅଙ୍ଗନୱାଡ଼ିରେ ବିଦ୍ୟୁତ ସଂଯୋଗ, ପଙ୍ଖା, ପାଇଖାନା ଏବଂ ପାନୀୟ ଜଳର ବ୍ୟବସ୍ଥା ପାଇଁ ଶିଶୁମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ ଟିମ୍‌ମେମ୍ବର ଭୂମିଶ୍ୱେତା ଧୁରୁଆ, ମିଲି ବାଦୀ, ଦିବ୍ୟଶ୍ରୀ, ଏସ. ଗାୟତ୍ରୀ, ଜାଗୃତି, ମା' ଲକ୍ଷ୍ମୀ, ସମ୍ବନ୍ଧ, ମା' ସମଲେଶ୍ୱରୀ, ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ।



ସଚେତନତା ଶୋଭାଯାତ୍ରାରେ ଅତିଥିଙ୍କ ସହ ଶିଶୁ ଓ ଅନ୍ୟମାନେ।

# କୃଷି, ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

## ପଞ୍ଚମ ଜିଲାପରିଷଦ ବୈଠକ

**ସମ୍ବଲପୁର,୨୫।୪ (ବ୍ୟୁରୋ)**


ଜିଲାପରିଷଦ ବୈଠକରେ ଲୋକପ୍ରତିନିଧି ଓ ଅଧିକାରୀ।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚମ ସମ୍ବଲପୁର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ କିଶୋର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତର ଅଧ୍ୟକ୍ଷାଅଧ୍ୟକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା ସଭା ପରିଚାଳନା କରିଥିଲେ। ଉପସ୍ଥିତ ଜନପ୍ରତିନିଧି ନିଜ ଅଞ୍ଚଳର ସମସ୍ୟା ସହ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶେଷକରି କୃଷି ଓ ପାନୀୟଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କୃଷି ବିଭାଗର ରବି କାର୍ଯ୍ୟକ୍ରମ ଓ ୨୦୨୨-୨୩ ପାଇଁ ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ରବି ଋତୁରେ ୭୪୨୦୦ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାସ୍ଥଳେ ୭୪,୧୪୫ ହେକ୍ଟରରେ ଚାଷ କରାଯାଇଛି। ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସାର, ଇନ୍‌ପୁଟ ସବ୍‌ସିଡ଼ି, ମାଧ୍ୟମିକ ବିଦ୍ୟାଳୟଗୁଡିକର ଉନ୍ନତୀକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭିତ୍ତିଭୂମିର ଉନ୍ନତି, ଖାଲିପଡ଼ିଥିବା ଶିକ୍ଷକ ପଦବୀ, ୫-ଟି ସ୍କୁଲ ରୂପାନ୍ତରୀକରଣ, ଜିଲା ମଙ୍ଗଳ ବିଭାଗର ଶିକ୍ଷକ ସ୍ଥିତି, ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ରେଢ଼ାଖୋଲ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଉଥିବା ବିଭାଗୀୟ ଅଧିକାରୀ ବୈଠକରେ କହିଥିଲେ। ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, କୃଷି ଋଣ, ପାନୀୟ ଜଳ ଓ ପରିମଳ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳକୁ ପ୍ରାଥମିକତା ଦେବାକୁ ଆଲୋଚନା ହୋଇଥିଲା। କେନ୍ଦ୍ରୀୟ ପଞ୍ଚଦଶ ଓ ପଞ୍ଚମ ଅର୍ଥ କମିଶନ ଆବଦ୍ଧ ଅନୁଦାନର ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ଲୁଟ୍ ଅଭିଯୋଗ, ଅଭିଯୁକ୍ତ ଗିରଫ

ଦେଓଗାଁ,୨୫।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ, ଲୋଇସିଂହା ଓ ପୁଇଁତଲା ଥାନା ଅଞ୍ଚଳରେ ଲୁଟ୍‌ତରାଜ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି । ଅଭିଯୁକ୍ତ କମସରା ଗାଁର ବରୁଣ ନାଗ। ଦେଓଗାଁ ଥାନା ଅନ୍ତର୍ଗତ ଜଲିଆ, ଉପରଝର, ଅର୍ଡା ସମେତ ଲୋଇସିଂହା ଅଞ୍ଚଳରେ ୩ଟି ଓ ପୁଇଁତଲା ଥାନା ଅଞ୍ଚଳରେ ୩ଟି ସ୍ଥାନରେ ଲୁଟପାଟ ଘଟଣାରେ ସେ ସମ୍ପୃକ୍ତି ଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି। ବରୁଣ ଏକ ଲୁଟ୍ ଘଟଣାରେ ପୂର୍ବରୁ ସୋନପୁର ଜେଲରେ ଥିଲେ। ଦିନକ ତଳେ ସେ ଜେଲରୁ ବାହାରି ଥିଲେ। ତେବେ ଅନ୍ୟ ଲୁଟ୍ ମାମଲାରେ ପୋଲିସ ତାଙ୍କୁ କମସରାରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

### ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

ଧର୍ମଗଡ଼,୨୫।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ୨୦୧୮ରେ ଜଣେ ବିବାହିତା ମହିଳାଙ୍କୁ ବଳତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ରାୟ ମଙ୍ଗଳ ପ୍ରକାଶ ପାଇଛି। ଏହି ଘଟଣାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଧର୍ମଗଡ଼ ସହାୟକ ଦୌରା ଜଜ ବିଶ୍ୱବିସୃତ କର ଅଭିଯୁକ୍ତ ଲକ୍ଷ୍ମଣ ଭାଟିଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ପରିଚାଳନା କରିଥିଲେ।

### ଯୁବକଙ୍କୁ ଆକ୍ରମଣ ଘଟଣା, ୨ଗିରଫ

ଦେଓଗାଁ,୨୫।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଲଣ୍ଡାପଥରରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ୨ଜଣଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଲଣ୍ଡାପଥର ଗ୍ରାମର ସିକୁନ ପଣ୍ଡା (୨୫) ଓ ଅଜୁ ଭୋଇ(୧୯) । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(୭୯/୨୧)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି । ସୂଚନାନୁସାରେ ସୋମବାର ସନ୍ଧ୍ୟାରେ ଲଣ୍ଡାପଥରର ରଞ୍ଜିତ ପଧାନ ଗାଁରେ ଚାଲିଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଦେଖିବାପାଇଁ ଆସୁଥିବା ବେଳେ ସିକୁନ ପଣ୍ଡା ଓ ତାଙ୍କ ସହଯୋଗୀ ଅଜୁ ଭୋଇ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା । ରଞ୍ଜିତଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ଆସି ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରଞ୍ଜିତକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ଅଧିକ ତଦନ୍ତ ଚଲାଇଥିବା ପୋଲିସ କହିଛି ।

# ଦାଉ ସାଧୁଛି କାଳବୈଶାଖୀ



ବର୍ଷାରେ କ୍ଷତି ହୋଇଥିବା ପନିପରିବାକୁ ଚାଷୀ ପିଙ୍ଗି ଦେଉଛନ୍ତି।

ଭବାନୀପାଟଣା,୨୫।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ଗତ କିଛି ଦିନ ହେଲା କାଳ ବୈଶାଖୀ ଯୋଗୁ ବର୍ଷା ହେଉଛି। ଫଳରେ ଜିଲାରେ ହୋଇଥିବା ଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଛି। ବିଶେଷକରି ଧର୍ମଗଡ଼, କୋକସରା, ଜୁନାଗଡ଼, କଲମପୁର ଆଦି ବ୍ଲକରେ ହୋଇଥିବା ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। କୋକସରା ବ୍ଲକରେ ୧୦ ହେକ୍ଟର ଚାଷଜମିର ଧାନ କୁଆପଥର ମାଡ଼ ଯୋଗୁ ନଷ୍ଟ ହୋଇଥିବା ଜଣାପଡ଼ିଛି। ଧର୍ମଗଡ଼ ବ୍ଲକର ହାତୀପଖାନ, କଦଳୀମୁଣ୍ଡା, ଦଣ୍ଡପାଟ ଅଞ୍ଚଳର ବେହେରା ଓ ଜୁନାଗଡ଼ ବ୍ଲକ କେଳିଆ ଗ୍ରାମରେ ପନିପରିବା ଚାଷ ନଷ୍ଟ ହୋଇଛି। ବିଶେଷକରି ଏଠାରେ ଚାଷ ହୋଇଥିବା ଟମାଟୋ ଅଧିକ ମାତ୍ରାରେ ନଷ୍ଟ ହୋଇଛି।

**ଧାନ,ପନିପରିବା ଚାଷ ପ୍ରଭାବିତ**

ବର୍ତ୍ତମାନ ଫସଲ ଅମଳ ସମୟରେ କାଳବୈଶାଖୀ ଦାଉ ସାଧୁ ଥିବାରୁ ଚାଷୀଙ୍କୁ ଚିନ୍ତା ଘାରିଛି। ମହାଜନୀଠାରୁ ଋଣ କରି ଚାଷୀ ପରିବା ଚାଷ କରିଥିବା ବେଳେ ତାକୁ ବିକି ଦି ପଇସା ଲାଭ ପାଇବା ସହ ଋଣ ପରିଶୋଧ କରିଥାନ୍ତା। ହେଲେ କାଳବୈଶାଖୀ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। କ୍ଷତି ହୋଇଥିବା ଧାନ ଓ ପନିପରିବା ଚାଷର ସଠିକ ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ଦାବି କରିଛନ୍ତି । ଏନେଇ ଜିଲା ଉଦ୍ୟାନ ଅଧିକାରୀ କିଶୋର ମହାଲିଙ୍ଗ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯେହେତୁ ବର୍ଷା ଛାଡ଼ିନି, ତେଣୁ କ୍ଷୟକ୍ଷତି ଆକଳନ କରାଯାଇପାରୁନାହିଁ। ବର୍ଷା ଛାଡ଼ିଲେ କ୍ଷୟକ୍ଷତି ଆକଳନ କରାଯିବ ବୋଲି କହିଛନ୍ତି।

# ଅଗଷ୍ଟ ୧୫ ସୁଦ୍ଧା ସରିବ ୬୫୦ ଶଯ୍ୟା ହସ୍ପିଟାଲ



ବୈଠକରେ ଉପସ୍ଥିତ ଉତ୍ତରାଞ୍ଚ ଆରଡିସି ଏବଂ ଅନ୍ୟ ସଦସ୍ୟ ପ୍ରତିନିଧି।

ବଲାଙ୍ଗୀର ଅଫିସ, ୨୫।୪

ବଲାଙ୍ଗୀର ଗନ୍ଧରେଲ ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ କାଉନସିଲ ହଲଠାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲାଇଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ତୃତୀୟ ଗଭର୍ଣ୍ଣିଂ ବଡି ବା ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ପରିଷଦ ଉପାଧ୍ୟକ୍ଷ ଜିଲାପାଳ ଚଞ୍ଚଳ ରାଣା, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା, ଅନ୍‌ଲାଇନ୍ ଯୋଗେ ଡିଏମ୍‌ଇଟି ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି, କଲେଜ ଅଧକ୍ଷା ତଥା ଡିନ୍ ପ୍ରଫେସର ସବିତା ମହାପାତ୍ର, ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ମାନସୀ ପଣ୍ଡା, ସଦସ୍ୟ ପ୍ରଫେସର ମଧୁସୂଦନ ପତି, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ବିଧାୟକ ପ୍ରତିନିଧି ମନୀଷ ମିଶ୍ର ଯୋଗଦେଇଥିଲେ। କଲେଜର ଅଧ୍ୟୟନ, ମାନବ ଶକ୍ତି, ଭିତ୍ତିଭୂମି ବିକାଶ ଏବଂ କଲେଜର ପ୍ରଶାସନିକ ନୀତି ସହ ଜଡିତ ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଛାତ୍ରୀଛାତ୍ର ମାନଙ୍କ ପାଠ୍ୟକ୍ରମ, ଏକ୍ସଟ୍ରାକ୍ରେକୁଲାର ଏବଂ ହଷ୍ଟେଲ ପରିଚାଳନାରେ ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ଆଲୋଚନାର ବିଷୟ ହୋଇଥିଲା।

**ଭୀମ ଭୋଇ ମେଡିକାଲ କଲେଜ ପରିଚାଳନା ପରିଷଦ ବୈଠକ**

- ନିର୍ମାଣ ହେବ ସ୍ୱତନ୍ତ୍ର କର୍କଟ ଡାକ୍ତରଖାନା
- ପିଜି କ୍ଲାସ୍ ଖୋଲିବା ପାଇଁ ଆନୁଷଙ୍ଗିକ ପ୍ରସ୍ତୁତି
- ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ବୈଠକରେ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଗନ୍ଧରେଲ କଲେଜ କ୍ୟାମ୍ପସ ଠାରେ ନିର୍ମାଣ ହେଉଥିବା ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣ କାମ ସାରିବାକୁ ଜୋର ଦିଆଯାଇଥିଲା। ହସ୍ପିଟାଲ ପରିସରରେ ଏକ ସ୍ୱତନ୍ତ୍ର କ୍ୟାନସର୍ ହସ୍ପିଟାଲ ନିର୍ମାଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହିତ ବୈଠକରେ କଲେଜରେ ପିଜି କ୍ଲାସ ଆରମ୍ଭ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାର ପ୍ରସ୍ତୁତି, ମେଡିକାଲ ହସ୍ପିଟାଲରେ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଡାକ୍ତରଖାନାରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମେଡିକାଲ କଲେଜ ଡିନ ସବିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଧାୟକ ମିଶ୍ର ଅନେକ ଡାକ୍ତର ମେଡିକାଲରେ କ୍ରମାଗତ ଭାବ ଅନୁପସ୍ଥିତ ରହୁଥିବା ନେଇ ଚିନ୍ତା ପ୍ରକଟ କରିଥିଲେ। ଜିଲାପାଳ ମଧ୍ୟ ଏହି ସମସ୍ୟା ଉପରେ ସାଲିସ କରାଯିବନାହିଁ ବୋଲି କହିଥିଲେ। ଆଲୋଚନାରେ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମ, ଇନ୍ଟର୍ନଶିପ ହଷ୍ଟେଲ ସହ ପିଜି କ୍ଲାସ ଖୋଲିବା ପାଇଁ ଆବଶ୍ୟକ ଜିନିଷର ସବିଶେଷ ତଥ୍ୟ ପ୍ରସ୍ତୁତ କରିବା ପାଇଁ ଉତ୍ତରାଞ୍ଚଳ ଆରଡିସି ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ପିଜି କ୍ଲାସ ଆରମ୍ଭ ହେବାକୁ ଥିବାବେଳେ ମେଡିକାଲ କଲେଜରେ ଏକ ବଡ ଲାଇବ୍ରେରୀ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି,୨୫।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ ହିମାଂଶୁ ଶେଖର ମଲ୍ଲିକ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ଦଫା ୩୦୨ରେ ଅଭିଯୁକ୍ତ ବନଗୁଲା ଗଏଁତାଙ୍କୁ ଆଜୀବନ କାରାଦଣ୍ଡ, ଦଫା ୨୦୧ରେ ୭ବର୍ଷ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ସୂଚନା ଅନୁସାରେ ୨୦୨୧ ମସିହାରେ ହିଆଲ ପଞ୍ଚାୟତ ଅନ୍ତର୍ଗତ ମାଲପାମୁଣ୍ଡା ଗାଁ ରାସ୍ତାରେ ହିଆଁଲ ଗ୍ରାମର ବନଗୁଲା ଗଏତା ସେହି ଗାଁର କ୍ଷେତ୍ରୀ ସଗରିଆଙ୍କୁ ହତ୍ୟା କରିଥବା ଅଭିଯୋଗ ହୋଇଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଏହି ରାୟ ଶୁଣାଇଛନ୍ତି।

### ଭାଜପାର ସାଙ୍ଗଠନିକ ବୈଠକ

ଦେଓଗାଁ,୨୫।୪(ଡି.ଏନ.ଏ.)

ଦେଓଗାଁ ବ୍ଲକ କୁଲୁତାପଡା ଶୁଳିଆ ପୀଠରେ ଭାଜପାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡା. ଶଶୀଭୂଷଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ୧୩ନଂ ଜୋନ ମଣ୍ଡଳ ସଭାପତି ଶୁକଦେବ ବାଗ, ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂନିନା ଯୋଗଦେଇ ଦଳୀୟ ସ୍ଥିତିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ମନକି ବାତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଘରେ ପହଞ୍ଚାଇବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ । ପ୍ରତି ବୁଥସ୍ତରରେ କମିଟି ଗଠନ କରି ଦଳୀୟ ସ୍ଥିତିକୁ ମଜଭୁତ କରିବା ପାଇଁ ମତପ୍ରକାଶ ପାଇଥିଲା । ବୈଠକରେ ଅଭିମନ୍ୟୁ ରଣା, ଯୁଗେଶ୍ୱର ମନହୀରା, ନିରାକାର ସାହୁ, ଶିବ ବୁଡେକ, କବି ରଣା, ଶ୍ରୀନିବାସ ସାହୁ, ଦୁଷ୍ମନ୍ତ ଷାଣ୍ଡ,ମିତ୍ରବାନୁ ରଣା ତଥା ୧୩ନଂ ଜୋନର ସକ୍ରିୟ କର୍ମକର୍ତ୍ତା ଯୋଗଦେଇଥିଲେ। ଶଶୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଜିତେନ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାକିରିରୁ ଇସ୍ତଫା ଦେଲେ ୫ ପୋଷ୍ଟ ମାଷ୍ଟର

ଭବାନୀପାଟଣା,୨୫।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଡାକମଣ୍ଡଳ ଅଧୀନରେ ଥିବା ବିଭିନ୍ନ ପୋଷ୍ଟ ଅଫିସ୍‌ର ୫ଜଣ ପୋଷ୍ଟ ମାଷ୍ଟର ଗତ କିଛିଦିନ ତଳେ ଚାକିରିରୁ ଇସ୍ତଫା ଘଟଣା ସାମ୍ନାକୁ ଆସିଛି। ସେମାନେ ହେଲେ ଗୋଲାମୁଣ୍ଡା ବ୍ଲକ ବୋରଗୁଡ଼ାରେ କାର୍ଯ୍ୟରତ ଥିବା ଗ୍ରାମୀଣ ଡାକ ସେବକ (ପୋଷ୍ଟମାଷ୍ଟର) ସୁନୀତା ସାହୁ, ଜୁନାଗଡ଼ ବ୍ଲକ ଚକୁଲିରେ କାର୍ଯ୍ୟରତ କୋଟିଲିଙ୍ଗ ଭେଙ୍କଟେଶ, ଦେଦରରେ ଥିବା ନାରାୟଣ ମାଝି, କଲେଇ ଗାଁରେ ଥିବା ଚିନ୍ମୟ ରଞ୍ଜନ ଭୋଇ ଏବଂ ଛୋରିଆଗଡ଼ରେ ସହକାରୀ ଡାକ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ନୀଳାଞ୍ଚଳ ନାୟକ। ତେବେ ୯ ମାସ ଧରି କାର୍ଯ୍ୟରତ ଏହି ୫ ପୋଷ୍ଟ ମାଷ୍ଟର ହଠାତ୍ କାହିଁକି ଚାକିରିରୁ ଇସ୍ତଫା ଦେଲେ ତାକୁ ନେଇ ଏବେ ନାନା ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଉକ୍ତ ପୋଷ୍ଟ ମାଷ୍ଟରମାନେ ଚାକିରିରୁ ଇସ୍ତଫା ଦେବା କଥାକୁ ବିଭାଗୀୟ ଅଧିକାରୀ ସ୍ୱୀକାର କରିଥିବା ବେଳେ ଇସ୍ତଫାର କାରଣ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ କଳାହାଣ୍ଡି ଜିଲା କୁଣ୍ଡାବନ୍ଧ ଗ୍ରାମର ରୁଦ୍ରମଣି ମିଶ୍ର ଜାଲ୍ ସାର୍ଟିଫିକେଟ ଦେଇ ପୋଷ୍ଟ ମାଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ସାର୍ଟିଫିକେଟ ଯାଞ୍ଚ ସମୟରେ ଜାଲିଆତି ଜଣାପଡ଼ିବା ପରେ ସେ ଫେରାର ହୋଇଯାଇଥିଲେ। ବଲାଙ୍ଗୀର ଡାକ ମଣ୍ଡଳରେ ଜାଲ୍ ସାର୍ଟିଫିକେଟ ଫର୍ଦ୍ଦାଫାଶ ପରେ ରାଜ୍ୟ ସାରା ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାର ଚେର କଳାହାଣ୍ଡିକୁ ଲମ୍ବିଥିବା ଜଣାପଡ଼ିଥିଲା। ଜିଲାରେ ଡାକ ବିଭାଗରେ ୧୦୫ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ଜଣ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ୨୭ ଜଣ ଅନୁପସ୍ଥିତ ରହିଥିଲେ। ସମ୍ପୃକ୍ତ ୨୭ ଜଣ ଜାଲ୍ ସାର୍ଟିଫିକେଟ୍ ଦେଇ ଆବେଦନ କରିଥିବାରୁ ଧରାପଡିଯିବା ଭୟରେ ସେମାନେ ଆସି ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଜିଲାରେ ୫ଜଣ ପୋଷ୍ଟ ମାଷ୍ଟର ଏକକାଳୀନ ଇସ୍ତଫା ଦେବା ପରେ ସେମାନେ ଚାକିରି ସମୟରେ ଜାଲ୍ ସାର୍ଟିଫେକଟ୍ ଦେଇଥିବା ଏବଂ ଧରାପଡ଼ିଯିବା ଆଶଙ୍କାରେ ଆଗୁଆ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ଏହି ପୋଷ୍ଟ ମାଷ୍ଟରଙ୍କ ସାର୍ଟିଫିକେଟ ପୁଣି ଥରେ ଯାଞ୍ଚ କରାଗଲେ ଏହାର ସତ୍ୟତା ଜଣାପଡ଼ନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଜାଲ୍ ସାର୍ଟିଫିକେଟ୍ ଜିଲା ଡାକ ବିଭାଗ ଅଧିକାରୀ ପୋଷ୍ଟ ମାଷ୍ଟର ନିଯୁକ୍ତି ପାଇଁ ଜିଲାରେ ୬ଟି ଉପ ଡାକମଣ୍ଡଳ ଥିବାବେଳେ ୫ ଜଣ ପୋଷ୍ଟ ମାଷ୍ଟର ଇସ୍ତଫା ଦେଇଥିବାବେଳେ ଅନ୍ୟ ମଣ୍ଡଳରେ କେତେଜଣ ବର୍ତ୍ତମାନ ସୁଦ୍ଧା ଇସ୍ତଫା ଦେଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ନେଇ ଧର୍ମଗଡ଼ ଡାକ ନିରୀକ୍ଷକ ଅନନ୍ତ ଚରଣ ସାହୁଙ୍କୁ ପଚାରିବାରୁ ୫ ଜଣ ପୋଷ୍ଟ ମାଷ୍ଟର ଇସ୍ତଫା ଦେବା କଥାକୁ ସେ ସ୍ୱୀକାର କରିଛନ୍ତି ଏବଂ ଇସ୍ତଫାର କାରଣ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି।

**ଇସ୍ତଫାକୁ ନେଇ ସନ୍ଦେହ ଘନୀଭୂତ**

# ମା' ହିଙ୍ଗୁଳା ଦେବୀଙ୍କ ଖନ୍ଦା ଚଲାଯାତ୍ରା

କୋକସରା,୨୫।୪(ଡି.ଏନ୍.ଏ.)

ଆସ୍ଥା ଓ ବିଶ୍ୱାସର ଅନ୍ୟ ନାମ ହେଉଛି ମା' ହିଙ୍ଗୁଳା ଦେବୀଙ୍କ ଖନ୍ଦା ଚଲା ଯାତ୍ରା। କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା



ଦେବଦେବୀଙ୍କ କୁର୍ଚ୍ଚି ଓ କାଳିସୀ ଖନ୍ଦାରେ ଚାଲୁଛନ୍ତି।

ପଞ୍ଚାୟତ ଡେଙ୍ଗାଗୁଡ଼ାରେ ମା' ହିଙ୍ଗୁଳା ଦେବୀଙ୍କ ବାର୍ଷିକ ଖନ୍ଦା ଚଲା ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ୫ ବର୍ଷ ଅନ୍ତରାଳରେ ଏହି ଯାତ୍ରା ପାଳନ ହୋଇଥାଏ। ମା' ହିଙ୍ଗୁଳାଙ୍କ ଖନ୍ଦା ଚଲା ଉତ୍ସବରେ ସାମିଲ ହେବାକୁ ଅଞ୍ଚଳର ୩୦ ଖଣ୍ଡ ଗ୍ରାମର ଦେବଦେବୀଙ୍କ ଲାଠିକୁର୍ସି ଆସି ଦେବୀଙ୍କ ପୀଠରେ ପହଞ୍ଚିବା ପରେ ମା' ହିଙ୍ଗୁଳା ଦେବୀଙ୍କ ମୁଖ୍ୟ ପୂଜାରୀ ଲିଙ୍ଗରାଜ ମୁଲକିଆ ନିମନ୍ତ୍ରିତ ସମସ୍ତ ଦେବାଦେବୀଙ୍କୁ ବିଧି ଅନୁସାରେ ପୂଜାର୍ଚ୍ଚନା କରି ଆବାହନ କରିଥିଲେ। ପରେ ଦେବଦେବୀଙ୍କ ଲାଠିକୁର୍ସି ହାଟ ପରିକ୍ରମା କରି ପୂର୍ବରୁ ପ୍ରସ୍ତୁତ ଥିବା ନିଆଁର ଜ୍ୱଳନ୍ତା ଅଙ୍ଗାରରେ ଚାଲିଥିଲେ। ଏହାକୁ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶତାଧିକ ମାନସିକଧାରୀ ମାନସିକ ପୂରଣ ପାଇଁ ଦେବୀଙ୍କ ନିକଟରେ ମନସ୍କାମନା କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ମଲ୍ଲିକ ପ୍ରସାଦ ନାୟକ, କ୍ଷୀରସିନ୍ଧୁ ଛତ୍ରିଆ, କ୍ଷେତ୍ରରାମ ପାତ୍ର, ରଜନୀକାନ୍ତ ନାୟକ, ବେଣୁଧର ନାୟକ, ଶମ୍ଭୁଶ୍ୱର ନାଗ, ମାଧବ ଧ.ମାଝୀ, ଦୁଲ୍ଲଭ ଦାସ, ରାଜେନ୍ଦ୍ର ଛତ୍ରିଆ, ସୁଶୀଳ ନାୟକ, ଦୁଷ୍ମନ୍ତ ଜୁଏଡ଼, ନରେନ୍ଦ୍ର ବାଗ ଓ ଡେଙ୍ଗାଗଡ଼ା ଗ୍ରାମବାସୀ ହିଙ୍ଗୁଳା ଦେବୀଙ୍କ ଖନ୍ଦା ଚଲା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦୁପତ୍ର କର୍ମଚାରୀଙ୍କୁ ୧୨ ମାସ କାମ ଦିଅ

ବଲାଙ୍ଗୀର ଅଫିସ,୨୫।୪

ବଲାଙ୍ଗୀର ମ୍ୟୁନିସିପାଲିଟି ଟାଉନ୍ ହଲରେ ଓଡିଶା କେନ୍ଦୁପତ୍ର ତୋଳାଳି ମହାସଂଘ ପକ୍ଷରୁ ପ୍ରତିବାଦ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ସର୍କଲ ମହାସଂଘ ସଭାପତି ରବୀନ୍ଦ୍ର କୁମାର ଦ୍ୱାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ରାଜ୍ୟ ସଭାପତି ପ୍ରଭାତ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ଆଲୋଚନା ହୋଇଥିଲା। ସଭାପତି ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ, କେନ୍ଦୁପତ୍ର କର୍ମଚାରୀମାନେ ଏବେ ତିନି ମାସ କାମ କରୁଛନ୍ତି, ଆଉ ବଳକା ସମୟ କ'ଣ କରିବେ ? ତେଣୁ ସେମାନଙ୍କୁ ୧୨ ମାସ କାମ ଯୋଗାଇ ଦେବାକୁ ଦାବି କରିଥିଲେ। ମୁନସୀ, ଚପରାଶି ଓ ଚେକର ପର୍ଯ୍ୟନ୍ତ ଅନ୍ତତଃ ପକ୍ଷେ ୬ ମାସ ଏବଂ ବାଇଣ୍ଡିଂ ଚେକର ଏବଂ ସର୍କଲ ଚେପର ୧୨ ମାସ କାମ ଯୋଗାଇ ଦେବାକୁ ଦାବି କରିଥିଲେ। ଏହା ସହିତ ଗ୍ରାଚୁଇଟି ବୃଦ୍ଧି, ଦରମା ବୃଦ୍ଧି ଦାବି କରିବା ସହ ୧୯୭୩ ମସିହାରୁ ଏପର୍ଯ୍ୟନ୍ତ ନିଯୁକ୍ତ କେନ୍ଦୁପତ୍ର କର୍ମଚାରୀଙ୍କୁ କୌଣସି ପଦୋନ୍ନତି ନ ମିଳିବା ଉପରେ ପ୍ରତିକ୍ରିୟା ରଖି ଶୀଘ୍ର ପଦୋନ୍ନତି ଦେବାକୁ ଦାବି କରିଥିଲେ। କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ସମୟ ୬୦ରୁ ୬୨ ବର୍ଷକୁ ବୃଦ୍ଧି ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କର୍ମଚାରୀ ଓ ତୋଳାଳିମାନଙ୍କ ନ୍ୟାୟସମ୍ମତ ଦାବି ଉପରେ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପ୍ରତିବାଦ ସଭାରେ ମହାସଂଘର ୧୯ଟି ନେତୃମଣ୍ଡଳୀ ଓ ପଶ୍ଚିମ ଓଡ଼ିଶା କର୍ମଚାରୀ ଏବଂ ତୋଳାଳି ଯୋଗ ଦେଇଥିଲେ। ରାଜ୍ୟ ସଭାପତି ମହାନ୍ତିଙ୍କ ନେତୃତରେ ମହାସଂଘର ୮ ଦଫା ସମ୍ବଳିତ ଦାବିପତ୍ରକୁ ବଲାଙ୍ଗୀର ମୁଖ୍ୟ ବନସରଂକ୍ଷକ (କେନ୍ଦୁପତ୍ର)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ମହାସଂଘର ଦାବିକୁ ସରକାର ଗୁରୁତ୍ୱ ସହ ବିଚାର କରି ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଭାପତି ମହାନ୍ତି ପ୍ରକାଶ କରିଥିଲେ।



ଟାଉନ୍ ହଲ୍‌ରେ ସର୍କଲସ୍ତରୀୟ ବୈଠକରେ କେନ୍ଦୁପତ୍ର କର୍ମଚାରୀ ମହାସଂଘ କର୍ମକର୍ତ୍ତା।

**କେନ୍ଦୁପତ୍ର କର୍ମଚାରୀ, ତୋଳାଳି ମହାସଂଘର ପ୍ରତିବାଦ ସଭା**

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ମୃତ୍ୟୁ

■ ୨୦ ଘଣ୍ଟା ପରେ ଡ୍ୟାମ୍‌ରୁ ମୃତ ଶରୀର ମିଳିଲା

ରାଜଗାଙ୍ଗପୁର, ୨୫।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କାଂଶବାହାଲ ଡ୍ୟାମକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ଡ୍ୟାମରେ ପଡ଼ିବାର ୨୦ ଘଣ୍ଟା ପରେ ମଙ୍ଗଳବାର ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଘଟଣାରୁ ପ୍ରକାଶ ଯେ,ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଡୁଡି ଟୁଙ୍ଗୁରିଟୋଲି ଗ୍ରାମର ମନୋଜ ମିଞ୍ଜ (୨୫) ସୋମବାର ଗ୍ରାମ ପାଖରେ ଥିବା କାଂଶବାହାଲ ଡ୍ୟାମକୁ ସାଙ୍ଗମାନଙ୍କ ସହ ମାଛ ଧରିବାକୁ ଯାଇଥିଲେ। ପ୍ରାୟ ୪ଟା ୩୦ରେ ସେ ଡ୍ୟାମ ଭିତର ଗଭୀର ଜଳକୁ ପଡିଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇଯିବାରୁ ଫେରି ଆସିଥିଲେ। ଘରଲୋକ ଥାନାରେ ଖବର ଦେଇଥିଲେ। ମଙ୍ଗଳବାର ସକାଳୁ ରାଜଗାଙ୍ଗପୁର ଅଗ୍ନିଶମ ବାହିନୀ ଓ ରାଜଗାଙ୍ଗପୁର ଥାନା, କାଂଶବାହାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜିବାକୁ ଆରମ୍ଭ କରିଥିଲେ। ଦିନ ପ୍ରାୟ ୧୨ଟା୩୦ରେ ମନୋଜଙ୍କ ମୃତ ଶରୀର ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ହେମଗିର,୨୫।୪(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଆକେଲବିରା ପଞ୍ଚାୟତ କାଉଦରହ ଗ୍ରାମରେ ମଙ୍ଗଳବାର ବ୍ଲକସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ହେମଗିର ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଶକ୍ତିପ୍ରସାଦ ନାଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଶୋଭାଯାତ୍ରା କରାଯାଇ ଲୋକଙ୍କୁ ସଚେତନ କରିବା ସ A ହିତ ଏକ ସଭାର ଆୟୋଜନ କରଉପସ୍ଥିତ ଥିବା ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିପିଏମ ସମୀକ୍ଷା ପଟେଲ, ସ୍ଥାନୀୟ ସରପଞ୍ଚ ଥାଇଚରଣ ସା ସହଯୋଗ କରିଥିବା ବେଳେ ଡାକ୍ତର ଖାନାର ପି.ଏଚ.ଓ ସୁରେନ୍ଦ୍ର କୁମାର ପସା ଏତ, ଏମ ଓ ଡାକ୍ତର ଦୀପକ ପଟେଲ, ଭି.ବି.ଡ଼ି.ଟି.ଏସ ଘନଶ୍ୟାମ ପଟେଲ, ଜେ.ଇ ଦୀପକ ପଟେଲ, ହସ୍ପିଟାଲର ମହିଳା ପୁରୁଷ ସାସ୍ଥ୍ୟ କର୍ମୀ, ଏସଏଚଜି ଆଶା କର୍ମୀ ତଥା ଗ୍ରାମବାସୀ ସାମିଲ ଥିଲେ। ପଞ୍ଚାୟତ ଡୁରୁବଗା ଠାରେ ସ୍ୱୟ ଲୋକଙ୍କୁ ରେଲି କରି ମେଲେରିଆ ବିଷୟରେ ସଚେତନତା କରାଯାଇଥିଲା।

# ଖାଲି କରାଗଲା ମାର୍କେଟ କମ୍ପ୍ଲେକ୍ସ

**ପ୍ରଶାସନ ପକ୍ଷରୁ ୪ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରି ଖାଲିକରାଗଲା**

କୁତ୍ରା, ୨୫।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସରେ ଚାଲୁଥିବା ୧୨ଟି ଦୋକାନ ଗୃହକୁ ପ୍ରଶାସନ ଓ ପୋଲିସ ସହାୟତାରେ ଖାଲି କରାଯାଇଛି। ଏହି ମାର୍କେଟ କମ୍ପ୍ଲେକ୍ସକୁ ନେଇ ଦୀର୍ଘ ଦିନ ହେଲା ସମ୍ପୃକ୍ତ ଦୋକାନୀ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ଟଣାଓଟରା ଚାଲିଥିଲା। ଏପରିକି ଉଭୟ ପକ୍ଷ ଏଥିପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ମଙ୍ଗଳବାର ଏହାର ଅନ୍ତଃ ଘଟିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କୁତ୍ରା ତହସିଲଦାର ମାନସୀ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନା ଅଧିକାରୀ ମନୋରଞ୍ଜନ ବିଶି, ସରପଞ୍ଚ ଭୂବନ କୁଜୁର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପି ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ୧୨ଟି ଦୋକାନ ଗୃହକୁ ଖାଲି କରାଯାଇଥିଲା। ଅବଶ୍ୟ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ତଥା ପ୍ରଶାସନିକ ଅଧିକାରୀ ଏବଂ ଫୋର୍ସ ମୁତୟନକୁ ଦେଖି ୧୦ଟି ଦୋକାନୀ ନିଜେ ଦୋକାନରୁ ସାମଗ୍ରୀ କାଢିନେଇଥିଲେ। ହେଲେ ୨ ଜଣ ଦୋକାନୀ ନିଜ ଦୋକାନକୁ ତାଲା ମାରି ବନ୍ଦ ରଖିବାରୁ ପ୍ରଶାସନ ପକ୍ଷରୁ ଏକାଧିକ ଥର ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା ପରେ ଗୋଟିଏ ଦୋକାନର ତାଲା ଭଙ୍ଗାଯିବା ପରେ ଉଭୟ ଦୋକାନୀ ପୁଣି ନିଜ ସାମଗ୍ରୀ ଗୁଡିକୁ ବାହାର କରିନେଇଥିଲେ। ଜଣାପଡିଛି ଯେ, ୧୦ ନମ୍ବର ରାଜ୍ୟ ରାଜପଥ ୪ଲେନ ବିଶିଷ୍ଟ ସମ୍ପ୍ରସାରଣ ହେବାର ପୁରୁଣା ରାସ୍ତା କଡରେ ଦୀର୍ଘ ବର୍ଷରୁ ୧୨ ଜଣ ଦୋକାନୀ ପଞ୍ଚାୟତ ଦ୍ୱାରା ନିର୍ମିତ ଘରେ ଦୋକାନ କରିଥିଲେ। ହେଲେ ରାସ୍ତା ସମ୍ପ୍ରସାରଣ ପାଇଁ ସେହି ଦୋକାନ ଗୃହ ସବୁକୁ ଭଙ୍ଗା ଯାଇଥିଲା। ରାସ୍ତା ନିର୍ମାଣ ପରେ ଦୋକାନ ଭଙ୍ଗାଯାଇଥିବା ସ୍ଥାନର ପଛ ଭାଗରେ ସରକାରଙ୍କ ପକ୍ଷରୁ ଏକ ନୂତନ ମାର୍କେଟ ନିର୍ମାଣ କରାଯିବା ସହ ସେହି ପୁରୁଣା ଦୋକାନୀମାନଙ୍କଠାରୁ ପଞ୍ଚାୟତ ପକ୍ଷରୁ ସିକ୍ୟୁରିଟି ଟଙ୍କା ଜମା ନିଆଯାଇ ଦୋକାନ ଗୃହଗୁଡିକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ କିଛି ଅଞ୍ଚଳବାସୀ ବିରୋଧ କରିବା ସହ ପଞ୍ଚାୟତ ତଥା ପ୍ରଶାସନ ନିକଟରେ ଏହି ଦୋକାନ ଗୃହ ସବୁକୁ ନୂତନ ଭାବେ ବଣ୍ଟନ ପାଇଁ ଦାବି କଲେ। ଫଳରେ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ପଞ୍ଚାୟତ ପକ୍ଷରୁ ପୁଣିଥରେ ସେହି ଦୋକାନଗୃହକୁ ବଣ୍ଟନ ପାଇଁ ଆବେଦନ ଗ୍ରହଣ ସହ ଲଟେରି ମାଧ୍ୟମରେ ନୂତନ ଭାବେ ବଣ୍ଟନ କରାଗଲା। ପୁରୁଣା ଦୋକାନୀମାନଙ୍କୁ ଦୋକାନ ଖାଲି କରି ଚାବି ହସ୍ତାନ୍ତର ପାଇଁ କୁହାଗଲା। ହେଲେ ଏହାକୁ ବିରୋଧ କରି ପୁରୁଣା ଦୋକାନୀ ଏବଂ ପଞ୍ଚାୟତ ମଧ୍ୟରେ ଟଣାଓଟରା ସହ ଏନେଇ ଉଭୟ ପକ୍ଷ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ଦୋକାନ ସବୁକୁ ଖାଲି କରାଗଲା। ଏହି ଘଟଣାକୁ ନେଇ ପୂର୍ବରୁ ଏଠାରେ ଦୋକାନ କରିଥିବା ଦୋକାନୀମାନେ ମାନସିକ ଭାବେ ଭାଙ୍ଗିପଡ଼ିବା ସହ ଏଠାରେ ଦୀର୍ଘ ବର୍ଷରୁ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିବାରୁ ପ୍ରଶାସନ ସେମାନଙ୍କୁ ଥଇଥାନର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗୁହାରି ଜଣାଇଛନ୍ତି।


ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ଖାଲି କରାଯାଉଛି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଜିତେନ


@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବଜରଙ୍ଗ ଦଳର ସ୍ମାରକପତ୍ର



କୁତ୍ରା,୨୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ବଜରଙ୍ଗ ଦଳ ପକ୍ଷରୁ ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନିକଟରେ ସମ୍ବଲପୁରଠାରେ ହୋଇଥିବା ହିଂସାତ୍ମକ ଆକ୍ରମଣ, ବନବାସୀ ଯୁବକଙ୍କୁ ହତ୍ୟା ଘଟଣାର ପ୍ରତିବାଦ ସହିତ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପୋଲିସ ପ୍ରଶାସନର ନଗନ୍ୟ ଉପସ୍ଥିତି ଓ ପ୍ରଶାସନର କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି। ଏହି ଘଟଣା କେବଳ ଆଇନ ଶୃଙ୍ଖଳାର ବିଷୟ ନୁହେଁ ଏହା ଦେଶ ଦ୍ରୋହ କାର୍ଯ୍ୟକଳାପ ପରିଧିରେ ଆସୁଛି ବୋଲି କହିଛନ୍ତି। ଏଣୁ ଯଥାଶୀଘ୍ର ରାଜ୍ୟପାଳ ହସ୍ତକ୍ଷେପ କରି ଦୋଷୀମାନଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରି ସମସ୍ତଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଛନ୍ତି। ଏଥିରେ ବଜରଙ୍ଗ ଦଳର ସଦସ୍ୟ ଦୀପକ ମହାନନ୍ଦିଆ,କ୍ଷୀରୋଦ ଛୁରା,କାନହୁ ଚରଣ କରାଳି,କିଶୋର ଜୟପୁରିଆ,ତରୁଣୀସେନ ବରିହା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗାଧୋଇବାବେଳେ ନାଳରେ ବୁଡ଼ି ଯୁବକ ମୃତ

ଲହୁଣୀପଡା,୨୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଉସକଳା ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ନାଳରୁ ଉଦ୍ଧାର କରି ତଦନ୍ତ ଚଳାଇଛି। ସୂଚନାରୁ ପ୍ରକାଶ ଯେ, ଉସକଳା ଗ୍ରାମର ସୁନୀଲ ଟପ୍ପ (୩୫) ସୋମବାର ଅପରାହ୍ନ ପ୍ରାୟ ୫ଟାବେଳେ ନିକଟସ୍ଥ ଫୁଲଝର ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ମହୁଲପଦା ଥାନାକୁ ସୂଚନା ଦେଇଥିଲେ। ଖବରପାଇ ମହୁଲପଦା ପୋଲିସ ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗଭୀର ପାଣି ଭିତରୁ ସୁନୀଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରିଘଟଣାର ତଦନ୍ତ ଚଳାଇଛି।

# ଗରିବଙ୍କ ନାଁରେ ଋଣ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍, ଥାନାରେ ମାମଲା

ସୁନ୍ଦରଗଡ଼,୨୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଳି ବ୍ଲକ ବନ୍ଧପାଲି ପଞ୍ଚାୟତର ସଦରଥାନା ଛକରେ ରହୁଥିବା ଗରିବ ଦିନ ମଜୁରିଆଙ୍କ ନାମରେ ବ୍ୟାଙ୍କରୁ ଋଣ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ତପନ ଓରାମ ମଙ୍ଗଳବାର ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ,ସରକାରୀ ଯୋଜନାରେ ବ୍ୟାଙ୍କରୁ ଆର୍ଥିକ ସହାୟତା ମିଳିବ କହି ଗତ ୨୦୨୦ ଫେବୃଆରୀରେ ତାଙ୍କଠାରୁ ୨ ଜଣ ଦଲାଲ ଓ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ କର୍ମଚାରୀ ତାଙ୍କର ଆଧାର କାର୍ଡ, ଘରଡିହ ପଟ୍ଟା ଓ ପାସପୋର୍ଟ ଫଟୋ ସଂଗ୍ରହ କରି ନେଇଥିଲେ। ଏହା ପରେ ତାଙ୍କୁ ସୁନ୍ଦରଗଡ଼ର ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କକୁ ନେଇ କାଗଜପତ୍ରରେ ଦସ୍ତଖତ ଦେବାକୁ କୁହାଯାଇଥିଲା। ଦସ୍ତଖତ ଦେବା ପରେ ହାତରେ ୧୦ ହଜାର ଟଙ୍କା ଧରାଇ ଦେଇ ଏହା ସରକାରୀ ସହାୟତା ସୁଝିବାକୁ ପଡ଼ିବ ନାହିଁ ବୋଲି କହିଥିଲେ ବ୍ୟାଙ୍କ କର୍ମଚାରୀ। ଚଳିତ ଏପ୍ରିଲ ୧୮ରେ ତପନ ନିଜ ଆକାଉଣ୍ଟରେ ଜମାଥିବା କିଛି ଅର୍ଥ ଏଟିଏମ ମାଧ୍ୟମରେ ଉଠାଇବାକୁ ଚେଷ୍ଟା କରିଥିବା ବେଳେ ତାହା ବନ୍ଦ (ଲକ) ଥିବା ଜଣାପଡ଼ିଥିଲା। ଏହା ପରେ ସେ ବ୍ୟାଙ୍କକୁ ଯାଇ ବୁଝିବା ପରେ ତାଙ୍କ ନାମରେ ୧ ଲକ୍ଷ ଟଙ୍କା ଋଣ ରହିଛି। ତାକୁ ସୁଝିଲେ ଆକାଉଣ୍ଟ ଖୋଲିବ ବୋଲି ବ୍ୟାଙ୍କ ଅଧିକାରୀ କହିଥିଲେ। ସେ ମାତ୍ର ୧୦ ହଜାର ସହାୟତା ପାଇଥିବା ଓ କିପରି ତାଙ୍କ ନାମରେ ୧ ଲକ୍ଷ ଟଙ୍କା ଋଣ ହେଲା ବୋଲି ବୁଝିଲା ବେଳକୁ ଠକେଇର ସତ ସାମ୍ନାକୁ ଆସିଥିଲା। ଅତି ଚତୁରତାର ସହ ଦଲାଲ ଓ ବ୍ୟାଙ୍କ କର୍ମଚାରୀ ତପନଙ୍କ ଦସ୍ତଖତରେ ତାଙ୍କ ଆକାଉଣ୍ଟରେ ଋଣ ଉଠାଇ ନେଇଥିବା ଜଣାପଡ଼ିଛି। ଏବେ ଦିନ ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ତପନ କିପରି ଏତେ ଟଙ୍କା ସୁଝିବେ ସେ ଚିନ୍ତାରେ ପଡ଼ିଛନ୍ତି। ତପନଙ୍କ ପରି ଜୁନୁ ଓରାମଙ୍କ ନାମରେ ମଧ ଏଭଳି ଭାବରେ ଦଲାଲ ଓ ବ୍ୟାଙ୍କ କର୍ମଚାରୀ ଋଣ ଉଠାଇ ନେଇଛନ୍ତି। ତପନ ଓ ଜୁନୁଙ୍କ ଭଳି ଶ୍ରମିକ ଶ୍ରେଣୀର ଅଶୋକ ଓରାମ ଓ ତାଙ୍କ ମା' ବୁଧନୀ ଓରାମ, ଗୋବିନ୍ଦ ଓରାମ, ରଂଜିତ ଓରାମ, ଅନିଲ ଓରାମ, ବୁଧୁ ଓରାମ, ଚୁମନୁ ଓରାମଙ୍କ ସମେତ ସିଆଁବାହାଲ, ଭାଲୁବାହାଲ, ବନ୍ଧପାଲି ଆଦି ଗାଁର ଶତାଧିକ ଗରିବଙ୍କୁ ସଦରଥାନା ଛକର ଜଣେ ଦଲାଲ ସମେତ ସୁନ୍ଦରଗଡ଼ ଦଲାଲ ଓ ବ୍ୟାଙ୍କ କର୍ମଚାରୀ ସହାୟତା କହି ୧୦ ହଜାର ଟଙ୍କା ଲେଖାଏଁ ଦେଇ ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କାର ଋଣ ଉଠାଇ ନେଇଛନ୍ତି। ଏହି ଠକେଇ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସକାଶେ ଠକାମୀର ଶୀକାର ହୋଇଥିବା ଏହି ଗରିବ ପରିବାର ଦାବି କରିଛନ୍ତି।

# ଜାତି ସଦସ୍ୟତା ନ ଥିବାରୁ ମୃତକଙ୍କ ପାଖ ମାଡ଼ିଲେନି ଜାତିଭାଇ

ସୁନ୍ଦରଗଡ଼,୨୫।୪(ଡି.ଏନ.ଏ.)

**ଶ୍ମଶାନ ବନ୍ଧୁଙ୍କ ସହଯୋଗରେ ହେଲା ଶେଷକୃତ**

ସୁନ୍ଦରଗଡ ସହରରେ ବିଷପାନ କରି ଆତ୍ମହତ୍ୟା କରିଥିବା ଜଣେ ଯୁବକ ନିଜ ଜାତି ସମାଜରେ ନାମ ପଞ୍ଜିକରଣ କରି ନ ଥିବାରୁ ମୃତକଙ୍କୁ କାନ୍ଧ ଦେବା ପାଇଁ ପାଖ ମାଡିଲେନି ନିଜ ଜାତି ଭାଇ। ମୃତକ ହେଲେ ମୟଙ୍କ କେଡିଆ (୨୯)। ମଧ୍ୟପ୍ରଦେଶ ସ୍ଥିତ ଗ୍ୱାଲିୟର ସହରର ମୂଳ ବାସିନ୍ଦା। ମୟଙ୍କ ତାଙ୍କ ବାପା ଅଶୋକ କୁମାର କେଡିଆଙ୍କ ସହିତ ଚାରିବର୍ଷ ପୂର୍ବେ କୌଣସି ଏକ ଘଟଣାକ୍ରମ ଗ୍ୱାଲିୟର ଛାଡ଼ି ସୁନ୍ଦରଗଡ଼ ସହରରେ ଆସି ବସବାସ କରୁଥିଲେ। ଏଠାରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ବ୍ୟବସାୟରେ କ୍ଷତି ହେବାରୁ ଦୋକାନ ବନ୍ଦ କରିଦେଇଥିଲେ। ଶେଷରେ ଚା, କଫି, ଲସି ଦୋକାନ କରି ଗୁଜୁରାଣ ମେଣ୍ଟାଉ ଥିଲେ। ଅଭାବ ଅନାଟନ ଭିତରେ କାଳାତିପାତ କରୁଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ସୋମବାର ସକାଳେ ପରିବାର ସହ ରହୁଥିବା ମହେଶଡିହି ଅଞ୍ଚଳର ଏକ ଭଡାଘରେ ବିଷପାନ କରି ମୟଙ୍କ ଆତ୍ମହତ୍ୟା କରିଥିଲେ। ମୟଙ୍କ ମେଳାପୀ ଓ ନମ୍ର ହୃଦୟର ଯୁବକ ହୋଇଥିବାରୁ ତାଙ୍କର ଦୋକାନ ପାଖରେ ଦୋକାନ କରିଥିବା କିଛି ଯୁବକ ତଥା ଡାକ୍ତର ନାରାୟଣ ପଟେଲ, ପଙ୍କଜ କୁମାର ଠାକୁର ପ୍ରମୁଖ ହସ୍ପିଟାଲକୁ ଯାଇ ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ତାଙ୍କର ଜାତି ସମାଜର ଲୋକମାନଙ୍କୁ ଖବର ଦେଇଥିଲେ। ଏମାନେ ଏଠାରେ ରହୁଥିବା ସତ୍ତ୍ୱେ ସମାଜରେ ତାଙ୍କର ପରିବାରର ନାମ ପଞ୍ଜିକରଣ କରାଇ ନ ଥିବାରୁ ସହଯୋଗ କରିବାକୁ ରୋକଠୋକ୍ ମନା କରି ଦେଇଥିଲେ। ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ପାଖକୁ ଖବର ପହଞ୍ଚିବା ପରେ କାଳବିଳମ୍ବ ନକରି ହସ୍ପିଟାଲରୁ ମୟଙ୍କ ମୃତଶରୀରକୁ ସ୍ୱର୍ଗଦ୍ୱାରକୁ ନେଇ ସମ୍ପୂର୍ଣ୍ଣ ହିନ୍ଦୁ ପରମ୍ପରା ଓ ନୀତିନିୟମର ସହିତ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଚିଣ୍ଟୁ ରକ୍ସା, ଦେବେନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ନାରାୟଣ ପଟେଲ, ପଙ୍କଜ ଠାକୁର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଦୁଇଜଣ ସଂଖ୍ୟାଲଘୁ ଯୁବକ ମହମ୍ମଦ ମେମନ ଓ ତାଙ୍କର ଭାଇ ସ୍ୱର୍ଗଦ୍ୱାରଠାରେ ଉପସ୍ଥିତ ରହି ସତ୍କାରରେ ସହଯୋଗ କରିଥିଲେ।

# ଲହୁଣୀପଡ଼ା ପୋଲିସର ଜନସମ୍ପର୍କ ଶିବିର

ଲହୁଣୀପଡ଼ା, ୨୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମ ଫୁଟବଲ ପଡ଼ିଆଠାରେ ରାଉରକେଲା ଜିଲା ପୋଲିସ ଓ ଲହୁଣୀପଡା ଥାନା ପୋଲିସର ମିଳିତ ଉଦ୍ୟମରେ ମଙ୍ଗଳବାର ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଣେଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜାମୁଣ୍ଡ ସମିତି ସଭ୍ୟ ଅଶୋକ କୁମାର ବେହେରା, ରିଜର୍ଭ ପୋଲିସ ଇନ୍ସପେକ୍ଟର ଗଗନ କୁମାର ମାହାନ୍ତ ଯୋଗ ଦେଇଥିଲେ। ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଏହି ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଡରି ନ ଯାଇ ନିଜ ଅଞ୍ଚଳରେ ଥିବା ପୋଲିସ ସମ୍ପର୍କିତ ସମସ୍ୟାଗୁଡିକର ସମାଧାନ ପାଇଁ ପୋଲିସ ସହିତ ସିଧାସଳଖ ଯୋଗାଯୋଗ କିମ୍ୱା ସାକ୍ଷାତ ଆଲୋଚନା କଲେ ସମସ୍ୟା ସମାଧାନରେ ପ୍ରତିବନ୍ଧକ ଦେଖାଦେବ ନାହିଁ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇଥିଲେ। ଏଥିରେ ଲହୁଣୀପଡା ଡାକ୍ତରଖାନାର ଡା. ସୁଧାଂଶୁ ଶେଖର ସାହୁ, ଡା.ସସ୍ମିତା ନାଗ ଓ ଡାକ୍ତରୀ ଦଳ ଦ୍ୱାରା ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ପରିଚାଳିତ ହୋଇଥିଲା। ଏଥରେ ଉପସ୍ଥିତ ଥିବା ୧୭୫ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଏହି ଜନ ସମ୍ପର୍କ ଶିବିରରେ ସ୍ଥାନୀୟ କଳାକାର ଦଳକୁ ବାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ସହିତ ଏକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ସହିତ ଖେଳ ସାମଗ୍ରୀ ପ୍ରଦାନ କରାଯାଇ ଥିଲା। ଅନ୍ୟ ଦଳମାନଙ୍କୁ ମଧ ସାନ୍ତ୍ୱନାମୂଳକ ଭାବରେ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଥିଲା। ହକି ଓ ଭଲିବଲ ଖେଳାଳିମାନଙ୍କୁ କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଥିଲା। ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇ ଥିଲା। ବୃଦ୍ଧା ବୃଦ୍ଧ ଓ ଅସହାୟମାନଙ୍କୁ ଶାଢୀ, ଟର୍ଚ୍ଚ, ଛତା, ଚପଲ ପ୍ରଭୃତି ବଣ୍ଟନ କରାଯାଇଥିବା ଜଣାପଡିଛି। ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା,ଏସଆଇ ସୁଦର୍ଶନ ବେହେରା, ପ୍ରସନ୍ନ କୁମାର ଜେନା, ଏଏସଆଇ ତପନ କୁମାର ପରିଡା, ମହେଶ୍ୱର ମୁଣ୍ଡା, ସମୀର ସ୍ୱାଇଁଙ୍କ ସମେତ ପୋଲିସ କର୍ମଚାରୀଙ୍କ ସହଯୋଗରେ ଏହି ଜନସମ୍ପର୍କ ଶିବିର ପରିଚାଳିତ ହୋଇଥିଲା।


କଳାକାର ଦଳକୁ ସାମଗ୍ରୀ ପ୍ରଦାନ କରାଯାଉଛି।

# ଲହୁଣୀପଡ଼ାରେ କାଳବୈଶାଖୀର ତାଣ୍ଡବ

**ଭାଙ୍ଗିଲା କାଚଘର, ଢଳିଲା ଟାୱାର ଖୁଣ୍ଟ**

ଲହୁଣୀପଡ଼ା, ୨୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅଞ୍ଚଳରେ ସୋମବାର ରାତି ପ୍ରାୟ ୯ଟା ପରେ କାଳବୈଶାଖୀ ପ୍ରଭାବ ଅନୁଭୂତ ଦେଖିବାକୁ ମିଳିଛି। କଳା ବାଦଲ ଘୋଟି ଆସିବା ସହ ପ୍ରବଳ ଯୋରରେ ପବନ ବୋହିଥିଲା। ଘଡ ଘଡି ସହ ବର୍ଷା ମଧ ହୋଇଥିଲା। ଏହା ପ୍ରାୟ ୪ ଘଣ୍ଟା ଧରି ଲାଗିରହିଥିବା ବେଳେ ଝଡ ତୋଫାନ ଯୋଗୁ ବହୁ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ଦେଖାଯାଇଛି। ଗଛ ଭାଙ୍ଗି ଘର ଉପରେ ପଡିଥିଲା। ଏପରିକି ଘର ଛାତ ଉପରେ ଲାଗିଥିବା ଟାୱାର ଓଲଟି ପଡିଥିବାବେଳେ ଦୋକାନରେ ଲାଗିଥିବା କାଚ ମଧ ଭାଙ୍ଗି ଯାଇଥିବା ଦେଖାଯାଇଥିଲା। ଲହୁଣୀପଡ଼ା ବଜାରରେ ଥିବା ଗଣେଶ ଚୌଧୁରୀ ଦୋକାନରେ ଲାଗି ଥିବା କାଚ ଝଡ ତୋଫାନ ଭାଙ୍ଗି ଯାଇଥିବାବେଳେ ରାସ୍ତା ପାର୍ଶ୍ୱ ଜଣଙ୍କ ଘର ଛାତ ଉପରେ ଲାଗିଥିବା ଟାୱାର ମଧ୍ୟ ଓଲଟି ପଡିଥିବା ଦେଖିବାକୁ ମିଳିଛି। ଲହୁଣୀପଡ଼ା ତହସିଲଦାରଙ୍କ କ୍ୱାଟର ଉପରେ ଗଛ ପଡିଯାଇଥିବା ଯୋଗୁ ପାଣି ଟାଙ୍କି ଭାଙ୍ଗି ଯାଇଥିବା ଜଣାପଡିଛି। କଲେଇପୋଷ,ଶଙ୍ଖପୋଷ ଭଳି ବିଭିନ୍ନ ସ୍ଥାନରେ ଗଛ ସବୁ ଭାଙ୍ଗି ଯାଇଥିବା ଦେଖାଯାଇଛି। କେତେକ ସ୍ଥାନରେ ଘର ଉପରେ ଗଛ ଭାଙ୍ଗି ପଡିଯାଇଥିବାରୁ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ତହସିଲଦାରଙ୍କ ସୂଚନା ଅନୁଯାୟୀ ୪ଟି ଘର କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଥିବା ଜଣାପଡିଛି। ଝଡ ତୋଫାନ ଯୋଗୁ କେତେକ ସ୍ଥାନରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ରହିଛି।



କାଳବୈଶାଖୀ ପ୍ରଭାବରେ କାଚଘର ଭାଙ୍ଗିଛି। ଘର ଉପରେ ଗଛ ପଡ଼ିଛି।

# ମାରୁତି ସୁଜୁକିର ନ୍ୟୁ ସୁପର କ୍ୟାରି

ନୂଆଦିଲ୍ଲୀ,୨୫।୪



ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ୍)ର ଅପ୍‌ଗ୍ରେଡେଡ୍ ହାଲୁକା କମର୍ସିଆଲ ଭେଇକିଲ ନ୍ୟୁ ସୁପର କ୍ୟାରିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏଥିରେ ମାରୁତି ସୁଜୁକିର ଆଧୁନିକ ୧.୨ ଏଲ୍, କେ-ସିରିଜ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ ଆଦି ସାମିଲ ରହିଛି। ଏପରିକି ମାରୁତି ସୁଜୁକିର ସୁପର କ୍ୟାରି ମିନି ଟ୍ରକ୍‌ରେ ଏକ ୪-ସିଲିଣ୍ଡର ଇଞ୍ଜିନ ରହିଛି, ଯାହା ଏହାର ପେଟ୍ରୋଲ ମଡେଲରେ ୬୦୦୦ ଆର୍‌ପିଏମ୍‌ରେ ୫୯.୪ କେଡବ୍ଲ୍ୟୁ (୮୦.୭ପିଏସ୍)ର ସର୍ବାଧିକ ଶକ୍ତି ଏବଂ ୨୯୦୦ ଆର୍‌ପିଏମ୍‌ରେ ୧୦୪.୪ଏନ୍‌ଏମ୍‌ର ସର୍ବାଧିକ ଟର୍କ ପ୍ରଦାନ କରୁଛି।

ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଏବଂ ସେଲ୍‌ସ ବିଭାଗର ସିନିୟର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ମାରୁତି ସୁଜୁକି ସର୍ବଦା ଏଭଳି ଏକ ଉତ୍ପାଦ ପ୍ରଦାନକରେ ଯାହା ଗ୍ରାହକଙ୍କ ଆଶାଠାରୁ ଅଧିକ। ସୁପର କ୍ୟାରିକୁ ଭାରତୀୟ ମିନି ଟ୍ରକ୍ ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହାକୁ କମର୍ସିଆଲ ଭେଇକିଲ ସେଗ୍‌ମେଣ୍ଟରେ ସମସ୍ତ ଗ୍ରାହକ ପସନ୍ଦ କରିଛନ୍ତି। ୨୦୧୬ରେ ଶୁଭାରମ୍ଭ ପରଠାରୁ ଏ ପର୍ଯ୍ୟନ୍ତ ୧.୫ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ହୋଇସାରିଛି।

ଅପରପକ୍ଷରେ ସୁପର କ୍ୟାରିର ଶୁଭାରମ୍ଭ ସହ ମାରୁତି ସୁଜୁକି ମଧ୍ୟ ନୂଆ ସିଏନ୍‌ଜି କ୍ୟାବ୍ ଚେସିସ୍ ଭାରିଆଣ୍ଟର ଶୁଭାରମ୍ଭ କରିଛି, ଯାହାର ଏକ୍ସ-ଶୋ ରୁମ୍ ମୂଲ୍ୟ ୬,୧୫,୫୦୦ଟଙ୍କା ରହିଛି। ଉକ୍ତ ମିନିଟ୍ରକ୍ ମଧ୍ୟ ସିଏନ୍‌ଜି ଡେକ୍, ଗ୍ୟାସୋଲିନ ଡେକ୍ ଓ ଗ୍ୟାସୋଲିନ କ୍ୟାବ୍ ଚେସିସ୍ ଭାରିଆଣ୍ଟରେ ଉପଲବ୍ଧ। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟ ଯଥାକ୍ରମେ ୬,୩୦,୫୦୦ ଟଙ୍କା, ୫,୩୦,୫୦୦ ଟଙ୍କା ଏବଂ ୫,୧୫,୫୦୦ ଟଙ୍କା ରହିଛି।

# ଏରିଅଲର 'ଶେୟାର ଦି ଲୋଡ୍'

ନୂଆଦିଲ୍ଲୀ,୨୫।୪: ଦେଶର ପ୍ରମୁଖ ଡିଟରଜେଣ୍ଟ ବ୍ରାଣ୍ଡ ଏରିଏଲ ପକ୍ଷରୁ ଏକ ଅଭିନବ ଅଭିଯାନ 'ଶେୟାର ଦି ଲୋଡ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୦୧୫ ପରଠାରୁ ଭାରତର ଅଗ୍ରଣୀ ଡିଟରଜେଣ୍ଟ ବ୍ରାଣ୍ଡ୍ ଏରିଏଲ ଘରୋଇ କାର୍ଯ୍ୟରେ ବେଶ୍ ସମାନତା ଆଣିବା ସହ ଅଧିକ ପୁରୁଷଙ୍କୁ ଶେୟାର କରିବାକୁ ଚାହୁଁଛି। ଏହି ଅଭିଯାନ ଆଗକୁ ବଢ଼ାଇବା ପାଇଁ ଏରିଏଲ ଶେୟାର ଦି ଲୋଡ୍ ଚଳଚ୍ଚିତ୍ରର ସଦ୍ୟତମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏପରିକି ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାଯାଏ ଯେ ୭୪% ମହିଳା ନିଜ ଜୀବନସାଥୀଙ୍କ ସହ ଚାପକୁ ଶେୟାର କରିବାକୁ ଚାହିଁଥାନ୍ତି। ସେହିଭଳି ଏରିଏଲ ଦୃଢ଼ ଭାବେ ବିଶ୍ୱାସକରେ ଯେ ଏକ ଦୃଢ଼ ସମ୍ପର୍କର ମୂଳଦୁଆ ଉପରେ ସମାନତା ଆଧାରିତ ହୋଇଥାଏ। ଯେଉଁଠାରେ ଉଭୟ ସମ୍ମାନର ଅଧିକାରୀ ହୋଇଥାନ୍ତି। ବିଶେଷକରି ଦମ୍ପତିମାନେ ଏକତ୍ର କାମ କରିବା ଓ ଚାପକୁ ବାଣ୍ଟିବା ଦ୍ୱାରା ସେମାନେ ଅଧିକ ଖୁସି ହୁଅନ୍ତି ଓ ଏକ ଦୃଢ଼ ବନ୍ଧନରେ ବାନ୍ଧିହୋଇ ରହିବାକୁ ଭଲ ପାଆନ୍ତି। ଏହାଦ୍ୱାରା ଜଣକ ଉପରେ ପଡ଼ିବାକୁ ଥିବା ଚାପର ମାତ୍ରା କମ୍ ହୋଇଥାଏ, ଯାହା ଦି ଶେୟାର ଲୋଡ୍ ଅଭିଯାନ ଜରିଆରେ ଉପସ୍ଥାପିତ କରାଯାଇଛି।

ଏ ସମ୍ପର୍କରେ ଫାବ୍ରିକ କେୟାର ତଥା ପି ଆଣ୍ଡ ଜି ଇଣ୍ଡିଆନ ସବ୍‌କଣ୍ଟିନେଣ୍ଟର ଭାଇସ ପ୍ରେସିଡେଣ୍ଟ ଏବଂ ପି ଆଣ୍ଡ ଜି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଶରତ ବର୍ମା କହିଛନ୍ତି, ଏରିଏଲ ଶେୟାର ଦି ଲୋଡ୍ ଜରିଆରେ ଆମେ ସମାନତାର ଅର୍ଥପୂର୍ଣ୍ଣ ବାର୍ତ୍ତାଳାପ ସୃଷ୍ଟି କରିବା, ଯାହା ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିଥାଏ। ଏପରିକି ବାସ୍ତବରେ ସର୍ବେକ୍ଷଣ କରାଯାଇଥିବା ୮୧% ମହିଳା ଅନୁଭବ କରନ୍ତି ଯେ କାର୍ଯ୍ୟର ଅସମାନ ବଣ୍ଟନ ସମ୍ପର୍କ ଉପରେ ପ୍ରଭାବ ପକାଇପାରେ। ସମୟ ସହ ଘର କାମର ଅସମାନ ବଣ୍ଟନ ଜଣେ ସାଥୀର ମନରେ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଦୂରତା ସୃଷ୍ଟି ହୋଇପାରେ। ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି, ୯୫% ଦମ୍ପତି ବିଶ୍ୱାସ କରନ୍ତି ଯେ ଏକତ୍ର କାମ ସେମାନଙ୍କ ସମ୍ପର୍କକୁ ସୁଦୃଢ଼ କରିଥାଏ। ଏହି ବିଷୟକୁ ଆମେ ଉକ୍ତ ଚଳଚ୍ଚିତ୍ର ଜରିଆରେ ଦେଖାଇଛୁ।

# ରିଲାକ୍ସୋ ଫୁଟ୍‌ୱେର୍ସର ନୂତନ ଟିଭିସି

ନୂଆଦିଲ୍ଲୀ,୨୫।୪




ଦେଶର ପ୍ରମୁଖ ଫୁଟ୍‌ୱେର କମ୍ପାନୀ ରିଲାକ୍ସୋ ଫୁଟୱେର୍ସ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ୍ ଫ୍ଲାଇଟ୍‌ର ନୂତନ ଟିଭିସି 'ସର ଉଠା କଦମ ବଢ଼ା'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଯେତେବେଳେ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ସେମାନଙ୍କ ଜୀବନ ପରାଜିତ ପଥକୁ ନେଇଥାନ୍ତି। ଏପରିକି ସେମାନଙ୍କ ମଧ୍ୟରୁ କେତେକେ ନିଜକୁ ଭିତରୁ ଦୃଢ଼ କରିବାକୁ ଚେଷ୍ଟା କରିଥାନ୍ତି। ଏ ସମ୍ପର୍କରେ ରିଲାକ୍ସୋ ଫୁଟୱେର୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଗୌରବ ଦୁଆ କହିଛନ୍ତି, ଏହି ଅଭିଯାନ ବିଶେଷକରି ବ୍ରାଣ୍ଡ୍‌ର ପ୍ରଚାର ସହ ଏକ ସତ କାହାଣୀକୁ ସୁନ୍ଦର ଭାବେ ପରିବେଷଣ କରୁଛି। ଏପରିକି ଫ୍ଲାଇଟ୍ ଜରିଆରେ ଯାତ୍ରା କରୁଥିବା ବେଳେ ମନରେ ଅନେକ ପ୍ରଶ୍ନ ଉଠିଛି। ରାସ୍ତାରେ ଯାଉଥିବା ଏକ ଭାବପ୍ରବଣ ରୋଲ୍‌ର କୋଷ୍ଟରକୁ ତାହା କ୍ୟାପ୍‌ଚର କରିଥାଏ ଏବଂ ରାସ୍ତାରେ ଆସୁଥିବା ଗ୍ରାଇଣ୍ଡ୍ ଆଣ୍ଡ୍ରାଇଜେସନ୍ସକୁ ନେଇଥାଏ। ସେହିଭଳି ଏଲ୍ ଆଣ୍ଡ କେ ତଥା ସାଚି ଏବଂ ସାଚିର ସିଇଓ ପରିତୋଷ ଶ୍ରୀବାସ୍ତବ କହିଛନ୍ତି, ଫ୍ଲାଇଟ୍ ସବୁବେଳେ ଆମ ଗ୍ରାହକଙ୍କ ଜୀବନରେ ଏକ ବିଶ୍ୱସ୍ତ ଅଂଶୀଦାର ହୋଇଆସିଛି। ଏପରିକି ବ୍ରାଣ୍ଡ୍‌ର ସେହି ଗୁଣ ଦ୍ୱାରା ବଜାର ଅଗ୍ରଣୀ ହୋଇପାରିଛି। ୨ବର୍ଷ ପୂର୍ବେ ଏହି ଅଭିଯାନ ଜନ୍ମ ହୋଇଥିଲା, ଯେଉଁଥିରେ ଫ୍ଲାଇଟ୍ ପ୍ରତି ବ୍ରାଣ୍ଡ୍ ପ୍ରେମ, ସ୍ଥିତି ଏବଂ ସମ୍ମାନ ସୃଷ୍ଟି କରାଯାଇଥିଲା। ପ୍ରଥମ ଅଭିଯାନରେ ବ୍ରାଣ୍ଡ୍‌କୁ ବହୁ ପରିମାଣରେ ସଫଳତା ଦେଇଥିଲା। ଅପରପକ୍ଷରେ ଫ୍ଲାଇଟ୍‌ର ନୂତନ ଟିଭିସି ଅଭିଯାନ 'ସର ଉଠା କଦମ ବଢ଼ା' ଏକ ନିଚ୍ଛକ ଭାବନା ଉପରେ ନିର୍ଭର କରିଥାଏ। ଏହା ଆମ ସମସ୍ତଙ୍କ ଭିତରେ ଗଭୀର ଆବେଗ ତଥା ସେଠାରେ ଭାବପ୍ରବଣ ସଂଯୋଗ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

# ଡେଣ୍ଟା ମିତ୍ର ପକ୍ଷରୁ ଡୋର ଷ୍ଟେପ୍ ସର୍ଭିସ

ଭୁବନେଶ୍ୱର,୨୫।୪

ଦେଶର ପ୍ରମୁଖ ଘରୋଇ ଦନ୍ତ ଚିକିତ୍ସାଳୟ ଡେଣ୍ଟା ମିତ୍ର ପକ୍ଷରୁ ନିକଟରେ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ଅଭିନବ ସେବା 'ଡୋର ଷ୍ଟେପ୍ ସର୍ଭିସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଚ୍ଚମାନର ଦନ୍ତ ଚିକିତ୍ସା ଯୋଗାଇବା ତଥା ଦେଶର ଏକମାତ୍ର ଦନ୍ତ ଚିକିତ୍ସା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଡେଣ୍ଟା ମିତ୍ର ରୋଗୀର ଦ୍ୱାରଦେଶରେ ଗୁଣାତ୍ମକ ଦନ୍ତ ଚିକିତ୍ସା ଯୋଗାଇଥାଏ। ବର୍ତ୍ତମାନ ଉକ୍ତ ସଂସ୍ଥା ଭୁବନେଶ୍ୱରରେ ଦନ୍ତ ଚିକିତ୍ସା ସେବା ଯୋଗାଇବ ବୋଲି ଘୋଷଣା କରିଛି। ଏପରିକି ଭୁବନେଶ୍ୱରରେ ଏହି ଟିମ୍ ରୋଗୀମାନଙ୍କ ଘରେ ସର୍ବୋତ୍ତମ ଚିକିତ୍ସା ଯୋଗାଇବା ପାଇଁ ଏରିଆ ଡେଣ୍ଟାଲ ଅଫିସରଙ୍କ ଦ୍ୱାରା ନଜର ରଖାଯାଇଥିବା ଅଭିଜ୍ଞ ତଥା ତାଲିମପ୍ରାପ୍ତ ଦନ୍ତ ଚିକିତ୍ସକଙ୍କୁ ଅନ୍ତର୍ଭୁକ୍ତ କରିବେ ବୋଲି ଜଣାପଡ଼ିଛି। ସେହିଭଳି ରୋଗୀମାନେ ସଂସ୍ଥାର ଆପ୍, ୱେବ୍‌ସାଇଟ୍, ହ୍ୱାଟ୍ସଆପ୍ ଏବଂ ଟୋଲ୍ ଫ୍ରି ନମ୍ବର ମାଧ୍ୟମରେ ମଧ୍ୟ ଆବଶ୍ୟକ ସେବା ପାଇଁ ଅଗ୍ରିମ ବୁକ୍ କରିପାରିବେ। ଏ ସମ୍ପର୍କରେ ଡେଣ୍ଟା ମିତ୍ରର ସହ ପ୍ରତିଷ୍ଠାତା ତଥା ସିଇଓ ସତ୍ୟଜିତ୍ ପ୍ରଧାନ କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କ ଦ୍ୱାରରେ ଦନ୍ତ ଚିକିତ୍ସା ସୁବିଧା ଯୋଗାଇବା ସହ ରୋଗୀର ସେବାରେ ଉନ୍ନତି ଆଣିବା ପାଇଁ ଆମର ଲକ୍ଷ୍ୟ ରହିଛି। ଏପରିକି ଭୁବନେଶ୍ୱରରେ ଆମେ ଲୋକଙ୍କ ନିକଟତର ହେବା ପାଇଁ ବ୍ୟାପକ ଯୋଜନା କରୁଛୁ। ସେହିଭଳି ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ଏବଂ ଅଣସଂରକ୍ଷିତ ସମ୍ପ୍ରଦାୟ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟସେବାକୁ ବାସ୍ତବ ରୂପ ଦେବା ପାଇଁ ଆମେ ଶତ ପ୍ରତିଶତ ଚେଷ୍ଟା କରିବୁ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ବ୍ୟତୀତ ଦିଲ୍ଲୀ-ଏନ୍‌ସିଆର୍, ବେଙ୍ଗାଲୁରୁ, ଚଣ୍ଡିଗଡ଼ ଏବଂ ପଞ୍ଜାବର କିଛି ସହରରେ ଏହି ସେବା ଉପଲବ୍ଧ କରାଉଛି।



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-78 **Bid Identification No. Online Tender / 04-2023-24/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 04-2023-24/ BPR | Bridge Works (BSY) for 2022-23 | 01 No. | Rs.746.81 lakhs | "A" Class or "Special" Class as applicable | 24 (Twenty Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 04-2023-24/BPR | 27.04.2023 at 10.00 A.M. | 12.05.2023 upto 3.00 P.M. |

(i) **EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.**
(ii) **Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**

Further details & Corrigendum if any can be seen from the website: **www.tendersodisha.gov.in.**

OIPR-25071/11/0006/2324 **Sd./- Chief Construction Engineer, R.W. Circle, Berhampur**



# ସିକ୍ୟୋର ମିଟର୍ସ ସହ ଏୟାରଟେଲ୍‌ର ସହଭାଗିତା

**ନୂଆଦିଲ୍ଲୀ,୨୫।୪:** ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ୍ ଏବଂ ସିକ୍ୟୋର୍ ମିଟର୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ଘୋଷଣା କରାଯାଇଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍ ବିଜ୍‌ନେସ୍ ନିର୍ଦ୍ଦେଶକ ତଥା ସିଇଓ ଅଜୟ ଚିତ୍‌କାରା କହିଛନ୍ତି, ଆଇଓଟି, ଏୟାରଟେଲ୍ ପାଇଁ ଏକ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ୟବସାୟ ଶ୍ରେଣୀ। ଆମେ ଭାରତର ଶକ୍ତି ସ୍ଥାନାନ୍ତର କ୍ଷେତ୍ରରେ ଏକ ସକ୍ରିୟ ଖେଳାଳି ହେବା ପାଇଁ ଅପେକ୍ଷା କରିଛୁ।



## LEVEL-I TRANSPORT CONTRACTOR 2023-25
## NOTICE INVITING TENDER

**Office of District Manager**
**Odisha State Civil Supplies Corporation Ltd. (OSCSC)**
**KANDHAMAL (District), Phone:9438200046**
**No.CAD-311:** **District Website:www.kandhamal.nic.in**

**Tender No.649** **Dated:24.04.2023**

**Cost of Tender Document: - Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I Transport Contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 26.04.2023 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 28.04.2023 At- Office of District Manager, OSCSC Ltd., Kandhamal, Place: Collectorate, Kandhamal, Phulbani |
| 3 | Last date and time for **online** submission of completed Tender Documents with enclosures | Dt.16.05.2023 upto 05.00 (PM) |
| 4 | Date, time and venue for **opening of Technical Bid** by the Tender Committee | Dt.17.05.2023 upto 10.00 (AM), at Collectorate Campus, Kandhamal, Phulbani |
| 5 | Date, time and venue of submission of original documents in support of scanned copies uploaded in the portal for Verification. | Dt.18.05.2023 upto 10.00 (AM), at Collectorate Campus, Kandhamal, Phulbani |
| 6 | Date & time of **Financial Bid opening** by the Tender Committee (Only of Technically Qualified Bidders) | Dt.20.05.2023 at 11.00 A.M. |
| 7 | Venue of the opening of Technical & Financial Bids | Collectorate Campus, Kandhamal, Phulbani |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- KANDHAMAL District Manager:-No.9438200046 Accounts Head. No.9438164903 (ii) State Procurement Cell:-0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager**
**OSCSC Ltd., Kandhamal**

## LEVEL-II TRANSPORT CONTRACTOR 2023-25
## NOTICE INVITING TENDER

**Office of District Manager**
**Odisha State Civil Supplies Corporation Ltd. (OSCSC)**
**KANDHAMAL (District), Phone:9438200046**
**District Website:www.kandhamal.nic.in**

**Tender No.650** **Dated:24.04.2023**

Cost of Tender Document:- Rs.5900/- Inclusive of GST for each RRC to Unit (Block / ULB) combination of the district. Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 26.04.2023 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 28.04.2023 At- Office of District Manager, OSCSC Ltd., Kandhamal, Place: Collectorate, Kandhamal, Phulbani |
| 3 | Last date and time for **online** submission of completed Tender Documents with enclosures | Dt.16.05.2023 upto 05.00 (PM) |
| 4 | Date, time and venue for **opening of Technical Bid** by the Tender Committee | Dt.17.05.2023 upto 10.00 (AM), at Collectorate Campus, Kandhamal, Phulbani |
| 5 | Date, time and venue of submission of original documents in support of scanned copies uploaded in the portal for Verification. | Dt.18.05.2023 upto 10.00 (AM), at Collectorate Campus, Kandhamal, Phulbani |
| 6 | Date & time of **Financial Bid opening** by the Tender Committee (Only of Technically Qualified Bidders) | Dt.20.05.2023 at 11.00 A.M. |
| 7 | Venue of the opening of Technical & Financial Bids | Collectorate Campus, Kandhamal, Phulbani |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note:-The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- KANDHAMAL District Manager:-No.9438200046 Accounts Head. No.9438164903 (ii) State Procurement Cell:-0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager**
**OSCSC Ltd., Kandhamal**

## HANDLING CONTRACTOR 2023-25
## NOTICE INVITING TENDER

**Office of District Manager**
**Odisha State Civil Supplies Corporation Ltd. (OSCSC)**
**KANDHAMAL (District), Phone:9438200046**
**District Website:www.kandhamal.nic.in**

**Tender No.651** **Dated:24.04.2023**

**Cost of Tender Document:- Rs.11800- Inclusive of GST.**
Online Tenders are invited from eligible bidders for selection and appointment of **Handling Contractor (Labour works)** for handling of food grain (Rice, Wheat) at all the Rice Receiving Centres (RRCs) (except in those **PEG godowns** where godown owner is undertaking handling work of Keonjhar district.

| | | |
|---|---|---|
| 1 | Availability of tender documents | From Date 26.04.2023 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 28.04.2023 At- Office of District Manager OSCSC Ltd., Kandhamal, Place: Collectorate, Kandhamal, Phulbani |
| 3 | Last date and time for **online** submission of completed Tender Documents with enclosures | Dt.16.05.2023 upto 05.00 (PM) |
| 4 | Date, time and venue for **opening of Technical Bid** by the Tender Committee | Dt.17.05.2023 upto 10.00 (AM), at Collectorate Campus, Kandhamal, Phulbani |
| 5 | Date, time and venue of submission of original documents in support of scanned copies uploaded in the portal for Verification. | Dt.18.05.2023 upto 10.00 (AM), at Collectorate Campus, Kandhamal, Phulbani |
| 6 | Date & time of **Financial Bid opening** by the Tender Committee (Only of Technically Qualified Bidders) | Dt.20.05.2023 at 11.00 A.M. |
| 7 | Venue of the opening of Technical & Financial Bids | Collectorate Campus, Kandhamal, Phulbani |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note:- The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- KANDHAMAL District Manager:-No.9438200046 Accounts Head. No.9438164903 (ii) State Procurement Cell:-0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3.Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in,www.oscsc.in & www.foododisha.in.

OIPR-07032/11/0001/2324 **Sd./- District Manager**
**OSCSC Ltd., Kandhamal**

## Expression of Interest

No. PP-6:- **"Expression of Interest"** in sealed cover is invited from reputed agencies for **Designing, Printing & Supply of Coffee Table Book on "Kalabhoomi-Odisha Crafts Museum".**

For details of EOI, TOR etc.please visit the website: **www.sidacodisha.org.in.** The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 5: 00 P.M. on 15.05.2023. The details of EOI will be available in the website **w.e.f. 25.04.2023.**

**Sd./- Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt, of Odisha
Handicrafts Complex, Gandamunda, Bhubaneswar-751030
Tel. No. +91(0)674 2350138,
E-mail: sidacorissa@gmail.com, www.sidacodisha.org.in
OIPR-31036/11/0002/2324

## OFFICE OF THE CHIEF ENGINEER MEGA LIFT BHUBANESWAR

Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail:cemlpwr.od@gmail.com
**Government of Odisha "e" Procurement Notice**
**Bid Identification No. 2ML/2023-24**

**No.A-63:**The Chief Engineer, Megalift on behalf of the Governor of Odisha invites online tender through E-Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the work | Appointment of Project Management Consultant (PMC) for implementation of Mega Lift projects in Cluster No. XIX |
| Cost of Tender Paper | Rs. 10,000/-+GST 18% (Non- Refund-able; |
| EMD/Bid Security | Rs.7,56,131/- |
| Mode of payment of tender paper Cost & EMD | Online |
| Period of Completion: | 36 (Thirty-Six) Calendar months |
| Availability of Bid document for sale and receipt through on-line | From dt.25.04.2023, 10.00 A.M, to dt.24.05.2023, up to 5.00 P.M. |
| Last date / time of receipt of bid in the portal | 24.05.2023 ( 5.00PM) |
| Date of opening of Technical Proposal through online | On dt. 25.05.2023 at 11.00 A.M in the Office of the Chief Engineer, Megalift. |
| Class of Contractor | The bidder should be registered under the Companies Act, 1956 |
| Digital Signature Certificate of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR website https:/dowrodisha.gov.in | |
| Name & Address of the OIT | Chief Engineer, Megalift Plot No. A-8/2, Bhoi Nagar, Bhubaneswar-751022 Ph. No -0674-2567252, Email ID: cemlpwr.od@gmail.com |
| Further details can be seen from the e-Procurement market place. **https://tendersodisha.gov.in** | |

OIPR-32504/11/0002/2324 **Sd./- Chief Engineer, Megalift Bhubaneswar**

## OFFICE OF THE DIRECTOR-CUM-MEDICAL SUPERINTENDENT, MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK

Telephone: 0671 -2414359, Email-mhi.cuttack@gmail.com

**TENDER CALL NOTICE**

**No.E-50:**Sealed tenders are invited from the reputed Printing Firms of Cuttack Municipality Corporation for supply of printing materials to Mental Health Institute, SCB Medical College Hospital, Cuttack-753007. The tender will be opened on scheduled date and time in the office of the undersigned in presence of the bidders or their authorized representatives. In the event of the date being declared as a holiday for Govt. of Odisha, the due date of submission of bids and opening of bids will be the next working day. The bidders may download the Tender Documents directly from the website www.mhicoecuttack.co.in and also can be obtained from the office of the Director-cum-Medical Superintendent, Mental Health Institute, SCB Medical College Hospital, Cuttack. The cost of tender paper is Rs.500/- (Non-refundable) by cash payment or bank draft/demand draft in favour of "Director-cum-Medical Superintendent, Mental Health Institute, SCB Medical College Hospital, Cuttack" payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received through Speed Post/ Regd. Post only. The authority reserves the right to reject any / all the ' tenders without assigning any reason thereof.

1. Date of sale of tender paper - **26/04/2023 to 16/05/2023**
2. Last date of receipt of tender paper-**17/05/2023 up to 5.00 P.M.**
3. Date & Time of opening of technical bid- **18/05/2023 at 4.30 P.M.**
4. Place of opening of tender -Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007.

**Sd./- Director-cum-Medical Superintendent**
**Mental Health Institute**
OIPR-10051/11/0003/2324 **SCB Medical College Hospital, Cuttack**

## BHUBANESWAR MUNICIPAL CORPORATION

VIVEKANAND MARG, NEAR KALPANA SQUARE, BHUBANESWAR-751014
No. 19077/BMC DT: 21.04.2023

**NOTICE INVITING EXPRESSION OF INTEREST (EOI)**
**XXXXX-II-JWMPMV-42/2020-21**

No.C-150:- On behalf of the Commissioner, Bhubaneswar Municipal Corporation (BMC), Dy. Commissioner (Sanitation), BMC invites expression of interest from the experienced and qualified interested Proprietorship firm/ Company/ registered partnership firm, registered company, registered society or registered trust for "**Empanelment of agencies for Disposal of Recyclable and Non-Recyclable waste generated from different Material Recovery Facility (MRF) Centres operated in the territorial jurisdiction of Bhubaneswar Municipal Corporation for a period of 3 years**". The detail EOI document can be seen and downloaded from BMC website **http://bmc.gov.in.**
For queries, interested parties may contact the office of Deputy Commissioner (Sanitation), Bhubaneswar Municipal Corporation at ICOMC Tower at Satya Nagar, Infront of Satya Nagar Kali Temple on Janpath, Unit-IX, Bhubaneswar- 751007, Odisha, India.

**1. Schedule of Events:**

| | |
|---|---|
| Availability of EoI document | **22.04.2023 (12:00 Noon) to till 5:00 pm on 08.05.2023** (Downloadable from website: (http://bmc.gov.in) |
| Last date & time for receipt of EoI | **08.05.2023, by 05.00 PM** (Through Speed/ Registered post/Courier/Hand delivery) |
| Place of submission of EoI in hard Copy | **Office of Dy. Commissioner (Sanitation) Bhubaneswar Municipal Corporation** ICOMC Tower at Satya Nagar, Infront of Satya Nagar Kali Temple on Janpath, Unit-IX, Bhubaneswar- 751007, Odisha, India. |
| Date and Time of opening of EoI | 09.05.2023, at 4:00 PM |
| For further enquiries, please email at: | dc-sanitation@bmc.gov.in / swmpmubmc@gmail.com |

2. All amendments, Clarifications, time extension etc. will be uploaded in the website only, interested parties should regularly visit the above website to keep themselves updated.

**By Order of Commissioner, BMC**
**Sd./- Dy. Commissioner (Sanitation)**
OIPR-13002/11/0019/2324 **Bhubaneswar Municipal Corporation**



See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ଦିବ୍ୟା
ପରିବାରବର୍ଗ


କଣ୍ଢେଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିବାହ ପୂର୍ବରୁ ଗର୍ଭବତୀ ହେଲେ ଇଲିଆନା



**ମୁମ୍ବାଇ:** ବଲିଉଡ୍ ନାୟିକା ଇଲିଆନା ଡିକ୍ରୁଜ ୩୬ ବର୍ଷ ବୟସରେ ମା’ ହେବାକୁ ଯାଉଛନ୍ତି। ଏନେଇ ଅଭିନେତ୍ରୀ ଜଣଙ୍କ କିଛିଦିନ ତଳେ ପ୍ରେଗ୍ନାନ୍ସି ଖବର ଶେୟାର କରି ତାଙ୍କ ପ୍ରଶଂସକଙ୍କୁ ଚକିତ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଅଭିନେତ୍ରୀ ତାଙ୍କ ପ୍ରେଗ୍ନାନ୍ସିରେ ଭଉଣୀଙ୍କ ପ୍ରସ୍ତୁତ ବ୍ଲାକ ଫରେଷ୍ଟ କେକର ମଜା ଉଠାଉଥିବା ଏକ ଫଟୋ ଶେୟାର କରିଥିଲେ। ସେ ଏକ ବାଉଲରେ ଗୋଟେ ପିସ୍ କେକ୍ ରଖି କ୍ୟାପ୍ସନରେ ଲେଖିଥିଲେ, କମ୍ ଟୁ ମାମା। ଇଲିଆନା ତାଙ୍କ ପ୍ରେଗ୍ନାନ୍ସିକୁ ନେଇ ଖୁବ୍ ଖୁସି ଥିବା ନଜରକୁ ଆସିଛନ୍ତି। ହେଲେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଇଲିଆନା ବିବାହ କରିନାହାନ୍ତି। ତେବେ ଏହି ପିଲାର ବାପା କିଏ? ପୂର୍ବରୁ ଇଲିଆନା କ୍ୟାଟ୍ରିନା କୈଫଙ୍କ ଭାଇ ସେବାଷ୍ଟିନ ଲୌରେଣ୍ଟଙ୍କୁ ଡେଟ୍ କରୁଥିବା ଶୁଣିବାକୁ ମିଳିଥିଲା। ହେଲେ ଏବେ ତାଙ୍କର ସମ୍ପର୍କ ନେଇ କୌଣସି ସତ୍ୟତା ଜଣାପଡିନି। ଇଲିଆନା ତେବେ କାହାକୁ ଡେଟ୍ କରୁଛନ୍ତି, ତାହାକୁ ନେଇ ସସ୍‌ପେନ୍ସ ଲାଗିରହିଛି।

# ସୃଜନଶୀଳତାକୁ ସମ୍ମାନ ପାଇଁ ଦିନଟିଏ



ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିବର୍ଷ ଏପ୍ରିଲ ୨୬ରେ ପାଳିତ ହେଉଛି। ଏହା ୨୦୦୦ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସୃଜନଶୀଳତା ଏବଂ ନୂଆ ଭାବର ପ୍ରବର୍ତ୍ତନ (ଅଭିନବତ୍ୱ) ଦ୍ୱାରା ବିଶ୍ୱର ଅର୍ଥନୀତି ଓ ସମାଜର ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଉଦ୍ଭାବକ ଓ ନବ ପ୍ରବର୍ତ୍ତକମାନଙ୍କ କୃତିକୁ ମନେପକାଇ ସମ୍ମାନ ଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ସାରା ବିଶ୍ୱରେ ସୃଜନଶୀଳତା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହନ ଦେବାରେ ବୌଦ୍ଧିକ ସମ୍ପତ୍ତି ଅଧିକାରଗୁଡ଼ିକ ଯଥା ପେଟେଣ୍ଟ, କପିରାଇଟ୍, ଟ୍ରେଡ୍ ମାର୍କ ଏବଂ ଡିଜାଇନ୍‌ର ଭୂମିକା ଉପରେ ଏହି ଦିବସ ସଚେତନତା ସୃଷ୍ଟି କରିଥାଏ।

ଡବ୍ଲ୍ୟୁଆଇପିଓ ହେଉଛି ଜାତିସଂଘର ଏକ ପୁରୁଣା ଏଜେନ୍ସି। ଜାତିସଂଘର ୧୫ଟି ସ୍ୱତନ୍ତ୍ର ଏଜେନ୍ସି ମଧ୍ୟରୁ ଏହା ଅନ୍ୟତମ। ଏହା ୧୪ ଜୁଲାଇ ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ସୁଇଜରଲାଣ୍ଡର ଜେନେଭାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଭାରତ ସମେତ ୧୯୩ ଦେଶ ଡବ୍ଲ୍ୟୁଆଇପିଓର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଆଇପିଓ ଦ୍ୱାରା ପରିଚାଳିତ ଅନେକ ଚୁକ୍ତିର ଅଂଶୀଦାର ହୋଇଛି ଭାରତ। ୧୯୭୦ ଏପ୍ରିଲ ୨୬ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରଥମ ସମ୍ମେଳନ ହୋଇଥିଲା। ଉକ୍ତ ଦିନକୁ ହିଁ ବିଶ୍ୱ ବୌଦ୍ଧିକ ଦିବସ ଭାବେ ପାଳନ କରାଯାଉଛି। ସାରା ଦୁନିଆର ଲୋକଙ୍କ ସହ ଯୋଡ଼ିହେବାର ଏକ ଅନନ୍ୟ ଅବସର ପ୍ରଦାନ କରୁଛି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ। ଫଳରେ ବିଶ୍ୱ କଳା ପ୍ରତିଭା କ୍ଷେତ୍ରକୁ ବିକାଶ କରିବାରେ ବୌଦ୍ଧିକ ସମ୍ପତ୍ତି ଦିବସ କିଭଳି ସହାୟକ ହେଉଛି ଏବଂ ମାନବ ପ୍ରଗତିକୁ ଗତି ଦେଉଥିବା ବୈଷୟିକ ଅଭିନବତ୍ୱକୁ ସକ୍ଷମ ବନାଉଛି ତାହା ବୁଝିବା ସହଜ ହୋଇଥାଏ।

### ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ

ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସର ୨୦୨୩ ମସିହା ଥିମ୍ ହେଉଛି ‘ମହିଳା ଏବଂ ଆଇପି (ବୌଦ୍ଧିକ ସମ୍ପତ୍ତି): ଅଭିନବତ୍ୱ ଓ ସୃଜନଶୀଳତାକୁ ତ୍ୱରାନ୍ୱିତ କରିବା’। ସମଗ୍ର ବିଶ୍ୱରେ ମହିଳା ଉଦ୍ଭାବକ, ନବ ପ୍ରବର୍ତ୍ତକ ଏବଂ ଉଦ୍ୟୋଗୀମାନଙ୍କ ମନୋଭାବ ଏବଂ ସେମାନଙ୍କ ଅଗ୍ରକାମୀ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ମହିଳାମାନେ ସେମାନଙ୍କର କଳ୍ପନା, ଚତୁରତା ଏବଂ କଠିନ ପରିଶ୍ରମ ମାଧ୍ୟମରେ ସାରା ଦୁନିଆକୁ ଆକୃଷ୍ଟ କରୁଛନ୍ତି। କିନ୍ତୁ ସେମାନେ ଜ୍ଞାନକୌଶଳ ଏବଂ ସହାୟତା ପାଇବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି।

**ଇତିହାସ:** ସେପ୍ଟେମ୍ବର ୧୯୯୮ରେ ଡବ୍ଲ୍ୟୁଆଇପିଓର ସଦସ୍ୟ ରାଷ୍ଟ୍ରଗୁଡିକ ସମ୍ମେଳନକୁ ଦେଇଥିବା ବିବୃତି ଅନୁଯାୟୀ ନ୍ୟାଶନାଲ ଆଲଜେରିଆ ଇଣ୍ଡଷ୍ଟ୍ରିଆଲ ପ୍ରପର୍ଟି ଇନଷ୍ଟିଚ୍ୟୁଟ୍ (ଆଇଏନ୍‌ଏପିଆଇ) ମହାନିର୍ଦ୍ଦେଶକ ଏପ୍ରିଲ ୭, ୧୯୯୯ରେ ଅନ୍ତର୍ଜାତୀୟ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ବୌଦ୍ଧିକ ସମ୍ପତ୍ତିର ପୃଷ୍ଠପୋଷକମାନଙ୍କ ସଫଳତାକୁ ସାରା ବିଶ୍ୱକୁ ପରିଚୟ କରାଇବା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଦିବସ ପାଳନକୁ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୯ ଅଗଷ୍ଟ ୧୯୯୯ରେ ଡବ୍ଲ୍ୟୁଆଇପିଓର ଚାଇନା ପ୍ରତିନିଧି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତାବ ଆଗତ କରିଥିଲେ। ଫଳରେ ଅକ୍ଟୋବର ୧, ୧୯୯୯ରେ ଡବ୍ଲ୍ୟୁଆଇପିଓର ଏକ ସାଧାରଣ ବୈଠକରେ ଏକ ବିଶେଷ ଦିବସକୁ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ରୂପେ ପାଳନ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିଲା। ଏହା ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୁରକ୍ଷା, ନିୟମାବଳୀ, ଅଧିକାର ବିଷୟରେ ଆଇନଗତ ସଚେତନତା ଏବଂ ଉଦ୍ଭାବନ କାର୍ଯ୍ୟକଳାପକୁ ଉତ୍ସାହିତ କରାଯାଇପାରୁଛି।

### ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟା**

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-
ପୁସ୍ତମ, ଜନ୍‌ସନ୍, ଜିବରନ୍, ଶୁଭମ୍, ସୁରେନ୍ଦ୍ରି, ଶୃତି, ଉପେନ୍ଦ୍ରି ଓ ପରିବାରବର୍ଗ ।

ଧ-୦୧୮୩

### ୧୨ତମ ଜନ୍ମଦିନ ଶୁଭେଚ୍ଛା



**ସାଇସ୍ମିତୋଲ (କଣ୍ଢେଇ)**

୧୨ତମ ଜନ୍ମବାର୍ଷିକୀ ଅବସରରେ ଭଗବାନ୍ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି ତୋର ଚଲାପଥ କୁସୁମିତ ହେବା ସହିତ ଆୟୁଷ ଦୀର୍ଘାୟୁ ହେଉ ।

-:ଆଶୀର୍ବାଦ ସହ:-
ଅଜା, ଆଈ, ବାବା, ମାମା, ପଲ୍‌କୀ

ଧ-୦୧୭୨

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ ଶ୍ରୀଚନ୍ଦନ**

ରସୁଲଗଡ଼

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୦୧୧୯

# ରବିବାର ଚାଲେ ସ୍କୁଲ



**କଲିକତା:** ପ୍ରତ୍ୟେକ ସ୍କୁଲ, କଲେଜ ସାଧାରଣତଃ ରବିବାର ସାପ୍ତାହିକ ଛୁଟି ଥାଏ। ହେଲେ ଏପରି ଏକ ସ୍କୁଲ ରହିଛି, ଯାହା ରବିବାର ଖୋଲା ରୁହେ। କଥାଟି ଅଜବ ଲାଗୁଥିଲେ ମଧ୍ୟ ଏହା ସତ। ରିପୋର୍ଟ ମୁତାବକ, ପଶ୍ଚିମବଙ୍ଗର ଇଷ୍ଟ ବର୍ଦ୍ଧମାନ ଜିଲାରେ ଅବସ୍ଥିତ ଗୋପାଳପୁର ମୁକ୍ତକେଶୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତ୍ୟେକ ରବିବାର ଖୋଲା ରୁହେ। ଏଠାରେ ରବିବାର ବଦଳରେ ସୋମବାର ଛୁଟିହୋଇଥାଏ। ଏହି ବିଦ୍ୟାଳୟ ୨୫/୩୦ ବର୍ଷ ପୁରୁଣା ନୁହେଁ, ଏହା ପାଖାପାଖି ୧୦୦ ବର୍ଷର ପୁରୁଣା। ସ୍କୁଲଟି ଜାନୁୟାରୀ ୫, ୧୯୨୨ରେ ୧୩ ଜଣ ବିଦ୍ୟାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିଲା। ସ୍କୁଲଟି କଲିକତାଠାରୁ ୭୩ କିମି ଦୂରରେ ରହିଥିବାବେଳେ ନିକଟ ଠାକୁରାଣୀ ମା’ ମୁକ୍ତକେଶୀଙ୍କ ନାମ ଅନୁସାରେ ସ୍କୁଲର ନାମକରଣ ହୋଇଛି। ସେବେଠାରୁ ଏହି ସ୍କୁଲରେ ରବିବାର ଛୁଟି ନ ହୋଇ ପାଠପଢା ହୋଇଥାଏ। ଏପରି ନିୟମରେ ଚାଲୁଥିବା ଏହା ଦେଶର ଏକମାତ୍ର ସ୍କୁଲ। ସ୍କୁଲର ଏପରି ନିୟମ ବ୍ରିଟିଶ ସରକାରଙ୍କ ଶାସନ ବିରୋଧରେ ସଂଘର୍ଷକୁ ବୁଝାଇଥାଏ। ସେତେବେଳେ ଏହି ସ୍କୁଲ ଖୋଲିବା ପାଇଁ ଜମିଦାର ଅଭିନାଶ ଚନ୍ଦ୍ର ହାଲଦାର ଏବଂ ବିଜୟକୃଷ୍ଣ କୁମାର ୩.୩ ଏକର ଜମି ପ୍ରଦାନ କରିଥିଲେ। ଏଥିସହ ବ୍ରିଟିଶ ଶାସନ ବିରୋଧରେ ରବିବାର ସ୍କୁଲ ଖୋଲିବା ନେଇ ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ଏହି ସ୍କୁଲ ଦେଶରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି।


# Classified Everyday
0674-2580101, 2549949


MATRIMONIAL

GROOM WANTED

34 ବୟସ୍କା Government ଚାକିରିଆ, ଦରମା 62000/- Divorce ନିଃସନ୍ତାନ ସୁନ୍ଦର ଗୋପାଳ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 8327715036. D-0163

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0174


REAL ESTATE

SALE

Plot for sale in and around Bhubaneswar investment commercial and residential. 9777345831. D-71052

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408. D-0133

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74673

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102


FOR RENT

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74675


Healthcare

Newly open health benefits Spa special offer @999 Nayapalli. 7846814019. D-75101

Relax, Refresh your body, Mind at Saikrupa Spa with best therapies. 8984068077. D-0145

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

All type of professional full body massage by professional therapist at Rajmahal @ 999. Contact: 7855053566. D-0078

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Newly open health benefits SPA special offer @799 Jaydev Vihar. 8018429809. D-73700

Newly open health benefits SPA special offer @ 799, Jaydev Vihar. 8018429809. D-75103

SPA head to foot body point only massages best Therapist Gents & Lady Senior Citizen @999/- Bhubaneswar- 9337672475. D-0171

LOST

ଏତଦ୍ୱାରା ସୂଚିତ କରାଯାଉଛି ଯେ ମେସର୍ସ ନନ୍ଦନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲିଃ ଏବଂ ଶ୍ରୀ ରଜନୀଶ ମିଶ୍ରଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତଥା ଏସ୍‌ଆର୍‌ଓ ଖଣ୍ଡଗିରିଙ୍କ ନିକଟରେ ପଞ୍ଜୀକୃତ ମୂଳ ବିକ୍ରି କବଲା, ତାରିଖ- 29 ଡିସେମ୍ବର, 2012 (ବିକ୍ରି କବଲା ନଂ.- 11131301356) ହଜିଯାଇଛି ଏବଂ ଏପର୍ଯ୍ୟନ୍ତ ତାହାର ପତ୍ତା ମିଳୁନାହିଁ । ଏହା ଖଣ୍ଡଗିରି ଏସ୍‌ଆର୍‌ଓରୁ ଚନ୍ଦକା ଯିବା ବାଟରେ ହଜିଯାଇଥିଲା । ଏ ବାବଦରେ ଚନ୍ଦକା ଥାନାରେ ତା25।04।23ରିଖ ଦିନ ଏତଲା ନଂ.541 ମାଧ୍ୟମରେ ଏତଲା ଦାୟର କରାଯାଇଛି । ଯଦି କେହି ଉକ୍ତ କବଲାଟିକୁ ପାଇଥାନ୍ତି ତେବେ ସୁଦୀପ୍ତି ପ୍ରଧାନଙ୍କ ସହ ମୋ. ନଂ.- 9439017717ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୦୧୭୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before the Notary Public, Jharsuguda, I, Poonam Singh, W/o. Pawanesh Kumar Singh, R/o. C/o. Suprava Naik, 1st floor, Cox Colony, PO. Industrial Estate, Dist. Jharsuguda declared that before marriage I was known as Poonam Kumari, D/o. Dadan Singh. But after marriage I have changed my surname from Poonam Kumari to Poonam Singh for all purposes. D-0182

ମୁଁ ଶ୍ରୀ ରତ୍ନାକର ମଲ୍ଲୀକ୍, ପିତା- ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲୀକ୍, ସା- ବୈରୀମାଳ, ପୋ- ହାତୀବାରି, ଥାନା- ସୁକିନ୍ଦା, ଜିଲ୍ଲା- ଯାଜପୁର ଏତଦ୍ୱାରା ସତ୍ୟପାଠ କରିଅଛି କି ମୋର ପତ୍ନୀ ଶ୍ରୀମତୀ ସସ୍ମିତା ସ୍ୱାଇଁ ଓରଫ ସସ୍ମିତା ମଲ୍ଲିକଙ୍କର ନାମରେ ଥିବା ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଆଦି ସମସ୍ତ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ମଲ୍ଲୀକ୍ ଦର୍ଶାଯାଇଅଛି। ଯାହାକି ମୋର ପିଲାମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଓ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ଏହି ମଲ୍ଲୀକ୍ ସାଙ୍ଗିଆ କରାଯିବାକୁ ମାନ୍ୟବର ତହସିଲଦାର, ବ୍ୟାସନଗର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ କରିଅଛି। ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବାକୁ ଆପତ୍ତି ଜଣାଉଅଛି। ଧ-୦୧୭୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Before Executive Magistrate, Bhubaneswar dt. 25.01.2023, the spelling of my name has corrected according to my H.S.C. Certificate as Kahnu Charan Sahoo, S/o- Late Laxman Sahoo, At- Rajatei, P.O- Sampur, P.S- Pipili, Dist.- Puri instead of Kanhu Charan Sahoo according to my Aadhaar & Pan Card. Kahnu Charan Sahoo & Kanhu Charan Sahoo is same & one person i.e. my self for all purposes. D-0173

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


ମନେ ପଡ଼ନ୍ତି

### ୧୯ତମ ଶ୍ରାଦ୍ଧବାର୍ଷିକୀ



**୰ଅଭିଷେକ ସାମଲ (ପିଣ୍ଟୁ)**
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪

ତୁ ଚାନ୍ଦକୁ ଚାଲିଗଲୁ
ତାରା ଭିତରେ ରହିଲୁ
ମୁଁ ଏଇଠି ଏ ମାଟିରେ ରହିଛି
ତତେ ହୃଦୟ ଭିତରେ ସାଇତିଛି।

ତୋର: ହତଭାଗୀ ମମି, ବାବା, ବେବି ଦେଈ, ଜଲି ଦେଈ, ରିଣ୍ଟୁ, ମାମୁନି, ପ୍ରିନ୍ସ

ଧ-୭୧୦୫୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବରୁଣ କୁମାର ରାଉତ (ପିକୁନା)**
ରାଉତ ସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୨୦.୧୧.୧୯୭୭ | ତିରୋଧାନ : ୧୫.୦୪.୨୦୨୩

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୪୫୩୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସଞ୍ଜୟ କୁମାର ବଳିଆରସିଂହ**
କାଇମାଟିଆ, ଖୋର୍ଦ୍ଧା
ଆବିର୍ଭାବ-୨୩।୦୨।୧୯୫୨
ତିରୋଧାନ- ୧୬।୦୪।୨୦୨୩

“ସେ ପୁରରେ ଥାଇ ତୁମେ ଦିଅ ଶୁଭାଶିଷ
ଭୁଲିବୁନି କେବେ ତୁମ ନୀତି ଓ ଆଦର୍ଶ,
ବିଶ୍ୱ ନିଅନ୍ତାଙ୍କ ପାଖେ କରୁଅଛୁ ଅଳି
ସରଗରେ ଥାଅ ତୁମେ ତାରାଟିଏ ପରି।”
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।”

ଶୋକସନ୍ତପ୍ତ: ଅଭାଗିନୀ ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଏବଂ ଆତ୍ମୀୟସ୍ୱଜନ ।

ଧ-୦୧୪୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମିଶ୍ରିତ ଫସଲ



**ବ**ର୍ତ୍ତମାନ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଚାଷ ଲାଗି ଉପଯୁକ୍ତ ସମୟ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା., ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ଆଶଙ୍କା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ–ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ



ଅଂଶୁଘାତ ପାଇଁ ସତର୍କ ରୁହନ୍ତୁ । ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ଖରା ଦିନରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଦିନକୁ ୧୦୦ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଭେଣ୍ଡି ପାଇଁ ଶେଷ ଓଡ ଚାଷ



**ଭେଣ୍ଡି** ପାଇଁ ଶେଷ ଓଡ଼ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ,୪୫କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ। ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଯଥା–ଉତ୍କଳ, ଗୌରବ, ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା–ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ (ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ।

## ଅଳ୍ପରେ..

➤ସୂର୍ଯ୍ୟମୁଖୀରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଯୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ ।

➤ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

➤ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

➤ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ, ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ ।

➤ମକା ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।



# ପୋଡୁଚାଷ ଓ ପ୍ରତିକାର





**ରା**ଜ୍ୟର ସମୁଦାୟ କ୍ଷେତ୍ରଫଳର ଶତକଡ଼ା ପ୍ରାୟ ୩୩ ଭାଗ ଜମି ଜଙ୍ଗଲ । ଉକ୍ତ ଜଙ୍ଗଲ ଜମି ସବୁ ପାହାଡ଼ ଓ ପର୍ବତ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯଥା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲାରେ ବିସ୍ତୀର୍ଣ୍ଣ ଭାବେ ଅବସ୍ଥିତ । ଏହି ଜିଲାଗୁଡ଼ିକରେ ପାହାଡ଼ର ନିମ୍ନଭାଗରେ ଆଦିବାସୀମାନେ ଛୋଟ ଛୋଟ ଗ୍ରାମରେ ବସତି ସ୍ଥାପନ କରି ବାସକରନ୍ତି । ଜଙ୍ଗଲକୁ ଆଦିବାସୀମାନେ ସେମାନଙ୍କର କର୍ମକ୍ଷେତ୍ର ବୋଲି ଭାବନ୍ତି। କାରଣ ଜଙ୍ଗଲକୁ ନେଇ ସେମାନଙ୍କର ଜୀବନ ଜୀବିକା। ଆଦିବାସୀମାନେ ସେମାନଙ୍କର ଖାଦ୍ୟ, ପାଣି ଏବଂ ଜାଳେଣି ପାଇଁ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲର ଫଳମୂଳ ଆଦି ସେମାନଙ୍କର ଖାଦ୍ୟ ପାଇଁ ଯଥେଷ୍ଟ ହୁଏ ନାହିଁ । ତେଣୁ ସେମାନେ ଜଙ୍ଗଲ ଜମିକୁ ବିଭିନ୍ନ ଉପାୟରେ ଅକ୍ତିଆର କରି ଆବଶ୍ୟକ ଅବଶିଷ୍ଟ ଖାଦ୍ୟ ସଂଗ୍ରହ ପାଇଁ ଚେଷ୍ଟାକରନ୍ତି । ଜଙ୍ଗଲରେ ଚାଷଜମିର ଅଭାବରୁ ଆଦିବାସୀମାନେ ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲକୁ ଚାଷଜମିରେ ପରିଣତ କରିବା ପାଇଁ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଥିବା ଶୁଖିଲା ପତ୍ର, ଡାଳ ଓ ଘାସବୁଦା ଆଦିରେ ନିଆଁ ଲଗାନ୍ତି। ଏହାଦ୍ୱାରା ଜଙ୍ଗଲର ଛୋଟ ବଡ଼ ସବୁଜ ଗଛରେ ନିଆଁ ଲାଗେ । ବର୍ଷାଋତୁ ଆରମ୍ଭରେ ଜଙ୍ଗଲର ନିଆଁ ଲିଭିଲେ ଖୋଲା ସ୍ଥାନକୁ ଆଦିବାସୀମାନେ କୁଜି ଲଙ୍ଗଳ କିମ୍ବା କୋଡ଼ି ବା କୋଦାଳରେ ମାଟିକୁ ଚଷି ସେମାନଙ୍କର ପ୍ରିୟ ଶସ୍ୟଜାତୀୟ ଫସଲ ଯଥା ମକା, ବାଜରା, ଜୁଆର, ସୁଆଁ, କୋଦ, କାଙ୍ଗୁ, ମାଣ୍ଡିଆ ; ଡାଲିଜାତୀୟ ଫସଲ ଯଥା ହରଡ଼, କାନ୍ଦୁଲ, ବରଗୁଡି, ବାଇଲ ଏବଂ ତୈଳବୀଜ ଫସଲ ଅଳସି ଓ ସୋରିଷ ଆଦି ବୁଣନ୍ତି । ଏହିସବୁ ଫସଲ ସ୍ୱଳ୍ପ ଅମଳକ୍ଷମ ସ୍ଥାନୀୟ କିସମ ଏବଂ ୨/୩ ମାସ ମଧ୍ୟରେ ଅମଳ ହୁଏ। ଜଙ୍ଗଲକୁ ପୋଡ଼ି, ପୋଡ଼ାଯାଇଥିବା ସ୍ଥାନରେ ହେଉଥିବା ବିଭିନ୍ନ ଫସଲର ଚାଷକୁ 'ପୋଡୁଚାଷ' କୁହାଯାଏ ।

ଆଦିବାସୀଙ୍କର ବିଶ୍ୱାସ ଜଙ୍ଗଲ ପୋଡ଼ିରୁ ମିଳୁଥିବା ପାଉଁଶ ଏକ ଉତ୍ତମ ଉର୍ବରକ । କିନ୍ତୁ ଉକ୍ତ ପାଉଁଶରେ ଫସଲର ମୁଖ୍ୟ ତିନିଗୋଟି ଖାଦ୍ୟସାର ଯଥା ଯବକ୍ଷାରଯାନ, ଫସ୍‌ଫରସ ଓ ଗନ୍ଧକ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ । ଅନ୍ୟ ଖାଦ୍ୟ ଉପାଦାନ ଯଥା ପଟାସ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ କେତେକ ଅଣୁଖାଦ୍ୟ ପୋଷଣ ଫସଲର ଆବଶ୍ୟକଠାରୁ ଯଥେଷ୍ଟ କମ୍ ଥାଏ । ପୁନଶ୍ଚ ବର୍ଷା ଦ୍ୱାରା ପାଉଁଶ, ପାହାଡିଆ ଗଡାଣି ଜମିରୁ ଧୋଇ ନଷ୍ଟ ହୁଏ । ଜଙ୍ଗଲ ପୋଡି ଦ୍ୱାରା ମାଟିରେ ଥିବା ଜୈବ ଅଂଶ ଓ ଉପକାରୀ ଅଣୁବୀଜାଣୁ ଏବଂ କବକ ଆଦି ପୋଡି ନଷ୍ଟ ହୁଅନ୍ତି । ଏହା ଦ୍ୱାରା ଜଙ୍ଗଲ ଜମିର ଉର୍ବର ମାଟି ଅନୁର୍ବର ହଏ। ଜଙ୍ଗଲର ସବୁଠାରୁ ମୂଲ୍ୟବାନ୍ ସମ୍ପତ୍ତି ଯଥା ବିଭିନ୍ନ କିସମ ଗଛ ପୋଡ଼ି ଧ୍ୱଂସ ହୁଏ । ନିର୍ଦ୍ଦିଷ୍ଟ ସ୍ଥାନର ପୋଡୁଚାଷରୁ ଆଦିବାସୀମାନେ ଯଥେଷ୍ଟ କମ୍ ଫସଲ ଅମଳ ପାଉଥିବାରୁ ସମୟକ୍ରମେ ସେହି ସ୍ଥାନକୁ ପରିତ୍ୟାଗ କରି ଦୂରରେ ଥିବା ଅନ୍ୟ ଏକ ଜଙ୍ଗଲକୁ ପୋଡ଼ି ସେଠାରେ ପୂର୍ବପରି ଫସଲ ଚାଷ କରନ୍ତି । ଏହାକୁ 'ସ୍ଥାନାନ୍ତରିତ ପୋଡୁ ଚାଷ' କୁହାଯାଏ ।

ପୋଡୁଚାଷ ଉଭୟ ରାଜ୍ୟ ଓ ଆଦିବାସୀମାନଙ୍କ ପାଇଁ ଯେ କେତେ କ୍ଷତିକାରକ ସେମାନେ ଏହାକୁ ସହଜରେ ବୁଝିପାରନ୍ତି ନାହିଁ । ଜଙ୍ଗଲ ପୋଡି ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି। ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷ ଆଦିବାସୀମାନଙ୍କର ଏକ କୁପ୍ରଥା। ଉକ୍ତ କୁପ୍ରଥାକୁ ଉଭୟ ସରକାରୀ ଏବଂ ବେସରକାରୀ ମାଧ୍ୟମରେ ଆଦିବାସୀଙ୍କୁ ନିରୁତ୍ସାହିତ କରିବା ଆବଶ୍ୟକ । ପୋଡୁଚାଷର ଅପକାରିତା ବିଷୟରେ ଆଦିବାସୀମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ଜରୁରୀ । ପୋଡୁଚାଷର ବିକଳ୍ପ ପାଇଁ ଆଦିବାସୀମାନଙ୍କୁ ଜଙ୍ଗଲଠାରୁ ଦୂରରେ ଥିବା ଅଣଜଙ୍ଗଲ ସମତଳ ସରକାରୀ ଜମିକୁ ସେମାନଙ୍କ ନାମରେ ବିଧିବଦ୍ଧ ପଟ୍ଟା ପ୍ରଦାନ କରି ଚାଷ ଜମିର ମାନ୍ୟତା ଦେବା ଆବଶ୍ୟକ । ଉକ୍ତ ଜମିରେ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ଶିକ୍ଷା ଦେବା ପ୍ରୟୋଜନ। ସେମାନଙ୍କର ପସନ୍ଦର ଖାଦ୍ୟଶସ୍ୟ ଉନ୍ନତ ଏବଂ ଅଧିକ ଅମଳକ୍ଷମ ହେବା ଆବଶ୍ୟକ । ଚାଷୀଙ୍କୁ ଉନ୍ନତ ଏବଂ ଅଧିକ ଅମଳକ୍ଷମ ମକା, ବାଜରା, ଜୁଆର, ସୁଆଁ, କାଙ୍ଗୁ ଏବଂ ଅଧିକ ଅମଳକ୍ଷମ ଡାଲି ଓ ତୈଳବୀଜ ଜାତୀୟ ବିହନ ବିନା ମୂଲ୍ୟରେ ଯୋଗାଇଦେଲେ ଆଦିବାସୀ ଚାଷୀ ଉନ୍ନତ ପ୍ରଣାଳୀର ଫସଲ ଚାଷ ପାଇଁ ଉତ୍ସାହିତ ହେବେ। ଆଦିବାସୀଙ୍କ ଗ୍ରାମରେ ଉନ୍ନତ ଫସଲର ପ୍ରଦର୍ଶନ କ୍ଷେତ୍ର କରି ସେମାନଙ୍କର ବିଶ୍ୱାସଭାଜନ ହେବା ଆବଶ୍ୟକ । ଚାଷରେ ରାସାୟନିକ ସାର ଏବଂ ଶସ୍ୟ ସଂରକ୍ଷଣ ଦ୍ରବ୍ୟ ବ୍ୟବହାର ନ କରି ଜୈବ ପ୍ରଣାଳୀରେ ଚାଷ ପାଇଁ ଶିକ୍ଷା ଦେବା ଦରକାର । ଫସଲ ଚାଷ ସହ ଆଦିବାସୀମାନଙ୍କୁ ପ୍ରାଣୀପାଳନ ଏବଂ କୁକୁଡା ଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ସେମାନେ ଆତ୍ମନିର୍ଭରଶୀଳ ହେବେ । ପ୍ରାଣୀପାଳନ ପାଇଁ ଆଦିବାସୀଙ୍କୁ ମାଗଣାରେ ଉନ୍ନତ ପ୍ରଜାତିର ଛେଳି, ମେଣ୍ଢା, ଘୁଷୁରି ଓ କୁକୁଡ଼ା ଆଦି ଯୋଗାଇଦେବା ଆବଶ୍ୟକ । ଜଙ୍ଗଲରେ ମହୁଚାଷ ଏକ ଲାଭଜନକ କୃଷି କାର୍ଯ୍ୟକ୍ରମ। ମହୁଚାଷର ଆବଶ୍ୟକ ସରଞ୍ଜାମ ଯଥା ମହୁବାକ୍ସ, ମହୁ ନିଷ୍କାସନ ଯନ୍ତ୍ର ସହ ଉନ୍ନତ ମହୁମାଛି ଦଳ ଯୋଗାଇ ମହୁଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ଆଦିବାସୀମାନେ ଭିନ୍ନ ଏକ ରୋଜଗାରର ପନ୍ଥା ପାଇପାରିବେ ।

ଜଙ୍ଗଲ ପୋଡ଼ିରୁ ନିବୃତ୍ତ ହେବା ପାଇଁ ଉଦ୍ୟାନ କୃଷି ଏକ ଉତ୍ତମ ପନ୍ଥା। ଉନ୍ନତ କିସମ ଆମ୍ବ, ପଣସ, କଦଳୀ ଓ ସପୁରି ଆଦିର ଫଳ ଗଛ ଚାରା ବିନା ମୂଲ୍ୟରେ ଯୋଗାଇ ଚାଷୀମାନଙ୍କୁ ପାହାଡ଼ର ଗଡ଼ାଣି ବିପରୀତରେ ଚାରା ରୋପଣ ପାଇଁ ଶିକ୍ଷା ଦେଲେ ଜଙ୍ଗଲର ମାଟି ସୁରକ୍ଷିତ ହେବା ସହ ଚାଷୀ ଫଳଚାଷ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ। ପୋଡୁଚାଷ ଏକ ଜନ ବିରୋଧୀ ଅଣସାମ୍ବିଧାନିକ କାର୍ଯ୍ୟ । ପ୍ରକୃତି ଏବଂ ଜନଜୀବନ ଉପରେ ଏହାର ପ୍ରଭାବ ଯଥେଷ୍ଟ କ୍ଷତିକାରକ । ତେଣୁ ପୋଡୁଚାଷରୁ ସମ୍ପୂର୍ଣ୍ଣ ନିବୃତ ହେବା ପାଇଁ ସରକାରଙ୍କର କୃଷି ବିଭାଗ ଏବଂ ବନ ବିଭାଗ ସଦାସର୍ବଦା ସଚେତ ହେବା ଜରୁରୀ।

> "ପୋଡୁଚାଷ ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି । ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷଠାରୁ ଦୂରେଇ ରହିବା ଲାଗି ଆଦିବାସୀଙ୍କୁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ନିରୁତ୍ସାହିତ କରିବା ଆବଶ୍ୟକ ।"

–ଶୈଳଶ୍ରୀବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଧାନ ଚାଷ ପୂର୍ବରୁ ଜମି ପ୍ରସ୍ତୁତି

**ଧାନ** ଚାଷ ଲାଗି ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ ।

## ଅଦା-ହଳଦୀ ଚାଷ ପାଇଁ ପ୍ରସ୍ତୁତି



**ବ**ର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା – ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା – ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଆବଶ୍ୟକ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଦରକାର। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

## ଖରିଫ ଫସଲ ପାଇଁ ଯୋଜନା

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା–ଡାଲି, ତୈଳବୀଜ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



# ଅଣଧାନ ଫସଲ



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା–ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୬/୨୦୨୩ | Bhubaneswar, Wednesday, April 26/ 2023

# ‘ଜିଲାସ୍ତରରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ’

**ଭୁବନେଶ୍ୱର,୨୫।୪ (ସ୍ପୋର୍ଟ୍ସ ବ୍ୟୁରୋ)**





ଇମ୍ଫାଲଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ହେଲେ ଜିଲାସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ। ସମ୍ପ୍ରତି ଇମ୍ଫାଲଠାରେ କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଏବଂ କ୍ରୀଡ଼ା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ମତବ୍ୟକ୍ତ କରିଥିଲେ। ‘ଚିନ୍ତନ ଶିବିର’ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ବେହେରା କହିଥିଲେ ଯେ, ରାଜ୍ୟରେ କ୍ରୀଡ଼ା ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଅନନ୍ୟ ଭାଗୀଦାରି ହାଇପରଫର୍ମାନ୍ସ ସେଣ୍ଟର ଏବଂ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହ ପାର୍ଟନରଶିପ୍‌ରୁ ପ୍ରତିଫଳିତ ହେଉଛି। ଏଫ୍ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ (୨୦୧୮, ୨୦୨୩), ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍, ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ଭଳି ବଡ଼ ବଡ଼ ଅନ୍ତର୍ଜାତୀୟ ଓ ଜାତୀୟ ଇଭେଣ୍ଟ ସମେତ ଅନ୍ୟ କ୍ରୀଡ଼ାର ସଫଳ ଆୟୋଜନ ଦ୍ୱାରା ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇପାରିଛି। ସେ କହିଥିଲେ, ଭାରତକୁ ଏକ କ୍ରୀଡ଼ା ସୁପରପାୱାର ଭାବେ ଗଢ଼ିତୋଳିବାକୁ ହେଲେ ଦେଶରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ହେବ। ଏଥିପାଇଁ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ‘ଚିନ୍ତନ ଶିବିର’ରେ ରାଜ୍ୟ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓଡ଼ିଶା, ତାମିଲନାଡୁ, ରାଜସ୍ଥାନ, ନାଗାଲାଣ୍ଡ, ମଣିପୁର, ପଶ୍ଚିମବଙ୍ଗ ଏବଂ ମେଘାଳୟକୁ ନେଇ ଗଠିତ ଗ୍ରୁପ୍‌ର ନେତୃତ୍ୱ ନେଇଥିଲେ। ସେ କ୍ରୀଡ଼ା ଭିତ୍ତିଭୂମି ଓ କୋଚ୍ ବିକାଶ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ବିଜ୍ଞାନ, ତୃଣମୂଳସ୍ତରରେ ବିକାଶ, କୋଚ୍ ଶିକ୍ଷା କାର୍ଯ୍ୟକ୍ରମ ଏବଂ ବ୍ଲକ ଓ ଜିଲା ସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଦେଢ଼ ବର୍ଷ ପରେ ରାହାନେ ଫେରିଲେ

**ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଭାରତୀୟ ଦଳ ଘୋଷିତ**

**ନୂଆଦିଲ୍ଲୀ,୨୫।୪(ପି.ଟି)**



ଅଜିଙ୍କ୍ୟ ରାହାନେ

ମଙ୍ଗଳବାର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ଦୀର୍ଘ ଦେଢ ବର୍ଷ ପରେ ଅଜିଙ୍କ୍ୟ ରାହାନେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସାମିଲ ଥିବା ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ କୁଲଦୀପ ଯାଦବ ବାଦ୍ ପଡିଛନ୍ତି। ରିହାବ୍‌ରେ ରହିଥିବା ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ମଧ୍ୟ ଏହି ଦଳରେ ସ୍ଥାନ ପାଇ ନାହାନ୍ତି। ଏକଦା ଭାରତୀୟ ଟେଷ୍ଟ ବ୍ୟାଟିଂ ଲାଇନ୍ ଅପର ଅଭିନ୍ନ ଅଙ୍ଗ ରହିଥିବା ରାହାନେ ଘରୋଇ କ୍ରିକେଟ ଓ ଆଇପିଏଲରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନର ଓଭାଲରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଜୁନ୍ ୭ରୁ ୧୧ ମଧ୍ୟରେ ଅନୁଷ୍ଠିତ ହେବ। ବିସିସିଆଇର ୫ ଜଣିଆ ଚୟନ କମିଟି, ଅଧିନାୟକ ରୋହିତ ଶର୍ମା, ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ସମ୍ପାଦକ ଜୟ ଶାହାଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଏକ ବୈଠକ ପରେ ଏହି ଟିମ୍‌କୁ ଚୟନ କରାଯାଇଛି। ଦୀର୍ଘ ୧୫ ମାସ ପରେ ରାହାନେ ଭାରତୀୟ ଦଳକୁ ପୁନର୍ବାର ଡାକରା ପାଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବାଇର ନେତୃତ୍ୱ ନେଉଥିବା ରାହାନେ ରଣଜୀ ଟ୍ରଫିରେ ୧୧ ମ୍ୟାଚ୍‌ରୁ ୫୭.୬୩ର ଆଭରେଜ ସହିତ ୬୩୪ ରନ୍ ସ୍କୋର କରିଥିଲେ। ଚଳିତ ଆଇପିଏଲ୍‌ରେ ସେ ଅଦ୍ୟାବଧି ୧୯୦ରୁ ଅଧିକ ଷ୍ଟ୍ରାଇକରେଟରେ ରନ୍ ସଂଗ୍ରହ କରିଛନ୍ତି। ଏହା ବ୍ୟତୀତ ସେନା(ସାଉଥ୍ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ରାଷ୍ଟ୍ରରେ ଖେଳିବାରେ ରାହାନେଙ୍କ ଅଭିଜ୍ଞତା କାରଣରୁ ତାଙ୍କୁ ଚୟନ କରାଯାଇଛି। ଶେଷ ଥର ପାଇଁ ରାହାନେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଜାନୁୟାରୀ ୨୦୨୨ରେ ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ଏହା ବ୍ୟତୀତ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳରେ ଅନ୍ୟ ଖେଳାଳି ଆପାତତଃ ସମାନ ରହିଛନ୍ତି। କୌଣସି ଖେଳାଳିଙ୍କୁ ଉପଅଧିନାୟକ ଭାବରେ ନିଯୁକ୍ତ କରାଯାଇ ନ ଥିବା ବେଳେ ଚେତେଶ୍ୱର ପୂଜାରାଙ୍କୁ ଏହି ଦାୟିତ୍ୱ ମିଳିପାରେ। ପୂଜାରା ବର୍ତ୍ତମାନ ଇଂଲିଶ କାଉଣ୍ଟି ଦଳ ସସେକ୍ସର ନେତୃତ୍ୱ ନେଉଛନ୍ତି। ଶ୍ରୀକର ଭରତ ଏକମାତ୍ର ସ୍ପେଶାଲିଷ୍ଟ ଉଇକେଟ କିପର ଭାବରେ ଦଳରେ ସ୍ଥାନ ପାଇଥିବା ବେଳେ ଇଶାନ୍ କିଶନ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ମାତ୍ର ଗୋଟିଏ ଟେଷ୍ଟ ଖେଳିବାକୁ ଥିବାରୁ ଦ୍ୱିତୀୟ ଉଇକେଟକିପର ନିଆଯାଇ ନାହିଁ। ଫର୍ମ ସହିତ ସଂଘର୍ଷ କରୁଥିବା ଲୋକେଶ ରାହୁଲ ଯଦି ଉଇକେଟ କିପିଂ କରିବେ ତେବେ ଅତିରିକ୍ତ ବ୍ୟାଟର ଭାବରେ ଅଜିଙ୍କ୍ୟ ରାହାନେ ଟିମ୍‌ରେ ସ୍ଥାନ ପାଇପାରିବେ। ଭାରତୀୟ ଦଳରେ ୪ ଜଣ ବୋଲିଂ ଅଲରାଉଣ୍ଡରଙ୍କୁ ସ୍ଥାନ ମିଳିଛି। ରବିଚନ୍ଦ୍ରନ ଅଶ୍ୱିନ୍, ଶାର୍ଦ୍ଦୁଳ ଠାକୁର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ଏହି ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ଓଭାଲର ପରିସ୍ଥିତି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍ପିନରଙ୍କୁ ସାମାନ୍ୟ ସୁହାଇଥାଏ। ତେଣୁ ଭାରତ ୩ ପେସ୍ ଓ ଦୁଇ ଜଣ ସ୍ପିନ୍ ବୋଲରଙ୍କ ସହିତ ଖେଳିପାରେ। ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳଙ୍କ ଉପରେ ପେସ୍ ବୋଲିଂ ଭାର ରହିବ। ଶାର୍ଦ୍ଦୁଳଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ପଞ୍ଚମ ସିମ୍ ବୋଲର ଭାବରେ ରହିଥିବା ଜୟଦେବ ଉନାଡକଟଙ୍କୁ ସୁଯୋଗ ମିଳିବାର ସମ୍ଭାବନା କମ୍ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଶ୍ରୀକର ଭରତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଡ୍‌କଟ।

# ପୁରୀକୁ ୧୫-୧ରେ ହରାଇଲା ସୁନ୍ଦରଗଡ଼



ସୁନ୍ଦରଗଡ଼ ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି)**

**ସାହାଣୀ କପ୍ ଫୁଟ୍‌ବଲ**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୧୫-୧ ଗୋଲରେ ପୁରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆକାଶ ବେକ୍ ୧୭, ୨୧, ୩୯, ୫୧ ଓ ୬୩ତମ ମିନିଟରେ ୫ଟି, କିଶୋର ଖାଡିଆ ୫, ୬୭, ୮୭ ଓ ୯୦ତମ ମିନିଟରେ ୪ଟି, ସ୍ୱାଧୀନ ବଡ଼େଇ ୫୩ ଓ ୫୬ତମ ମିନିଟରେ ୨ଟି ଏବଂ ଶକ୍ତି କିଶାନ ୨୦, ମହେଶ ପ୍ରଧାନ ୪୩, ଜମିର ଓରାମ ୭୫ ଓ ପ୍ରଶାନ୍ତ ଓରାମ ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁରୀ ପକ୍ଷରୁ ବି. ଶିବା ୬୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**ଭୁବନେଶ୍ୱର ୧୧, ନୟାଗଡ଼ ୨**

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୧୧-୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ଭୁବନେଶ୍ୱର ପକ୍ଷରୁ ଭାବଗ୍ରାହୀ ପଡ଼ିହାରୀ ୩୩, ୩୪, ୪୫+୧ ଓ ୪୬ତମ ମିନିଟରେ ୪ଟି, ପପୁ ମାଝି ୭, ୯ ଓ ୫୬ତମ ମିନିଟରେ ୩ଟି, ରାଜେଶ ନାୟକ ୨୫ ଓ ୪୫ତମ ମିନିଟରେ ୨ଟି ଏବଂ ସେକ୍ ଜାହିଦ ୬୦ ଓ ସମିତ ପାନା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୟାଗଡ଼ ପକ୍ଷରୁ ବସନ୍ତ ହେମ୍ବ୍ରମ ୪୯ ଓ ମୁନୁ ଗଗରାଇ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

**ବୌଦ୍ଧ ୬, ବାଲେଶ୍ୱର ୦**

କଟକର ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ବୌଦ୍ଧ ୬-୦ ଗୋଲରେ ବାଲେଶ୍ୱରକୁ ହରାଇ ଦେଇଛି। ବୌଦ୍ଧ ପକ୍ଷରୁ ଅନୁରାଗ ସାହୁ ୨୯ ଓ ୪୫+୨ ମିନିଟରେ ୨ଟି, ବିକ୍ରମ ନାଏକ ୭୨ ଓ ୮୩ତମ ମିନିଟରେ ୨ଟି ଏବଂ ଓଁକାର ଦେହୁରୀ ୫୧ ଓ ଦେବାଶିଷ ବେହେରା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

**ଜଗତ୍‌ସିଂହପୁର ୨, ଅନୁଗୋଳ ୦**

କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୨-୦ ଗୋଲରେ ଅନୁଗୋଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଯଦୁନାଥ ହାଁସଦା ୮୫ ଓ ଚତୁରଞ୍ଜନ ମାରାଣ୍ଡି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ମୁମ୍ବାଇକୁ ହରାଇଲା ଗୁଜରାଟ

**ଅହମଦାବାଦ, ୨୫।୪**

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବାଙ୍ଗାଲୋର ବନାମ କୋଲକାତା**
ସ୍ଥାନ:ବେଙ୍ଗାଲୁରୁ, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ଦୃଢ଼ ବ୍ୟାଟିଂ ପରେ ଆଫଗାନ ସ୍ପିନରଙ୍କ ଚମତ୍କାର ବୋଲିଂ ସହାୟତାରେ ଗୁଜରାଟ ଟାଇଟନ୍ସ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫୫ ରନରେ ପରାସ୍ତ କରିଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ଉତ୍ସାହିତ ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରିଥିଲା। ୭ ମ୍ୟାଚରୁ ୫ମ ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଫଳରେ ଚେନ୍ନାଇ ସୁପରକିଙ୍ଗ୍ସ ପରେ ଦ୍ୱିତୀୟ ଦଳଭାବେ ଗୁଜରାଟ ଦଳର ପଏଣ୍ଟ ୧୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ମୁମ୍ବାଇ ୭ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି।

ଟସ୍‌ଜିତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଯଦିଓ ମାତ୍ର ୧୨ ରନରେ ପ୍ରଥମ ଉଇକେଟ ହରାଇଥିଲା ତେବେ ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ଶୁବମନ ୩୪ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିଲେ। ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ବିସ୍ଫୋରକ ବ୍ୟାଟିଂ ମୁମ୍ବାଇ ଇଣ୍ଡିଆନ୍ସ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲା। ମିଲର ୨୨ ବଲ୍‌ରୁ ୪୬ (୨ ଚୌକା, ୪ ଛକା) ଓ ମନୋହର ୨୧ ବଲ୍‌ରୁ ୪୨ (୩ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ଶେଷ ଭାଗରେ ରାହୁଲ ଟେୱାଟିଆ ମାତ୍ର ୫ ବଲ୍‌ରୁ ୨୦ (୩ ଛକା) ରନ କରିବାରୁ ଗୁଜରାଟ ସ୍କୋର ୨୦୦ ଅତିକ୍ରମ କରିଥିଲା।

ବଡ଼ ଟାର୍ଗେଟର ଚାପ ରହିଥିବାବେଳେ ମୁମ୍ବାଇ ଦ୍ୱିତୀୟ ଓଭରରେ ଅଧିନାୟକ ରୋହିତ ଶର୍ମା (୨ ରନ)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏହି ଉଇକେଟ ନେଇଥିଲେ। ଏହାପରେ ଆଫଗାନିସ୍ତାନର ଦୁଇ ସ୍ପିନର ନୁର୍ ଅହମଦ ଓ ରଶିଦ ଖାଁ ୫ ଉଇକେଟ ବାଣ୍ଟିନେବାରୁ ମୁମ୍ବାଇ ପରାଜୟ ମୁହାଁ ହୋଇଥିଲା। ଲୋୟର ଅର୍ଡର ବ୍ୟାଟର ନେହାଲ ୱାଧେରା ସର୍ବାଧିକ ୪୦ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୭/୬ (ଶୁବମନ ଗିଲ-୫୬, ଡେଭିଡ ମିଲର-୪୬, ଅଭିନବ ମନୋହର-୪୨, ପୀୟୂଷ ଚାୱଲା-୨/୩୪, ଅର୍ଜୁନ ତେନ୍ଦୁଲକର-୧/୯, ଜାସନ ବେହରନଡର୍ଫ-୧/୩୭, କୁମାର କାର୍ତ୍ତିକେୟ-୧/୩୯, ରିଲେ ମେରେଡିଥ୍-୧/୪୯)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୨/୯ (ନେହାଲ ୱାଧେରା-୪୦, କାମେରନ ଗ୍ରୀନ୍-୩୩, ସୂର୍ଯ୍ୟକୁମାର ଯାଦବ-୨୩, ନୁର୍ ଅହମଦ-୩/୩୭, ରଶିଦ ଖାଁ-୨/୨୭, ମୋହିତ ଶର୍ମା-୨/୩୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୦)।

# ଓଡ଼ିଶା ଏଫ୍‌ସି ଜିତିଲା ସୁପରକପ୍

**ଭୁବନେଶ୍ୱର,୨୫।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସୁପର୍ କପ୍ ଫୁଟବଲର ଚତୁର୍ଥ ସଂସ୍କରଣରେ ଚାମ୍ପିୟନ୍ ହୋଇଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ନୂତନ କୋଚ୍ କ୍ଲିଫୋର୍ଡ ମିରାଣ୍ଡାଙ୍କ ଅଧୀନରେ ପ୍ରଥମ ଥର ପାଇଁ ସୁପର କପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଦଳ ଏହାର ପ୍ରଥମ ଜାତୀୟ ଟାଇଟଲ୍ ହାସଲ କରିଛି। ଏହା ସହିତ ପ୍ରଥମ ଭାରତୀୟ କୋଚ୍ ଭାବରେ ମିରାଣ୍ଡା ଓଏଫ୍‌ସିକୁ ଚାମ୍ପିୟନ କରାଇଛନ୍ତି। ମଙ୍ଗଳବାରର ଫାଇନାଲ ମ୍ୟାଚରେ ଡିଏଗୋ ମରିସିଓ ଡବଲ ଗୋଲ ସ୍କୋର କରିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ଗୋଲରେ ହରାଇଛି ଓଏଫ୍‌ସି। ଓଡ଼ିଶା ପକ୍ଷରୁ ମରିସିଓ (୨୩ ଓ ୩୭ ତମ ମିନିଟରେ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୮୫ ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। କୋଝିକୋଡ ସ୍ଥିତ ଇଏମଏସ୍ ଷ୍ଟାଡିୟମରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଡବଲ୍ ଗୋଲ୍ ସହିତ ଆଇଏସ୍ଏଲ୍ ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓ ଓଏଫ୍‌ସି ପକ୍ଷରୁ ସର୍ବାଧିକ ୫ ଗୋଲ ସ୍କୋର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କୁମାର ଶେକର ୪ ଗୋଲ ମାରିଛନ୍ତି। ଅମରିନ୍ଦର ସିଂଙ୍କୁ ଗୋଲକିପର୍ ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।




# ଉତ୍କଳ ଚାମ୍ପିୟନ, ନିଲ୍‌ସୁ ରନରଅପ୍

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି)**

**ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ**

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଖୋର୍ଦ୍ଧାର ବରୁଣେଇଠାରେ ଆୟୋଜିତ କେଟି ଗ୍ଲୋବାଲ ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ଓ ନିଲ୍‌ସୁ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗର ଆଲେଖ୍ୟ ମୁଖୋପାଧ୍ୟାୟ ଓ ଅର୍ପଣ ଦାସ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜରେ ଉତ୍କଳ ପ୍ରଥମ ଓ ନିଲସୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର କୌସ୍ତୁଭ ଦାଶ, ତପନ ବଡ଼ମୁଣ୍ଡି, ପ୍ରିୟାଂଶ ଦାସ, ସାଜନ କୁମାର ନାୟକ ଏବଂ ପଶ୍ଚିମବଙ୍ଗର ଅରିତ୍ରୟ ପାଲ୍ ଓ ଉଦ୍ଦୀପନ ରାୟ ଟପ୍-୧୦ ଫିନିଶ୍ କରିଛନ୍ତି। ଚାମ୍ପିୟନ ଉତ୍କଳଙ୍କୁ ଟ୍ରଫି ସହ ୫୦,୦୦୦, ରନରଅପ୍ ନିଲସୁଙ୍କୁ ୩୦,୦୦୦ ଓ ତୃତୀୟ ହୋଇଥିବା ଆଲେଖ୍ୟଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ୨୦ ଖେଳାଳିଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୧୦୦୦ରୁ ୧୧୯୯, ୧୨୦୦ରୁ ୧୩୯୯, ୧୪୦୦ରୁ ୧୫୯୯ ରେଟିଂ ବର୍ଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏ ଏବଂ ୫ ଅଣରେଟେଡ, ୫ ଓଡ଼ିଆ ଖେଳାଳି ଏବଂ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

ଅରାତି ବିଜୟ ମହାନ୍ତିଙ୍କ ସ୍ମୃତିରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ସର୍ବଭାରତୀୟ ଚେସ୍ ଫେଡେରେଶନର ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟ ପ୍ରତି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନର ସମର୍ଥନ ରହିଥିଲା। ଏଥିରେ ଭାଗ ନେଇଥିବା ୧୯୦ଙ୍କ ମଧ୍ୟରେ ସିରିୟାର ଜଣେ ଖେଳାଳି ଅଲ୍‌ହାଜାର ମହାଇଦ୍ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ସେ ୧୨୦୦ରୁ କମ୍ ରେଟିଂ ବର୍ଗରେ ୮ମ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଏବଂ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ଦୀପ୍ ଖାରେ, ଓଡ଼ିଶା କ୍ରିକେଟ ଆସୋସିଏଶନ ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଆଇଆଇଜି ଟେକ୍ନୋଲୋଜି ନିର୍ଦ୍ଦେଶକ ନିରଞ୍ଜନ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ନିହାର ରଞ୍ଜନ ସାସମଲ ଓ ଡେପୁଟି ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ